

ପୃଷ୍ଠା ୫

୧୫ ଦିନରେ ନ ଫେରିଲେ ଦଳରେ ସ୍ଥାନ ନାହିଁ

ସଂଚାର
THE SANCHAR
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 195 ଭାଗ ୩୪ | ସଂଖ୍ୟା ୧୯୫ | Tuesday 6 October 2026 | Page 8 Rs. 5.00 | ● ଭୁବନେଶ୍ୱର ମଙ୍ଗଳବାର, ୬ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

## ଆଜି କୋରାପୁଟ ଆସିବେ ରାଜନାଥ

### ଏରୋ-ଇଞ୍ଜିନ୍ ହସ୍ତାନ୍ତର କାର୍ଯ୍ୟକ୍ରମରେ ଯୋଗଦେବେ



ନୂଆଦିଲ୍ଲୀ,୫।୧୦ଃ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆସନ୍ତାକାଲି ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କୋରାପୁଟ ଡିଭିଜନଠାରେ ୨,୦୦୦ତମ ଏରୋ ଇଞ୍ଜିନ ହସ୍ତାନ୍ତର ସମାରୋହରେ ଯୋଗଦେବେ। ହାଲ୍, କୋରାପୁଟ ଦୀର୍ଘ ଛଅ ଦଶନ୍ଧି ଧରି ଭାରତର ଏରୋସ୍ପେସ୍ ଓ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇଆସୁଛି। ଏହି ପ୍ରତିଷ୍ଠାନ ସେନାବାହିନୀର ପରିଚାଳନାଗତ ପ୍ରସ୍ତୁତିରେ ମଧ୍ୟ ସହାୟକ ହେଉଛି। ଆସନ୍ତାକାଲିର କାର୍ଯ୍ୟକ୍ରମ ହାଲ୍, କୋରାପୁଟର ଯାତ୍ରାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। କାର୍ଯ୍ୟକ୍ରମ ଅବସରରେ ୨୧୮ କୋଟି ଟଙ୍କାର ନିବେଶ ସହ ଶକ୍ତି ଇଞ୍ଜିନର ଦ୍ୱିତୀୟ ନିର୍ମାଣ ଲାଇନର ଶୁଭାରମ୍ଭ କରାଯିବ। ଏହି ଅତିରିକ୍ତ କ୍ଷମତା ଧ୍ରୁବ ଅତ୍ୟାଧୁନିକ ହାଲୁକା ହେଲିକପ୍ଟର ଓ ପ୍ରଚଣ୍ଡ ହାଲୁକା ଯୁଦ୍ଧ ହେଲିକପ୍ଟର ସମେତ ବିଭିନ୍ନ ସ୍ୱଦେଶୀ ହେଲିକପ୍ଟର ନିର୍ମାଣର ବର୍ଦ୍ଧିତ ଆବଶ୍ୟକତା ପୂରଣ କରିବ। ଭାରତକୁ ଏକ ପ୍ରତିରକ୍ଷା ଉପକରଣ ଆମଦାନିକାରୀରୁ ବିଭିନ୍ନ ପ୍ରତିରକ୍ଷା ପ୍ରଣାଳୀର ଡିଜାଇନର, ଡେଭଲପର ଓ ଉତ୍ପାଦନକାରୀ ଭାବେ ବିକଶିତ କରିବା ଲାଗି କେନ୍ଦ୍ର ସରକାର ଦୂରଦୃଷ୍ଟିପୂର୍ଣ୍ଣ ଲକ୍ଷ୍ୟ ନେଇ କାର୍ଯ୍ୟ କରୁଛନ୍ତି। ପ୍ରପଲ୍ସନ୍ ବା ସଞ୍ଚାଳନ ପ୍ରଣାଳୀର ରଣନୀତିକ ମହତ୍ତ୍ୱ ଏବଂ ବୈଷୟିକ ଜଟିଳତାକୁ ଧ୍ୟାନରେ ରଖି ସ୍ୱଦେଶୀ ଏରୋ-ଇଞ୍ଜିନ୍ କ୍ଷମତା ବିକାଶ କରିବା ଏହି ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ। ଆସନ୍ତାକାଲିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପ୍ରତିରକ୍ଷା ଉତ୍ପାଦନ ସଚିବ ସଞ୍ଜୀବ କୁମାର, ହାଲ୍‌ର ସିଏମଡି ରବି କେ. ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# କ୍ୟାମ୍ପସ୍‌କୁ ଫେରିଲା 'ଇଲେକ୍ସନ'

- ■ ୭ରୁ ଲାଗୁ ହେବ ଆଚରଣ ବିଧି, ୧୫ରେ ନିର୍ବାଚନ
- ■ ଆଇନଶୃଙ୍ଖଳା ପରିସ୍ଥିତି ହେଲେ ହେବ 'ସିଲେକ୍ସନ'
- ■ ସର୍ବାଧିକ ଖର୍ଚ୍ଚ ସୀମା ୫ ହଜାର ଟଙ୍କା
- ■ କେବଳ ନିୟମିତ ଛାତ୍ର ପ୍ରାର୍ଥୀ ହୋଇପାରିବେ
- ■ କ୍ୟାମ୍ପସ୍ ସଫା ରଖିବା ପ୍ରାର୍ଥୀଙ୍କ ମିଳିତ ଦାୟିତ୍ୱ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ)ଃ ୮ ବର୍ଷ ପରେ କଲେଜ କ୍ୟାମ୍ପସରେ 'ନିର୍ବାଚନ' ହେବାକୁ ଯାଉଛି। ରାଜ୍ୟର ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ପାଇଁ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆଜି ମାର୍ଗଦର୍ଶିକା ଜାରି କରାଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ସାଧାରଣ ଭାବେ ନିର୍ବାଚନ ଅନୁଷ୍ଠିତ ହେବ। ମାତ୍ର ଯେଉଁ ନିର୍ଦ୍ଦିଷ୍ଟ କଲେଜ ବା ବିଶ୍ୱବିଦ୍ୟାଳୟରେ ପରିସ୍ଥିତି ସ୍ୱାଭାବିକ ନ ଥିବ କିମ୍ବା ଛାତ୍ର ସଂସଦ ନିର୍ବାଚନ ପାଇଁ ଅନୁକୂଳ ବାତାବରଣ ନ ଥିବ, ସେଠାରେ କର୍ତ୍ତୃପକ୍ଷ ଆବଶ୍ୟକ ସ୍ଥଳେ 'ଇଲେକ୍ସନ' ପରିବର୍ତ୍ତେ 'ସିଲେକ୍ସନ' ବା ମନୋୟନ ପ୍ରକ୍ରିୟା ଆପଣାଇପାରିବେ। ଗତ ୨୦୧୭ରେ ଶେଷ ଥର ପାଇଁ ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ଆସନ୍ତା ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ପାଇଁ ୭ରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା କ୍ଷଣି ସମସ୍ତ କ୍ୟାମ୍ପସରେ ଆଚରଣ ବିଧି କଡ଼ାକଡ଼ି ଭାବେ ଲାଗୁ ହେବ ଓ ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟବ୍ୟାପୀ ଛାତ୍ର ସଂସଦ ନିର୍ବାଚନ ୧୫ ତାରିଖରେ ହେବ ଓ ଏଥିପାଇଁ ଆସନ୍ତା ୭ରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ। ସେହିପରି ଆସନ୍ତା ୯ ତାରିଖରେ ପ୍ରାର୍ଥିପତ୍ର ଦାଖଲ ଓ ଯାଞ୍ଚ ପରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୧୦ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଓ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ହେବ। ସେହିପରି ଆସନ୍ତା ୧୪ରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ହେବ। ୧୫ ତାରିଖ ସକାଳ ୮ଟାରୁ ୨ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ଓ ୨ଟାରୁ ଭୋଟ ଗଣତି ଓ ଫଳାଫଳ ଘୋଷଣା ହେବ। ପରେ ୧୬ ତାରିଖ ପୂର୍ବାହ୍ନରେ ନବନିର୍ବାଚିତ ପ୍ରତିନିଧିଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

ଉଚ୍ଚଶିକ୍ଷା ବିଭାଗ ସବୁ ସ୍ୱୟଂଶାସିତ, ସରକାରୀ ଓ ଅନୁଦାନପ୍ରାପ୍ତ ଡିଗ୍ରୀ କଲେଜ ସମେତ ବିଶ୍ୱବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଓ ଅପରାଧମୁକ୍ତ ନିର୍ବାଚନ ପରିଚାଳନା ପାଇଁ କଠୋର ଆଭିମୁଖ୍ୟ ଓ ନିୟମ ଗ୍ରହଣ କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଆଧାର କରି ଛାତ୍ର ରାଜନୀତିରୁ ରାଜନୈତିକ ଦଳଗୁଡ଼ିକର ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ଦୂରେଇ ରଖିବା ସହ କ୍ୟାମ୍ପସରେ କୌଣସି ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯାଇଛି। ଏଥିସହ ଉଚ୍ଚଶିକ୍ଷା ବିଭାଗ ସ୍ପଷ୍ଟ କରିଛି ଯେ ଯେଉଁ ନିର୍ଦ୍ଦିଷ୍ଟ କଲେଜ ବା ବିଶ୍ୱବିଦ୍ୟାଳୟର ପରିବେଶ ନିର୍ବାଚନ ପରିଚାଳନା ପାଇଁ ଅନୁକୂଳ ନ ଥିବ ଓ ପରିସ୍ଥିତି ଅତ୍ୟନ୍ତ ଗୁରୁତର ଥିବ, ସେଠାରେ ଷ୍ଟାଫ୍ କମିଟି କିମ୍ବା ପିଜି କାଉନସିଲ୍‌ର ଆକଳନ ଭିତ୍ତିରେ କର୍ତ୍ତୃପକ୍ଷ କେବଳ ସେହି ନିର୍ଦ୍ଦିଷ୍ଟ ଶିକ୍ଷାନୁଷ୍ଠାନ ପାଇଁ ଛାତ୍ର ସଂସଦ ନିର୍ବାଚନ ବଦଳରେ ମନୋନୟନ ପ୍ରକ୍ରିୟା ଗ୍ରହଣ କରିପାରିବେ।

ସେହିପରି କେବଳ ସାମସ୍ ମାଧ୍ୟମରେ ନାମ ଲେଖାଇଥିବା ନିୟମିତ ରେଗୁଲାର ଛାତ୍ରଛାତ୍ରୀ ହିଁ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ ଓ ଦୂରନିରନ୍ତର ଶିକ୍ଷା ତଥା ➪ପୃଷ୍ଠା-୬

### ଘରେ ନପଶୁଣୁ...

## ଖଲ୍ଲିକୋଟ ମହାବିଦ୍ୟାଳୟରେ ଉତ୍ତେଜନା, ୯ ଅଟକ

ବ୍ରହ୍ମପୁରଃ ଛାତ୍ର ସଂସଦ ନିର୍ବାଚନ ତାରିଖ ଘୋଷଣା ହେଉ ହେଉ ଖଲ୍ଲିକୋଟ ମହାବିଦ୍ୟାଳୟରେ ଦେଖାଦେଇଛି ଛାତ୍ର ଅଶାନ୍ତି। ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ବେଳେ ଟାଉନ୍ ଥାନାରେ ୯ ଜଣଙ୍କୁ ଅଟକ ରଖାଯାଇଛି। କ୍ୟାମ୍ପସରେ ମଧ୍ୟ ପୁଲିସ ମୁତୟନ ହୋଇଛନ୍ତି। ଦୀର୍ଘ ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ କରିବାକୁ ଅନୁମତି ଦେଇଛନ୍ତି ନୂଆ ସରକାର। ହେଲେ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ଭଳି ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଦେଖାଦେଇଛି ଛାତ୍ର ଅଶାନ୍ତ। କଲେଜ କ୍ୟାମ୍ପସରେ ଦୁଇ ଛାତ୍ର ନିଜ ନିଜର ପତିଆରା ବଜାୟ ରଖିବା ଲାଗି ସମର୍ଥକଙ୍କ ସହ ଶକ୍ତି ପ୍ରଦର୍ଶନ କରିବା ସମୟରେ ମୁହାଁମୁହିଁ ହୋଇଛି। ଦୀର୍ଘ ବର୍ଷ ଧରି ଛାତ୍ର ନିର୍ବାଚନର ଟେନ୍‌ସନରୁ ବହୁ ଦୂରରେ ଥିବା ପୁଲିସ ପ୍ରଶାସନ ଓ କଲେଜ କର୍ତ୍ତୃପକ୍ଷଙ୍କ ମୁଣ୍ଡରେ ଏବେ ବଡ଼ ଚଡ଼କ ପଶିଛି। କ୍ୟାମ୍ପସରେ ଶାନ୍ତ ବାତାବରଣ ରଖିବା ସହ ନିର୍ବାଚନକୁ ହିଂସା ମୁକ୍ତ କିଭଳି କରିହେବ ତାକୁ ନେଇ ଚିନ୍ତା ବଢ଼ିଛି।

### 'ସେବା ସଂକଳ୍ପ ଅଭିଯାନ' ଅବସରରେ ସାଂସଦଙ୍କ ବାର୍ତ୍ତା

## 'ସ୍ୱଚ୍ଛତା'କୁ ଜନଆନ୍ଦୋଳନରେ ପରିଣତ କରିବା



ସମ୍ବଲପୁର,୫।୧୦(ସଂଚାର ବ୍ୟୁରୋ)ଃ ଆମ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ସ୍ୱଚ୍ଛତା ଓ ପବିତ୍ରତାକୁ ସବୁବେଳେ ପ୍ରଥମ ସ୍ଥାନ ଦିଆଯାଇଛି। ସ୍ୱଚ୍ଛତା କେବଳ ଘରର ଚାରିକାନ୍ଥ ଭିତରେ ସୀମିତ ନୁହେଁ, ଏହା ଆମ ଜୀବନଶୈଳୀ, ଆମର ସଂସ୍କାର ଏବଂ ଆମର ଚରିତ୍ର। 'ସେବା ସଂକଳ୍ପ ଅଭିଯାନ' ଅଧୀନରେ ଆସନ୍ତା ୧୦ ତାରିଖ ସକାଳେ ସାରା ସମ୍ବଲପୁର ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ବ୍ୟାପକ ସ୍ୱଚ୍ଛତା ଅଭିଯାନରେ ଜିଲ୍ଲାର ପ୍ରତ୍ୟେକ ନାଗରିକ ସାମିଲ ହେବା ପାଇଁ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ନିବେଦନ କରିଛନ୍ତି।

ସମ୍ବଲପୁରବାସୀଙ୍କୁ ସମ୍ବୋଧନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଆମର 'ଲକ୍ଷ୍ମୀ ପୁରାଣ'ରେ ସ୍ପଷ୍ଟ କୁହାଯାଇଛି ଯେଉଁଠି ସ୍ୱଚ୍ଛତା ଥାଏ, ସେହିଠାରେ ହିଁ ମା' ଲକ୍ଷ୍ମୀ ବାସ କରନ୍ତି। ଆମର ପ୍ରତ୍ୟେକ ପର୍ବପର୍ବାଣୀରେ ଆମେ ପ୍ରଥମେ ନିଜ ଘର ଓ ଆଖପାଖକୁ ସଫା-ସୁତରା କରିଥାଉ, କାରଣ ସ୍ୱଚ୍ଛତା ଓ ପବିତ୍ରତା ନ ଥିଲେ କୌଣସି ପୂଜା ବା ଆରାଧନା ଅସମ୍ପୂର୍ଣ୍ଣ ରହିଯାଏ। ଏହା କେବଳ ଏକ ସାଧାରଣ କାମ ନୁହେଁ, ବରଂ ଆମ ପୂର୍ବପୁରୁଷମାନଙ୍କ ଦ୍ୱାରା ଦିଆଯାଇଥିବା ଏକ ଆଧ୍ୟାତ୍ମିକ ଓ ସାମାଜିକ ଦାୟିତ୍ୱ।

ସେହିପରି ପୂଜ୍ୟ ବାପୁ (ମହାତ୍ମା ଗାନ୍ଧି) ସ୍ୱଚ୍ଛତାକୁ କେବଳ ବ୍ୟକ୍ତିଗତ ଅଭ୍ୟାସ ନୁହେଁ, ବରଂ ସୁସ୍ଥ ସମାଜ ଓ ଉତ୍ତମ ଜୀବନର ମୂଳ ଆଧାର ଭାବେ ଦେଖୁଥିଲେ ଓ ନିଜେ ସଫେଇ କାର୍ଯ୍ୟରେ ସାମିଲ ହୋଇ ସାରା ଦେଶକୁ ସ୍ୱଚ୍ଛତାର ଆଦର୍ଶ ଶିଖାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସବୁବେଳେ କହିଛନ୍ତି- 'ସ୍ୱଚ୍ଛତା ହିଁ ସେବା'। ଯେତେବେଳେ ଆମେ ନିଜ ପରିବେଶକୁ ସ୍ୱଚ୍ଛ ରଖୁ, ସେତେବେଳେ ଆମେ ସମାଜ ସହ ଦେଶର ଏବଂ ଆମ ଭବିଷ୍ୟତ ପିଢ଼ିର ସେବା କରୁ।

ଶ୍ରୀ ପ୍ରଧାନ ଦୋହରାଇଛନ୍ତି ଯେ ସମ୍ବଲପୁର ହେଉଛି ମା' ସମଲେଶ୍ୱରୀଙ୍କ ପବିତ୍ର କ୍ଷେତ୍ର, ବୀର ସୁରେନ୍ଦ୍ର ସାଏଙ୍କ ମାଟି ଓ ସ୍ୱଭାବ କବି ➪ପୃଷ୍ଠା-୬

### ୨୦୨୬ ଚିକିତ୍ସା ବିଜ୍ଞାନ ନୋବେଲ୍ ଘୋଷଣା

## ଅପ୍ଟୋଜେନେଟିକ୍ସ ଆବିଷ୍କାର ପାଇଁ ୩ ବୈଜ୍ଞାନିକଙ୍କୁ ସମ୍ମାନ





ଷ୍ଟକହୋମ,୫।୧୦ଃ ଚିକିତ୍ସା ବିଜ୍ଞାନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ନିମନ୍ତେ ମିଳିତ ଭାବରେ ତିନିଜଣ ଭେଷଜ ବିଶେଷଜ୍ଞଙ୍କୁ ୨୦୨୬ ମସିହା ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବ ବୋଲି ସୋମବାର ନୋବେଲ କମିଟି ପକ୍ଷରୁ ଘୋଷଣା କରାଯାଇଛି। ଚଳିତବର୍ଷ ବିଶ୍ୱର ଏହି ସର୍ବଶ୍ରେଷ୍ଠ ପୁରସ୍କାର ପାଇବାକୁ ମନୋନୀତ ହେଉଥିବା ଭେଷଜ ଗବେଷକମାନେ ହେଉଛନ୍ତି ଆମେରିକାର କାର୍ଲ ଡାଇସରୋଥ୍, ଜର୍ମାନୀର ପିଟର୍ ହେଗମ୍ୟାନ୍ ଓ ଜର୍ଜ ନାଗେଲ୍। ଶରୀର କ୍ରିୟା-ବିଜ୍ଞାନ (ଫିଜିଓଲୋଜି) ସମ୍ପର୍କୀତ 'ଆଲୋକ-ନିୟନ୍ତ୍ରିତ ଆୟନ୍ ଚାନେଲ୍ ଓ ଅପ୍ଟୋଜେନେଟିକ୍ସ' ବାବଦରେ ସେମାନଙ୍କର ଅତୁଳନୀୟ ଆବିଷ୍କାର ଲାଗି ଆମେରିକା ଓ ଜର୍ମାନର ଏହି ବିଶେଷଜ୍ଞ ତ୍ରୟଙ୍କୁ ମିଳିତ ଭାବରେ ନୋବେଲ ପୁରସ୍କାର ପ୍ରଦାନ କରାଯାଉଛି ବୋଲି ସୋମବାର କାରୋଲିନସ୍କା ପ୍ରତିଷ୍ଠାନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ସୂଚନା ଦେଇ ନୋବେଲ ଆସେମ୍ବଲି ପ୍ରକାଶ କରିଛି। ନୋବେଲ ଆସେମ୍ବଲି ସେମାନଙ୍କର ଆବିଷ୍କାରକୁ ଉଚ୍ଛ୍ୱସିତ ପ୍ରଶଂସା କରି କହିଛି ଯେ, ମଣିଷ ଶରୀରର ନର୍ଭ ସେଲଗୁଡ଼ିକୁ ନିୟନ୍ତ୍ରଣ କରିବା ଲାଗି ଆଲୋକକୁ ଏକ ମାଧ୍ୟମ ଭାବେ ବ୍ୟବହାର କରୁଥିବା ପଦ୍ଧତି 'ଅପ୍ଟୋଜେନେଟିକ୍ସ' ପାଇଁ ଏହି ୩ ଜଣ ଗବେଷକଙ୍କ ଆବିଷ୍କାର ପ୍ରଥମେ ଏକ ମୂଳଦୁଆ ପକାଇଥିଲା। ଫଳରେ ବୈଜ୍ଞାନିକମାନେ ଏହି ଆବିଷ୍କାରକୁ ଆଧାର କରି ମଣିଷର ନିର୍ଦ୍ଦିଷ୍ଟ ବ୍ରେନ ସର୍କିଟଗୁଡ଼ିକ ତା'ର ସ୍ମୃତି, ଭାବନା ଓ ଆଚରଣକୁ କିପରି ଆକାର ଦେଉଛନ୍ତି ତାହା ଉପରେ ଅଧ୍ୟୟନ କରିବାକୁ ସକ୍ଷମ ହୋଇପାରୁଛନ୍ତି। ୨୦୨୬ ମସିହାର ଏହି ପୁରସ୍କାର ନିମନ୍ତେ ୧୨ ନିୟୁତ ସ୍ୱିଡିସ୍ କ୍ରାଉନ୍ (ପ୍ରାୟ ୧୧,୫୦,୦୦,୦୦)କୁ ୩ ଜଣ ବିଜେତାଙ୍କ ମଧ୍ୟରେ ଭାଗ କରାଯିବ।

ଜର୍ମାନୀର ଦୁଇ ଗବେଷକ ହେଗମ୍ୟାନ୍ ଓ ନାଗେଲ ଯେତେବେଳେ 'କ୍ଲାମିଡୋମାନସ' ନାମକ ଏକ ଏକକୋଷୀ ➪ପୃଷ୍ଠା-୬

### ପୁଣି ମହାପ୍ରସାଦକୁ ଅସମ୍ମାନ

## ଆମିଷ ସହ ପରିବେଷଣ, ହୋଟେଲ ମାଲିକ ଗିରଫ

ପୁରୀ,୫।୧୦(ସଂଚାର ବ୍ୟୁରୋ)ଃ ପୁଣି ଥରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମହାପ୍ରସାଦକୁ ଅସମ୍ମାନ କରାଯାଇଛି। ତେବେ ଏହା ବାହାରେ ନୁହେଁ, ବରଂ ଖୋଦ୍ ଶ୍ରୀକ୍ଷେତ୍ର ପୁରୀରେ ଘଟିଛି। ଆମିଷ ଖାଦ୍ୟଦ୍ରବ୍ୟ ସହ ମହାପ୍ରସାଦ ପରିବେଷଣ କରିବା ଅଭିଯୋଗରେ ଜଣେ ହୋଟେଲ୍ ମାଲିକଙ୍କୁ ଗିରଫ କରାଯାଇଛି। ଏହାକୁ ନେଇ ଭକ୍ତ ଓ ସେବାୟତ ମହଲରେ



ଗଭୀର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନାନୁସାରେ, ପୁରୀ ରେଳଷ୍ଟେସନ୍ ନିକଟସ୍ଥ ପୁଲିସ୍ ଲାଇନ୍ ଅଞ୍ଚଳରେ ଥିବା ଏକ ହୋଟେଲ୍ ଗ୍ରାହକମାନଙ୍କୁ ଖୁଲମ୍‌ଖୁଲ୍ଲା ଆମିଷ ଖାଦ୍ୟଦ୍ରବ୍ୟ ସହ ମହାପ୍ରସାଦ ପରିବେଷଣ କରିଆସୁଛି। ଜଣେ ଗ୍ରାହକ କୁମ୍ଭାରପଡ଼ା ଥାନାଞ୍ଚଳରେ ଥିବା ଉକ୍ତ ହୋଟେଲ୍‌କୁ ଖାଇବା ସକାଶେ ଯାଇଥିବା ବେଳେ ଏହି ଘଟଣା ପଦାକୁ ଆସିଥିଲା। ଉକ୍ତ ଗ୍ରାହକ ଜଣଙ୍କ ସେଠାରେ ଲୋକମାନେ ଆମିଷ ଖାଦ୍ୟ ସହ ମହାପ୍ରସାଦ ଖାଉଥିବା ଦେଖି ହତଚକିତ ହୋଇଯାଇଥିଲେ। ଏପରିକି ଉକ୍ତ ହୋଟେଲ୍‌ରେ ମନ୍ଦିରର ବଳକା ମହାପ୍ରସାଦ ସଂଗ୍ରହ କରାଯାଇ ହୋଟେଲ୍‌ରେ ଗରମ କରି ଗ୍ରାହକମାନଙ୍କୁ ପରଷା ଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏଥିସହ ଉକ୍ତ ହୋଟେଲ୍ ନିକଟରେ ମଧ୍ୟ କୁଡୁଆ ➪ପୃଷ୍ଠା-୬

### ପୁନର୍ବିକଶିତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡିଓ'ର ଲୋକାର୍ପିତ

## ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ଶୁଭାରମ୍ଭ



### ମୌଳିକ କାହାଣୀ ଓ ଲୋକକଥା ଉପରେ ସିନେମା ହେଉଃ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ)ଃଓଡ଼ିଆ ସିନେମାର ଗୌରବୋଜ୍ଜ୍ୱଳ ଅତୀତକୁ ପୁନର୍ଜୀବିତ କରିବା ଓ ଭବିଷ୍ୟତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜଧାନୀରେ ନବକଳେବରପ୍ରାପ୍ତ ଅତ୍ୟାଧୁନିକ 'କଳିଙ୍ଗ ଷ୍ଟୁଡ଼ିଓ'ର ଆଜି ଲୋକାର୍ପଣ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁନର୍ବିକଶିତ ଓ ନବୀକୃତ ବିଶ୍ୱସ୍ତରୀୟ ଷ୍ଟୁଡ଼ିଓକୁ ଲୋକାର୍ପିତ କରିଛନ୍ତି। ଏହା ସହିତ ସିନେମା ଐତିହ୍ୟର ସୁରକ୍ଷା ପାଇଁ କଳିଙ୍ଗ ଷ୍ଟୁଡିଓରେ ନିର୍ମିତ ସ୍ୱତନ୍ତ୍ର ଆର୍କାଇଭ୍ ଓ ମ୍ୟୁଜିୟମର ମଧ୍ୟ ଶୁଭାରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏଣିକି ଓଡ଼ିଆ ଚଳଚ୍ଚିତ୍ର ନିର୍ମାତାମାନଙ୍କୁ ବୈଷୟିକ କାର୍ଯ୍ୟ ପାଇଁ ଆଉ ଅନ୍ୟ ରାଜ୍ୟମୁହାଁ ହେବାକୁ ପଡ଼ିବ ନାହିଁ। ଏଥିରେ ଅନେକ ବିଶ୍ୱସ୍ତରୀୟ ସୁବିଧା ଉପଲବ୍ଧ କରାଯାଇଛି। ଆଗାମୀ ଦିନରେ ଆହୁରି ଅନେକ ଅତ୍ୟାଧୁନିକ ସୁବିଧାର ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅତ୍ୟାଧୁନିକ ସୁବିଧାରେ ସଜ୍ଜିତ ନୂତନ କଳିଙ୍ଗ ଷ୍ଟୁଡ଼ିଓ ବଦଳୁଥିବା ସମୟ ଓ ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଆଖି ଆଗରେ ରଖି କଳିଙ୍ଗ ଷ୍ଟୁଡିଓକୁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ଭାବେ ବିକଶିତ କରାଯାଇଛି। ଏଠାରେ ଇନ୍‌ଡୋର୍ ଶୁଟିଂ ଫ୍ଲୋର୍, ସ୍ନୋ-ହାଉସ୍, କ୍ରୋମା ଫ୍ଲୋର୍, ଟେକ୍-ଜୋନ୍, ସାଉଣ୍ଡ ରେକର୍ଡିଂ, ଡବିଂ, ଏଡିଟିଂ ଓ ପୋଷ୍ଟ-ପ୍ରଡକ୍ସନ୍ ➪ପୃଷ୍ଠା-୬

## ନଭେମ୍ବରରେ ପୁଲିସ ଏସ୍‌ଆଇ ପରୀକ୍ଷା

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ)ଃ ଏସଆଇ ପଦବୀ ଲାଗି ଅପେକ୍ଷା କରିଥିବା ଆଶାୟୀଙ୍କ ପାଇଁ ବଡ଼ ଖବର। ଆସନ୍ତା ନଭେମ୍ବରରେ ହେବ ପୁଲିସ ଏସଆଇ ପରୀକ୍ଷା। ଏନେଇ ଆଜି ସୂଚନା ଦେଇଛନ୍ତି ଓଡ଼ିଶା ୟୁନିଫର୍ମଡ ସର୍ଭିସେସ ଷ୍ଟାଫ ସିଲେକ୍ସନ କମିଶନ (ଓୟୁଏସଏସସି) ଅଧ୍ୟକ୍ଷ ରଶ୍ମିରଞ୍ଜନ ସ୍ୱାଇଁ। ଆଶାୟୀଙ୍କ ଡାଟାବେସ୍ ସଂଗ୍ରହ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇସାରିଛି। ଆସନ୍ତା ସପ୍ତାହରେ ଭିତରେ ପିଲାଙ୍କୁ ଆସିବ ନୋଟିଫିକେସନ୍। ଆସନ୍ତା ନଭେମ୍ବର ଭିତରେ ପରୀକ୍ଷା କରାଯାଇ ଡିସେମ୍ବରରେ ନିଯୁକ୍ତି ଶେଷ ହେବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଭାଲିଡିଟେସନ ପାଇଁ ନୋଟିଫିକେସନ ଆସିବ। ଆଶାୟୀ ଆବେଦନପତ୍ରର ପୁନଃ ଯାଞ୍ଚ କରିବାକୁ ୱେବସାଇଟ ଖୋଲିବ। ଆଶାୟୀମାନେ ନିଜ ନିଜ ଆବେଦନ ଯାଞ୍ଚ କରିସାରିବା ପରେ ଆଡମିଟ କାର୍ଡ ଆସିବ ବୋଲି ଶ୍ରୀ ସ୍ୱାଇଁ ସୂଚନା ଦେଇଛନ୍ତି।

■ ରୁଷରେ ପ୍ଲେଗ୍ ମହାମାରୀ ଆଶଙ୍କା

## ଲ୍ୟାବ୍ ଗବେଷିକାଙ୍କ ମୃତ୍ୟୁ, ୨୦୦ କ୍ୱାରେଣ୍ଟାଇନରେ



ମସ୍କୋ, ୫।୧୦ଃ ରୁଷର ସାଇବେରିଆ ସ୍ଥିତ ଏକ ପ୍ରତିରକ୍ଷା ଗବେଷଣା ପ୍ରତିଷ୍ଠାନରେ ପ୍ଲେଗ୍ ସଂକ୍ରମଣକୁ ନେଇ ବଡ଼ଧରଣର ଆତଙ୍କ ସୃଷ୍ଟି ହୋଇଛି। ଜଣେ ୨୮ ବର୍ଷ ବୟସ୍କା ଲ୍ୟାବ୍ ଗବେଷକଙ୍କର ଭୟାବହ ପ୍ଲେଗ୍ ସଂକ୍ରମଣଜନିତ ନିମୋନିଆରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ରୁଷ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପ୍ରାୟ ଦୁଇଶହ ଜଣ ବ୍ୟକ୍ତିଙ୍କୁ ଡାକ୍ତରୀ ନୀରିକ୍ଷଣ ତଥା ସଙ୍ଗରୋଧରେ ରଖାଯାଇଛି। ମୃତ ଗବେଷକ ଜଣେ ପ୍ଲେଗ୍ ପ୍ରତିରୋଧକ ଗବେଷଣା କେନ୍ଦ୍ରରେ କାର୍ଯ୍ୟ କରୁଥିବା ବେଳେ ଭୁଲ୍‌ବଶତଃ ଜୀବନ୍ତ ଜୀବାଣୁ ଥିବା ଏକ ପରୀକ୍ଷାନଳୀ ଭାଙ୍ଗିଯାଇଥିଲା। ଏହା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ ଓ ହସ୍ପିଟାଲ ଭେଣ୍ଟିଲେଟରରେ ତାଙ୍କର ମୃତ୍ୟୁ ହୋଇଥିଲା।

# ସ୍ୱାଧୀନ ବିଧାୟକଙ୍କ ପାଇଁ ଫାଇଦାରେ ବିଜେଡି

- ● ଅପରିପକ୍ୱ ରାଜନୀତି ଶାସକ ଦଳକୁ ଅଡୁଆ
- ● ଯାଜପୁରରେ ବିରୋଧୀଙ୍କୁ ମିଳୁଛି ବଳ





ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ)ଃ ଧର୍ମଶାଳାର ସ୍ୱାଧୀନ ବିଧାୟକ ହିମାଂଶୁ ସାହୁ ଓରଫ ଲିକୁ ସାହୁଙ୍କ ପାଇଁ ଯାଜପୁର ବିଜେଡି ଏବେ ଫାଇଦାରେ। ଶାସକ ଦଳ ସମର୍ଥିତ ଏହି ବିଧାୟକଙ୍କ ପାଇଁ ବିନା ପରିଶ୍ରମରେ ଯାଜପୁର ବିଜେଡିର ହାରୁ ନେତାମାନେ ଏବେ ଚର୍ଚ୍ଚାରେ ରହିବା ସହ ଜନମତକୁ ଧୀରେ ଧୀରେ ସେମାନଙ୍କ ସପକ୍ଷରେ ନେବାରେ ସକ୍ଷମ ହେଉଛନ୍ତି।

ବିଜେଡି ଏବେ ସମଗ୍ର ରାଜ୍ୟରେ ତାହାର ମାସେ ବ୍ୟାପୀ ପଦଯାତ୍ରା ଚଳାଇଛି। ଏହି କ୍ରମରେ ଧର୍ମଶାଳାର ପୂର୍ବତନ ବିଜେଡି ବିଧାୟକ ପ୍ରଣବ ବଳବନ୍ତରାୟ ତାଙ୍କ ଅଞ୍ଚଳରେ ପଦଯାତ୍ରା କରୁଥିବା ବେଳେ କିଛି ଲୋକଙ୍କ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଏହି ପୂର୍ବତନ ବିଧାୟକଙ୍କୁ ଆକ୍ରମଣ କରିଥିଲେ। ଏଥିସହ ପ୍ରଣବଙ୍କ ସମର୍ଥକଙ୍କ ଘରେ ପଶି ମଧ୍ୟ ଆକ୍ରମଣ ହୋଇଥିଲା। ଏହି ଆକ୍ରମଣ କରିଥିବା ଯୁବକମାନେ ବିଧାୟକ ଲିକୁ ସାହୁଙ୍କର ଲୋକ ଓ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଯାଜପୁର ବିଜେଡିର ସବୁ ନେତା ଏକାଠି ହୋଇ ଏସ୍‌ପି ଅଫିସ ଘେରାଉ କରିଥିଲେ। ଏହି ଖବର ହଠାତ୍ ସବୁ ଗଣମାଧ୍ୟମର ଶିରୋନାମା ପାଲଟିଥିଲା। ପଦଯାତ୍ରା ସଂକ୍ରାନ୍ତରେ ହାତଗଣତି କେତେକ ଲୋକ ଜାଣିଥିବା ବେଳେ ଏହି ଆକ୍ରମଣ ସଂକ୍ରାନ୍ତରେ କିନ୍ତୁ ରାଜ୍ୟବାସୀ ଜାଣିବାକୁ ପାଇଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହା ଉପରେ ମନ୍ତବ୍ୟ ଦେବା ସହ ବିଜେଡି ଏବେ ଏହାକୁ ପ୍ରସଙ୍ଗ କରିବାରେ ଲାଗିଛି।

ଯାଜପୁର ଜିଲ୍ଲାରେ କେବଳ ଏହି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ପ୍ରଣବଙ୍କ ଫାର୍ମ ହାଉସରେ ଦଳୀୟ ଭୋଜି ଚାଲିଥିବା ବେଳେ ସେଠାରେ ଅତର୍କିତ ଆକ୍ରମଣ ହୋଇଥିଲା। ଏହା ପୂର୍ବରୁ ପ୍ରଣବଙ୍କ ଗାଡ଼ି ଉପରେ ମଧ୍ୟ ଲିକୁଙ୍କ ସମର୍ଥକମାନେ ଆକ୍ରମଣ କରିଥିବାର ଅଭିଯୋଗ ରହିଛି। ତେବେ ଯାଜପୁର ଜିଲ୍ଲାରେ ଏଭଳି ହିଂସାତ୍ମକ ରାଜନୀତି ଲିକୁଙ୍କ ଅପରିପକ୍ୱ ରାଜନୀତିର ପରିଚାୟକ ବୋଲି ରାଜନୀତି ବିଶ୍ଳେଷକମାନେ କହୁଛନ୍ତି। ସେମାନଙ୍କ ମତରେ, ଲିକୁ ସ୍ୱାଧୀନ ଭାବେ ଜିଣିଥିଲେ ମଧ୍ୟ ସିଏ ଏକପ୍ରକାର ବିଜେପିର ସଦସ୍ୟ। ମୁଖ୍ୟମନ୍ତ୍ରୀଙ୍କୁ ବିମାନ ବନ୍ଦରରେ ➪ପୃଷ୍ଠା-୬

# ଜନଶୁଣାଣି ଶିବିରରେ ଅଧିକାରୀଙ୍କ ମୋବାଇଲରେ ଗେମ୍ ଖେଳ

## ଭିଡିଓ ଭାଇରାଲ ପରେ ଉଠିଲା ପ୍ରଶ୍ନ

## ସରକାରୀ କାର୍ଯ୍ୟକ୍ରମର ଗମ୍ଭୀରତା ନେଇ ଚର୍ଚ୍ଚା

## ଟାଇମ୍ ପାସ୍ ପାଇଁ ଗେମ୍ ଖେଳୁଥିଲି



କେନ୍ଦ୍ରାପଡ଼ା/ଡେରାବିଶ,୫।୧୦ (ସଂଚାର ବ୍ୟୁରୋ): ସାଧାରଣ ଲୋକଙ୍କ ସମସ୍ୟା ଶୁଣି ତାହାର ତ୍ୱରିତ ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ଜିଲ୍ଲା ଓ ବ୍ଲକ ସ୍ତରରେ ନିୟମିତ ଭାବେ ଜନଶୁଣାଣୀ ଶିବିର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ ସହ ସେଗୁଡ଼ିକର ସମାଧାନ ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହୁଛନ୍ତି। ତେବେ କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକରେ ଅନୁଷ୍ଠିତ ଜନଶୁଣାଣୀ ଶିବିର ସମୟରେ ଜଣେ ବରିଷ୍ଠ ଅଧିକାରୀ ମୋବାଇଲରେ ଗେମ୍ ଖେଳୁଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଘଟଣାଟି ଚର୍ଚ୍ଚାର ବିଷୟ ପାଲଟିଛି।

ମିଳିଥିବା ସୂଚନା ଅନୁଯାୟୀ, ଡେରାବିଶ ବ୍ଲକ କାର୍ଯ୍ୟାଳୟ ପରିସରରେ ଜନଶୁଣାଣୀ ଶିବିର ଚାଲିଥିବା ବେଳେ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଅତିରିକ୍ତ ଅଧିକାରୀ ଅରବିନ୍ଦ ରାଏ ନିଜ ମୋବାଇଲ ଫୋନରେ ଗେମ୍ ଖେଳୁଥିବା ଦୃଶ୍ୟ କେତେକ ଲୋକ ରେକର୍ଡ କରିଥିଲେ। ପରେ ସମ୍ପୃକ୍ତ ଭିଡିଓ ସୋସିଆଲ ମିଡିଆରେ ପ୍ରସାରିତ ହେବା ସହ ଏହା ଭାଇରାଲ ହୋଇଥିବା ଜଣାପଡ଼ିଛି।

ଜନଶୁଣାଣୀ ଶିବିରରେ ଲୋକମାନେ ନିଜର ବିଭିନ୍ନ ସମସ୍ୟା ଓ ଅଭିଯୋଗ ନେଇ ଉପସ୍ଥିତ ଥିବାବେଳେ ଜଣେ ଦାୟିତ୍ୱପୂର୍ଣ୍ଣ ଅଧିକାରୀଙ୍କ ଏଭଳି ଆଚରଣକୁ ନେଇ ସାଧାରଣ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ଅଭିଯୋଗ ଶୁଣିବା ଓ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ସରକାର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଉଥିବା ବେଳେ ଏଭଳି ଘଟଣା କାର୍ଯ୍ୟକ୍ରମର ଗମ୍ଭୀରତା ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରିଥିବା ଆଲୋଚନା ହେଉଛି।

ସୂଚନାଯୋଗ୍ୟ ଯେ, ସରକାରଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ଏବଂ ବ୍ଲକ ସ୍ତରରେ ନିୟମିତ ଭାବେ ଜନଶୁଣାଣୀ ଶିବିର ଆୟୋଜନ କରାଯାଉଛି। ଏହା ମାଧ୍ୟମରେ ଲୋକଙ୍କ ଅଭିଯୋଗର ତ୍ୱରିତ ସମାଧାନ ଓ ପ୍ରଶାସନ ପ୍ରତି ଆସ୍ଥା ବୃଦ୍ଧି କରିବା ସରକାରଙ୍କ ଲକ୍ଷ୍ୟ ରହିଛି। ତେବେ ଡେରାବିଶରେ ସାମ୍ନାକୁ ଆସିଥିବା ଏହି ଘଟଣାକୁ ନେଇ ପ୍ରଶାସନିକ ମହଲରେ ମଧ୍ୟ ଚର୍ଚ୍ଚା ଆରମ୍ଭ ହୋଇଛି।

ଏ ସମ୍ପର୍କରେ ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଅତିରିକ୍ତ ଅଧିକାରୀ ଅରବିନ୍ଦ ରାଏଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କହିଛନ୍ତି ଯେ, ଜନଶୁଣାଣୀ ଶିବିରରେ ଲୋକଙ୍କ ଅଭିଯୋଗ ଗ୍ରହଣ କାର୍ଯ୍ୟ ଚାଲିଥିବା ବେଳେ କିଛି ସମୟ ପାଇଁ ଅବସର ମିଳିଥିଲା। ସେହି ସମୟରେ "ଟାଇମ୍ ପାସ୍ ପାଇଁ ମୁଁ ମୋବାଇଲରେ ଗେମ୍ ଖେଳୁଥିଲି" ବୋଲି ଶ୍ରୀ ରାଏ ସ୍ୱୀକାର କରିଛନ୍ତି। ତେବେ ଏହି ଘଟଣାକୁ ନେଇ ସାଧାରଣ ମହଲରେ ବିଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଉଥିବା ବେଳେ, ଜନଶୁଣାଣୀ ପରି ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟକ୍ରମ ସମୟରେ ଜଣେ ଦାୟିତ୍ୱବାନ ଅଧିକାରୀଙ୍କ ଏଭଳି ଆଚରଣ କେତେ ଯୁକ୍ତିଯୁକ୍ତ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଏହି ସମ୍ପର୍କରେ ଜିଲ୍ଲାପାଳଙ୍କୁ ପଚାରିବାରୁ ପ୍ରତିକ୍ରିୟା ରେ କହିଛନ୍ତି ମୁଁ ଭିଡ଼ିଓ ଦେଖିବା ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ତିଖିରି ସରପଞ୍ଚ-ବ୍ଲକ ପ୍ରଶାସନ ବିବାଦ

## ତଦନ୍ତ ପାଇଁ କେନ୍ଦ୍ରାପଡ଼ାରେ ଏନ୍‌ଏଚ୍‌ଆର୍‌ସି ଟିମ୍



କେନ୍ଦ୍ରାପଡ଼ା,୫।୧୦(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝା ଏବଂ ବ୍ଲକ ପ୍ରଶାସନ ମଧ୍ୟରେ ଘଟିଥିବା ବିବାଦ ଘଟଣା ନୂଆ ମୋଡ଼ ନେଇଛି। ଘଟଣାର ସତ୍ୟାସତ୍ୟ ଯାଞ୍ଚ ଓ ମାନବାଧିକାର ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗର ତଦନ୍ତ ପାଇଁ ଜାତୀୟ ମାନବାଧିକାର କମିଶନ୍ (ଏନ୍‌ଏଚ୍‌ଆର୍‌ସି)ର ଏକ ୩ ଜଣିଆ ପ୍ରତିନିଧି ଦଳ ସୋମବାର କେନ୍ଦ୍ରାପଡ଼ାରେ ପହଞ୍ଚିଛି। ପ୍ରତିନିଧିଦଳ ସନ୍ଧ୍ୟାରେ ଜିଲ୍ଲା ସର୍କିଟ୍ ହାଉସରେ ପହଞ୍ଚି ତଦନ୍ତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ପ୍ରତିନିଧିଦଳ ମହାକାଳପଡ଼ା ବ୍ଲକ କାର୍ଯ୍ୟାଳୟ ଓ ସ୍ଥାନୀୟ ଥାନାକୁ ଯାଇ ଘଟଣା ସମ୍ପର୍କିତ ସରକାରୀ ରେକର୍ଡ, ଅଭିଯୋଗପତ୍ର ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରିବ। ଏହାପରେ ସରପଞ୍ଚ ଚାମେଲି ଓଝାଙ୍କ ସହ ସାକ୍ଷାତ କରି ତାଙ୍କ ଅଭିଯୋଗ ଓ ମତାମତ ଶୁଣିବା ସହ ବିବାଦ ସହ ସଂପୃକ୍ତ ଅନ୍ୟ ପକ୍ଷମାନଙ୍କୁ ମଧ୍ୟ ପଚରାଉଚରା କରାଯିବ।

ଉଲ୍ଲେଖଯୋଗ୍ୟ ଯେ, ଗତ ଜୁନ୍ ୧୧ ତାରିଖରେ ମହାକାଳପଡ଼ା ବିଡିଓଙ୍କ ପ୍ରକୋଷ୍ଠରେ ସରପଞ୍ଚ ଚାମେଲି ଓଝାଙ୍କ ସହ ମାରପିଟ ଓ ଅସଦାଚରଣ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଘଟଣାକୁ ନେଇ ସ୍ଥାନୀୟ ସ୍ତରରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହେବା ସହ ଏହା ରାଜ୍ୟସ୍ତରରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଥିଲା। ପରବର୍ତ୍ତୀ ସମୟରେ ଏହି ଘଟଣା ସମ୍ପର୍କରେ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ ଦାଖଲ ହେବା ପରେ କମିଶନ୍ ପକ୍ଷରୁ ସ୍ୱତନ୍ତ୍ର ତଦନ୍ତ ପାଇଁ ପ୍ରତିନିଧିଦଳକୁ କେନ୍ଦ୍ରାପଡ଼ା ପଠାଯାଇଛି।

ତଦନ୍ତ ସମୟରେ ଘଟଣା ସହ ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ବୟାନ, ଉପଲବ୍ଧ ପ୍ରମାଣ ଓ ସରକାରୀ ଦଲିଲପତ୍ରକୁ ଯାଞ୍ଚ କରାଯିବ। ଏନ୍‌ଏଚ୍‌ଆର୍‌ସି ଟିମ୍‌ର ଏହି ଗସ୍ତକୁ ନେଇ ଜିଲ୍ଲାର ରାଜନୈତିକ ଓ ପ୍ରଶାସନିକ ମହଲରେ ଚର୍ଚ୍ଚା ଜୋର ଧରିଛି। ତଦନ୍ତ ରିପୋର୍ଟ ପରେ ଘଟଣାର ପରବର୍ତ୍ତୀ ଦିଗ ସ୍ପଷ୍ଟ ହେବ ବୋଲି ସାଧାରଣରେ ଆଲୋଚନା ହେଉଛି।

# ଗଜଲକ୍ଷ୍ମୀ ପୂଜା-୨୦୨୬ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା,୫।୧୦ (ସଂଚାର ବ୍ୟୁରୋ): ଆସନ୍ତା ଗଜଲକ୍ଷ୍ମୀ ପୂଜା- ୨୦୨୬କୁ ଶୃଙ୍ଖଳିତ, ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ ନିମନ୍ତେ ଆଜି ସନ୍ଧ୍ୟା ୫ଟା ସମୟରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଗଜଲକ୍ଷ୍ମୀ ପୂଜା ପାଇଁ ସମନ୍ୱୟ କମିଟି ଗଠନ, ପୂଜା କମିଟିଗୁଡ଼ିକୁ ଅନୁମତି ପତ୍ର ପ୍ରଦାନ, ଆଇନଶୃଙ୍ଖଳା, ସୂଚନା କେନ୍ଦ୍ର, ରାସ୍ତାଘାଟ ମରାମତି, ସ୍ୱାସ୍ଥ୍ୟସେବା, ପରିମଳ, ଆଲୋକ ଓ ଜଳ ଯୋଗାଣ, ଅଗ୍ନି ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ, ବେଆଇନ ଚାନ୍ଦା ଆଦାୟ ରୋକିବା ଏବଂ ନିଶା ନିବାରଣ ଆଦି ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ୧୦୦ ବର୍ଷ ପୂରଣ କରୁଥିବାରୁ ଏହି ଶତବାର୍ଷିକୀକୁ ଗୁରୁତ୍ୱର ସହ ପାଳନ କରିବା ନିମନ୍ତେ ବିଶେଷ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ଶତବାର୍ଷିକୀ ଉପଲକ୍ଷେ ୧୦୦ ବର୍ଷ ପୂର୍ତ୍ତିର ତୋରଣ ସ୍ଥାପନ ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆମ୍ବୁଲାନ୍ସ କରିଡର ନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।

ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ, ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା, ଜରୁରୀକାଳୀନ ସେବା ପାଇଁ ରାସ୍ତା ସୁଗମ ରଖିବା ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷା ନିମନ୍ତେ ସମସ୍ତ ବିଭାଗ ପରସ୍ପର ସମନ୍ୱୟରେ କାର୍ଯ୍ୟ କରିବାକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ବୈଠକରେ ମାନ୍ୟବର କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ସରିତା ସାହୁ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମାନ୍ୟବର ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଟ ଜେନା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଏବଂ ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଗରଦପୁରରେ ବିଦ୍ୟୁତ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଗରଦପୁର,୫।୧୦(ସଂଚାର ବ୍ୟୁରୋ): ଆସନ୍ନ ଶାରଦୀୟ ଦୁର୍ଗାପୂଜାକୁ ସୁରକ୍ଷିତ ଓ ବିପଦମୁକ୍ତ ଭାବେ ପାଳନ କରିବା ଉଦ୍ଦେଶ୍ୟରେ ଟିପିସିଓଡିଏଲ୍‌ର ଗରଦପୁର ବିଦ୍ୟୁତ୍ ବିଭାଗ ପକ୍ଷରୁ ରବିବାର ସୁରକ୍ଷା ସଚେତନତା ଓ କର୍ମସ୍ଥଳୀ ସୁରକ୍ଷା ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗ ଉପରେ କର୍ମଚାରୀମାନଙ୍କୁ ସଚେତନ କରାଯିବା ସହ ପୂଜା ମଣ୍ଡପଗୁଡ଼ିକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ପାଇଁ ଆହ୍ୱାନ କରାଯାଇଥିଲା।

କାର୍ଯ୍ୟକ୍ରମରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିପ୍ତିରଞ୍ଜନ ପଣ୍ଡା ଯୋଗଦେଇ ବିଦ୍ୟୁତ୍ କାର୍ଯ୍ୟ ସମୟରେ ପାଳନ କରିବାକୁ ଥିବା ପାଞ୍ଚଟି ମୌଳିକ ସୁରକ୍ଷା ନିୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁର୍ଗାପୂଜା ମଣ୍ଡପଗୁଡ଼ିକରେ ବିଦ୍ୟୁତ୍-ଜନିତ ଦୁର୍ଘଟଣା ଏଡ଼ାଇବା ପାଇଁ ମେଢ଼ର ଉଚ୍ଚତା ଅନୁଯାୟୀ ବିଦ୍ୟୁତ୍ ତାରଠାରୁ ନିରାପଦ ଦୂରତା ବଜାୟ ରଖିବା, ଖୋଲା ତାରଗୁଡ଼ିକୁ ଆବୃତ କରିବା, ଅବୈଧ ବିଦ୍ୟୁତ୍ ସଂଯୋଗ ବନ୍ଦ କରିବା, ବିଦ୍ୟୁତ୍ ଖୁଣ୍ଟ, ଆଧାର ତାର ଓ ବିଦ୍ୟୁତ୍ ତାରର ଉଚ୍ଚତା ଯାଞ୍ଚ କରିବା ସହ ପ୍ରତ୍ୟେକ ମଣ୍ଡପରେ ଅଗ୍ନି ନିର୍ବାପଣ ଯନ୍ତ୍ର ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

## ତମ୍ବାପଟ୍ଟା ସାହିତ୍ୟ ସମ୍ମାନରେ ସମ୍ମାନିତ ହେଲେ ମନୋଜ ଦାସ



କେନ୍ଦ୍ରାପଡ଼ା,୫।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱର ବୁଦ୍ଧ ମନ୍ଦିର ପରିସରରେ ଗତ ଗାନ୍ଧୀ ଜୟନ୍ତୀ ଦିନ କବି ମନୋଜ କୁମାର ଦାସଙ୍କୁ ତମ୍ବାପଟ୍ଟା ସାହିତ୍ୟ ସମ୍ମାନ ୨୦୨୬ ପ୍ରଦାନ କରାଯାଇଛି । ଓଡ଼ିଶାର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ଶ୍ରୀ ତମ୍ବାପଟ୍ଟା ରଘୁନାଥ ସାହିତ୍ୟ ସଂସ୍କୃତି କଳା ସଂସଦ, ଢେଙ୍କାନାଳ ତରଫରୁ ରାଜ୍ୟ ସ୍ତରୀୟ ତୃତୀୟ ବାର୍ଷିକ ସମାରୋହ ପ୍ରତିଷ୍ଠାତା ସମ୍ପାଦକ ବଟକୃଷ୍ଣ ପଣ୍ଡାଙ୍କ ପରିଚାଳନାରେ ମୁଖ୍ୟ ଅତିଥି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭଗବାନ ପଣ୍ଡା,, ବିଶିଷ୍ଟ ଅତିଥି ସନ୍ତୋଷ କୁମାର ପାଣି, ସଭାପତି କୈଳାସ ଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ଶ୍ରୀ ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

### ୮ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ

# କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ସାହର ମାହୋଲ



କେନ୍ଦ୍ରାପଡ଼ା,୫।୧୦(ସଂଚାର ବ୍ୟୁରୋ): ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ପୁନଃ ଆୟୋଜନ ହେବାକୁ ଯାଉଥିବାରୁ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ନିର୍ବାଚନ ସୂଚୀ ଘୋଷଣା ପରେ ମହାବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇଉଠିଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂଆ ଆଶା ଓ ଉଦ୍ଦୀପନା ଦେଖିବାକୁ ମିଳିଛି।

ଛାତ୍ର ସଂସଦ ନିର୍ବାଚନ କେବଳ ପ୍ରତିନିଧି ଚୟନର ପ୍ରକ୍ରିୟା ନୁହେଁ, ବରଂ ଛାତ୍ରନେତୃତ୍ୱର ବିକାଶ ଓ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରସାର ପାଇଁ ଏକ ସୁଯୋଗ ବୋଲି ଛାତ୍ରଛାତ୍ରୀମାନେ ମତ ପ୍ରକାଶ କରିଛନ୍ତି। ନିର୍ବାଚନ ଘୋଷଣା ସହିତ ବିଭିନ୍ନ ଛାତ୍ର ସଂଗଠନ ନିଜ ନିଜ ସ୍ତରରେ ସକ୍ରିୟ ହୋଇପଡ଼ିଛନ୍ତି।

ମହାବିଦ୍ୟାଳୟରେ ସକ୍ରିୟ ଥିବା ଏବିଭିପି ଓ ବିସିଜେଡି ସମର୍ଥିତ ଛାତ୍ରଛାତ୍ରୀମାନେ ନିର୍ବାଚନରେ ଭଲ ପ୍ରଦର୍ଶନ ନେଇ ଆଶାବାଦୀ ଥିବା କହିଛନ୍ତି। ବିଶେଷକରି ଆଠ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ଫେରିଥିବାରୁ ଏବିଭିପି ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଛି। ଅନ୍ୟପକ୍ଷରେ ବିଭିନ୍ନ ଛାତ୍ର ସଂଗଠନ ନୂତନ ସରକାରଙ୍କ ଏହି ନିଷ୍ପତ୍ତିକୁ ସାଧୁବାଦ ଜଣାଇ ଛାତ୍ରମାନଙ୍କୁ ପୁନର୍ବାର ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବାର ସୁଯୋଗ ମିଳିଥିବା କହିଛନ୍ତି।

ନିର୍ବାଚନକୁ ନେଇ ମହାବିଦ୍ୟାଳୟ ପରିସରରେ ଆଲୋଚନା, ସାଂଗଠନିକ ବୈଠକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମତ ବିନିମୟ ବଢ଼ିଥିବା ଦେଖାଯାଉଛି। ଆଗାମୀ ଦିନରେ ପ୍ରଚାର କାର୍ଯ୍ୟକ୍ରମ ଜୋରଦାର ହେବା ସହ କ୍ୟାମ୍ପସ ରାଜନୀତି ଆହୁରି ସରଗରମ ହେବ ବୋଲି ଅନୁମାନ କରାଯାଉଛି।

ଦୀର୍ଘ ବିରତି ପରେ ଛାତ୍ର ସଂସଦ ନିର୍ବାଚନର ପୁନର୍ବାପସୀ କେବଳ ଛାତ୍ର ରାଜନୀତିକୁ ନୂଆ ଦିଗ ଦେବ ନୁହେଁ, ବରଂ ମହାବିଦ୍ୟାଳୟରେ ଛାତ୍ର ସମସ୍ୟା ଓ ଦାବିଦାଓକୁ ଅଧିକ ସୁଦୃଢ଼ ଭାବେ ଉପସ୍ଥାପନ କରିବାର ମଞ୍ଚ ସୃଷ୍ଟି କରିବ ବୋଲି ମତ ପ୍ରକାଶ ପାଉଛି।

## ଶତାବ୍ଦୀର ପଟଂ ପରିବର୍ତ୍ତନର ଆଲୋଚନାଚକ୍ର



ପଟ୍ଟାମୁଣ୍ଡାଇ,୫।୧୦ (ସଂଚାର ବ୍ୟୁରୋ): ତ୍ରିଲୋଚନପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବିଦ୍ୱତ ପରିଷଦ ସଭାପତି, ସଂପାଦକ, ସଦସ୍ୟ ଓ ପ୍ରଧାନ ଗୁରୁଜୀ/ଗୁରୁମାମାନଙ୍କୁ ନେଇ ଜିଲ୍ଲାସ୍ତରୀୟ ଶତାବ୍ଦୀର ପଟଂ ପରବର୍ତନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି।

କେନ୍ଦ୍ରାପଡା ଜିଲ୍ଲା ବିଦ୍ୱତ ପରିଷଦର ସଭାପତି ଗୋଲେଖ ବିହାରୀ ଭୂୟାଁଙ୍କ ଅଧ୍ୟକ୍ଷତାରେ ପଟଂ ପରିବର୍ତନ ସମ୍ବନ୍ଧୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ଉତରପୂର୍ବ ସମ୍ଭାଗର କେନ୍ଦ୍ରାପଡା ଜିଲ୍ଲା ପ୍ରମୁଖ କପିଳ ଚନ୍ଦ୍ର ମିଶ୍ର ବିଦ୍ୱତ ପରିଷଦର କାର୍ଯ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟବାହୀ ବିନୋଦ ବିହାରୀ ଦାସ ଶତାବ୍ଦୀର ପଟଂ ପରିବର୍ତନ ଉପରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଉକ୍ତ ବୈଠକକୁ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ଭାରତୀ ବେହୁରା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ସଞ୍ଜୟ କୁମାର ଜେନା ମଂଚ ପରିଚାଳନା କରିଥିଲେ । ଉକ୍ତ ବିଦ୍ୟାଳୟର ବିଦ୍ୱତ ପରିଷଦର ସଭାପତି ବଳରାମ ମହାନ୍ତି ବକ୍ତବ୍ୟ ପ୍ରଦାନ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ସରସ୍ୱତୀ ଶିଶୁ ମନ୍ଦିରରୁ ୬୦ ଜଣ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

## କନିଷ୍ଠ ଶିକ୍ଷକଙ୍କର ନିୟମିତ ଶିକ୍ଷକ ପ୍ରକ୍ରିୟାର ତ୍ୱରାନ୍ୱିତ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



ଖୋର୍ଦ୍ଧା,୫।୧୦(ସଂଚାର ବ୍ୟୁରୋ): ଜିଲ୍ଲା ସ୍ତରରେ କନିଷ୍ଠ ଶିକ୍ଷକ (୨୦୨୪) ଙ୍କ ନିୟମିତ ପ୍ରକ୍ରିୟା କାର୍ଯ୍ୟ ତ୍ୱରାନ୍ୱିତ ନିମନ୍ତେ ଜିଲ୍ଲା ସଭାପତି ଅଶୋକ କୁମାର ସେଠୀ ଓ ସମ୍ପାଦକ ଦୀନେଶ କୁମାର ମହାରଥୀଙ୍କ ନେତୃତ୍ୱ ରେ ୧୦୦ରୁ ଉର୍ଦ୍ଧ୍ୱ କନିଷ୍ଠ ଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀ, ଖୋର୍ଦ୍ଧାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଖୋର୍ଦ୍ଧା ଅନ୍ୟ ଏକ କାର୍ଯ୍ୟରେ ଥିବାରୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡା ଦାବୀ ପତ୍ର ଗ୍ରହଣ କରିଛନ୍ତି।

ଖୋର୍ଦ୍ଧା ଜିଲ୍ଲାର କନିଷ୍ଠ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ସମ୍ପର୍କରେ ଏକ ଗତ ତା ୧.୧୦.୨୬ରେ କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ) ମାନଙ୍କୁ ନିୟମିତ କରାଯିବା ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ତରଫରୁ ଏକ ବିଜ୍ଞପ୍ତି ପ୍ରକାଶ ହୋଇଅଛି। ଆପଣ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗଙ୍କ ଉପରୋକ୍ତ ପତ୍ରକୁ ଆମ ଜିଲ୍ଲାରେ କାର୍ଯ୍ୟକାରୀ କରି କନିଷ୍ଠ ଶିକ୍ଷକଙ୍କ ନିୟମିତ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବା ନିମନ୍ତେ ବିହିତ ପଦକ୍ଷେପ ନେବା ପାଇ ଦାବି ପତ୍ର ଦିଆଯାଇଥିଲା।

## ଲେଭଲ୍-୩ ପଦୋନ୍ନତି ପରେ ନିଯୁକ୍ତି ପାଇଁ କାଉନସେଲିଂ

### *୫୦୫ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପଦୋନ୍ନତି, ଖାଲି ପଦବୀ ବାଛିଲେ ଶିକ୍ଷକ*



କୋରାପୁଟ,୫।୧୦(ସଂଚାର ବ୍ୟୁରୋ): କୋରାପୁଟ ପିଏମ୍ ଶ୍ରୀ ସରକାରୀ ବିଦ୍ୟାଳୟ ସଭାଗୃହରେ ଲେଭେଲ୍-୩ ପଦୋନ୍ନତି ଜନିତ ନିଯୁକ୍ତି ପାଇଁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ କାଉନସେଲିଂ ପ୍ରକ୍ରିୟା ସମାପ୍ତ ହୋଇଛି। ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଲି ଥିବା ପ୍ରଧାନଶିକ୍ଷକ ପଦବୀ ମଧ୍ୟରୁ ନିଜ ପସନ୍ଦ ଅନୁଯାୟୀ ବିଦ୍ୟାଳୟ ଚୟନ କରିଛନ୍ତି ପଦୋନ୍ନତିପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ।

କୋରାପୁଟ ଜିଲ୍ଲାର ମୋଟ ୫୦୫ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପଦୋନ୍ନତି ତାଲିକାକୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ ଅନୁମୋଦନ କରିଥିବା ଜଣାପଡ଼ିଛି। ତେବେ ପଦୋନ୍ନତି ପାଇଥିଲେ ମଧ୍ୟ ଆବଶ୍ୟକ ସମ୍ପତ୍ତି ତାଲିକା ଦାଖଲ କରିନଥିବା କିଛି ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଏହି କାଉନସେଲିଂ ପ୍ରକ୍ରିୟାରେ ସାମିଲ କରାଯାଇନଥିଲା। ସେମାନେ ସମ୍ପତ୍ତି ତାଲିକା ପ୍ରଦାନ କରିବା ପରେ ନିଯୁକ୍ତି ପାଇପାରିବେ ବୋଲି ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ସୁରେନ୍ଦ୍ର କୁଲଦୀପ ସୂଚନା ଦେଇଛନ୍ତି।

କାଉନସେଲିଂ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିବାରୁ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜଣାଯାଇଛି। ଏଥିସହ ୫୦୫ ଜଣଙ୍କ ପଦୋନ୍ନତି ତାଲିକା ଅନୁମୋଦନ କରିଥିବାରୁ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁଙ୍କୁ ମଧ୍ୟ ସଂଘ ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

### ଜାତୀୟ ତାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ଚମକିଲା ହାନା ତାଏକୋଣ୍ଡୋ ଏକାଡେମୀ

## ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ସହ ୪ ପଦକ ହାସଲ



ସତ୍ୟବାଦୀ,୫।୧୦(ସଂଚାର ବ୍ୟୁରୋ): ମଧ୍ୟପ୍ରଦେଶର ଇନ୍ଦୋରଠାରେ ଅନୁଷ୍ଠିତ ଜାତୀୟ ତାଇକୋଣ୍ଡୋ ଚାମ୍ପିୟନଶିପ୍ ୨୦୨୬ରେ ସାକ୍ଷୀଗୋପାଳର ହାନା ତାଇକୋଣ୍ଡୋ ଏକାଡେମୀର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ୩ଟି ସ୍ୱର୍ଣ୍ଣ ଓ ୧ଟି ରୌପ୍ୟ ସହ ମୋଟ ୪ଟି ପଦକ ହାସଲ କରିଛନ୍ତି। ପ୍ରଥମ ଜାତୀୟ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରି ଏକାଡେମୀର ଏହି ସଫଳତା ସତ୍ୟବାଦୀ ସମେତ ଓଡ଼ିଶା ପାଇଁ ଗୌରବ ଆଣିଛି। ଜୁନିୟର ଗାର୍ଲ୍ସ ୬୮ କିଲୋଗ୍ରାମରୁ ଊର୍ଦ୍ଧ୍ୱ ବର୍ଗରେ ସ୍ମୃତି ରେଖା ନାୟକ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଜୁନିୟର ଗାର୍ଲ୍ସ ୫୫ କିଲୋଗ୍ରାମ ବର୍ଗରେ ପ୍ରଜ୍ଞାଶ୍ରୀ ପ୍ରାରମ୍ଭିକା ବିଶ୍ୱାଳ ରୌପ୍ୟ ପଦକ ଜିତିଛନ୍ତି।

ସେହିପରି ସବ୍-ଜୁନିୟର ୮ରୁ ୧୧ ବର୍ଷ ବୟସ ବାଳକ ପୁମ୍ସେ ଦଳରେ ଆର୍ଯ୍ୟ ଅଭିଜ୍ଞାନ ମିଶ୍ର, ରୁଦ୍ରାଦିତ୍ୟ ନାୟକ ଓ ଚିନ୍ମୟ ମେକାପଙ୍କ ଟିମ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହା ସହିତ ଏକାଡେମୀର ପଦକ ସଂଖ୍ୟା ୩ ସ୍ୱର୍ଣ୍ଣ ଓ ୧ ରୌପ୍ୟ ସହ ମୋଟ ୪ରେ ପହଞ୍ଚିଛି। ଏହି ସଫଳତା ପରେ ହାନା ତାଇକୋଣ୍ଡୋ ଏକାଡେମୀର କୋଚ୍, ଖେଳାଳି ଓ ଅଭିଭାବକମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ପ୍ରକାଶ ପାଇଛି। ଖେଳାଳିମାନଙ୍କ ଏହି ସଫଳତା ପାଇଁ ଏକାଡେମୀ ପକ୍ଷରୁ କୋଚ୍ ଦୀପକ କୁମାର ପ୍ରଧାନ ଓ ଓଡ଼ିଶା ତାଇକୋଣ୍ଡୋ ଆସୋସିଏସନ୍‌ର ସଚିବ ମନମୋହନ ଭଞ୍ଜଙ୍କୁ କୃତଜ୍ଞତା ଜଣାଯାଇଛି। ସେମାନଙ୍କ ମାର୍ଗଦର୍ଶନ, ସହଯୋଗ ଓ ପ୍ରୋତ୍ସାହନ ଖେଳାଳିମାନଙ୍କୁ ଏହି ସଫଳତା ପାଇଁ ପ୍ରେରଣା ଯୋଗାଇଥିବା ଏକାଡେମୀ ପକ୍ଷରୁ କୁହାଯାଇଛି। ହାନା ତାଇକୋଣ୍ଡୋ ଏକାଡେମୀର ଏହି ସଫଳତାକୁ ସତ୍ୟବାଦୀ ସମେତ ସମଗ୍ର ଓଡ଼ିଶାର କ୍ରୀଡ଼ାପ୍ରେମୀ ମହଲରେ ଗର୍ବର ବିଷୟ ବୋଲି କୁହାଯାଇଛି।

# ୮ରେ ଓଡ଼ିଶା ବନ୍ଦ ପାଇଁ କଂଗ୍ରେସର ପ୍ରସ୍ତୁତି



ମହାକାଳପଡ଼ା,୫।୧୦(ସଂଚାର ବ୍ୟୁରୋ): ସାଧାରଣ ଜନତାଙ୍କ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ଦାବିରେ ଆସନ୍ତା ୮ ତାରିଖରେ ହେବାକୁ ଥିବା 'ଓଡ଼ିଶା ବନ୍ଦ'କୁ ସଫଳ କରିବା ପାଇଁ ମହାକାଳପଡ଼ା ବ୍ଲକ କଂଗ୍ରେସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ଆହ୍ୱାନକ୍ରମେ ଆଜି ପ୍ରସ୍ତୁତି ବୈଠକ ସହ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଚିତ୍ତରଞ୍ଜନ ତରାଇଙ୍କ ନେତୃତ୍ୱ ଓ ବରିଷ୍ଠ ନେତା ବେଣୁଧର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବ୍ଲକ ମୁଖପାତ୍ର ନିରାକାର ଜେନା, ଜିଲ୍ଲା କଂଗ୍ରେସ ସମ୍ପାଦକ ପ୍ରମୋଦ ଚନ୍ଦ୍ର ସ୍ୱାଇଁ, ପ୍ରବୀଣ ନାୟକଙ୍କ ସମେତ ବିଭିନ୍ନ ଜୋନ୍ ଓ ପଞ୍ଚାୟତ ସଭାପତି ଏବଂ ବ୍ଲକ କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିଲେ।

ବୈଠକ ପରେ କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ବାହାରି ମହାକାଳପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଭିନ୍ନ ସରକାରୀ ପ୍ରତିଷ୍ଠାନ, ବ୍ୟାଙ୍କ ଓ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ଭେଟି ବନ୍ଦକୁ ଶାନ୍ତିପୂର୍ଣ୍ଣ ସମର୍ଥନ ଦେବାକୁ ନେତୃବୃନ୍ଦ ନିବେଦନ କରିଥିଲେ।

ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକର ସମର୍ଥନରେ ହେଉଥିବା ଏହି ବନ୍ଦରେ ଏମ ଏମଡିଆରସଂଶୋଧନ ଅଧିନିୟମ ପ୍ରତ୍ୟାହାର, ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଏସ୍‌ଆଇଆର୍ ପ୍ରତ୍ୟାହାର, ପାଠ୍ୟପୁସ୍ତକର ତ୍ରୁଟି ସୁଧାର ସହ ଶିକ୍ଷା ବ୍ୟବସ୍ଥାରେ ସୁଧାର ଦାବି କରାଯାଇଛି। ଏଥିସହ ରାଜ୍ୟର ଆର୍ଥିକ ଅଧିକାର, ଗଣତନ୍ତ୍ରର ସୁରକ୍ଷା, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଚଳିତ ବର୍ଷର ବନ୍ୟା ପରିସ୍ଥିତିରେ ସରକାରଙ୍କ ଉଦାସୀନତାକୁ ନେଇ ଦଳ ପକ୍ଷରୁ ପ୍ରତିବାଦ କରାଯାଇଛି।

ନେତୃବୃନ୍ଦଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟର ୨୬ଟି ଜିଲ୍ଲାର ୨୦୫ଟି ବ୍ଲକ ଓ ୩୮ଟି ପୌରାଞ୍ଚଳର ୭,୮୦୦ରୁ ଊର୍ଦ୍ଧ୍ୱ ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଚାଷୀଙ୍କ ଫସଲ ନଷ୍ଟ ହୋଇଥିବାରୁ ତୁରନ୍ତ କ୍ଷୟକ୍ଷତି ଆକଳନ କରି ଉପଯୁକ୍ତ କ୍ଷତିପୂରଣ ଓ କୃଷିଋଣ ଛାଡ଼ କରିବାକୁ ସେମାନେ ଦାବି କରିଛନ୍ତି।

### ଢିଙ୍କିଆ ଓ ମାହାଳରେ ଗ୍ରାମ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କଲା ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍

# ଗ୍ରାମବାସୀଙ୍କ ପ୍ରାଥମିକତା ଆଧାରରେ କଂକ୍ରିଟ୍ ରାସ୍ତା ନିର୍ମାଣ ଆରମ୍ଭ



ପାରାଦୀପ,୫।୧୦ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ଗ୍ରାମ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍। ସ୍ଥାନୀୟ ଲୋକଙ୍କ ସହ ବ୍ୟାପକ ଆଲୋଚନା କରି ସେମାନଙ୍କ ପ୍ରାଥମିକତା ଆଧାରରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଚିହ୍ନଟ କରାଯାଇଛି।

ଏହି କ୍ରମରେ ଢିଙ୍କିଆ ଗ୍ରାମରେ ଚଗଲା ବର୍ଦ୍ଧନଙ୍କ ଘରଠାରୁ ବାମନ ସାମଲଙ୍କ ଘର ପର୍ଯ୍ୟନ୍ତ ୧୨ ଫୁଟ୍ ପ୍ରସ୍ଥର କଂକ୍ରିଟ୍ ରାସ୍ତା ନିର୍ମାଣ ଆରମ୍ଭ ହୋଇଛି। ଏହି ରାସ୍ତା ଅମ୍ବାବଟା ସାହିର ଲୋକଙ୍କ ପାଇଁ ମୁଖ୍ୟ ଯୋଗାଯୋଗ ମାର୍ଗ ହୋଇଥିବା ବେଳେ ବର୍ଷାଦିନେ କଚ୍ଚା ରାସ୍ତାରେ ପାଣି ଜମି ଯିବାରୁ ଯାତାୟାତରେ ଅସୁବିଧା ହେଉଥିଲା। ସେହିପରି ମାହାଳ ଗ୍ରାମରେ କୁମାର ମଲ୍ଲିକଙ୍କ ଘରଠାରୁ ବାବାଜୀ ରାଉତଙ୍କ ଘର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ଏହି ରାସ୍ତା ଢିଙ୍କିଆର ମୁଖ୍ୟ ରାସ୍ତା ସହ ସଂଯୋଗ ହୋଇଥିବାରୁ ଅନେକ ପରିବାର ଏହା ଉପରେ ନିର୍ଭର କରନ୍ତି। ନୂତନ ରାସ୍ତା ନିର୍ମାଣ ଦ୍ୱାରା ବର୍ଷାଦିନର ଯାତାୟାତ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି।

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଓ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍‌ର ସହଯୋଗରେ ଏହି ରାସ୍ତା ନିର୍ମାଣ କରାଯାଉଛି। ବିକାଶମୂଳକ କାର୍ଯ୍ୟରେ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରି ରୋଜଗାର ସୁଯୋଗ ସୃଷ୍ଟି କରିବାକୁ ମଧ୍ୟ କମ୍ପାନୀ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

ଢିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ରାସ୍ତା ଓ ନାଳ ନିର୍ମାଣ, ସାମୁଦାୟିକ କେନ୍ଦ୍ର ଓ ସ୍ୱୟଂ ସହାୟକ ଗୋଷ୍ଠୀ ବୈଠକ ଗୃହ, ଶ୍ମଶାନ ଘାଟ, ସ୍ୱାସ୍ଥ୍ୟ ଭିତ୍ତିଭୂମି, ଜୀବିକା ବିକାଶ ଏବଂ ଧାର୍ମିକ ଓ ସାମାଜିକ ଅନୁଷ୍ଠାନର ଉନ୍ନତି ଭଳି ବିଭିନ୍ନ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ବୋଲି ଜଣାପଡ଼ିଛି।

● ସିଏଜି ରିପୋର୍ଟରେ ବିଜେଡି ଦୁର୍ନୀତିର ପର୍ଦ୍ଦାଫାସ

# ଡିଏମ୍‌ଏଫ୍ ଫଣ୍ଡରେ ଅନିୟମିତତା ଓ ଦୁର୍ନୀତି: ଡ. ଚାନ୍ଦ




ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଗତ ୨୯ରେ ବିଧାନସଭାରେ ସିଏଜିଙ୍କର ୬ଟି ରିପୋର୍ଟ ଉପସ୍ଥାପିତ ହୋଇଛି। ଏହି ରିପୋର୍ଟରେ ପୂର୍ବତନ ବିଜେଡି ସରକାରଙ୍କ ସମୟରେ ବିଭିନ୍ନ ବିଭାଗରେ ବ୍ୟାପକ ଅନିୟମିତତା, ଆର୍ଥିକ ଅବ୍ୟବସ୍ଥା ତଥା ଦୁର୍ନୀତି ସାମ୍ନାକୁ ଆସିଛି। ଖଣି ଅଞ୍ଚଳର ବିକାଶର ଏକ ମୁଖ୍ୟ ଆଧାର ଭାବେ ଡିଏମ୍‌ଏଫ୍ ଫଣ୍ଡକୁ ସୁଦୃଢ଼ କରିବା ପରିବର୍ତ୍ତେ ପୂର୍ବତନ ସରକାର ଏହାକୁ ତୃଣମୂଳ ସ୍ତରରେ ଦୁର୍ବଳ କରିଦେଇଛନ୍ତି। ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ବିପୁଳ ସମ୍ଭାବନା ଥିବା ସତ୍ତ୍ୱେ ଅନିୟମିତତା ଓ ଅପାରଗତା ଯୋଗୁଁ ଏହାର ବିକାଶ ବାଧାପ୍ରାପ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ଦୁର୍ନୀତିର ଏକ ପାହାଡ଼ ଉପରେ ବିଜେଡି ନେତୃବୃନ୍ଦ ବସିଛନ୍ତି, ସିଏଜି ରିପୋର୍ଟ ସେହି ବାରୁଦ ଗଦାରେ ନିଆଁ ଲଗାଇଦେଇଛି। ଏବେ ଜନସାଧାରଣଙ୍କ ପ୍ରତିକ୍ରିୟାର ବିସ୍ଫୋରଣ ଅବଶ୍ୟମ୍ଭାବୀ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ତଥା ଶିଳ୍ପ ପ୍ରକୋଷ୍ଠ ମୁଖ୍ୟ ଡ. ତପନ ଚାନ୍ଦ କହିଛନ୍ତି। ସେ କହିଛନ୍ତି ଯେ ସିଏଜି ରିପୋର୍ଟରେ ଦର୍ଶାଯାଇଥିବା ଅନିୟମିତତା ଓ ଆର୍ଥିକ ଅବ୍ୟବହାର ପରିସରକୁ ଦେଖିଲେ ଏମ୍‌ଏମ୍‌ଡିଆର୍ ଆକ୍ଟ ୨୦୨୬କୁ ନେଇ କରାଯାଇଥିବା ବିଜେଡିର ବିଭିନ୍ନ ଅଭିଯୋଗ ଓ ବାସ୍ତବ୍ୟ ତଥ୍ୟ ମଧ୍ୟରେ ପ୍ରାର୍ଥକ୍ୟ ଜଣାପଡ଼ିବ। ଏମ୍‌ଏମ୍‌ଡିଆର୍ ୨୦୧୫ ଆକ୍ଟକୁ ନେଇ ମଧ୍ୟ ପୂର୍ବରୁ ବିଜେଡି ଓ କଂଗ୍ରେସ ପାର୍ଲାମେଣ୍ଟରେ ବିରୋଧ କରିଥିଲେ। ଏହା ରାଜ୍ୟ ପାଇଁ କ୍ଷତିକାରକ ହେବ ବୋଲି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜ୍ୟର ଖଣି ରାଜସ୍ୱରେ ଉଲ୍ଲେଖନୀୟ ବୃଦ୍ଧି ଘଟିଥିଲା। ୨୦୨୬ ଏମ୍‌ଏମ୍‌ଡିଆର୍ ଆଇନ୍ ସଂଶୋଧନ ଯୋଗୁଁ ଖଣି ରାଜସ୍ୱରେ ପ୍ରତିବର୍ଷ ୧୨ ହଜାର କୋଟି କ୍ଷତି ହେବ ବୋଲି ବିଜେଡି କେବଳ ଅପପ୍ରଚାର ଓ ବିଭ୍ରାନ୍ତିକର ମନ୍ତବ୍ୟ ଦେଉଛି। ପ୍ରକୃତରେ ୨୦୧୫ ପୂର୍ବରୁ ଓଡ଼ିଶାର ଖଣି ରାଜସ୍ୱ ୫ ହଜାର କୋଟିରୁ କମ୍ ଥିବା ବେଳେ ୨୦୨୫-୨୬ରେ ଏହା ୫୧ ହଜାର କୋଟିରେ ପହଞ୍ଚିଛି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି ଓ ରାଜ୍ୟ ପ୍ରବକ୍ତା ସଞ୍ଜୟ ରଥ ମଧ୍ୟ ଉପସ୍ଥିତ ଥିଲେ।

୭ରେ ଦେଶବ୍ୟାପୀ 'ବିକଶିତ ଭାରତ ସଂକଳ୍ପ ସଭା'

# ପ୍ରଧାନମନ୍ତ୍ରୀଙ୍କ ସେବା ଓ ସଂକଳ୍ପ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା

## ପ୍ରତି ଜିଲ୍ଲାର ବିଭିନ୍ନ ସ୍ଥାନରୁ ବାହାରିବ 'ସେବା ଜ୍ୟୋତି ଯାତ୍ରା'




ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଆସନ୍ତା ୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ପ୍ରଜାସେବକ ଓ ଜନସେବକ ଭାବେ ସାର୍ବଜନୀନ ଜୀବନ ଓ ଶାସନରେ ୨୫ ବର୍ଷ ସଫଳତାର ସହ ପୂରଣ କରିବେ। ସେହିଦିନ ଦେଶବ୍ୟାପୀ 'ସେବା ଜ୍ୟୋତି ଯାତ୍ରା' ଓ 'ବିକଶିତ ଭାରତ ସଂକଳ୍ପ ସଭା' ଆୟୋଜିତ ହେବ। ଗରିବ, କୃଷକ, ମହିଳା ଓ ଯୁବବର୍ଗଙ୍କ ସଶକ୍ତୀକରଣ ସହ ଜଡ଼ିତ ଏହି ୨୫ ବର୍ଷର ନିରନ୍ତର ସେବା, ସୁଶାସନ, ଗରିବକଲ୍ୟାଣ ଓ ବିକାଶ ଗାଥାକୁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ପାଖରେ ପହଞ୍ଚାଇବା ମୋଦି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ରାଜ୍ୟ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଗତ ୧୭ରୁ ଆରମ୍ଭ ହୋଇଥିବା ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ ଦେଶବ୍ୟାପୀ ସେବା ଜ୍ୟୋତି ଯାତ୍ରା କାର୍ଯ୍ୟକ୍ରମ ଆସନ୍ତା ୭ରେ ଆରମ୍ଭ ହେବ। ଉକ୍ତ ଦିନ ପୂର୍ବାହ୍ନ ୧୦ଟାରେ ପ୍ରଧାନମନ୍ତ୍ରୀ ଆଭାସୀ ମାଧ୍ୟମରେ ଦେଶର ୭୫୦ଟି ଜିଲ୍ଲା ଓ ରାଜ୍ୟ ମୁଖ୍ୟାଳୟରେ ଉପସ୍ଥିତ ଜନତାଙ୍କୁ ସିଧାସଳଖ ସମ୍ବୋଧନ କରିବେ। ଓଡ଼ିଶାରେ ଭୁବନେଶ୍ୱର ସମେତ ସମସ୍ତ ୩୦ଟି ଜିଲ୍ଲାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ପ୍ରଭାରୀ ମନ୍ତ୍ରୀଙ୍କ ସହ ସ୍ଥାନୀୟ ଜନପ୍ରତିନିଧି ଓ ଅତିଥିମାନେ ଯୋଗଦେବେ। ପ୍ରତ୍ୟେକ ଜିଲ୍ଲା ସଦର ମହକୁମାରେ 'ସେବା ଜ୍ୟୋତି ଛକ' ଚିହ୍ନଟ କରାଯାଇ 'ବିକଶିତ ଭାରତ ସଂକଳ୍ପ ପ୍ରତୀକାତ୍ମକ ସ୍ଥାପନ କରାଯିବ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସମାଜର ସବୁ ବର୍ଗର ଲୋକଙ୍କୁ ବିକଶିତ ଭାରତର ଏହି ମହାଯଜ୍ଞରେ ନିଜ ନିଜର ଯୋଗଦାନ ଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଓ ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ।

ସହିଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ

# ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ ଓ ବାଚସ୍ପତି



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଆଜି ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହିଦ ବାଜି ରାଉତଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ବିଧାନସଭା ପାର୍ଶ୍ୱସ୍ଥିତ ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ସୁରମା ପାଢ଼ୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏବଂ ଅନ୍ୟ ବିଶିଷ୍ଟ ଅତିଥିଗଣ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇ ଆତ୍ମବଳୀ ଦେଇଥିବା ଦେଶପ୍ରେମୀମାନଙ୍କ ମଧ୍ୟରେ ସର୍ବକନିଷ୍ଠ ୧୨ ବର୍ଷର ବାଳକ ବାଜି ରାଉତ ଅତ୍ୟାଚାରୀ ରାଜା ଓ ବ୍ରିଟିଶ ଶାସକ କବଳରୁ ନିଷ୍ପେଷିତ ଜନତା ଓ ମାଟି ମା'ର ସୁରକ୍ଷା ପାଇଁ ବ୍ରିଟିଶ ସୈନ୍ୟଙ୍କୁ ସାହସିକତାର ସହ ସାମ୍ନା କରି ପ୍ରାଣବଳୀ ଦେଇଥିଲେ। ବାଜି ରାଉତଙ୍କ ଆତ୍ମବଳୀଦାନ ସମଗ୍ର ଦେଶକୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସଂଗ୍ରାମ କରିବାକୁ ପ୍ରେରଣା ଦେଇଥିଲା।

ନିର୍ଭୀକତା, ଦେଶପ୍ରେମ ଓ ସାହସିକତାପୂର୍ଣ୍ଣ ସହିଦ ବାଜି ରାଉତଙ୍କ ଜୀବନୀ ହେଉଛି ଆଜିର ଯୁବପିଢ଼ି ଓ ଛାତ୍ରଛାତ୍ରୀଙ୍କ ପାଇଁ ସବୁଠାରୁ ବଡ଼ ପ୍ରେରଣା। ଓଡ଼ିଶା ସରକାର ରାଜ୍ୟର ବରପୁତ୍ର ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବାର ନୂଆ ଧାରା ଆରମ୍ଭ କରିଛନ୍ତି। ଗତବର୍ଷ ସହିଦ ବାଜି ରାଉତଙ୍କ ନୀଳକଣ୍ଠପୁର ଗ୍ରାମରେ ତାଙ୍କର ଜନ୍ମ ଦିବସକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ କରାଯାଇଥିଲା। ସହିଦଙ୍କ ଗ୍ରାମକୁ ଆଦର୍ଶ ଗ୍ରାମ ରୂପେ ଘୋଷଣା କରାଯାଇଛି ଓ ବାଜି ରାଉତଙ୍କ ସ୍ମୃତିରେ ଢେଙ୍କାନାଳଠାରେ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯାଉଛି ବୋଲି ସେ କହିଛନ୍ତି। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ, ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଉପସ୍ଥିତ ରହି ସହିଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

■ ଛାତ୍ର ସଂସଦ ନିର୍ବାଚନ ପ୍ରସଙ୍ଗ

# ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରର ପୁନଃପ୍ରତିଷ୍ଠା ହେଲା: ବିରଞ୍ଚି



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଦୀର୍ଘ ୮ ବର୍ଷର ବ୍ୟବଧାନ ପରେ ପୁଣି ଥରେ ଛାତ୍ରସଂସଦ ନିର୍ବାଚନ ଅନୁଷ୍ଠିତ ହେବ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ନୋଟିଫିକେସନ ଜାରି କରାଯିବା ପରେ ରାଜ୍ୟର ଯୁବ ଓ ଛାତ୍ର ସମାଜ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପ୍ରକାଶ ପାଇଛି। ଏହି ଐତିହାସିକ ନିଷ୍ପତ୍ତି ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସମଗ୍ର ଓଡ଼ିଶାର ଯୁବ ଓ ଛାତ୍ର ସମାଜ ପକ୍ଷରୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରାଯାଇଛି। ଗତ ୮ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ରହିବା ଦ୍ୱାରା କ୍ୟାମ୍ପସଗୁଡ଼ିକରେ ନେତୃତ୍ୱ ବିକାଶର ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ଚଳିତ ବର୍ଷର ନିର୍ବାଚନ ଦ୍ୱାରା ଛାତ୍ରମାନଙ୍କର ଗଣତାନ୍ତ୍ରିକ ଚେତନା ଜାଗ୍ରତ ହେବ, କ୍ୟାମ୍ପସଗୁଡ଼ିକରେ ପାଠପଢ଼ା ସହ ସୁସ୍ଥ ଗଣତାନ୍ତ୍ରିକ ପରିବେଶ ଏବଂ ଛାତ୍ର ନେତୃତ୍ୱର ସୃଷ୍ଟି ହୋଇପାରିବ। ଦୀର୍ଘ ୮ ବର୍ଷ ପରେ ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କୁ ତାଙ୍କର ଗଣତାନ୍ତ୍ରିକ ଅଧିକାର ମିଳିଛି। କଥା ଦେଇ କଥା ରଖିବାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ବିଗତ ଦିନରେ ବିଭିନ୍ନ ସାର୍ବଜନୀନ କାର୍ଯ୍ୟକ୍ରମରେ ଛାତ୍ର ସଂସଦ ନିର୍ବାଚନ ପୁନଃପ୍ରତିଷ୍ଠା କରିବା ପାଇଁ ସେ ଦେଇଥିବା କଥାକୁ ଆଜି ସାକାର କରିଛନ୍ତି। ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରର ହେଲା ପୁନଃପ୍ରତିଷ୍ଠା ହେଲା ବୋଲି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି। ପୂର୍ବତନ ସରକାର ଛାତ୍ରମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ ଛଡ଼ାଇ ନେଇଥିବା ବେଳେ ଏବେ ନିର୍ବାଚନ ଘୋଷଣା ହେବା ପରେ ବିରୋଧୀ ଦଳଗୁଡ଼ିକ ଭୟଭୀତ ହୋଇ ମିଥ୍ୟା ସ୍ପଷ୍ଟୀକରଣ ଦେଉଛନ୍ତି। ଲିଙ୍ଗଡୋ କମିଶନଙ୍କ ମାର୍ଗଦର୍ଶିକା ଓ ସୁପ୍ରିମକୋର୍ଟଙ୍କ ରାୟ ଅନୁସାରେ କ୍ୟାମ୍ପସର ଶୈକ୍ଷିକ ବାତାବରଣକୁ ବଜାୟ ରଖି ଅତ୍ୟନ୍ତ ଶୃଙ୍ଖଳିତ ଓ ଶାନ୍ତିପୂର୍ଣ୍ଣ ଭାବେ ଏହି ନିର୍ବାଚନ ସମ୍ପନ୍ନ ହେବ ବୋଲି ସେ କହିଛନ୍ତି।

# ଛାତ୍ର କଂଗ୍ରେସରୁ ଲଢ଼ନ୍ତୁ ଛାତ୍ର ସଂସଦ ନିର୍ବାଚନ

## ଲଞ୍ଚ ହେଲା ବାରକୋଡ୍, ସ୍କାନ୍ କରି ପାର୍ଥୀ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଦୀର୍ଘ ବର୍ଷ ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଛାତ୍ର କଂଗ୍ରେସ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇଥିବା ବେଳେ ନିର୍ବାଚନ ପ୍ରକ୍ରିୟା ଓ ସରକାରଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଯାଇଛି। ନିର୍ବାଚନ ପାଇଁ ଛାତ୍ର ସଂଗଠନଗୁଡ଼ିକୁ ଯଥେଷ୍ଟ ସମୟ ଦିଆଯାଇ ନ ଥିବା ଅଭିଯୋଗ କରିବା ସହ ଏହା ପଛରେ ସରକାରଙ୍କ ଷଡ଼ଯନ୍ତ୍ର ରହିଥିବା ଛାତ୍ର କଂଗ୍ରେସ ଅଭିଯୋଗ କରିଛି। ଛାତ୍ର କଂଗ୍ରେସ ସଭାପତି ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ ଦୀର୍ଘ ସମୟ ପରେ କ୍ୟାମ୍ପସରେ ଛାତ୍ର ନିର୍ବାଚନ ଫେରୁଛି। ଏହା କେବଳ ଏକ ନିର୍ବାଚନ ନୁହେଁ, ବରଂ ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାର, ନେତୃତ୍ୱ ବିକାଶ ଓ ନିଜ ସମସ୍ୟାକୁ ନିଜେ ଉଠାଇବାର ଏକ ବଡ଼ ସୁଯୋଗ। ତେବେ ନିର୍ବାଚନ ପାଇଁ ଖୁବ୍ କମ୍ ସମୟ ଦିଆଯାଇଥିବାରୁ ଛାତ୍ର ସଂଗଠନ ଓ ପ୍ରାର୍ଥୀମାନେ ପ୍ରସ୍ତୁତି ପାଇଁ ଆବଶ୍ୟକ ସମୟରୁ ବଞ୍ଚିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ଛାତ୍ର ସମସ୍ୟା, ଶିକ୍ଷା ବ୍ୟବସ୍ଥା, କ୍ୟାମ୍ପସରେ ମୌଳିକ ସୁବିଧା, ଛାତ୍ର ସୁରକ୍ଷା ଓ ଅଧିକାର ପାଇଁ ଲଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀମାନେ ଆଗେଇ ଆସି ଛାତ୍ର ସଂସଦ ନିର୍ବାଚନ ଲଢ଼ନ୍ତୁ ବୋଲି ସଂଗଠନ ଆହ୍ୱାନ ଦେଇଛି। ଏନେଇ ଛାତ୍ର କଂଗ୍ରେସ ପକ୍ଷରୁ ସୋସିଆଲ ମିଡିଆରେ ଏକ 'ବାର୍ କୋଡ୍' ଜାରି କରି ନିର୍ବାଚନ ଲଢ଼ିବାକୁ ଇଚ୍ଛୁକ ଛାତ୍ରଛାତ୍ରୀଙ୍କୁ ସଂଗଠନ ସହ ଯୋଡ଼ିବାକୁ ଅପିଲ୍ କରାଯାଇଛି।



# ତୃତୀୟ ଦିନରେ କଟକ କଂଗ୍ରେସର 'ସମତା ପଦଯାତ୍ରା'

କଟକ, ୫।୧୦ (ସଂଚାର ବ୍ୟୁରୋ): କଂଗ୍ରେସର 'ସମତା ପଦଯାତ୍ରା' ତୃତୀୟ ଦିନରେ କ୍ୟାଣ୍ଟନମେଣ୍ଟ ରୋଡ଼ରୁ ବାହାରି ୨୫ ନମ୍ବର ୱାର୍ଡ ପରିକ୍ରମା କରିଛି। ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରା ସମୟରେ ମସ୍ତାନ ଦରଘାଠାରେ ଚାଦର ଚଢ଼ାଯିବା ସହ ଅମରେଶ୍ୱର ମନ୍ଦିରରେ ସନ୍ଧ୍ୟା ଆଳତି ଦର୍ଶନ କରାଯାଇଥିଲା। ଏହି ଅବସରରେ ଆୟୋଜିତ ପଥପ୍ରାନ୍ତ ସଭାରେ ଶ୍ରୀ ମହାନ୍ତି ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରାଯିବା ଏବଂ ପ୍ରତ୍ୟେକ ୱାର୍ଡରେ ପେନସନ୍ ହିତାଧିକାରୀଙ୍କ ତାଲିକା ସାର୍ବଜନୀନ କରାଯିବାକୁ ଦାବି କରିଥିଲେ। ପଦଯାତ୍ରାରେ ଜଗନ୍ନାଥ ସାହୁ, ମାନସ ପରିଡ଼ା, ଶେଖ୍ ଜାଫର ଏବଂ ପିଙ୍କି ସିଂହଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଯୋଗଦେଇଥିଲେ।

# ପ୍ରସନ୍ନ ପାଇକରାୟ ଓୟୁଜେ ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ

■ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ନିଷ୍ପତ୍ତି



ଖୋର୍ଦ୍ଧା,୫।୧୦(ସଂଚାର ବ୍ୟୁରୋ): ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ)ର ରାଜ୍ୟ କାର୍ଯ୍ୟାଳୟ ସମ୍ପାଦକ ଭାବେ ନିଯୁକ୍ତି ପାଇଛନ୍ତି ବରିଷ୍ଠ ସାମ୍ବାଦିକ ତଥା ଓୟୁଜେର ଦୀର୍ଘଦିନର ସଦସ୍ୟ ପ୍ରସନ୍ନ କୁମାର ପାଇକରାୟ। ବାଲେଶ୍ୱରର ଚାନ୍ଦିପୁରଠାରେ ଅନୁଷ୍ଠିତ ଓୟୁଜେର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକରେ ସର୍ବସମ୍ମତିକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ କମିଟିର ନିଷ୍ପତ୍ତି ଏବଂ ରାଜ୍ୟ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଶ୍ରୀ ପାଇକରାୟଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରାଯାଇଛି। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟ କରିବା ସହ ଓୟୁଜେର ସାଂଗଠନିକ କାର୍ଯ୍ୟରେ ତାଙ୍କର ସକ୍ରିୟ ଭୂମିକା, ବିଭିନ୍ନ ସ୍ତରର ସାମ୍ବାଦିକଙ୍କ ସହ ସୁସମ୍ପର୍କ ଓ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବାରେ ତାଙ୍କର ଅବଦାନକୁ ବିଚାରକୁ ନେଇ ଏହି ଗୁରୁଦାୟିତ୍ୱ ଦିଆଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓୟୁଜେର ସାଂଗଠନିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱ ବହନ କରିଥିଲା। ବୈଠକରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୪୦୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଯୋଗଦେଇ ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ମତ ଦେଇଥିଲେ।

# ଓଡ଼ିଶା ବନ୍ଦ ପାଇଁ କଂଗ୍ରେସର ପ୍ରସ୍ତୁତି ବୈଠକ

କଟକ, ୫।୧୦ (ସଂଚାର ବ୍ୟୁରୋ): ଆସନ୍ତା ୮ ତାରିଖରେ ଇଣ୍ଡିଆ ମେଣ୍ଟ ପକ୍ଷରୁ କରାଯାଇଥିବା ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବା ପାଇଁ କଟକ ସଦର କଂଗ୍ରେସ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍କ୍ ରୋଡ୍ ଶକ୍ତି ନଗରସ୍ଥିତ କାର୍ଯ୍ୟାଳୟରେ ବ୍ଲକ ସଭାପତି ସୀତାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ବନ୍ଦ ଦିନ କଟକ ସଦରରେ ଏହାକୁ ସମ୍ପୂର୍ଣ୍ଣ ସଫଳ କରିବା ସହ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମୋଟରସାଇକେଲ ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରାମଚନ୍ଦ୍ର ଗୋଚ୍ଛାୟତ, କର୍ପୋରେଟର ଜନାର୍ଦ୍ଦନ ପରିଡ଼ା, ରାଜେଶ୍ ସ୍ୱାଇଁ ଏବଂ ନିର୍ମଳ କୁମାର ସ୍ୱାଇଁଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଯୋଗଦେଇ ଦଳୀୟ ସଂଗଠନକୁ ମଜବୁତ କରିବା ସହ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

ଧର୍ମଶାଳାରେ ପୂର୍ବତନ ବିଧାୟକଙ୍କୁ ଆକ୍ରମଣ ଘଟଣା

# ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ସରକାର ଦାୟୀ: ବିଜେଡି

■ ଧର୍ମଶାଳା ବିଧାୟକଙ୍କ ଇଙ୍ଗିତରେ ସଂଗଠିତ ହେଉଛି ଅପରାଧ

■ ପୁଲିସ ଉପସ୍ଥିତିରେ ବାରମ୍ବାର ଆକ୍ରମଣ କରୁଛନ୍ତି ବିଜେପି କର୍ମୀ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଜନ ସମ୍ପର୍କ ପଦଯାତ୍ରା ସମୟରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ବିଜେଡି ପକ୍ଷରୁ ନିନ୍ଦା କରାଯାଇଛି। ସାଧାରଣ ଜନତାଙ୍କ ଠାରୁ ଜନ ପ୍ରତିନିଧି ସମସ୍ତେ ଅସୁରକ୍ଷିତ। ଏ ସମସ୍ତ ଘଟଣା ଧର୍ମଶାଳା ବିଧାୟକଙ୍କ ଇଙ୍ଗିତରେ ସଂଗଠିତ ହେଉଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ଓ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ବିଜେପି ସରକାରରେ ରାଜ୍ୟରେ ବୃଦ୍ଧି ପାଉଥିବା ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯାଜପୁର ଜିଲ୍ଲାର ପତୁରି ଗାଁରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସମୟରେ ବିଜେପି କର୍ମକର୍ତ୍ତା ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିଥିଲେ। ବିଜେପି ସମର୍ଥକମାନେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ଗାଡ଼ିକୁ ଟେକାମାଡ଼ କରି ଭାଙ୍ଗିବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ, ଯାହାକି ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା। କେଉଁ ସାହସରେ ବାରମ୍ବାର ଆକ୍ରମଣ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାରକୁ ଆସିବା ଦିନଠାରୁ ସାରା ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଧର୍ମଶାଳାରେ ବାରମ୍ବାର ଆକ୍ରମଣ ଘଟଣା ସହ ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ମାଫିଆମାନଙ୍କ ଲିଙ୍କରେ କୋଟି କୋଟି ଟଙ୍କାର ଉତ୍ସ ଧର୍ମଶାଳାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଚେର ଲମ୍ବିଛି। ଯାହା ଫଳରେ ଧର୍ମଶାଳା ପୁଲିସ ନିରପେକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁନାହିଁ। ସେହିପରି କ୍ୟାପଟେନ୍ ମିଶ୍ର କହିଛନ୍ତି ଯେ ଧର୍ମଶାଳାରେ ବାରମ୍ବାର ଅପରାଧିକ କାର୍ଯ୍ୟକଳାପ ଘଟୁଛି। ଯାହାଦ୍ୱାରା ପ୍ରଜାତନ୍ତ୍ରକୁ ହତ୍ୟା କରି ମାନବିକ ଅଧିକାରକୁ କ୍ଷୁଣ୍ଣ କରାଯାଉଛି। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ରାଜନୈତିକ ଷଡ଼ଯନ୍ତ୍ର କରି ବାରମ୍ବାର ଆକ୍ରମଣ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ଅଧୀନରେ ଗୃହ ବିଭାଗ ରହିଛି। ତେବେ ଗୋଟିଏ ସ୍ଥାନରେ ବାରମ୍ବାର ଏହିପରି ଅପରାଧ ଘଟିବା କାରଣ ନେଇ ବିଭାଗୀୟ ତଦନ୍ତ ମୁଖ୍ୟମନ୍ତ୍ରୀ କାହିଁକି କରାଉନାହାନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

# ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ଜାତୀୟ ପୋଷଣ ମାସ ପାଳିତ




ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଏହାର ପ୍ରମୁଖ ସିଏସ୍‌ଆର ପ୍ରକଳ୍ପ 'ଆରୋଗ୍ୟ' ଅନ୍ତର୍ଗତ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ପ୍ରତିବଦ୍ଧତାର ଏକ ଅଂଶସ୍ୱରୂପ ଓଡ଼ିଶାରେ ଏହାର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଜାତୀୟ ପୋଷଣ ମାସ ପାଳିତ ହୋଇଛି। ପାରାଦୀପରେ, ବିଶେଷ ଭାବେ ମହିଳା ଓ କିଶୋରୀଙ୍କ ମଧ୍ୟରେ ପୋଷଣ ସମ୍ବନ୍ଧୀୟ ସଚେତନତା ସୃଷ୍ଟି କରିବା ପାଇଁ ନୂଆଗଡ଼ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଚକ୍ରଧରପୁର ଅଙ୍ଗନୱାଡ଼ି କେନ୍ଦ୍ରରେ ସଚେତନତା ଅଧିବେଶନ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ ଓ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଓଡ଼ିଶାର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରାଜେଶ ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଡାକ୍ତର ମିଶ୍ର ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରି ସାମଗ୍ରିକ ସ୍ୱାସ୍ଥ୍ୟ, ଶାରୀରିକ ବିକାଶ ଓ କଲ୍ୟାଣ ପାଇଁ ଆବଶ୍ୟକ ପୋଷକ ତତ୍ତ୍ୱରେ ଭରପୂର ଏକ ସନ୍ତୁଳିତ ଆହାର ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ଏଏନ୍‌ଏମ୍ କର୍ମଚାରୀ, କିଶୋରୀ ଓ ନିକଟବର୍ତ୍ତୀ ଗ୍ରାମର ମହିଳାଙ୍କୁ ମିଶାଇ ୨୦୦ରୁ ଅଧିକ ଅଂଶଗ୍ରହଣ କରିଥିଲେ। ସେହିଭଳି ଏକ ସଚେତନତା ଅଧିବେଶନ କଳମାଙ୍ଗ ଓ ସାଗାସାହି ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଥିରେ ୧୦୦ରୁ ଅଧିକ ସ୍ଥାନୀୟ ମହିଳା, ଶିଶୁ, ସ୍କୁଲ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ତୃଣମୂଳ ସ୍ତରର ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ଏଠାରେ ଏଏମ୍/ଏନ୍‌ଏସ୍ ଇଣ୍ଡିଆ, କଳମାଙ୍ଗର ସିଏସଆର ଡିସପେନସାରିର ଚିକିତ୍ସା ଅଧିକାରୀ ଡାକ୍ତର ଅନିଲ ମାହତୋ ଓ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମୋବାଇଲ୍ ମେଡିକାଲ୍ ୟୁନିଟ୍ ଡାକ୍ତର ଶ୍ରୀକାନ୍ତ ରଥ ଉପସ୍ଥିତ ଲୋକଙ୍କୁ ସମ୍ବୋଧିତ କରି ସନ୍ତୁଳିତ ପୁଷ୍ଟିକର ଓ ସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସର ସୁଫଳ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଲୋକମାନେ କୁପୋଷଣ ଚକ୍ରକୁ ଭାଙ୍ଗିବା ଓ ଏକ ସୁସ୍ଥ ଭବିଷ୍ୟତ ଗଠନ ଦିଗରେ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଠାକୁରାଣୀ ଖଣି ଅଞ୍ଚଳର ଡାଳକି ଗ୍ରାମସ୍ଥିତ ମୁଣ୍ଡା ସାହି ଅଙ୍ଗନୱାଡ଼ି କେନ୍ଦ୍ରରେ ସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ଗୋଷ୍ଠୀ କଲ୍ୟାଣ ପାଇଁ ପୋଷଣ ଖାଦ୍ୟର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଜାତୀୟ ପୋଷଣ ମାସ ପାଳନ କରାଯାଇଥିଲା।

# ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜନୈତିକ ତତ୍ପରତା ବୃଦ୍ଧି



ଭୁବନେଶ୍ୱର,୫।୧୦: ୪ ବର୍ଷର ବ୍ୟବଧାନ ପରେ ଛାତ୍ର ସଂସଦ ନିର୍ବାଚନ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ପରିପ୍ରେକ୍ଷୀରେ ଏବେ ରାଜନୈତିକ ଦଳର କାର୍ଯ୍ୟାଳୟଠାରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକର କ୍ୟାମ୍ପସ୍ ଚଳଚଞ୍ଚଳ ହୋଇପଡ଼ିଛି। ଆଶାୟୀ ପ୍ରାର୍ଥୀ ଓ ବିଭିନ୍ନ ଦଳର ଛାତ୍ର ସଂଗଠନଗୁଡ଼ିକ ତୁରନ୍ତ ନିର୍ବାଚନ ପ୍ରସ୍ତୁତି ପାଇଁ ଲାଗି ପଡ଼ିଛନ୍ତି।

ଏଠାରେ ଉଲ୍ଲେଖନୀୟ ଯେ ୨୦୧୮ ପରଠାରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ଏବେ ଯେଉଁମାନେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଅଛନ୍ତି, ସେମାନେ ପୂର୍ବରୁ କେବେ ଛାତ୍ର ସଂସଦ ନିର୍ବାଚନ ଦେଖିନାହାନ୍ତି। ଏମିତିକି ଅନେକ ନବନିଯୁକ୍ତ ଅଧ୍ୟାପକଅଧ୍ୟାପିକାଙ୍କର ମଧ୍ୟ ଛାତ୍ର ସଂସଦ ନିର୍ବାଚନ ପରିଚାଳନା କରିବାର ଅଭିଜ୍ଞତା ନାହିଁ। ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅର୍ଦ୍ଧାଧିକ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଛାତ୍ର ସଂସଦ ନିର୍ବାଚନ ପରିଚାଳନା ସମ୍ପୃକ୍ତ ଶିକ୍ଷାନୁଷ୍ଠାନଗୁଡ଼ିକର ମୁଖ୍ୟମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଛି।

କେତେକ ଛାତ୍ର ସଂଗଠନ ନିର୍ବାଚନ ସଂକ୍ରାନ୍ତୀୟ ସରକାରୀ ଘୋଷଣାକୁ ସ୍ୱାଗତ କରୁଥିବା ବେଳେ ଆଉ କେତେକ ଛାତ୍ର ସଂଗଠନ ପ୍ରସ୍ତୁତି ପାଇଁ ଅଧିକ ସମୟ ଦିଆଯିବାର ଆବଶ୍ୟକତା ଥିଲା ବୋଲି କହୁଛନ୍ତି। ତେବେ ସମଗ୍ର ରାଜ୍ୟରେ ଗୋଟିଏ ଦିନରେ ଅର୍ଥାତ୍ ଚଳିତ ମାସ ୧୫ ତାରିଖରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଭୋଟ ଗ୍ରହଣ ସହ ଫଳାଫଳ ଘୋଷିତ ହେବ ଓ ପରଦିନ ଅର୍ଥାତ୍ ଅକ୍ଟୋବର ୧୬ ତାରିଖରେ ନବନିର୍ବାଚିତ ପ୍ରତିନିଧିମାନେ ଶପଥ ଗ୍ରହଣ କରିବେ। ୧୭ ତାରିଖରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଦୁର୍ଗା ପୂଜା ଛୁଟି ପାଇଁ ବନ୍ଦ ରହିବ। ଦୀର୍ଘବର୍ଷ ଧରି ନିର୍ବାଚନ ହୋଇ ନ ଥିବାରୁ ଏବେ ବସ୍ତୁତଃ ଅଧିକାଂଶ ଶିକ୍ଷାନୁଷ୍ଠାନରେ ଛାତ୍ର ସଂଗଠନଗୁଡ଼ିକର ପ୍ରଭାବୀ ଉପସ୍ଥିତି ନାହିଁ। ତେବେ ଏହି ନିର୍ବାଚନ ଦଳୀୟ ଭିତରେ ହେଉ ନ ଥିଲେ ମଧ୍ୟ ଆଜିଠାରୁ ବିଭିନ୍ନ ଛାତ୍ର ସଂଗଠନର ନେତାମାନେ ଦମ୍ଭର ସହ କହୁଛନ୍ତି ଯେ ସେମାନଙ୍କ ସଂଗଠନର ପ୍ରାର୍ଥୀମାନେ ଅଧିକାଂଶ କଲେଜ ଓ ବିଶ୍ୱବିଦ୍ୟାଳୟ ନିର୍ବାଚନରେ ବିଜୟୀ ହେବେ।

ପୂର୍ବଭଳି ଏଥର ଛାତ୍ର ସଂସଦ ନିର୍ବାଚନ ପାଇଁ ବ୍ୟୟବହୁଳ ପ୍ରଚାର ହୋଇପାରିବ ନାହିଁ କିମ୍ବା ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍ ବାହାରେ ଶୋଭାଯାତ୍ରା ଆଦି କରାଯାଇପାରିବ ନାହିଁ। ଏହାଛଡ଼ା ପ୍ରାର୍ଥୀମାନେ ମୁଦ୍ରିତ ପୋଷ୍ଟର କିମ୍ବା ପ୍ରଚାରପତ୍ର ମଧ୍ୟ ବ୍ୟବହାର କରିପାରିବେ ନାହିଁ। ସାମାଜିକ ଗଣମାଧ୍ୟମରେ ପ୍ରଚାର ଉପରେ ମଧ୍ୟ କେତେକ କଟକଣା ରଖାଯାଇଛି। ବିଶେଷକରି କ୍ୟାମ୍ପସ୍‌ରେ ଶୃଙ୍ଖଳା ରକ୍ଷା କରାଯିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଉଛି। ଛାତ୍ର ସଂସଦ ନିର୍ବାଚନ ବିଜେଡି ସରକାର ଅମଳରୁ ବନ୍ଦ ଥିଲା ଓ ଓଡ଼ିଶାରେ ବିଜେପି ସରକାର ଆସିବା ପରେ ଦୁଇ ବର୍ଷ ଧରିବି ଛାତ୍ର ସଂସଦ ନିର୍ବାଚନ ହୋଇ ନ ଥିଲା। ଅତୀତରେ ଜରୁରୀ ପରିସ୍ଥିତି ସମୟରେ ୧୯୭୫ ଓ ୧୯୭୬ରେ ମଧ୍ୟ ଛାତ୍ର ସଂସଦ ନିର୍ବାଚନ ହୋଇ ନ ଥିଲା। ନିର୍ବାଚନ ନ କରି କର୍ତ୍ତୃପକ୍ଷଙ୍କ ମନୋନୀତ ପ୍ରାର୍ଥୀଙ୍କ ମାଧ୍ୟମରେ କାମ ଚଳାଯାଉଥିଲା। ଏବେ ନିର୍ବାଚନ ପାଇଁ ସରକାରୀ ଘୋଷଣା ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳ ଏ ସଂକ୍ରାନ୍ତରେ ପରସ୍ପର ଉପରକୁ କାଦୁଫିଙ୍ଗାରେ ବ୍ୟସ୍ତ ଥିବା ଭଳି ମନେ ହେଉଛି। ବିଶେଷକରି ରାଜ୍ୟ, ଜିଲ୍ଲା ଓ ବ୍ଲକସ୍ତରୀୟ ଛାତ୍ର ସଂଗଠନଗୁଡ଼ିକର ନେତାମାନେ ଚେଇଁ ଉଠିଥିବା ବେଳେ ବିଭିନ୍ନ ନିର୍ବାଚନମଣ୍ଡଳୀର ସାଂସଦ, ବିଧାୟକ ଓ ଏହି ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ହାରିଥିବା ପ୍ରାର୍ଥୀମାନେ ନିଜ ନିଜ ଅନୁଗତମାନଙ୍କୁ କିଭଳି ଛାତ୍ର ସଂସଦ ନିର୍ବାଚନରେ ଜିଣାଯାଇପାରିବ, ସେଥିପାଇଁ ଚଳଚଞ୍ଚଳ ହୋଇପଡ଼ିଛନ୍ତି। (ତଥ୍ୟ)

jibana amruta anuchinta


ଜୀବନ ଅମୃତ ଅନୁଚିନ୍ତା


ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

ମଙ୍ଗଳବାର ୬ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Tuesday 6 October 2026, Bhubaneswar




# ବିତର୍କରେ ଛାତ୍ର ସଂଘ ନିର୍ବାଚନ

ଛାତ୍ର ସଂଘ ନିର୍ବାଚନ ଭାରତର ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଏକ ବିବାଦୀୟ ବିଷୟ ଭାବରେ ରହିଛି। କେତେକ ଏହାକୁ ଗଣତନ୍ତ୍ରର ମୂଳଦୁଆ ଓ ନେତୃତ୍ୱ ବିକାଶର ମାଧ୍ୟମ ବୋଲି କହନ୍ତି, ଆଉ କେତେକ ଏହାକୁ ହିଂସା, ରାଜନୀତିକ ଦଳବାଜି ଓ ପାଠପଢ଼ା ବ୍ୟାଘାତର କାରଣ ବୋଲି ଦୋଷ ଦିଅନ୍ତି। ଓଡ଼ିଶାରେ ଆଠ ବର୍ଷ ପରେ ପୁଣି ଛାତ୍ର ସଂଘ ନିର୍ବାଚନ ଫେରିବା ସହ ଏହି ବିତର୍କ ପୁଣି ଉଜ୍ଜୀବିତ ହୋଇଛି।

ଛାତ୍ର ସଂଘ ନିର୍ବାଚନର ସମର୍ଥକମାନେ କହନ୍ତି ଯେ ଏହା ଛାତ୍ରଙ୍କ ଭିତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ବିକାଶ କରେ। ଯୁବପିଢ଼ି ନିଜର ପ୍ରତିନିଧି ବାଛି ପାରିଲେ ସେମାନେ ନେତୃତ୍ୱ ଗୁଣ ଶିଖନ୍ତି। ଛାତ୍ର ସମସ୍ୟା ଯେପରି ହଷ୍ଟେଲ, ଫି, ଲାଇବ୍ରେରୀ, ସୁରକ୍ଷା ଓ ପାଠ୍ୟକ୍ରମ ସମ୍ବନ୍ଧୀୟ ଦାବି ସଠିକ୍ ଭାବରେ ପ୍ରଶାସନ ଆଗରେ ଉପସ୍ଥାପିତ ହୋଇପାରେ। ରାଜନୈତିକ ଦଳଗୁଡ଼ିକର ଛାତ୍ର ସଂଗଠନ ମାଧ୍ୟମରେ ଯୁବକମାନେ ରାଷ୍ଟ୍ରୀୟ ରାଜନୀତିରେ ପ୍ରବେଶ କରନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ର ସଂଘ କିମ୍ବା ଜେଏନୟୁର ନିର୍ବାଚନ ଅନେକ ନେତାଙ୍କ ରାଜନୈତିକ ଜୀବନର ଆରମ୍ଭ ବିନ୍ଦୁ ହୋଇଛି। ଏହା ଛାତ୍ରଙ୍କ ଅସନ୍ତୋଷକୁ ସଂଗଠିତ ଓ ଶାନ୍ତିପୂର୍ଣ୍ଣ ମାର୍ଗରେ ପ୍ରକାଶ କରିବାର ଏକ ମଞ୍ଚ ମଧ୍ୟ ଯୋଗାଏ।

ଅନ୍ୟପକ୍ଷରେ ବିରୋଧୀମାନେ ଯୁକ୍ତି ଦିଅନ୍ତି ଯେ ଅନେକ ସମୟରେ ଏହି ନିର୍ବାଚନ ହିଂସା, ଧନବଳ ଓ ବାହୁବଳର ଖେଳ ହୋଇଯାଏ। କ୍ୟାମ୍ପସରେ ରାଜନୈତିକ ଦଳଗୁଡ଼ିକର ପ୍ରଭାବ ବଢ଼ିଯାଏ ଓ ପାଠପଢ଼ା ପ୍ରଭାବିତ ହୁଏ। ଅତୀତରେ ବହୁ ବିଶ୍ୱବିଦ୍ୟାଳୟରେ ନିର୍ବାଚନ ସମୟରେ ମୁଣ୍ଡଫଟା, ଅନଶନ ଓ ଏପରିକି ହତ୍ୟା ମଧ୍ୟ ଘଟିଛି। ଏହି କାରଣରୁ ମହାରାଷ୍ଟ୍ରରେ ୧୯୯୩ ପରଠାରୁ, କର୍ଣ୍ଣାଟକରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଓ ଓଡ଼ିଶାରେ ୨୦୧୮ ପରଠାରୁ ନିର୍ବାଚନ ବନ୍ଦ




ରହିଥିଲା। ଲିଙ୍ଗଡୋ କମିଟିର ସୁପାରିଶ ଅନୁସାରେ ବୟସ ସୀମା, ଖର୍ଚ୍ଚ ସୀମା ଓ ରାଜନୈତିକ ଦଳର ପ୍ରତ୍ୟକ୍ଷ ହସ୍ତକ୍ଷେପ ରୋକିବା ନିୟମ ଥିଲେ ମଧ୍ୟ ବହୁ ସ୍ଥାନରେ ଏହା ସଠିକ୍ ଭାବରେ ଲାଗୁ ହୋଇନାହିଁ।

ବର୍ତ୍ତମାନ ଭାରତରେ କେତେକ ରାଜ୍ୟ ଓ ବିଶ୍ୱବିଦ୍ୟାଳୟରେ ନିୟମିତ ନିର୍ବାଚନ ହୁଏ। କେରଳରେ ଏସଏଫଆଇ ଓ କେଏସୟୁ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଚାଲୁଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ, ଜେଏନୟୁ, ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟ ଓ ପଞ୍ଜାବ ବିଶ୍ୱବିଦ୍ୟାଳୟରେ ନିୟମିତ ଭାବରେ ନିର୍ବାଚନ ହୁଏ। ଉତ୍ତରାଖଣ୍ଡରେ ସମ୍ପ୍ରତି ନିର୍ବାଚନ ହୋଇଛି। ଅନ୍ୟପକ୍ଷରେ କର୍ଣ୍ଣାଟକ ୩୦ ବର୍ଷ ପରେ ନିର୍ବାଚନ ଫେରାଇବାକୁ ବିଚାର ନେଇଛି। ମହାରାଷ୍ଟ୍ର ୩୩ ବର୍ଷ ପରେ ଏକ କମିଟି ଗଠନ କରିଛି। ମଧ୍ୟପ୍ରଦେଶ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପରେ ନିର୍ବାଚନ ଆଡ଼କୁ ଅଗ୍ରସର ହେଉଛି। ବିହାରରେ ପଟନା ବିଶ୍ୱବିଦ୍ୟାଳୟରେ ନିର୍ବାଚନ ହୁଏ, କିନ୍ତୁ ଅନ୍ୟ ବହୁ ବିଶ୍ୱବିଦ୍ୟାଳୟରେ ବନ୍ଦ ରହିଛି। ଉତ୍ତର ପ୍ରଦେଶରେ ପୁଣି ନିର୍ବାଚନ ପାଇଁ ଦାବି ଉଠୁଛି। ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଏହା ପ୍ରାୟ ବନ୍ଦ ଅଛି। ଓଡ଼ିଶାରେ ୨୦୨୬ ଅକ୍ଟୋବର ୧୫ ରେ ନିର୍ବାଚନ ହେବାକୁ ଯାଉଛି ବୋଲି ସରକାର କହିଛନ୍ତି ଯେ ଏହା ଭବିଷ୍ୟତରେ ନେତୃତ୍ୱ ପ୍ରସ୍ତୁତ କରିବ। ଲିଙ୍ଗଡୋ କମିଟିର ନିୟମ ଅନୁସାରେ ବୟସ, ଉପସ୍ଥିତି ଓ ଖର୍ଚ୍ଚ ସୀମା ଲାଗୁ କରାଯିବ। ଏହା ଏକ ସୁଯୋଗ ଯଦି ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ ହୁଏ।

ଏମିତି ଦେଖିଲେ ଛାତ୍ର ସଂଘ ନିର୍ବାଚନ ନିଜେ ଖରାପ ନୁହେଁ। ସମସ୍ୟା ହେଉଛି ଏହାର ଦୁରୁପଯୋଗ। ଯଦି ରାଜନୈତିକ ଦଳଗୁଡ଼ିକ କ୍ୟାମ୍ପସକୁ ନିଜର ମଞ୍ଚ କରିନଥାନ୍ତି, ଖର୍ଚ୍ଚ ଓ ହିଂସା ନିୟନ୍ତ୍ରଣରେ ରଖାଯାଏ ଓ ଛାତ୍ରଙ୍କ ପ୍ରକୃତ ସମସ୍ୟା ଉପରେ ଧ୍ୟାନ ଦିଆଯାଏ, ତେବେ ଏହା ଉପକାରୀ ନହେଲେ ଏହା ପାଠପଢ଼ାକୁ କ୍ଷତି ପହଞ୍ଚାଇପାରେ। ଓଡ଼ିଶା ଏବଂ ଅନ୍ୟ ରାଜ୍ୟଗୁଡ଼ିକ ଏହି ସନ୍ତୁଳିତ ପଥ ଅନୁସରଣ କରିବା ଉଚିତ। ଛାତ୍ରଙ୍କ ଭବିଷ୍ୟତ ଓ କ୍ୟାମ୍ପସର ଶାନ୍ତି ଉଭୟ ରକ୍ଷା ହେବା ଆବଶ୍ୟକ।



# ଦକ୍ଷିଣା


## ଉତ୍କଳାନନ୍ଦ ଅଜୟ କୁମାର ବେହେରା




ବ୍ରାହ୍ମଣ ବରଷା ନଈବଢ଼ି, ଦକ୍ଷିଣା ପାଇଲେ ଯାଆନ୍ତି ଛାଡି ଏ ଉକ୍ତିଟି ପିଲାକାଳରୁ ଏ ପର୍ଯ୍ୟନ୍ତ ପରୀକ୍ଷିତ ବହୁବାର ପରୀକ୍ଷିତ। କାହା ଗୃହରେ କୌଣସି ପୂଜା ପାଠ ଧାର୍ମିକ ଅନୁଷ୍ଠାନ, କର୍ମକାଣ୍ଡର ବିଧି ଅନୁଷ୍ଠାନ ହେବା ସମାପ୍ତିରେ ଆହୁତ ପୁରୋହିତ ବ୍ରାହ୍ମଣ ମାନଙ୍କୁ ବିଦାକୀ ଅର୍ପଣ କରିବା ବିଧି ରହିଛି। ସେହି ବିଦାକୀ ହିଁ ଦକ୍ଷିଣା, ଦାନପରେ ଦକ୍ଷିଣ ପ୍ରଦାନ ପ୍ରଥା ଜଡ଼ିତ, ଦକ୍ଷିଣା ନ ଦେଲେ ଦାନ ମୂଲ୍ୟହୀନ, ଦାନ ଦିବାକାଳ ଯହିଁରେ ସୂର୍ଯ୍ୟ ସାକ୍ଷୀ। ପୁଣି ବ୍ରାହ୍ମଣ ପୁରୋହିତଙ୍କ ବାକୀ ଖାତାର ସିରସ୍ତା ରୋକଡ଼ ଖାତା ନାହିଁ। ଏପରିଥିଲେ ଦାନବୀର ହରିଶ୍ଚନ୍ଦ୍ର ମହାରାଜ ସୁବିଧା କରି ଦକ୍ଷିଣା ଦେଇ ପାରିଥାନ୍ତେ କିନ୍ତୁ ତାହା ହୋଇ ନଥିଲା ଅଗତ୍ୟା ତାଙ୍କୁ ଦାନ ପାଇଁ ଦକ୍ଷିଣା ପାଇଁ କାଶୀ ବଡ଼ ଦାଣ୍ଡରେ ନିଜ ରାଣୀକୁ ଭାତିଆ ଚାକରାଣୀ ରୂପେ ଅର୍ଥ ବଦଳରେ ବିକ୍ରୀ କରିବାକୁ ହୋଇଥିଲା। ନିଜେ କାଲୁଆ ତମର ଭାତିଆ ଚାକର (ଦାଦନ ଶ୍ରମିକ) ହେବାକୁ ଏକ ସମୟ ସୀମା ନଥିବା ଚୁକ୍ତିରେ ମୁଦ୍ରା ଋଣ ଉଠାଇ ସେ ଦିନ ସୂର୍ଯ୍ୟାସ୍ତ ପୂର୍ବରୁ ଦକ୍ଷିଣା ଭରି ଥିଲେ। ସେ ରାଜାଙ୍କ ନାମ ଆଜି ପ୍ରାତଃ ସ୍ମରଣୀୟ। ନଈ ବଢ଼ି ଦକ୍ଷିଣା ପବନ ବହିଲେ ଛାଡ଼େ। ବରଷା କାଳ ଦକ୍ଷିଣା ପବନ ବହିଲେ ଆଶଙ୍କା ମୁକ୍ତ ହୁଏ। କଥା ଅଛି, ଯେବେ ଯାଇନାହିଁ ଓଢ଼ଣା ଷଷ୍ଠୀ ତେବେ ଯାଇନାହିଁ ମେଘର ନିଷ୍ଠା। ଏ ଓଢ଼ଣୀ ଷଷ୍ଠୀ ପୌଷ ମାସ ଶୁକ୍ଳପକ୍ଷରେ ଆସୁଛି ଯେବେଠାରୁ ଦିଅଁ ମାନଙ୍କ ଠାରେ ଶୀତ ବସ୍ତ୍ରସେବା ଘୋଡ଼ି ହେବା ଲାଗୁଛି। ସେ ସେବା ସରସ୍ୱତୀ ପୂଜାରେ ବନ୍ଦ ହୁଏ।

# ଭାରତ, ସିନ୍ଧୁ ନଦୀ ଓ ପାକିସ୍ତାନ




## ଡା. ରାଜକିଶୋର ପଣ୍ଡା


ନେଦରଲ୍ୟାଣ୍ଡର ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ (ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍) ଏହା ମଧ୍ୟରେ ସିନ୍ଧୁ ଜଳ ବିବାଦ ଉପରେ ଏକ ନିଷ୍ପତ୍ତି ନେଇଅଛି ପାକିସ୍ତାନକୁ ସମର୍ଥନ କରି। ନିଜର ଫଇସଲାରେ ଏହି କୋର୍ଟ ପ୍ରକାଶ କରିଛି କି, ଭାରତ ଏକତରଫା ଭାବରେ ସିନ୍ଧୁଜଳ ଚୁକ୍ତିକୁ ବାତିଲ କରିପାରିବ ନାହିଁ। ଆହୁରି ମଧ୍ୟ ଉକ୍ତ ନ୍ୟାୟାଳୟର ପାଞ୍ଚଜଣିଆ ଖଣ୍ଡପୀଠ ନିଜ ରାୟରେ ଉଲ୍ଲେଖ କରିଛନ୍ତି, ଯେ ଏହି ଚୁକ୍ତି ବର୍ତ୍ତମାନ ପରିସ୍ଥିତିରେ ସମ୍ପୂର୍ଣ୍ଣ ଭାବରେ ଲାଗୁ ରହିଛି ଓ ଏହାକୁ ନେଇ ଭାରତକୁ ନିଜର ଦାୟିତ୍ୱର ପାଳନ କରିବା ପାଇଁ ପଡ଼ିବ। ଏହି ଦାୟିତ୍ୱରେ ଅନ୍ତର୍ଭୁକ୍ତ ଅଛି ପାକିସ୍ତାନ ପଟକୁ ବହୁଥିବା ନଦୀଗୁଡ଼ିକରେ ଜଳବିଦ୍ୟୁତ୍ ପ୍ରକଳ୍ପର ପରିଚାଳନା। ୨୨ ଏପ୍ରିଲ ୨୦୨୫ ରେ ଜାମ୍ମୁ-କାଶ୍ମୀରର ପହେଲ୍‌ଗାମ୍‌ଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଛବିଶଜଣ ନିର୍ଦ୍ଦୋଷ ଜନତା ପ୍ରାଣ ହରାଇଥିଲେ। ଆତଙ୍କବାଦୀମାନେ ଗୁଳି ମାରିବା ପୂର୍ବରୁ ମୃତକମାନଙ୍କୁ ସେମାନଙ୍କର ଧର୍ମ ପଚାରିଥିଲେ। ଏହି ନରସଂହାର ପରେ ଭାରତ ତରଫରୁ ବୟାନ ଜାରି କରାଯାଇଥିଲା କି ସିନ୍ଧୁଚୁକ୍ତିକୁ ସେହି ପର୍ଯ୍ୟନ୍ତ ବାତିଲ୍ କରାଯିବ, ଯେତେବେଳ ଯାଏଁ ପାକିସ୍ତାନ ସୀମାପାର ଆତଙ୍କବାଦ ଉପରେ ଅବିଶ୍ୱସନୀୟ ଓ ଅପରିବର୍ତ୍ତନୀୟ ପଦକ୍ଷେପ ନେଇନାହିଁ। ପାକିସ୍ତାନ ଦ୍ୱାରା ହେଗ୍‌ରେ ଅଣାଯାଇଥିବା ସିନ୍ଧୁଜଳ ଚୁକ୍ତି ମାମଲାରେ ଭାରତ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ଅଧିକାର ଓ ରାୟକୁ ମାନିବାକୁ ନାସ୍ତି କରିଦେଇଛି। ସିନ୍ଧୁଜଳ ଚୁକ୍ତି, ଭାରତ ଓ ପାକିସ୍ତାନ ମଧ୍ୟରେ କେବଳ ଏକ ଜଳ ବଣ୍ଟନ ଚୁକ୍ତି ନୁହେଁ। ଏହା ସେହି ସମୟର ସୃଷ୍ଟି ଯେତେବେଳେ ଦୁଇ ଦେଶ ମଧ୍ୟରେ ଗଭୀର ରାଜନୈତିକ ଓ ସୁରକ୍ଷା ସମ୍ପର୍କିତ ମତଭେଦ ଥିବା ସତ୍ତ୍ୱେ ଏଭଳି ଏକ ବିକଳ୍ପର ସନ୍ଧାନ ପାଇଁ ଉଦ୍ୟମ କରାଯାଇଥିଲା, ଯେଉଁଥିରେ ନଦୀର ପାଣିକୁ ଯୁଦ୍ଧରୁ ଅଲଗା ରଖାଯାଇପାରିବ କିନ୍ତୁ ସାତ ଦଶନ୍ଧିରୁ ଅଧିକ ସମୟ ପରେ ପରିସ୍ଥିତି ଏପରି ବଦଳି ଯାଇଛି କି, ଏହି ଚୁକ୍ତି ଏବେ କେବଳ ଜଳ ପରିଚାଳନାର ବିଷୟ ହୋଇ ରହିନାହିଁ। ଏହା ଭାରତର ସୁରକ୍ଷା, ସମ୍ପ୍ରଭୁତା, ସୀମାପାର ଆତଙ୍କବାଦୀ କାର୍ଯ୍ୟକଳାପ ଓ ପରିବର୍ତ୍ତିତ ଭୂ-ରାଜନୈତିକ ସମୀକରଣ ସହ ମଧ୍ୟ ଜଡ଼ିତ ହୋଇଯାଇଛି। ସିନ୍ଧୁଜଳ ଚୁକ୍ତି ୧୯୬୦ ରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିଶ୍ୱବ୍ୟାଙ୍କ୍ ମଧ୍ୟସ୍ଥତାରେ ସ୍ୱାକ୍ଷରିତ ହୋଇଥିଲା। ଏହି ରାଜିନାମାରେ ସିନ୍ଧୁନଦୀ ପ୍ରଣାଳିର ଛଅ ପ୍ରମୁଖ ନଦୀରେ ଜଳ ଉପଯୋଗକୁ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଶତ୍‌ଲେଜ୍, ବ୍ୟାସ ଓ ରାବି ନଦୀର ଅଧିକାଂଶ ଜଳ ଭାରତର ବ୍ୟବହାର ନିମନ୍ତେ ନିର୍ଦ୍ଧାରିତ କରାଗଲା ଯେତେବେଳେ କି ସିନ୍ଧୁ, ଝେଲମ୍ ଓ ଚେନ୍ନାବର ପାଣିର ଉପଯୋଗରେ ପାକିସ୍ତାନକୁ ପ୍ରମୁଖତା ମିଳିଲା। ତତ୍କାଳୀନ ସମୟରେ ଏହି ଚୁକ୍ତିକୁ ଦୁଇ ଦେଶ ମଧ୍ୟରେ ସହଯୋଗ କ୍ଷେତ୍ରରେ ଏକ ମହତ୍ତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ ହିସାବରେ ନିଆଗଲା। ଭାରତ, ପାକିସ୍ତାନ ମଧ୍ୟରେ ଯୁଦ୍ଧ ହେଲା, ସମ୍ପର୍କରେ ଉନ୍ନତି ଅବନ୍ନତି ଆସିଲା, ସୀମାରେ ଉତ୍ତେଜନା ମଧ୍ୟ ବଢ଼ିଲା କିନ୍ତୁ ସିନ୍ଧୁଚୁକ୍ତି ଦୀର୍ଘ ସମୟ ପର୍ଯ୍ୟନ୍ତ ଅବ୍ୟାହତ ରହିଲା। ଏହା ହିଁ ଏହି ଚୁକ୍ତିର ଏକ ବିଶେଷତ୍ୱ। କିନ୍ତୁ ଆଜି ଭାରତ ଏକ ଭିନ୍ନ ସନ୍ଦେଶ ଦେଉଛି କି କୌଣସି ଚୁକ୍ତିର ସ୍ଥିରତା କେବଳ ଏହି ପ୍ରସଙ୍ଗରେ ନିର୍ଣ୍ଣୟ କରାଯାଇପାରିବ ନାହିଁ ଯେ ଏହା କେତେ ବର୍ଷ ଧରି ଅସ୍ତିତ୍ୱରେ ଅଛି। ସମୟ ସହିତ ଯଦି ପରିସ୍ଥିତି ବଦଳିଯାଏ, ତେବେ ଚୁକ୍ତିର ବ୍ୟାଖ୍ୟା ଓ ଏହାର କ୍ରିୟାନ୍ୱୟନ ପ୍ରକ୍ରିୟା ଉପରେ ମଧ୍ୟ ନୂଆ ରୂପରେ ବିଚାର ହେବାର ଆବଶ୍ୟକତା ରହିଛି।

ପାକିସ୍ତାନରେ ଜଳବିଦ୍ୟୁତ୍ ଯୋଜନା ନିର୍ମାଣ କରୁଥିବା ଚୀନ ମଧ୍ୟ ଏହି ବିଷୟରେ ନୀରବତା ଅବଲମ୍ବନ କରିଛି। ଚୀନ ମଧ୍ୟ ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍‌ର ଏକ ଐତିହାସିକ ରାୟକୁ ଅତୀତରେ ଖାରଜ କରିଥିଲା, ଯାହାକି ଦକ୍ଷିଣ ଚୀନ ସାଗର ବିବାଦ ଉପରେ ଫିଲିପାଇନସ୍ ସପକ୍ଷରେ ଆସିଥିଲା। ହେଗ୍ ସ୍ଥିତ ସ୍ଥାୟୀ ମଧ୍ୟସ୍ଥତା ନ୍ୟାୟାଳୟ ଭାରତ ପାଇଁ କିଛି ନୂଆ ନୁହେଁ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଭାବରେ ଆଜି ପର୍ଯ୍ୟନ୍ତ ଭାରତ ତିରିଶ୍‌ରୁ ଅଧିକ ଆନ୍ତର୍ଜାତିକ ମାମଲାରେ ଜଡ଼ିତ ରହିଛି। ପ୍ରଶ୍ନ ଉଠୁଛି କି ପରମାନେଣ୍ଟ କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଯଦି ବି ପାକିସ୍ତାନ ସପକ୍ଷରେ ରାୟ ଦେଲା, ତେବେ ଏହାକୁ କାର୍ଯ୍ୟକାରୀ କେମିତି କରାଇବ? ଭାରତ କିଛି ଘଣ୍ଟାରେ ହିଁ ଏହି ନିଷ୍ପତ୍ତିକୁ ଖାରଜ କରିଦେଇଛି। ରୋଚକ କଥା ହେଉଛି କି, ୧ ସେପ୍ଟେମ୍ବର ୨୦୨୬ ରେ କିରଗିଜ୍‌ସ୍ଥାନର ବିଶକେକ୍‌ଠାରେ ଅନୁଷ୍ଠିତ ହୋଇଥିବା ଛବିଶତମ ସାଂଘାଇ ସହଯୋଗ ସଂଗଠନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ପାକିସ୍ତାନ ପ୍ରତିପକ୍ଷ ଶେହେବାଜ୍ ସରିଫ୍ ଗୋଟିଏ ମଞ୍ଚରେ ଉପସ୍ଥିତ ଥିଲେ ମଧ୍ୟ ଦୁଇଜଣଙ୍କ ମଧ୍ୟରେ କୌଣସି ପ୍ରକାର ବାର୍ତ୍ତାଳାପ ହେଲା ନାହିଁ (ସିନ୍ଧୁ ଚୁକ୍ତିକୁ ନେଇ ମଧ୍ୟ)।

ଇସ୍‌ଲାମାବାଦରେ ରହୁଥିବା ହାଇଡ୍ରୋଲୋଜି ଓ ଜଳ ପ୍ରବନ୍ଧନ ବିଶେଷଜ୍ଞ "ହସନ୍ ଆବାସ୍"ଙ୍କ ମତାନୁସାରେ ଚୁକ୍ତି ବାତିଲ ହେବା ଯୋଗୁଁ ପାକିସ୍ତାନ ପାଇଁ ତତ୍‌କ୍ଷଣାତ୍ କୌଣସି ବିପଦ ନାହିଁ। ସେ କହିଛନ୍ତି, "ମୋତେ ଲାଗୁନାହିଁ ଏବେ କିଛି ବଡ଼ ବିପଦ ଅଛି। ପଶ୍ଚିମା ନଦୀଗୁଡ଼ିକ ପାକିସ୍ତାନ ପାଇଁ ସୁରକ୍ଷିତ ହେବାର ପ୍ରମୁଖ କାରଣ ହେଉଛି ଏଗୁଡ଼ିକର ଭୌଗୋଳିକ ସ୍ଥିତି। ଭୌଗୋଳିକ ସ୍ଥିତି ତୁଳନାରେ କୌଣସି ଚୁକ୍ତିର ଅବଦାନ ଏଥିରେ ଗୌଣ।" ହସନ ଆବାସ କହିଛନ୍ତି କି, "ଚେନାବ୍ ନଦୀ ଉପରେ ଭାରତର ଜଳ ସଂରକ୍ଷଣ କ୍ଷମତା ପ୍ରାୟ ଏକ ମିଲିଅନ ଏକର ଫୁଟ ଅଟେ, ଯାହାକି ପାକିସ୍ତାନର ଜଳସେଚନ ଆବଶ୍ୟକତା ତୁଳନାରେ ଅତ୍ୟନ୍ତ କମ୍। ଯଦି ଭାରତ ପାକିସ୍ତାନ ପଟକୁ ପାଣି ନ ଛାଡ଼ିବ ତାହାହେଲେ ସେ ନିଜେ ହିଁ ବନ୍ୟାର କବଳିତ ହେବ।" ଆହୁରି ମଧ୍ୟ ଆବାସ କହିଛନ୍ତି, "ଭାରତର ଜଳଭଣ୍ଡାର ଗୁଡ଼ିକ ରନ୍ ଅଫ୍ ରିଭର୍ ହାଇଡ୍ରୋ ପାୱାର ପ୍ଲାଣ୍ଟ ଅଟେ, ଯେଉଁଥିରେ ପାଣିକୁ ଗଚ୍ଛିତ କରି ରଖିବା ପାଇଁ ସ୍ଥାନ କମ୍ ଥାଏ। ତେଣୁ ଥରେ ଜଳାଶୟ ପୂର୍ଣ୍ଣ ହୋଇଗଲେ ଭାରତ ପାଖରେ ପାକିସ୍ତାନ ପଟକୁ ପାଣି ନିଷ୍କାସନ କରିବା ଛଡ଼ା ଆଉ କୌଣସି ଉପାୟ ନାହିଁ। ପାକିସ୍ତାନରେ ସିନ୍ଧୁ ନଦୀର ମୁଖ୍ୟ ଧାରାରେ ବର୍ତ୍ତମାନ ଅନେକଗୁଡ଼ିକ ଜଳବିଦ୍ୟୁତ୍ ଯୋଜନା ନିର୍ମାଣାଧୀନ ଅଛି।" ଏଥି ମଧ୍ୟରୁ "ଦାସୁ" ଓ "ଦିଆମେର ଭାଶା" ହେଉଛନ୍ତି ବୃହତ୍ ପ୍ରକଳ୍ପ। ଦାସୁ ଜଳବିଦ୍ୟୁତ୍ ଯୋଜନା ଖାଇବର ପାକ୍‌ତୁନ୍‌ଖ୍ୱା ପ୍ରାନ୍ତରେ ସିନ୍ଧୁ ନଦୀରେ ନିର୍ମାଣ କରାଯାଉଥିବା ଏକ ବୃହତ୍ ପ୍ରକଳ୍ପ ଯାହା ୨୦୨୭ ରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି। ସେହିପରି ଦିଆମେର ଭାଶା ଯୋଜନା ଗିଲଗିଟ୍ ବାଲଟିସ୍ତାନ ଓ ଖାଇବର ପାକ୍‌ତୁନଖ୍ୱା ସୀମାରେ ସିନ୍ଧୁ ନଦୀରେ ନିର୍ମିତ ହେଉଥିବା ୨୭୨ ମିଟର ଉଚ୍ଚ ବିଦ୍ୟୁତ୍ ଓ ଜଳସେଚନ ଯୋଜନା ଅଟେ। ଏହା ଛଡ଼ା ସିନ୍ଧୁ ନଦୀ ବେସିନ ଓ ଏହାର ସହାୟକ ନଦୀମାନଙ୍କରେ ଆହୁରି ଛୋଟ ବଡ଼ ଜଳବିଦ୍ୟୁତ୍ ଓ ଜଳସେଚନ ପ୍ରକଳ୍ପ ନିର୍ମାଣାଧୀନ ଅଛନ୍ତି। ପାକିସ୍ତାନ ନିକଟରେ ପାଣିର ଅଭାବ ଅଛି କିନ୍ତୁ ଜଣାପଡୁନାହିଁ ଏତେ ଜଳବିଦ୍ୟୁତ୍ ଯୋଜନା କାହା ଭରସାରେ ନିର୍ମାଣ କରାଯାଉଛି। ସିନ୍ଧୁଜଳ ସନ୍ଧିରୁ ହଟିବା ପାଇଁ ଭାରତର ଫଇସଲା ପରେ ପାକିସ୍ତାନର ନେତୃବୃନ୍ଦ ଓ ସାମରିକ କର୍ତ୍ତୃପକ୍ଷ ଏହି ବିବାଦକୁ ଦେଶର ଅସ୍ତିତ୍ୱ ପାଇଁ ବିପଦ ବୋଲି ଘୋଷଣା କରିଛନ୍ତି। ପୂର୍ବ ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଜର୍ଦ୍ଦାରୀ ବୟାନ ଦେଇଛନ୍ତି କି, ଏହି ବିବାଦ କୌଣସି ଟେକ୍ନୋଲୋଜୀ ବିବାଦ ନୁହେଁ ଏହା ମଧ୍ୟ କୌଣସି ହାଇଡ୍ରୋଲୋଜୀ ବା ପ୍ରଶାସନିକ ବିଳମ୍ବ ଜନିତ ମାମଲା ନୁହେଁ ବରଂ ଏହା ଜଳକୁ ଅସ୍ତ୍ର ଭାବେ ବ୍ୟବହାର କରିବାର ପ୍ରକ୍ରିୟା ଅଟେ।

ପାକିସ୍ତାନ ଡେରିରେ ବୁଝିଲା କି ଭାରତ ତା' ବିରୋଧରେ ୱାଟର ବମ୍‌ର ବ୍ୟବହାର କରିଛି। ଏହା ମଧ୍ୟରେ ଲାଦାଖ୍‌ରୁ ଯେଉଁ ଖବର ଆସିଛି, ତାହା ଯଦି ଠିକ୍‌ରେ ପାଳନ କରାଯିବ, ପାକିସ୍ତାନରେ ପାଣି ଟୋପାଏ ପାଇଁ ହାହାକାର ଖେଳିଯିବ। ଲାଦାଖ୍ ପ୍ରଶାସନ ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିଛନ୍ତି, ସିନ୍ଧୁ ନଦୀରେ ଏକା ଥରକେ ୩୬ ଟି ଡ୍ୟାମ୍‌ର ଜାଲ ବିଛାଇବା ପାଇଁ ସେହି ପାଣି ଯାହା ଏ ପର୍ଯ୍ୟନ୍ତ ଦାନ ସୂତ୍ରରେ ସୀମା ଅତିକ୍ରମ କରୁଥିଲା ବର୍ତ୍ତମାନ ଭାରତର ଅନୁର୍ବର ମାଟିରୁ ସୁନା ଉପୁଜାଇବ। ଏଥିରେ ମାତ୍ର ୫୬ କୋଟି ଖର୍ଚ୍ଚ ହେବ ବୋଲି ବ୍ୟୟ ଅଟକଳ କରାଯାଇଛି। ଏହି ପ୍ରସ୍ତାବକୁ ଲାଦାଖର ଏଲ.ଜି. ବିନୟ କୁମାର ସାକ୍‌ସେନା ଜଳଶକ୍ତି ମନ୍ତ୍ରାଳୟକୁ ବର୍ତ୍ତମାନ ପଠାଇଛନ୍ତି। ଏହି ପ୍ରସ୍ତାବ ଅନୁଯାୟୀ ପ୍ରଥମ ପଦକ୍ଷେପ ସ୍ୱରୂପ ଲେହ୍‌ରେ ସାତୋଟି ଡ୍ୟାମ୍ ତିଆରି କରାଯିବ। ଏହା ହେବ ସିନ୍ଧୁ ନଦୀ ଉପରେ। ଦ୍ୱିତୀୟ ପଦକ୍ଷେପ ସ୍ୱରୂପ କାରଗିଲ୍‌ରେ ୨୯ ଡ୍ୟାମ୍। ଏହା ହେବ ସୁରୁ ନଦୀ ଉପରେ, ଯାହାକି ସିନ୍ଧୁର ସବୁଠାରୁ ଶକ୍ତିଶାଳୀ ଶାଖା ନଦୀ ମଧ୍ୟରେ ଅନ୍ୟତମ। ନୂଆଦିଲ୍ଲୀ କେବେ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରିବ, ତାହା ଦେଖିବାକୁ ବାକି ରହିଲା। ପାକିସ୍ତାନ ଦୀର୍ଘ ସମୟରୁ ସିନ୍ଧୁ ଚୁକ୍ତିକୁ ଭାରତ ସହ ନିଜର ଜଳ ସମ୍ବନ୍ଧରେ ସୁରକ୍ଷା କବଚ ଭାବେ ଦେଖିଆସିଛି। ପାକିସ୍ତାନ ପାଇଁ ସିନ୍ଧୁ ନଦୀ କୃଷି, ଖାଦ୍ୟ ସୁରକ୍ଷା, ବିଦ୍ୟୁତ୍ ଉତ୍ପାଦନ ଓ ଅର୍ଥ ବ୍ୟବସ୍ଥାର ମେରୁଦଣ୍ଡ ଭଳି ଅଟେ, ତେଣୁ ଭାରତ ତରଫରୁ ସନ୍ଧିକୁ ନେଇ ଗ୍ରହଣ କରାଯାଇଥିବା କଠୋର ଆଭିମୁଖ୍ୟ ଇସଲାମାବାଦ୍‌ରେ ସ୍ୱାଭାବିକ ଭାବରେ ଚିନ୍ତା ସୃଷ୍ଟି କରିଛି। ଭାରତ ଦୃଷ୍ଟିକୋଣରୁ ପ୍ରଶ୍ନ ହେଉଛି କି, ପାଣି ପାଇଁ ସହଯୋଗର ଅପେକ୍ଷା କ'ଣ ସେହି ସମୟରେ ମଧ୍ୟ କରାଯାଇପାରିବ, ଯେତେବେଳେ କି ସୀମାରେ ଆତଙ୍କବାଦର ବିବାଦ ଜାରି ରହିଥିବ? ଭାରତ ଏହି ବିରୋଧାଭାସକୁ ନିଜର ନୀତିର ଆଧାର କରିଛି। ଗୋଟିଏ ପଟେ ଆତଙ୍କବାଦକୁ ଭାରତ ବିରୋଧରେ ବ୍ୟବହାର କରିବା ଓ ଅନ୍ୟ ପଟେ ଜଳ ସମ୍ବନ୍ଧକୁ ସାମାନ୍ୟ ଦ୍ୱିପାକ୍ଷୀୟ ସମ୍ବନ୍ଧରୁ ଅଲଗା ରଖିବାର ଆଶା କରିବା, ଏହା କେବେ କି ଗ୍ରହଣୀୟ ନୁହେଁ। ଭାରତ, ପାକିସ୍ତାନକୁ କଡ଼ା ବାର୍ତ୍ତା ଦେଉଛି କି, ରକ୍ତ ଓ ଜଳ କଦାପି ଏକା ସାଙ୍ଗରେ ବହମାନ ହୋଇପାରିବେ ନାହିଁ।


ମେଡିକାଲ ଅଫିସର, ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋବାଇଲ୍:୮୧୪୪୦୪୨୯୯୭


# ମହାକାଶରେ ଆଶ୍ରୟ

ଚାହାଳୀ ପାଠ ବା ପ୍ରାଥମିକ ପାଠରେ ସ୍ୱର ବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ସହ ତିନୋଟି ଆଶ୍ରୟୀ ବର୍ଣ୍ଣର ଅକ୍ଷର ଚିହ୍ନଟ ଶିକ୍ଷା ଦିଆଯାଏ। ଉଚ୍ଚଶିକ୍ଷା କାଳରେ ଏହାର ଉଚ୍ଚତର ବିଶ୍ଳେଷଣ କରାଯାଏ। ଏହି ତିନି ଆଶ୍ରୟୀ ବର୍ଣ୍ଣର ପ୍ରୟୋଗ ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣର ସଙ୍ଗ ଅବଶ୍ୟ କରେ। କୌଣସି ଶବ୍ଦର ଭାବ ଏହାର ଅନୁପସ୍ଥିତିରେ ପୂର୍ଣ୍ଣାଙ୍ଗ ବୋଧ ହୁଏ ନାହିଁ ବା ଅଶୁଦ୍ଧ। ଏହି ତିନି ଆଶ୍ରୟୀ, ଅନୁସ୍ୱାର ବିସର୍ଗ, ଚନ୍ଦ୍ରବିନ୍ଦୁକୁ ଗ୍ରାମ ଅବଧାନ ବା ଚାହାଳିର ମାଷ୍ଟ୍ରେ ଆପଣେ କୋଚିଲା ଖଡ଼ିରେ ମାଟିଦ୍ୱାରା ଚଟାଣରେ ଚାଟ ମାନଙ୍କୁ ଲେଖାଇ ମଡ଼ାଇ ଉଚ୍ଚାରଣ କରାଇ, ଚିହ୍ନଟ କରାଉଥିଲେ। କିନ୍ତୁ ଆଜି କଳ୍ପନାରେ ଖୋଜ କଲେ, ଏହା ଆକାଶରେ କିଏ ଏପରି ସଂକେତ ଦେଉଛି। ପରମଜ୍ୟୋତି ସୂର୍ଯ୍ୟ ଅନୁସ୍ୱର ରୂପରେ ଗ୍ରହ ମନେ ଅର୍ଦ୍ଧବୃତ୍ତରେ ସୂର୍ଯ୍ୟଙ୍କ ତଳ ପଟ ଭ୍ରମଣରେ ରହିଲେ ଚନ୍ଦ୍ରବିନ୍ଦୁ, ଦୁଇ ଗ୍ରହ ସୂର୍ଯ୍ୟଙ୍କ ଉପରେ ତଳରେ ଏକ ସରଳରେଖାରେ ରହିଲେ ବିସର୍ଗ ରୂପ ନେଉଛନ୍ତି। ଶୁକ୍ଳପକ୍ଷ ଦ୍ୱିତୀୟା ଚାନ୍ଦ ସନ୍ଧ୍ୟା କାଳରେ ପଶ୍ଚିମ ଆକାଶରେ ଚନ୍ଦ୍ର ଖୋଦ ଦୃଶ୍ୟ ରହି ଯେଉଁ ଶୃଙ୍ଗ ଉନ୍ନତ ରହିଛି ତାର ମଧ୍ୟରେ ତାରା କେହି କେବେ ଦୃଶ୍ୟ ଚନ୍ଦ୍ର ଆଉ ବି ବିନ୍ଦୁ ସଦୃଶ ଦୃଶ୍ୟ ହୁଏ। ସୂର୍ଯ୍ୟଗୋଲ ଉଦୟ କାଳରେ, ଅସ୍ତ କାଳରେ, ମଧ୍ୟାହ୍ନରେ ଯଦି କେବେ ବଳୟ ପରାଗ ଲାଗେ, ତେବେ ପୁରା ଅନୁସ୍ୱାର ଦୃଶ୍ୟ।


ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ମୋବାଇଲ୍:୯୪୩୭୧୦୩୧୨୫୩




# ନିରବତାର ଦୀର୍ଘ ରାତି ପରେ, କ୍ୟାମ୍ପସରେ ଉଇଁ ଆସୁ ଗଣତନ୍ତ୍ରର ସକାଳ




## ଦିପ୍ତିମୟୀ ପ୍ରତିହାରୀ


ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କେବଳ ଡିଗ୍ରୀ ହାସଲ କରିବାର ସ୍ଥାନ ନୁହେଁ। ଏହା ହେଉଛି ଯୁବ ବର୍ଗଙ୍କ ଚିନ୍ତାଧାରା, ବ୍ୟକ୍ତିତ୍ୱ, ନେତୃତ୍ୱ ଓ ସାମାଜିକ ଦାୟିତ୍ୱ ଗଢ଼ି ଉଠିବାର ପ୍ରଥମ ବିରାଟ ମଞ୍ଚ। ସେହି ମଞ୍ଚରେ ଯଦି ନିଜ ସମସ୍ୟା କହିବା, ନିଜ ପ୍ରତିନିଧି ବାଛିବା ଓ ପ୍ରତିନିଧିଙ୍କୁ ପ୍ରଶ୍ନ କରିବାର ଗଣତାନ୍ତ୍ରିକ ବ୍ୟବସ୍ଥା ନଥାଏ, ତେବେ ଶିକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ଅସମ୍ପୂର୍ଣ୍ଣ ରହିଯାଏ। ସ୍ୱତନ୍ତ୍ର ଭାରତର ଛାତ୍ରସଂଘର ଇତିହାସ ମଧ୍ୟ ଏହି ଗଣତାନ୍ତ୍ରିକ ପଦ୍ଧତିର ଅଭେଦ୍ୟ ଅଙ୍ଗ ସହ ଗଭୀର ଭାବେ ଜଡ଼ିତ ବୋଲି ହୃଦୟଙ୍ଗମ ହୁଏ। ଏହି ପରିପ୍ରେକ୍ଷୀରେ ଓଡ଼ିଶାରେ ଛାତ୍ର ସଂଘ ନିର୍ବାଚନ ପୁଣି ଆରମ୍ଭ ହେବ କି ନାହିଁ, ଏହି ପ୍ରଶ୍ନ ଆଉ କେବଳ କ୍ୟାମ୍ପସ ରାଜନୀତିର ପ୍ରଶ୍ନ ହୋଇ ରହିନାହିଁ। ସେପ୍ଟେମ୍ବର ୨୦୨୬ରେ ଓଡ଼ିଶା ସରକାରଙ୍କ ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ ଯେ ବିଭାଗ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ନିର୍ବାଚନ କରାଇବା ନେଇ ସୁପାରିଶ ମାଗିଛି ଏବଂ ବିଭାଗ ନିର୍ବାଚନ ପୁନର୍ବାର କରାଇବା ପାଇଁ ପ୍ରସ୍ତୁତ ଅଛି। ୩୦ ସେପ୍ଟେମ୍ବରର ରିପୋର୍ଟ ଅନୁସାରେ ଚଳିତ ଶିକ୍ଷାବର୍ଷରେ ଏ ନେଇ ସରକାର ନିଷ୍ପତ୍ତି ନେଇପାରନ୍ତି।

ଓଡ଼ିଶାରେ ଏହି ଆଲୋଚନାର ପୃଷ୍ଠଭୂମି କିନ୍ତୁ ଦୀର୍ଘ। ରାଜ୍ୟରେ ଶେଷ ଥର ପାଇଁ ୨୦୧୭ରେ ଛାତ୍ର ସଂଘ ନିର୍ବାଚନ ହୋଇଥିଲା। ୨୦୧୮ରେ ବାତ୍ୟା 'ତିତ୍‌ଲି' ପରିସ୍ଥିତିରେ ନିର୍ବାଚନ ବାତିଲ ହେଲା। ଏହା ସହିତ କେତେକ ଶିକ୍ଷାନୁଷ୍ଠାନରେ ନିର୍ବାଚନୀ ହିଂସା ଓ ନାମାଙ୍କନ ସମ୍ପର୍କିତ ସମସ୍ୟା ମଧ୍ୟ ଦେଖାଦେଇଥିଲା। ପରେ କ୍ୟାମ୍ପସରେ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବାର ଆବଶ୍ୟକତା ଦର୍ଶାଇ ନିର୍ବାଚନ ବନ୍ଦ କରିଦିଆଗଲା ଏବଂ କୋଭିଡ୍-୧୯ ମହାମାରୀ ଏହି ବିରତିକୁ ଆହୁରି ଲମ୍ବା କରିଦେଲା।

ଏହାର ପରିଣାମ ଆଜି ସ୍ପଷ୍ଟ। ଏକ ପିଢ଼ିର ଛାତ୍ରଛାତ୍ରୀ କ୍ୟାମ୍ପସକୁ ଆସି ଡିଗ୍ରୀ ନେଇ ବାହାରିଗଲେ, କିନ୍ତୁ ନିଜ କଲେଜ ବା ବିଶ୍ୱବିଦ୍ୟାଳୟର ଛାତ୍ର ପ୍ରତିନିଧି ବାଛିବାର ଅଭିଜ୍ଞତା ପାଇଲେ ନାହିଁ। ଆଜିର ଅନେକ ଛାତ୍ରଙ୍କ ପାଇଁ 'ଛାତ୍ର ସଂଘ' ବା 'ଛାତ୍ର ସଂସଦ' ଏକ ଅନୁଭୂତ ବ୍ୟବସ୍ଥା ନୁହେଁ, ବରଂ ପୁରୁଣା ପିଢ଼ିର ସ୍ମୃତି। ଅନ୍ୟପଟେ, ସାମ୍ପ୍ରତିକ ରିପୋର୍ଟରେ ଛାତ୍ରମାନେ ହଷ୍ଟେଲ ସମସ୍ୟା, ଖାଦ୍ୟ ର ମାନ, ଶିକ୍ଷକ ଅଭାବ, ବାହାର ଲୋକ ତଥା ଅସାମାଜିକ ତତ୍ତ୍ୱଙ୍କ ପ୍ରବେଶ ଭଳି ସମସ୍ୟା ନେଇ ସଂଗଠିତ ପ୍ରତିନିଧିତ୍ୱର ଅଭାବ ଅନୁଭବ କରୁଥିବା କଥା ଉଠିଛି।

ଏହି ପରିସ୍ଥିତିରେ ଛାତ୍ର ସଂଘର ଆବଶ୍ୟକତା ଆହୁରି ସ୍ପଷ୍ଟ ହୋଇଯାଏ। ଏକ ନିର୍ବାଚିତ ଛାତ୍ର ସଂଘ କେବଳ ପ୍ରତିନିଧିତ୍ୱର ଏକ ଔପଚାରିକ ବ୍ୟବସ୍ଥା ନୁହେଁ; ଏହା ଛାତ୍ର ଓ ଶିକ୍ଷାନୁଷ୍ଠାନ ପ୍ରଶାସନ ମଧ୍ୟରେ ଏକ ସୁସ୍ଥ ଓ ଦାୟିତ୍ୱବାନ୍ ସେତୁ ଭାବେ କାମ କରିପାରେ। ହଷ୍ଟେଲ, ପାଠାଗାର, କ୍ୟାଣ୍ଟିନ, ପରୀକ୍ଷା, ଛାତ୍ରବୃତ୍ତି, କ୍ୟାମ୍ପସର ସୁରକ୍ଷା, କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଭଳି ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଏକତ୍ର କରି ପ୍ରଶାସନ ସମ୍ମୁଖରେ ଯୁକ୍ତିସଙ୍ଗତ ଭାବେ ଉପସ୍ଥାପନ କରିବାର ଏକ ସଂଗଠିତ ମଞ୍ଚ ଛାତ୍ରମାନଙ୍କୁ ମିଳିଥାଏ। ଏହା ସହିତ, ନିଜ ପ୍ରତିନିଧି ବାଛିବା, ତାଙ୍କୁ ପ୍ରଶ୍ନ କରିବା, ନିଜ ଦାବି ପାଇଁ ଆଲୋଚନା କରିବା ଏବଂ ଦାୟିତ୍ୱ ନେବାର ଅଭ୍ୟାସ ମଧ୍ୟ ଛାତ୍ରଜୀବନରୁ ହିଁ ଗଢ଼ିଉଠେ। ଏହି ଅନୁଭବ ହିଁ ଆଗାମୀ ଦିନରେ ଅଧିକ ସଚେତନ, ଦାୟିତ୍ୱବାନ୍ ଓ ନେତୃତ୍ୱଦକ୍ଷ ନାଗରିକ ଗଢ଼ିବାର ଭିତ୍ତି ପକାଇପାରେ।

ନିଶ୍ଚିତ ଭାବରେ, ଛାତ୍ର ନିର୍ବାଚନ ସହ କିଛି ଚ୍ୟାଲେଞ୍ଜ ମଧ୍ୟ ଜଡ଼ିତ ଅଛି। ଅତ୍ୟଧିକ ରାଜନୈତିକ ହସ୍ତକ୍ଷେପ, ହିଂସା, ବାହୁବଳ ଓ ଅର୍ଥବଳର ପ୍ରଭାବ, ଶିକ୍ଷାଦାନରେ ବାଧା ଏବଂ କ୍ୟାମ୍ପସର ଶୃଙ୍ଖଳା ଭଙ୍ଗ ଭଳି ଆଶଙ୍କାକୁ ଅଣଦେଖା କରିହେବ ନାହିଁ। କିନ୍ତୁ ଏହି ଆଶଙ୍କାଗୁଡ଼ିକର ସମାଧାନ ନିର୍ବାଚନକୁ ସମ୍ପୂର୍ଣ୍ଣ ବନ୍ଦ କରିଦେବାରେ ନୁହେଁ; ବରଂ ଏକ ସୁସ୍ପଷ୍ଟ, ନିୟମବଦ୍ଧ ଓ ଦାୟିତ୍ୱସମ୍ପନ୍ନ ନିର୍ବାଚନୀ ବ୍ୟବସ୍ଥା ଗଢ଼ିବାରେ ରହିଛି। ଲିଙ୍ଗଡୋ କମିଶନଙ୍କର ସୁପାରିଶ ଅନୁଯାୟୀ ନିର୍ବାଚନୀ ଖର୍ଚ୍ଚ, ପ୍ରଚାର ପ୍ରସାର, ଆଚରଣବିଧି ଓ ହିଂସା ଓଉପରେ ନିୟନ୍ତ୍ରଣ ପାଇଁ ଯେଉଁ ନିୟମ ଓ ମାନଦଣ୍ଡ ରହିଛି, ସେଗୁଡ଼ିକୁ କ୍ୟାମ୍ପସରେ କଡ଼ାକଡ଼ି ଭାବେ ପାଳନ କରାଯାଉ। ଅର୍ଥାତ୍, ନିର୍ବାଚନ ହେବ କି ନାହିଁ, ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି, ନିର୍ବାଚନ କିପରି ଶୃଙ୍ଖଳିତ, ସ୍ୱଚ୍ଛ ଓ ହିଂସାମୁକ୍ତ ଭାବରେ ହେବ। ସ୍ପଷ୍ଟ ନିୟମ, ପ୍ରଶାସନର ନିରୀକ୍ଷଣ ଓ ଛାତ୍ରମାନଙ୍କ ଦାୟିତ୍ୱସଂପନ୍ନ ସହଯୋଗ ରହିଲେ, ଏହି ସମସ୍ତ ଆଶଙ୍କାକୁ ନିୟନ୍ତ୍ରଣ କରି ଏକ ସୁସ୍ଥ ଓ ଶୃଙ୍ଖଳିତ ନିର୍ବାଚନ କରାଯାଇ ପାରିବ।

ଦେଶର ଅନ୍ୟ ରାଜ୍ୟର ଅନୁଭବ ମଧ୍ୟ ଏହି ଆଲୋଚନାକୁ ଅଧିକ ପ୍ରାସଙ୍ଗିକ କରେ। ଚଳିତ ବର୍ଷ ପଞ୍ଜାବର ପଞ୍ଜାବ ବିଶ୍ୱବିଦ୍ୟାଳୟ କେରଳର କାଲିକଟ ଓ କନ୍ନୁର ବିଶ୍ୱବିଦ୍ୟାଳୟ ଅଧୀନ ଅନେକ କଲେଜରେ ରେ ଛାତ୍ର ସଂଘ ନିର୍ବାଚନ ହୋଇଥିଲା। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ରେ ମଧ୍ୟ DUSU ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏପରିକି ମହାରାଷ୍ଟ୍ରରେ ୩୩ ବର୍ଷର ବିରତି ପରେ ଛାତ୍ର ସଂଘ ନିର୍ବାଚନ ପୁଣି ଆରମ୍ଭ କରିବା ପାଇଁ ରାଜ୍ୟ ସରକାର କମିଟି ଗଠନ କରିଛନ୍ତି ଏବଂ ଆବଶ୍ୟକ ଆଇନଗତ ପରିବର୍ତ୍ତନର ପଦକ୍ଷେପ ନିଆଯାଉଛି। ଏହି ସବୁ ରାଜ୍ୟରେ ଅନୁଷ୍ଠିତ ଛାତ୍ରସଂଘ ନିର୍ବାଚନରୁ ଗୋଟିଏ କଥା ସ୍ପଷ୍ଟ ଯେ ଛାତ୍ର ସଂଘ ନିର୍ବାଚନରେ ସମସ୍ୟା ଥିଲେ ତାହାର ସମାଧାନ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବା ନୁହେଁ; ବରଂ ସମସ୍ୟାକୁ ଚିହ୍ନଟ କରି ଆବଶ୍ୟକ ନିୟମ, ଆଇନ ଓ ନିରୀକ୍ଷଣ ବ୍ୟବସ୍ଥାରେ ସୁଧାର ଆଣି ନିର୍ବାଚନକୁ ଅଧିକ ଶୃଙ୍ଖଳିତ କରିବା। ଯଦି ୩୩ ବର୍ଷ ପରେ ମହାରାଷ୍ଟ୍ର ଭଳି ଏକ ରାଜ୍ୟ ମଧ୍ୟ ପୁଣି ଛାତ୍ର ନିର୍ବାଚନ ଆରମ୍ଭ କରିବାର ରାସ୍ତା ଖୋଜିପାରେ, ତେବେ ଓଡ଼ିଶାରେ ମଧ୍ୟ ଦୀର୍ଘ ନିରବତାର ଅନ୍ତ ଘଟାଇ, ନିୟମ ଓ ଶୃଙ୍ଖଳା ମଧ୍ୟରେ ଛାତ୍ର ସଂଘ ନିର୍ବାଚନ ପୁଣି ଆରମ୍ଭ କରିବା ନେଇ ଗମ୍ଭୀର ଚିନ୍ତା କରିବାର ସମୟ ଆସିଛି।

ଆଜି ଛାତ୍ର ସଂଘ ନିର୍ବାଚନକୁ ନେଇ ଆମର ଆଲୋଚନା କେବଳ ବର୍ତ୍ତମାନରେ ସୀମିତ ରହିପାରିବ ନାହିଁ; ଏହା ଆମକୁ ଆଗାମୀ ପିଢ଼ି କେମିତି ଗଢ଼ିବୁ, ସେହି ବଡ଼ ପ୍ରଶ୍ନ ସାମ୍ନାରେ ଠିଆ କରାଏ। ଆଜିର GEN Z ଓ ଆସନ୍ତା ପିଢ଼ିର ଛାତ୍ରମାନେ ଡିଜିଟାଲ୍ ଯୁଗରେ ବଢ଼ୁଛନ୍ତି। ସେମାନେ ପ୍ରଶ୍ନ କରନ୍ତି, ନିଜ ମତ ରଖନ୍ତି ଏବଂ ନିଜ କଥାକୁ ଖୁବ ଶୀଘ୍ର ସମାଜ ପାଖରେ ପହଞ୍ଚାଇପାରନ୍ତି। କିନ୍ତୁ କେବଳ ମତ ପ୍ରକାଶ କରିବା ହିଁ ନେତୃତ୍ୱ ନୁହେଁ। ନେତୃତ୍ୱ ପାଇଁ ଅନ୍ୟର କଥା ଶୁଣିବା, ମତଭେଦକୁ ସମ୍ମାନ କରିବା, ଆଲୋଚନା ମାଧ୍ୟମରେ ସମାଧାନ ଖୋଜିବା, ଦାୟିତ୍ୱ ନେବା ଏବଂ ହାର-ଜିତକୁ ସ୍ୱୀକାର କରିବା ମଧ୍ୟ ଶିଖିବାକୁ ପଡ଼େ। ଛାତ୍ର ସଂଘ ନିର୍ବାଚନ ଏହି ଅନୁଭବଗୁଡ଼ିକୁ ଛାତ୍ରଜୀବନରୁ ହିଁ ଶିଖିବାର ଏକ ସୁଯୋଗ ଦିଏ। ନିଜ ସାଥୀମାନଙ୍କ ମତ ଶୁଣିବା, ସେମାନଙ୍କ ସମସ୍ୟା ସହ ନିଜକୁ ସାମିଲ କରିବା ଏବଂ ମିଳିଥିବା ଦାୟିତ୍ୱ ପାଇ ଉତ୍ତରଦାୟୀ ରହିବା, ଏସବୁ ହେଉଛି ନେତୃତ୍ୱର ପ୍ରାଥମିକ ପାଠ। ଆଜି କ୍ୟାମ୍ପସରେ ଏହି ଅନୁଭବ ପାଇଥିବା ଛାତ୍ର ହିଁ ଆଗାମୀ ଦିନରେ ସମାଜରେ ଅଧିକ ସଚେତନ ଓ ଦାୟିତ୍ୱବାନ୍ ଭୂମିକା ନେଇପାରିବ। ସେଥିପାଇଁ ଛାତ୍ର ସଂଘ ନିର୍ବାଚନ କେବଳ ଏକ ବର୍ଷର ପଦପଦବୀ ପାଇଁ ନୁହେଁ; ଏହା ଆଗାମୀ ପିଢ଼ିର ନେତୃତ୍ୱ ଗଢ଼ିବାର ଏକ ଛୋଟ, କିନ୍ତୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପାଠଶାଳା।

ଓଡ଼ିଶାରେ ଦୀର୍ଘ ବିରତି ପରେ ଛାତ୍ର ସଂଘ ନିର୍ବାଚନ ପୁଣି ଆରମ୍ଭ କରିବାର ପ୍ରଶ୍ନକୁ କେବଳ ଦଳୀୟ ରାଜନୀତିର ଚଷମାରେ ଦେଖିବା ଠିକ୍ ହେବ ନାହିଁ। ଏହା ଛାତ୍ର ପ୍ରତିନିଧିତ୍ୱ ଓ ବିଶ୍ୱବିଦ୍ୟାଳୟର ନିଷ୍ପତ୍ତି ପ୍ରକ୍ରିୟାରେ ଛାତ୍ରଙ୍କ ସ୍ୱର ସହ ମଧ୍ୟ ଜଡ଼ିତ। ODISHA UNIVERSITIES (AMENDMENT) ACT, 2024 ମାଧ୍ୟମରେ ସିନେଟ୍ ବ୍ୟବସ୍ଥାର ପୁନଃପ୍ରଚଳନ ସହ ନିର୍ବାଚିତ ଛାତ୍ର ସଂଘ ପ୍ରତିନିଧି ମାନଙ୍କୁ ସିନେଟ୍‌ରେ ସ୍ଥାନ ଦେବାର ବ୍ୟବସ୍ଥା ହୋଇଛି। ତେଣୁ ଛାତ୍ର ସଂଘ ନିର୍ବାଚନ ଏବେ କେବଳ କ୍ୟାମ୍ପସରେ ନେତା ବାଛିବାର ପ୍ରକ୍ରିୟା ନୁହେଁ; ଏହା ବିଶ୍ୱବିଦ୍ୟାଳୟର ଔପଚାରିକ ନିଷ୍ପତ୍ତି ନେବାର ବ୍ୟବସ୍ଥାରେ ଛାତ୍ରଙ୍କ ସ୍ୱର ପହଞ୍ଚାଇବାର ଏକ ମାଧ୍ୟମ ମଧ୍ୟ। ସେଥିପାଇଁ ଆବଶ୍ୟକ ନିୟମ ଓ ସୁରକ୍ଷା ବ୍ୟବସ୍ଥା ସହିତ ଓଡ଼ିଶାରେ ଛାତ୍ର ସଂଘ ନିର୍ବାଚନ ପୁଣି ଆରମ୍ଭ କରିବା ଦିଗରେ ସରକାର ଓ ଶିକ୍ଷାନୁଷ୍ଠାନଗୁଡ଼ିକ ଏବେ ସ୍ପଷ୍ଟ ପଦକ୍ଷେପ ନିଅନ୍ତୁ। ଛାତ୍ରଙ୍କ ପ୍ରତିନିଧିତ୍ୱର ବ୍ୟବସ୍ଥା ରହିଥିବାବେଳେ, ସେହି ପ୍ରତିନିଧି ବାଛିବାର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଧ୍ୟ ସମାନ ଗୁରୁତ୍ୱ ଦିଆଯାଉ। ଦୀର୍ଘ ବିରତି ପରେ ଏବେ ଆଉ ଅନିଶ୍ଚିତତା ନୁହେଁ, ଏକ ସ୍ପଷ୍ଟ ନିଷ୍ପତ୍ତିର ଆବଶ୍ୟକତା ରହିଛି। ଛାତ୍ର ନିର୍ବାଚନ ନେଇ ସରକାର ଏକ ସ୍ପଷ୍ଟ ସମୟସୂଚୀ ଦିଅନ୍ତୁ, ଆବଶ୍ୟକ ନିୟମ ଓ ସୁରକ୍ଷା ବ୍ୟବସ୍ଥା କରନ୍ତୁ ଏବଂ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ ଭାବେ କରିବାର ରାସ୍ତା ଖୋଲନ୍ତୁ। ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଏହି ପ୍ରକ୍ରିୟାକୁ ଦାୟିତ୍ୱର ସହ ପରିଚାଳନା କରନ୍ତୁ। କାରଣ ଛାତ୍ର ନିର୍ବାଚନ କେବଳ ଗୋଟିଏ ପଦ ପାଇଁ ଲଢ଼େଇ ନୁହେଁ; ଏହା ନିଜର ସମସ୍ୟା ଉପସ୍ଥାପନ କରିବା, ନିଜ ପ୍ରତିନିଧି ବାଛିବା ଓ ଦାୟିତ୍ୱ ନେବାର ଏକ ପ୍ରାଥମିକ ଗଣତାନ୍ତ୍ରିକ ବ୍ୟବସ୍ଥା। ଏହି ସୁଯୋଗକୁ ଆଉ ଦୀର୍ଘ ସମୟ ଧରି ବନ୍ଦ ରଖିବା ପରିବର୍ତ୍ତେ, ଥିବା ସମସ୍ୟାଗୁଡ଼ିକର ସମାଧାନ କରି ଏହାକୁ ପୁଣି ସକ୍ରିୟ କରିବାର ସମୟ ଆସିଛି। ଓଡ଼ିଶାର କ୍ୟାମ୍ପସରେ ଗଣତନ୍ତ୍ରର ସ୍ୱର ପୁଣି ଶୁଣାଯାଉ। ଛାତ୍ରମାନେ ପୁଣି ନିଜ ପ୍ରତିନିଧି ବାଛନ୍ତୁ। ଦୀର୍ଘ ନିରବତାର ଅନ୍ତ ଘଟୁ— ଶାନ୍ତି, ଶୃଙ୍ଖଳା ଓ ସ୍ୱଚ୍ଛତା ସହ ଓଡ଼ିଶାର କ୍ୟାମ୍ପସରେ ପୁଣି ଶୁଭୁ ଗଣତନ୍ତ୍ରର ପଦଧ୍ୱନି।


ରାଜ୍ୟ ସମ୍ପାଦକ ଏବିଭିପି ଓଡ଼ିଶା, ୨୫୬- ପ୍ରେରଣା
ବିଡ଼ିଏ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର
ମୋବାଇଲ୍:୭୮୯୪୨୨୭୯୫୭

### ଆରବ ସାଗରରେ କାୟା ବଢ଼ାଉଛି ଡ୍ରାଗନ୍

# ଲାକ୍ଷାଦ୍ୱୀପରେ ନୌସେନାର ତୃତୀୟ ମହା-ଘାଟି

## ଚୀନ୍‌କୁ ଚେକ୍ ଦେବା ଲକ୍ଷ୍ୟରେ ଭାରତ



ନୂଆଦିଲ୍ଲୀ, ୫।୧୦: ଆରବ ସାଗରରେ ଚୀନର ବର୍ଦ୍ଧିତ ଗତିବିଧି ଓ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ଭାରତୀୟ ନୌସେନା ନିଜର ରଣନୈତିକ କ୍ଷମତାକୁ ଆହୁରି ମଜବୁତକରିବାକୁଯାଉଛି।କାଭାରତ୍ତିରେ 'ଆଇଏନ୍‌ଏସ୍ ଦ୍ୱୀପପ୍ରକାଶକ' ଓ ମିନିକୟରେ 'ଆଇଏନ୍‌ଏସ୍ ଜଟାୟୁ' ପରେ ଏବେ ଲାକ୍ଷାଦ୍ୱୀପରେ ନୌସେନାର ତୃତୀୟ ଆଡ୍ଡା ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଲାକ୍ଷାଦ୍ୱୀପର ବିତ୍ରା ଦ୍ୱୀପରେ ଏହି ନୂତନ ସାମରିକ ଘାଟି ଅର୍ଥାତ୍ 'ଆଇଏନ୍‌ଏସ୍ ବିତ୍ରା' ପ୍ରତିଷ୍ଠା କରାଯିବ।

ପ୍ରାପ୍ତ ସୂଚନା ଅନୁଯାୟୀ, ଲାକ୍ଷାଦ୍ୱୀପ ପ୍ରଶାସନ ପକ୍ଷରୁ ପ୍ରତିରକ୍ଷା ଓ ରଣନୈତିକ ବ୍ୟବହାର ନିମନ୍ତେ ଏହି ସବୁଠାରୁ କ୍ଷୁଦ୍ର ଜନବସତିପୂର୍ଣ୍ଣ ଦ୍ୱୀପକୁ ଅଧିଗ୍ରହଣ କରିବା ପ୍ରକ୍ରିୟା ଆରମ୍ଭ କରାଯାଇଛି। ରାଜସ୍ୱ ବିଭାଗ ପକ୍ଷରୁ ୨୦୨୫ ମସିହା ଜୁଲାଇ ୧୧ ତାରିଖରେ ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, ଏହା ପଛର ମୂଳ ଉଦ୍ଦେଶ୍ୟ ହେଉଛି ବିତ୍ରା ଦ୍ୱୀପକୁ ସମ୍ପୂର୍ଣ୍ଣ ଭାବେ ପ୍ରତିରକ୍ଷା ଓ ରଣନୈତିକ ସଂସ୍ଥାଗୁଡ଼ିକର ହସ୍ତାନ୍ତର କରିବା, ଯାହା ଦ୍ୱାରା ଦେଶର ସୁରକ୍ଷାକୁ ଅଧିକ ସୁଦୃଢ଼ କରାଯାଇପାରିବ। କେବଳ ୦.୧୦୫ ବର୍ଗ କିଲୋମିଟର ପରିବ୍ୟାପ୍ତ ଏହି କ୍ଷୁଦ୍ର ଦ୍ୱୀପରେ ଦୁଇ ହଜାର ଏଗାର ଜନଗଣନା ଅନୁଯାୟୀ ଏକଶହ ପାଞ୍ଚଟି ପରିବାରର ଦୁଇଶହ ଏକାଅଧିକ ଜଣ ଲୋକ ବସବାସ କରୁଥିଲେ। ଭୂଗୋଳ ଦୃଷ୍ଟିରୁ ଏହା ଉତ୍ତର ଲାକ୍ଷାଦ୍ୱୀପରେ ଅବସ୍ଥିତ ଏବଂ କାଭାରତ୍ତି ଓ ଆଗାତ୍ତି ମଧ୍ୟରେ ରହିଥିବା ନିରୀକ୍ଷଣ ବ୍ୟବଧାନକୁ ପୂରଣ କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦକ୍ଷିଣରେ ମିନିକୟ ଦ୍ୱୀପ ମାଳାକା ପ୍ରଣାଳୀକୁ ଆଡେନ ଓ ହର୍ମୁଜ ପ୍ରଣାଳୀ ସହ ସଂଯୋଗ କରୁଥିବା ପ୍ରମୁଖ ବାଣିଜ୍ୟିକ ଜଳପଥଗୁଡ଼ିକ ଉପରେ ନଜର ରଖୁଥିବାବେଳେ, ବିତ୍ରା ନୌସେନାକୁ ଏକ ଉତ୍ତର ଆଞ୍ଚର ଯୋଗାଇବ। ଏହା ଦ୍ୱାରା ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ ଉପରେ କଡ଼ା ନଜର ରଖାଯିବା ସହିତ ସମୁଦ୍ରପଥରେ ଡାକେତି ଓ ନିଶାଦ୍ରବ୍ୟ ଚାଲାଣକୁ ପ୍ରତିହତ କରାଯାଇପାରିବ। ସବୁଠାରୁ ବଡ଼ କଥା ହେଲା, ଏହା ଆରବ ସାଗରରେ କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଚୀନର ଗତିବିଧି ଉପରେ କଡ଼ା ନଜର ରଖିବାରେ ସହାୟକ ହେବ।

ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଉତ୍ତର ଲକ୍ଷଦ୍ୱୀପରେ ସୁରକ୍ଷା ବ୍ୟବଧାନକୁ ଦୂର କରିବା ଏବଂ କାର୍ଯ୍ୟକ୍ଷମ ପରିସରକୁ ବୃଦ୍ଧି କରିବା ପାଇଁ ଏହି ନୂତନ ଘାଟି ଅତ୍ୟନ୍ତ ଜରୁରୀ ଥିଲା। ଏହି ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ଦ୍ୱୈତ-ବ୍ୟବହାର ମଡେ଼ଲ୍ ଅଧୀନରେ କାର୍ଯ୍ୟକାରୀ ହେବ, ଯାହା ଫଳରେ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହିତ ଡାକ୍ତରୀ ଏବଂ ଯୋଗାଯୋଗ ଭିତ୍ତିଭୂମିର ମଧ୍ୟ ବିକାଶ ହେବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପରେ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇଥିବା ଏହି ଦ୍ୱୀପପୁଞ୍ଜ ବର୍ତ୍ତମାନ ଭାରତର ପଶ୍ଚିମ ସୁରକ୍ଷା ବଳୟର ଏକ ପ୍ରମୁଖ କେନ୍ଦ୍ର ଭାବେ ଦ୍ରୁତ ଗତିରେ ପରିଣତ ହେଉଛି।

# ୯ରେ ନୋବେଲ୍ ଶାନ୍ତି ପୁରସ୍କାର ଘୋଷଣା



**ଡୋନାଲ୍ଡ ଟ୍ରମ୍ପଙ୍କୁ ମିଳିବା ନେଇ ବଢ଼ିଲା ଚର୍ଚ୍ଚା**

ଷ୍ଟକହୋମ୍, ୫।୧୦: ଆସନ୍ତା ୯ ତାରିଖରେ ୨୦୨୬ ମସିହା ପାଇଁ ପ୍ରତିଷ୍ଠିତ ନୋବେଲ୍ ଶାନ୍ତି ପୁରସ୍କାର ଘୋଷଣା କରାଯିବ। ଏହା ପୂର୍ବରୁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମକୁ ନେଇ ଅନ୍ତର୍ଜାତୀୟସ୍ତରରେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। କାମ୍ବୋଡିଆ, ଇସ୍ରାଏଲ୍ ଓ ପାକିସ୍ତାନ ସମେତ ବିଭିନ୍ନ ପକ୍ଷରୁ ଟ୍ରମ୍ପଙ୍କୁ ଏହି ପୁରସ୍କାର ପାଇଁ ମନୋନୀତ (ନୋମିନେଟ୍) କରାଯାଇଥିବା ଦାବି କରାଯାଇଛି। ତେବେ ନୋବେଲ୍ କମିଟି ନିଜେ କାହାରି ନାମକୁ ସାର୍ବଜନୀନ ଭାବେ ପ୍ରକାଶ କରେ ନାହିଁ। ଚଳିତ ବର୍ଷ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ମୋଟ ୨୮୭ ଜଣ ପ୍ରାର୍ଥୀଙ୍କ ନାମ ନୋମିନେଟ୍ ହୋଇଛି, ଯେଉଁଥିରେ ୨୦୮ ଜଣ ବ୍ୟକ୍ତିବିଶେଷ ଏବଂ ୭୯ଟି ସଂଗଠନ ସାମିଲ ଅଛନ୍ତି। ଶାନ୍ତି ପ୍ରତିଷ୍ଠା, ସଂଘର୍ଷ ସମାଧାନ ଓ ଅନ୍ତର୍ଜାତୀୟ ସହଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ପ୍ରାର୍ଥୀମାନଙ୍କୁ କମିଟି ପକ୍ଷରୁ ବିଚାରକୁ ନିଆଯାଇଥାଏ।

ଟ୍ରମ୍ପଙ୍କ ସମର୍ଥକମାନେ ତାଙ୍କର ବିଭିନ୍ନ କୂଟନୈତିକ ପଦକ୍ଷେପ ଏବଂ ବିଶ୍ୱର ବିଭିନ୍ନ ସ୍ଥାନରେ ସଂଘର୍ଷ ହ୍ରାସ କରିବା ପାଇଁ କରିଥିବା ପ୍ରୟାସକୁ ଏହି ପୁରସ୍କାର ଦାବିର ମୂଳ ଆଧାର ବୋଲି ଦର୍ଶାଉଛନ୍ତି। ଟ୍ରମ୍ପ ମଧ୍ୟ ଅନେକଥର ନୋବେଲ୍ ଶାନ୍ତି ପୁରସ୍କାର ପାଇବାର ଇଚ୍ଛା ପ୍ରକାଶ କରିଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ବିଶେଷଜ୍ଞଙ୍କ ମତ ଭିନ୍ନ ରହିଛି। ଓସ୍ଲୋର ପିସ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌ର କାର୍ଯ୍ୟବାହୀ ନିର୍ଦ୍ଦେଶକ ହାକୋନଙ୍କ ମତରେ, ଇରାନ ସହ ଚାଲିଥିବା ଯୁଦ୍ଧ ପରିପ୍ରେକ୍ଷୀରେ ଚଳିତ ବର୍ଷ ଟ୍ରମ୍ପଙ୍କ ଭୂମିକା ତାଙ୍କୁ ଏହି ପୁରସ୍କାର ମିଳିବାର ସମ୍ଭାବନାକୁ କିଛିଟା ଦୁର୍ବଳ କରିଛି।

## ଶୃଙ୍ଖଳା ନାଁରେ ୮୨ ଛାତ୍ରଙ୍କୁ ଅଧା ଲଣ୍ଡା



ଚନ୍ଦ୍ରପୁର, ୫।୧୦: ମହାରାଷ୍ଟ୍ରର ଚନ୍ଦ୍ରପୁର ଜିଲ୍ଲାରୁ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଚିମୁର ତାଲୁକାର ଜାମ୍ବୁଲଘାଟରେ ଅବସ୍ଥିତ ଏକ ସରକାରୀ ମାଧ୍ୟମିକ ଆଶ୍ରମ ସ୍କୁଲରେ ଶୃଙ୍ଖଳା ନାମରେ ପ୍ରାୟ ୮୨ ଜଣ ଛାତ୍ରଙ୍କୁ ଅଧା ଲଣ୍ଡା କରିଦିଆଯାଇଛି। ଅଭିଯୋଗ ହୋଇଛି ଯେ ଶନିବାର ଦିନ ପିଲାମାନେ କେଶ କାଟିବା ସମୟରେ ଖେଳୁଥିଲେ। ଫଳରେ ସୁପରିଣ୍ଟେଣ୍ଡେଣ୍ଟ ରାଗି ଯାଇ ଏଭଳି ଅଜବ ଦଣ୍ଡ ନିର୍ଦ୍ଦେଶ ଦେଇଥିଲେ। ଘଟଣା ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କିନ୍ତୁ ଅଭିଭାବକମାନେ ସମଗ୍ର ଘଟଣାର ତଦନ୍ତ କରାଯିବା ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଜାମ୍ବୁଲଘାଟର ସରକାରୀ ମାଧ୍ୟମିକ ଆଶ୍ରମ ସ୍କୁଲରେ ଶନିବାର ଛାତ୍ରମାନଙ୍କ କେଶ କାଟିବା କାମ ଚାଲିଥିଲା। ଏହି ସମୟରେ କିଛି ଛାତ୍ର ସେଠାରେ ଖେଳୁଥିଲେ। ସ୍କୁଲ ସୁପରିଣ୍ଟେଣ୍ଡେଣ୍ଟ ଛାତ୍ରମାନଙ୍କ ଖେଳ ନେଇ ଅସନ୍ତୁଷ୍ଟ ହେବା ସହ କ୍ରୋଧିତ ହୋଇ ଶୃଙ୍ଖଳା ନାମରେ ନାପିତଙ୍କୁ ଛାତ୍ରମାନଙ୍କ କେବଳ ଅଧା କେଶ କାଟିବାକୁ ନିର୍ଦ୍ଦେଶ ଦେଇଥିଲେ। ସୁପରିଣ୍ଟେଣ୍ଡେଣ୍ଟଙ୍କ ମନମୁଖୀ ନିର୍ଦ୍ଦେଶ ପରେ, ଛାତ୍ରଙ୍କ କେଶ ଟ୍ରିମରରେ ଅଧା କାଟି ଦିଆଯାଇଥିଲା। ଏଭଳି କେଶ କାଟିବା ନେଇ ଖବର ଏବଂ ଫଟୋ ପ୍ରକାଶ ପାଇବା ପରେ, ଅଭିଭାବକମାନେ କ୍ରୋଧିତ ହୋଇଥିଲେ।

### ମହାତ୍ମା ଗାନ୍ଧୀଙ୍କ ଉପରେ ଆପତ୍ତିଜନକ ରିଲ୍

## କଣ୍ଟେଣ୍ଟ କ୍ରିଏଟର୍‌ଙ୍କୁ ଗିରଫ୍ କଲା ସୁରତ କ୍ରାଇମ୍ ବ୍ରାଞ୍ଚ




ଗାନ୍ଧିନଗର, ୫।୧୦: ଜାତିର ପିତା ମହାତ୍ମା ଗାନ୍ଧୀଙ୍କୁ ନେଇ ଆପତ୍ତିଜନକ କଣ୍ଟେଣ୍ଟ କରିଥିବା ଜଣେ ୪୭ ବର୍ଷୀୟ ମହିଳାଙ୍କୁ ଗିରଫ କରାଯାଇଛି। ଇନଷ୍ଟାରେ ତାଙ୍କର ୧୦ ଲକ୍ଷ ଫଲୋଅର୍ସ ଅଛନ୍ତି। ଗୁଜରାଟର ସୁରତ ସହରରୁ ଜଣେ ଜଣାଶୁଣା ସୋସିଆଲ ମିଡିଆ କଣ୍ଟେଣ୍ଟ କ୍ରିଏଟର ସିମରନ୍ ପଟେଲଙ୍କୁ ପୁଲିସ ଗିରଫ କରିଛି। ସେ ମହାତ୍ମା ଗାନ୍ଧୀଙ୍କ ଛବି ଥିବା ୫୦୦ ଟଙ୍କିଆ ନୋଟ୍‌କୁ ନେଇ ଆପତ୍ତିଜନକ ରିଲ୍ ପ୍ରସ୍ତୁତ କରି ଗିରଫ ହୋଇଛନ୍ତି। ଗାନ୍ଧୀ ଜୟନ୍ତୀର ପୂର୍ବ ସନ୍ଧ୍ୟା ଅର୍ଥାତ୍ ଅକ୍ଟୋବର ୧ ତାରିଖରେ ସେ ନିଜ ସୋସିଆଲ ମିଡିଆ ଆକାଉଣ୍ଟରେ ଏହି ଭିଡିଓଟି ପୋଷ୍ଟ କରିଥିଲେ। ସେଥିରେ ସେ ମହାତ୍ମା ଗାନ୍ଧୀଙ୍କ ଫଟୋ ଥିବା ନୋଟ୍ ଧରି ଅଶୋଭନୀୟ ଇଙ୍ଗିତ କରିଥିବା ଦେଖାଯାଇଥିଲା। ଏନେଇ ଧର୍ମେଶ ଗାମୀ ନାମକ ଜଣେ ସାମାଜିକ କର୍ମୀ ସୁରଟ କ୍ରାଇମ୍ ବ୍ରାଞ୍ଚରେ ଅଭିଯୋଗ କରିଥିଲେ। ପରେ ପୁଲିସ ମାମଲା ରୁଜୁ କରି ସୂଚନା ପ୍ରଯୁକ୍ତିବିଦ୍ୟା ଆଇନର ଧାରା ୬୭ ଅଧୀନରେ ସିମରନଙ୍କୁ ଗିରଫ କରିଛି। ସୁରଟ ପୁଲିସ ନିଜର ଅଫିସିଆଲ୍ ଟ୍ୱିଟର ହ୍ୟାଣ୍ଡେଲରେ ଏକ ଭିଡିଓ ସେୟାର କରି ଏହି ଗିରଫଦାରୀ ବିଷୟରେ ସୂଚନା ଦେଇଛି। ସିମରନଙ୍କ ହାତରେ ହାତକଡ଼ି ଲାଗିଥିବା ବେଳେ ସେ ନିଜ ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରୁଥିବା ଦେଖିବାକୁ ମିଳିଛି।

## ଦିବାଲୋକରେ ଓକିଲଙ୍କୁ ଗୁଳିକରି ହତ୍ୟା



ପାଟନା, ୫।୧୦: ସ୍ପଷ୍ଟ ଦିବାଲୋକରେ ଜଣେ ଓକିଲଙ୍କୁ ଗୁଳି କରି ମାରିଦେଲେ ସଶସ୍ତ୍ର ଦୁର୍ବୃତ୍ତ। ପ୍ରାୟ ୩ ଜଣ ଯୁବକ ଓକିଲଙ୍କ ଛାତିକୁ ଗୁଳି କରୁଥିବାର ଭିଡିଓ ମଧ୍ୟ ଭାଇରାଲ୍ ହୋଇଛି। ଓକିଲଙ୍କୁ ହତ୍ୟା କରିବା ପରେ ସେମାନେ ଆରମରେ ଚାଲି ଚାଲି ଯାଉଥିବାର ମଧ୍ୟ ଦେଖିବାକୁ ମିଳିଛି। ବିହାରର କଟିହାରରେ ଘଟିଥିବା ଏହି ହତ୍ୟାକାଣ୍ଡକୁ ନେଇ ବିହାରରେ ହଇଚଇ ସୃଷ୍ଟି ହୋଇଛି। ପୁଲିସ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବ ବୋଲି ପ୍ରତିଶ୍ରୁତି ଦେଇଛି। ତେବେ ଜଣେ ଓକିଲଙ୍କୁ ଗନଗହଳି ସ୍ଥାନରେ ଗୁଳି କରି ହତ୍ୟା କରାଯାଇଥିବା ବେଳେ ଏହାକୁ ନେଇ ସାଧାରଣ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ସୋମବାର ସକାଳ ପ୍ରାୟ ୯ଟା ସମୟରେ କଟିହାର କୋର୍ଟର ୩୫ ବର୍ଷୀୟ ଓକିଲ ଗୁଡ୍ଡୁ ଅନସାରୀ (ଅଲିମୁଦ୍ଦିନ୍ ନାସରୀ) ନିଜ ସ୍କୁଟରରେ ଘରୋଇ ସାମଗ୍ରୀ କିଣିବା ପାଇଁ ବଜାରକୁ ଯାଇଥିଲେ। ସେ ଟାଉନ୍ ଥାନା ଅନ୍ତର୍ଗତ ପଟେଲ ଚୌକ୍ ନିକଟସ୍ଥ କୁମ୍ଭାର ଟୋଲି ଅଞ୍ଚଳରେ ଥିବା ଏକ ଦୋକାନର ସିଡ଼ି ଚଢ଼ୁଥିବା ସମୟରେ, ଦୁର୍ବୃତ୍ତମାନେ ତାଙ୍କୁ ଘେରି ଯାଇଥିଲେ। ସିସିଟିଭି ଫୁଟେଜ୍‌ରୁ ଦେଖିବାକୁ ମିଳିଛି, ଦୁର୍ବୃତ୍ତମାନେ ପ୍ରଥମେ ତାଙ୍କୁ ସିଡ଼ି ଉପରେ ବସିବାକୁ ବାଧ୍ୟ କରିଥିଲେ। ପରେ ଅତି ନିକଟରୁ ତାଙ୍କ ଛାତିକୁ ଗୁଳି କରିଥିଲେ। ଗୁଳି ବାଜିବା ମାତ୍ରେ ସେ ସେଠାରେ ଟଳି ପଡ଼ିଥିଲେ। ଆକ୍ରମଣକାରୀମାନେ ନିର୍ଭୟରେ ସେଠାରୁ ଚାଲିଯାଇଥିଲେ।

### ମଣିଷରୂପୀ ଦେବଦୂତ

## ବାଲକୋନିରୁ ଖସୁଥିବା ଶିଶୁକୁ ବଞ୍ଚାଇଲେ ଦୋକାନୀ

କାଏରୋ, ୫।୧୦: ଜଣେ ଦୋକାନୀଙ୍କ ଉପସ୍ଥିତ ବୁଦ୍ଧି ଓ ସାହସିକତା ବଳରେ ଏକ ୫ ବର୍ଷର ଶିଶୁର ଜୀବନ ରକ୍ଷା ପାଇଯାଇଛି। ଏହି ଅଭାବନୀୟ ଏବଂ ଚମତ୍କାରୀ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ବେଳେ ସାରା ବିଶ୍ୱର ଲୋକେ ଦୋକାନୀଙ୍କ ସାହସକୁ ଭୂୟସୀ ପ୍ରଶଂସା କରୁଛନ୍ତି।

ଇଜିପ୍ଟର ଗିଜା ନଗରୀର ଅର୍ଦ୍ଧ ଏଲ୍-ଲିୱା ଅଞ୍ଚଳରେ ଏହି ଘଟଣା ଘଟିଛି। ସେପ୍ଟେମ୍ବର ୨୯ ତାରିଖରେ ଏକ ବହୁତଳ ପ୍ରାସାଦର ବାଲକୋନିରୁ ହଠାତ୍ ଜଣେ ଶିଶୁ ତଳକୁ ଖସିପଡ଼ିଥିଲା। ସେହି ସମୟରେ ବିଲ୍ଡିଂ ତଳେ ଥିବା ରାସ୍ତାରେ ଜଣଙ୍କ ପାଟି ଶୁଣି ସେଠାରେ ଦୋକାନ କରିଥିବା ଅହମ୍ମଦ ରଗବ ତୁରନ୍ତ ଉପରକୁ ଚାହିଁଥିଲେ। ଠିକ୍ ସେହି ମୁହୂର୍ତ୍ତରେ ଶିଶୁଟି ବାଲକୋନିରୁ ତଳକୁ ପଡୁଥିବା ଦେଖି ସେ ବିଜୁଳି ବେଗରେ ଦୌଡ଼ି ଯାଇଥିଲେ ଏବଂ ଶିଶୁଟି ତଳେ ପଡ଼ିବା ପୂର୍ବରୁ ତାକୁ ନିଜ ବାହୁରେ ସୁରକ୍ଷିତ ଭାବେ ଧରି ପକାଇଥିଲେ।



### ଦଳ ଛାଡ଼ିଥିବା ନେତାଙ୍କୁ ମମତାଙ୍କ ଅଲ୍ଟିମେଟମ୍

## ୧୫ ଦିନରେ ଫେର, ନଚେତ ଦଳରେ ରହିବନି ସ୍ଥାନ



କୋଲକାତା, ୫।୧୦: ବିଧାନସଭା ନିର୍ବାଚନ ପରେ ପ୍ରଥମ ଥର ପାଇଁ ଉତ୍ତର ଦିନାଜପୁର ଜିଲ୍ଲା ଚୋପଡ଼ାରେ ତୃଣମୂଳ କଂଗ୍ରେସ ନିଜର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିଛି। ରବିବାର କମଲାଗାଁ-ସୁଜାଲି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଆୟୋଜିତ ଦଳୀୟ ବୈଠକରେ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ବୈଠକରେ ସାଂସଦ କଲ୍ୟାଣ ବାନାର୍ଜୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିବା ବେଳେ ଇଟାହାର ବିଧାୟକ ମୁଶରଫ ହୁସେନ ଓ ଦଳର ଅନ୍ୟ ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ବୈଠକ ଆରମ୍ଭ ପୂର୍ବରୁ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମୋବାଇଲ୍ ଫୋନ୍ ମାଧ୍ୟମରେ ଉତ୍ତର ଦିନାଜପୁରର କର୍ମୀ ଓ ସାଧାରଣ ଲୋକଙ୍କୁ ସମ୍ବୋଧିତ କରିଥିଲେ। ଏହି ଅବସରରେ ଦଳ ଛାଡ଼ିଥିବା ସାଂସଦ ଓ ବିଧାୟକମାନଙ୍କୁ ମମତା ୧୫ ଦିନ ମଧ୍ୟରେ ଦଳକୁ ଫେରିବା ପାଇଁ ସମୟ ଦେଇଛନ୍ତି। ଏହି ସମୟସୀମା ମଧ୍ୟରେ ଫେରି ନଆସିଲେ ଦଳରେ ସେମାନଙ୍କ ପାଇଁ କୌଣସି ସ୍ଥାନ ରହିବ ନାହିଁ ବୋଲି ସେ ଚେତାବନୀ ଦେଇଛନ୍ତି। ମମତା ଦଳୀୟ ନେତାଙ୍କ ଅପେକ୍ଷା କର୍ମୀ ଓ ସମର୍ଥକମାନେ ହିଁ ତୃଣମୂଳ କଂଗ୍ରେସର ପ୍ରକୃତ ଶକ୍ତି ବୋଲି ମତ ଦେଇଥିଲେ। ମମତା ବାନାର୍ଜୀ ନିର୍ବାଚନ ଆୟୋଗ ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ମଧ୍ୟ ତୀବ୍ର ସମାଲୋଚନା କରିଥିଲେ। ଜ୍ଞାନେଶ କୁମାର ଦାୟିତ୍ୱରେ ଥିବା ପର୍ଯ୍ୟନ୍ତ ବିରୋଧୀ ଦଳ କ୍ଷମତାରେ ରହିବ ବୋଲି ସେ ଅଭିଯୋଗ କରିଥିଲେ। ତେବେ ନିର୍ବାଚନ ଆୟୋଗ ଏପରି ଅଭିଯୋଗକୁ ଖଣ୍ଡନ କରିଆସିଛନ୍ତି। ମମତା କହିଥିଲେ ଯେ, ୧୯୯୮ ମସିହାରେ ଦଳ ଗଠନ କରିବାରେ ସେ ସଫଳ ହୋଇଥିଲେ ଏବଂ ଏବେ ମଧ୍ୟ ଦଳକୁ ପୁଣି ଶକ୍ତିଶାଳୀ କରିପାରିବେ। ତାଙ୍କ ମତରେ, ତୃଣମୂଳ କଂଗ୍ରେସ ବିନା ମେଣ୍ଟ ଶକ୍ତିଶାଳୀ ହୋଇପାରିବ ନାହିଁ ଏବଂ ବିରୋଧୀ ଦଳ ବିରୋଧରେ ଲଢ଼ିବାକୁ ଦଳକୁ ଆହୁରି ମଜବୁତ କରିବା ଆବଶ୍ୟକ।

ସେହିପରି ସାଂସଦ କଲ୍ୟାଣ ବାନାର୍ଜୀ ବିରୋଧୀ ନେତାଙ୍କୁ ଟାର୍ଗେଟ କରି କହିଥିଲେ ଯେ, ଭୋଟ ଚୋରି କରି କ୍ଷମତାକୁ ଆସିପାରନ୍ତି, କିନ୍ତୁ ଲୋକଙ୍କ ହୃଦୟରେ ସ୍ଥାନ କରିପାରିବେ ନାହିଁ। ଚୋପଡ଼ାର ହମିଦୁଲ ରହମାନ ଏବଂ ଇସଲାମପୁର ବିଧାୟକ କହ୍ନେୟାଲାଲ ଅଗ୍ରୱାଲଙ୍କୁ ମଧ୍ୟ ସେ ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନ ମେଣ୍ଟ ନାମରେ ଲଢ଼ାଯିବ ଏବଂ ରାଜ୍ୟରେ ମେଣ୍ଟ ସମସ୍ତ ଆସନ ଜିତିବ ବୋଲି ସେ ଦାବି କରିଥିଲେ।

## ଭରା ନଦୀରେ ଓଲଟିଲା ଡଙ୍ଗା, ୩୦ ମୃତ



କିନସାସା, ୫।୧୦: କଙ୍ଗୋର ଏକ ନଦୀରେ ରବିବାର ଦୁଇଟି ମୋଟରଚାଳିତ କାଠ ଡଙ୍ଗା ମଧ୍ୟରେ ଧକ୍କା ହୋଇ ୩୦ ଜଣଙ୍କର ମୃତ୍ୟୁ ହୋଇଛି ଓ ଡଜନ ଡଜନ ନିଖୋଜ ଅଛନ୍ତି। ସ୍ଥାନୀୟ କର୍ତ୍ତୃପକ୍ଷ ସୋମବାର ଏହି ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି।

ଇକ୍ୱାଟୁର ପ୍ରଦେଶର ପ୍ରାଦେଶିକ ଗୃହମନ୍ତ୍ରୀ କ୍ରିଷ୍ଟିନ୍ ମୁଟୁଙ୍କ ଅନୁଯାୟୀ, ଦୁର୍ଘଟଣାଟି ନଙ୍ଗୋମ୍ବେ-ଲୁକୋଲେଲା ଅଞ୍ଚଳ ନିକଟରେ ଘଟିଛି। ଦୁର୍ଘଟଣାର କାରଣ ତୁରନ୍ତ ଜଣାପଡ଼ିନାହିଁ। ମୁଟୁ କହିଛନ୍ତି ଯେ ଦୁର୍ଘଟଣାରେ ମୃତ ୩୦ ଜଣଙ୍କୁ କବର ଦିଆଯାଇଛି। ନିଖୋଜ ଏବଂ ସମ୍ଭାବ୍ୟ ବଞ୍ଚିଥିବା ଲୋକଙ୍କୁ ଖୋଜିବା ପାଇଁ ଏକ ସନ୍ଧାନ ଅଭିଯାନ ଚାଲିଛି।

## ଭୟର ମୁକାବିଲା ପାଇଁ ଆମେ ପ୍ରସ୍ତୁତ



**ସରକାରଙ୍କୁ ସିଜେପିର ଚ୍ୟାଲେଞ୍ଜ**

ନୂଆଦିଲ୍ଲୀ, ୫।୧୦: କକରୋଚ ଜନତା ପାର୍ଟି (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦୀପକେ କେନ୍ଦ୍ର ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି। ସେମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା ନ କରାଯାଉ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସି.ଜେ.ପି.ର ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରଙ୍ଗା 'ଏକ୍ସ' ରେ ପୋଷ୍ଟ କରି ଦାବି କରିଛନ୍ତି ଯେ ସରକାର ଅଭିଜିତ ଦୀପକେ, ରତ୍ନ ସିଂହ ଏବଂ ଅନ୍ୟାନ୍ୟ ଦଳୀୟ ନେତାମାନଙ୍କୁ ଗିରଫ କରିବା ପାଇଁ ଯୋଜନା କରୁଛନ୍ତି।

ଏହାର ଜବାବରେ ଦୀପକେ କହିଛନ୍ତି ଯେ, ଯଦି ସରକାର ଭାବୁଛନ୍ତି କଡ଼ା ଆଇନ କିମ୍ବା ଜେଲ୍‌ର ଭୟ ଦେଖାଇ ସେମାନଙ୍କୁ ଚୁପ୍ କରାଯାଇପାରିବ, ତେବେ ସେମାନେ ଭୁଲ୍ ଭାବୁଛନ୍ତି। ସେ କହିଛନ୍ତି, 'ଆମେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ଅଛୁ ଏବଂ ଆବଶ୍ୟକ ହେଲେ ମାସ ମାସ କିମ୍ବା ବର୍ଷ ବର୍ଷ ଧରି ଜେଲରେ ରହିବାକୁ ମଧ୍ୟ ପଛଘୁଞ୍ଚା ଦେବୁ ନାହିଁ। କିନ୍ତୁ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଆମର ଲଢ଼େଇ ଜାରି ରହିବ। ଆମେ ମହାତ୍ମା ଗାନ୍ଧୀଙ୍କ ଅହିଂସା ପଥ ଅନୁସରଣ କରୁଛୁ ଏବଂ ସରକାର ଯେତେ ଭୟଭୀତ କଲେ ମଧ୍ୟ ଆମେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜାରି ରଖିବୁ।'

ଆସନ୍ତା ଅକ୍ଟୋବର ୧୦ ତାରିଖରେ ଦିଲ୍ଲୀରେ ହେବାକୁ ଥିବା ପ୍ରସ୍ତାବିତ ବିକ୍ଷୋଭ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହେବ ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ମୁକ୍ତ ଓ ନିରପେକ୍ଷ ନିର୍ବାଚନକୁ ସମର୍ଥନ କରୁଥିବା ପ୍ରତ୍ୟେକ ନାଗରିକଙ୍କୁ ଏହି ବିକ୍ଷୋଭରେ ସାମିଲ ହେବା ପାଇଁ ଆହ୍ୱାନ କରାଯାଇଛି।

## ଆମ ସ୍ତରକୁ ଆସ, ଅନ୍ତତଃ ୧୦ଟି ସନ୍ତାନ ଜନ୍ମ କର

### ମୌଲାନାଙ୍କ ମନ୍ତବ୍ୟକୁ ନେଇ ତେଜିଲା ବିବାଦ



ନୂଆଦିଲ୍ଲୀ, ୫।୧୦: ଇମାମ ଆସୋସିଏସନର ସଭାପତି ମୌଲାନା ସାଜିଦ ରଶିଦି ସନ୍ତାନ ଜନ୍ମ କରିବା ସମ୍ବନ୍ଧରେ ଏକ ଅତ୍ୟନ୍ତ ବିବାଦୀୟ ମନ୍ତବ୍ୟ ଦେଇଛନ୍ତି। ସଂଘ ଏବଂ ଅନ୍ୟ କିଛି ସଂଗଠନ ଦ୍ୱାରା ହିନ୍ଦୁମାନଙ୍କୁ ଅଧିକ ସନ୍ତାନ ଜନ୍ମ କରିବା ପାଇଁ କରାଯାଇଥିବା ଆହ୍ୱାନର ଜବାବ ଦେଇ ସେ କହିଛନ୍ତି, 'ଅନ୍ତତଃ ୧୦ଟି ସନ୍ତାନ ଜନ୍ମ କରନ୍ତୁ; ଅନ୍ତତଃ ଆମ ସ୍ତରକୁ ତ ଆସନ୍ତୁ।'

ହିନ୍ଦୁମାନଙ୍କୁ ଅଧିକ ସନ୍ତାନ ଜନ୍ମ କରିବାକୁ କରାଯାଇଥିବା ଆହ୍ୱାନ ଉପରେ ମତ ରଖିବା ସମୟରେ ମୌଲାନା କହିଛନ୍ତି ଯେ, ସେମାନଙ୍କ ସମ୍ପ୍ରଦାୟରେ ପରିବାରଗୁଡ଼ିକରେ ପାଞ୍ଚ କିମ୍ବା ତଦୁର୍ଦ୍ଧ୍ୱ ସନ୍ତାନ ଥାଆନ୍ତି ଏବଂ ଛଅଟି ହେଉଛି ସର୍ବନିମ୍ନ ସଂଖ୍ୟା। କିଛି ସ୍ଥାନରେ ୧୦, ୧୧ କିମ୍ବା ୧୨ ଜଣ ପର୍ଯ୍ୟନ୍ତ ସନ୍ତାନ ମଧ୍ୟ ରହୁଛନ୍ତି, ତେଣୁ ଅନ୍ତତଃ ୧୦ଟି ସନ୍ତାନ ପାଇଁ ଲକ୍ଷ୍ୟ ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ସନ୍ତାନ ଜନ୍ମ କରିବାର ପ୍ରଥାକୁ ତୁଳନା କରି ସେ କହିଛନ୍ତି ଯେ, ଈଶ୍ୱର ହିଁ ସନ୍ତାନଙ୍କ ପାଇଁ ବ୍ୟବସ୍ଥା କରନ୍ତି ଏବଂ ପିତାମାତା କେବଳ ଏକ ମାଧ୍ୟମ ମାତ୍ର ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଅନ୍ୟପକ୍ଷରେ, ଅନ୍ୟମାନେ ନିଜେ ସନ୍ତାନମାନଙ୍କ ପାଇଁ ବ୍ୟବସ୍ଥା କରିଥା'ନ୍ତି ବୋଲି ଭାବିଥା'ନ୍ତି, ଯାହା ଫଳରେ 'ଆମେ ସେମାନଙ୍କୁ କିପରି ଖାଇବାକୁ ଦେବୁ' ସେନେଇ ଚିନ୍ତା ସୃଷ୍ଟି ହୋଇଥାଏ ଏବଂ ଏହା ହିଁ ହେଉଛି ମୌଳିକ ପାର୍ଥକ୍ୟ। ଶିକ୍ଷା ଓ ବୃଦ୍ଧାଶ୍ରମ ସମ୍ପର୍କରେ ମତ ରଖି ମୌଲାନା କହିଛନ୍ତି ଯେ, ଶିକ୍ଷିତ ହେବା ପରେ ହିନ୍ଦୁ ସନ୍ତାନମାନେ ନିଜ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ିଦିଅନ୍ତି ଏବଂ ନିଜ ସ୍ତ୍ରୀ ସହିତ ଜୀବନ ଉପଭୋଗ କରନ୍ତି। କିନ୍ତୁ ମୁସଲମାନ ପରିବାରର ପ୍ରତ୍ୟେକ ସନ୍ତାନ ଉଚିତ ଯତ୍ନ ଓ ଶିକ୍ଷା ପାଇଥା'ନ୍ତି। ସେମାନେ ନିଜ ମାତାପିତାଙ୍କୁ ବୃଦ୍ଧାଶ୍ରମରେ ଛାଡ଼ି ଦିଅନ୍ତି ନାହିଁ।

## ପୁଣି କବ୍‌ଜା କରିବ ବିଷାକ୍ତ କୁହୁଡ଼ି!

### ପ୍ରକାଶ ପାଇଲା ବାୟୁ ପ୍ରଦୂଷଣର ଭୟାବହ ଚିତ୍ର



ନୂଆଦିଲ୍ଲୀ, ୫।୧୦: ପ୍ରତିବର୍ଷ ଶୀତଋତୁ ଆସିବା ପୂର୍ବରୁ ଉତ୍ତର ଭାରତର ଆକାଶକୁ କବ୍‌ଜା କରିନେଉଥିବା ବିଷାକ୍ତ କୁହୁଡ଼ି ଓ ପ୍ରଦୂଷଣ ସମସ୍ୟା ପୁଣିଥରେ ମୁଣ୍ଡଟେକିଛି। ବାୟୁମଣ୍ଡଳ ବିଷାକ୍ତ ହେବା ପୂର୍ବରୁ ଏଥର ସରକାର ଓ ପ୍ରଶାସନ ପକ୍ଷରୁ ଅନେକ ଆଗୁଆ ଏବଂ କଠୋର ପଦକ୍ଷେପ ଘୋଷଣା କରାଯାଇଛି, ଯାହା ସ୍ୱଚ୍ଛ ବାୟୁ ପାଇଁ ଆଶାର କିରଣ ସୃଷ୍ଟି କରିଛି।

ଗତ କିଛି ବର୍ଷ ଧରି ଶୀତଦିନେ ବାୟୁ ଗୁଣବତ୍ତା ଅତି ଭୟଙ୍କର ସ୍ତରକୁ ଖସିଯିବା ଯୋଗୁଁ କୋଟି କୋଟି ଲୋକଙ୍କ ସ୍ୱାସ୍ଥ୍ୟ ଗୁରୁତର ଭାବେ ପ୍ରଭାବିତ ହେଉଛି। ଗତବର୍ଷ ଡିସେମ୍ବର ମାସରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୬୧ ପର୍ଯ୍ୟନ୍ତ ପହଞ୍ଚିଥିଲା। ଚଳିତ ବର୍ଷ ଅକ୍ଟୋବର ଆରମ୍ଭରୁ ସହରଗୁଡ଼ିକରେ ପ୍ରଦୂଷଣ କ୍ରମଶଃ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। ତେବେ ସେପ୍ଟେମ୍ବର ମାସରେ ହାରାହାରି ପ୍ରଦୂଷଣ ସ୍ତର ଗତ କିଛି ବର୍ଷ ଅପେକ୍ଷା କିଛିଟା କମ୍ ଥିଲା, କିନ୍ତୁ ଆଗାମୀ ଶୀତଦିନରେ ପରିସ୍ଥିତି କିପରି ରହିବ ତାହା ବାସ୍ତବ କାର୍ଯ୍ୟକାରିତା ଉପରେ ନିର୍ଭର କରୁଛି। ବିଶେଷକରି, ଗତ କିଛିବର୍ଷ ଧରି ଦିଲ୍ଲୀରେ ପ୍ରଦୂଷଣ ଚିନ୍ତାଜନକସ୍ତରକୁ ବୃଦ୍ଧି ପାଇ କୋଟି କୋଟି ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରଭାବିତ କରିଛି। ଗତ ଶୀତଋତୁରେ ଅକ୍ଟୋବର ୧୩ ତାରିଖରେ ମଧ୍ୟମ ବାୟୁ ଗୁଣବତ୍ତା ସ୍ତରରୁ କ୍ରମଶଃ ଖରାପ ସ୍ଥିତିକୁ ଚାଲିଯାଇଥିଲା। ସେହି ସମୟରେ ମୋଟ ୨୭ ଦିନ 'ଖରାପ', ୬୬ ଦିନ 'ଅତ୍ୟନ୍ତ ଖରାପ' ଏବଂ ୧୦ ଦିନ 'ସବୁଠାରୁ ଗମ୍ଭୀର' ବା ଗ୍ରେଭ୍ ସ୍ତରରେ ରହିଥିଲା। ଡିସେମ୍ବର ୧୪ ତାରିଖ ବେଳକୁ ବାୟୁ ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ ୪୬୧ ରେକର୍ଡ କରାଯାଇଥିଲା।

ବିଶେଷଜ୍ଞମାନଙ୍କ ମତରେ, ବାୟୁ ପ୍ରଦୂଷଣ କୌଣସି ଗୋଟିଏ ସହର କିମ୍ବା ପ୍ରଶାସନିକ ସୀମା ମଧ୍ୟରେ ସୀମିତ ନୁହେଁ। ପଡ଼ୋଶୀ ଅଞ୍ଚଳରୁ ଆସୁଥିବା ଧୂଆଁ, ଶିଳ୍ପ ନିର୍ଗମନ ଏବଂ ଯାନବାହନ ଜନିତ ପ୍ରଦୂଷଣ ଏଥିପାଇଁ ସମାନ ଭାବେ ଦାୟୀ। ଏହାକୁ ଦୃଷ୍ଟିରେ ରଖି ସମଗ୍ର ଅଞ୍ଚଳରେ ଅଧିକ ନିରୀକ୍ଷଣ କେନ୍ଦ୍ର ସ୍ଥାପନ କରାଯାଉଛି। କେବଳ କାଗଜକଲମରେ ନୀତି ପ୍ରଣୟନ ନକରି ଭୂମି ସ୍ତରରେ ଏହାର କଡ଼ା କାର୍ଯ୍ୟକାରିତା ଏବଂ ଜନସାଧାରଣଙ୍କ ସହଯୋଗ ହିଁ ଏହି ବିଷାକ୍ତ କୁହୁଡ଼ିରୁ ମୁକ୍ତି ପାଇବାର ଏକମାତ୍ର ଉପାୟ।

● ଯୌନ ଅପରାଧ ଘଟଣାରେ ପୁଲିସକୁ ସୁପ୍ରିମ ନିର୍ଦ୍ଦେଶ

# ଅପରାଧୀଙ୍କ ମନରେ ମୃତ୍ୟୁର ଭୟ ରହିବା ଦରକାର



ନୂଆଦିଲ୍ଲୀ,୫।୧୦(ସଂଚାର ବ୍ୟୁରୋ): ଦିଲ୍ଲୀ ଓ ଏନ୍‌ସିଆରରେ ମହିଳା ଓ ଯୁବତୀଙ୍କ ବିରୋଧରେ ବଢୁଥିବା ଯୌନ ଅପରାଧକୁ ନେଇ ସୁପ୍ରିମକୋର୍ଟ ଦିଲ୍ଲୀ ପୁଲିସକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଅପରାଧ ଘଟିବା ପରେ କେବଳ ଗିରଫ କରିବା ନୁହେଁ, ଅପରାଧୀଙ୍କ ମନରେ ମୃତ୍ୟୁର ଭୟ ସୃଷ୍ଟି କରିବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

ଜଷ୍ଟିସ୍ ଜେବି ପାର୍ଦିୱାଲାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି ଯେ ଯୌନ ଅପରାଧ କରିବାକୁ ପ୍ରବଣ ଅସାମାଜିକ ତତ୍ତ୍ୱଙ୍କ ମନରେ ଏପରି ଭୟ ସୃଷ୍ଟି ହେବା ଆବଶ୍ୟକ ଯେ ଅପରାଧ କଲେ ତାହାର ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ। ଏହା ହିଁ ଅପରାଧ ରୋକିବାରେ ପ୍ରଭାବଶାଳୀ ହେବ ବୋଲି କୋର୍ଟ କହିଛନ୍ତି। ସୁପ୍ରିମକୋର୍ଟ ପୁଲିସକୁ ପ୍ରଥମେ କଲେଜ ଓ ଶିକ୍ଷାନୁଷ୍ଠାନ ଉପରେ ସୁରକ୍ଷା ବଢ଼ାଇବାକୁ କହିଛନ୍ତି। ଛାତ୍ରୀମାନଙ୍କୁ ହଇରାଣ କରୁଥିବା ଗୁଣ୍ଡା ଓ ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ପୂର୍ବରୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବସ୍‌ଷ୍ଟପ୍, ମେଟ୍ରୋ ଷ୍ଟେସନ୍, ରେଳ ଷ୍ଟେସନ୍ ଓ ଅନ୍ୟ ସମ୍ବେଦନଶୀଳ ସ୍ଥାନରେ ମଧ୍ୟ ସୁରକ୍ଷା ବଢ଼ାଇବା ଉପରେ ଜୋର୍ ଦିଆଯାଇଛି।

ଦିଲ୍ଲୀରେ ଥିବା ଅନେକ ଅନଧିକୃତ ଖାଦ୍ୟ ଦୋକାନ ଓ ସ୍ଥାନରେ ଅସାମାଜିକ ତତ୍ତ୍ୱଙ୍କ ଜମା ହେବା ଏବଂ ମଦ୍ୟପାନ ହେଉଥିବା ନେଇ କୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। ଏଭଳି ସ୍ଥାନଗୁଡ଼ିକୁ ଚିହ୍ନଟ କରି ନଜରଦାରୀ ବଢ଼ାଇବାକୁ ପୁଲିସକୁ କୁହାଯାଇଛି। ମହିଳାଙ୍କ ସୁରକ୍ଷା ପାଇଁ କେବଳ ଅପରାଧ ପରେ କାର୍ଯ୍ୟାନୁଷ୍ଠାନ ନୁହେଁ, ଅପରାଧ ଘଟିବା ପୂର୍ବରୁ ତାହାକୁ ରୋକିବା ଉପରେ ଗୁରୁତ୍ୱ ଦେଉଛନ୍ତି ସୁପ୍ରିମକୋର୍ଟ। ପୁଲିସକୁ ଆବଶ୍ୟକ ହେଲେ କଠୋର ହେବାକୁ ମଧ୍ୟ କୋର୍ଟ କହିଛନ୍ତି। ମହିଳା ଓ ଯୁବତୀଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଦିଲ୍ଲୀ ପୁଲିସ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି।

● ଓଡ଼ିଆ ସାହିତ୍ୟରେ ଅନୁବାଦ ବିଭାଗ ଏବେ ବି ଦୁର୍ବଳ

# ଭାସ୍ୱତୀଙ୍କୁ ପ୍ରଥମ ସୁଖେନ୍ଦୁ ମୋହନ ସାହିତ୍ୟ ସମ୍ମାନ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ସାହିତ୍ୟରେ ଅନୁବାଦ ହେଉଛି ସବୁଠାରୁ କଷ୍ଟସାଧ୍ୟ ବିଭାଗ। ଓଡ଼ିଆ ସାହିତ୍ୟରେ ଏବେ ବି ଅନୁବାଦ ବିଭାଗଟି ଦୁର୍ବଳ ଓ ଆମର ସାହିତ୍ୟିକମାନଙ୍କୁ ଅନ୍ୟ ଭାଷାରୁ ଓଡ଼ିଆକୁ ଏବଂ ଓଡ଼ିଆରୁ ଅନ୍ୟ ଭାଷାକୁ ଅଧିକରୁ ଅଧିକ ଅନୁବାଦ କରି ଭାଷାକୁ ସମୃଦ୍ଧ କରିବାର ଆବଶ୍ୟକତା ରହିଛି। ବିଶିଷ୍ଟ ସାହିତ୍ୟିକ ତଥା ଅନୁବାଦକ ସୁଖେନ୍ଦୁ ମୋହନ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତ ଦେଇଛନ୍ତି। ସୁଖେନ୍ଦୁ ମୋହନ ଦାସ ଫାଉଣ୍ଡେସନ ପକ୍ଷରୁ ସ୍ଥାନୀୟ ସାମନ୍ତରାପୁର ସ୍ଥିତ ସରସ୍ୱତୀ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାହିତ୍ୟିକ ଓ ଲୋକପ୍ରିୟ ଅଭିନେତ୍ରୀ ଭାସ୍ୱତୀ ବସୁଙ୍କୁ ପ୍ରଥମ ସୁଖେନ୍ଦୁ ମୋହନ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ଭାସ୍ୱତୀଙ୍କୁ ମାନପତ୍ର, ଉପାୟନ ଓ ଦଶ ହଜାର ଟଙ୍କା ଅର୍ଥରାଶି ଦିଆଯାଇଥିଲା। ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର, ବିଶିଷ୍ଟ ଅନୁବାଦକ ସୁରେଶ କିଶୋର ବଳ, ପ୍ରକାଶକ ନଳିନୀକାନ୍ତ ରଥ, ସାମ୍ବାଦିକ ମାନିକେତନ ମିଶ୍ର, ଡ. ଲିପିଶ୍ରୀ ଦାସ, ଅଧ୍ୟାପିକା ସୁପ୍ରିୟା ଦାସ, ଅବସରପ୍ରାପ୍ତ ପ୍ରଶାସିକା ସୁଧାପ୍ରିୟା ଦାସ, ଲାବଣ୍ୟେନ୍ଦୁ ମୋହନ ଦାସ, ସଞ୍ଜୁଲତା ଦାସ ଉପସ୍ଥିତ ଥିଲେ। ସାହିତ୍ୟିକ ଦୀପକ ବୋଷ ପୌରୋହିତ୍ୟ କରିଥିବା ବେଳେ ଦିବ୍ୟାଶା ଦାସ ସଙ୍ଗୀତ ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଅତିଥିଙ୍କ ଦ୍ୱାରା ସୁଖେନ୍ଦୁ ସର୍ଜନା ସ୍ମୃତି ପତ୍ରିକା ଉନ୍ମୋଚିତ ହେବା ସହ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତୁତ ସ୍ୱତନ୍ତ୍ର ବୃତ୍ତଚିତ୍ର ପ୍ରଦର୍ଶନ କରାଯାଇଥିଲା। ସୁଖେନ୍ଦୁ ମୋହନଙ୍କ ସ୍ମୃତିରେ ପ୍ରତିବର୍ଷ ସାହିତ୍ୟ ଜଗତରୁ ଜଣେ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ ପୁରସ୍କୃତ କରାଯିବ ବୋଲି ଫାଉଣ୍ଡେସନ ପକ୍ଷରୁ ଘୋଷଣା କରାଯାଇଥିଲା।

● କଟକର ଜୁନିୟର କ୍ଲବ୍ ଗଣେଶ ପୂଜା

# ବିନା ଡିଜେରେ ବିସର୍ଜନ ପରମ୍ପରା



କଟକ, ୫।୧୦ (ସଂଚାର ବ୍ୟୁରୋ): କଟକ ଯୋବ୍ରା ରୋଡ୍‌ସ୍ଥିତ ଜୁନିୟର କ୍ଲବ ପକ୍ଷରୁ ଚଳିତବର୍ଷ ଶ୍ରୀଗଣେଶ ମହୋତ୍ସବ ନିଆରା ଢଙ୍ଗରେ ଧୁମ୍‌ଧାମରେ ପାଳିତ ହୋଇଛି। ସୁନ୍ଦର ଓ ଆକର୍ଷଣୀୟ ମୂର୍ତ୍ତି ପ୍ରସ୍ତୁତି ପାଇଁ ଜୁନିୟର କ୍ଲବକୁ କଟକ ଜିଲ୍ଲା ତରଫରୁ ନମ୍ବର ୱାନ୍ ମୂର୍ତ୍ତି ଭାବେ ପୁରସ୍କୃତ କରାଯାଇଛି। ମୂର୍ତ୍ତିର ନିର୍ମାଣଶୈଳୀ, ସାଜସଜ୍ଜା ଓ ଆକର୍ଷଣୀୟ ପରିକଳ୍ପନା ଏହି ସ୍ୱୀକୃତିର ପ୍ରମୁଖ କାରଣ ପାଲଟିଛି। କ୍ଲବର ଏହି ସଫଳତା ଯୋବ୍ରା ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଥିବାବେଳେ, ପୁରସ୍କାର ପାଇବା ପରେ କ୍ଲବର ସଦସ୍ୟ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି। ଏଠାକାର ଗଣେଶ ମୂର୍ତ୍ତିର ବିସର୍ଜନ ପରମ୍ପରା ମଧ୍ୟ ସ୍ୱତନ୍ତ୍ର ରହିଛି। ପ୍ରତିବର୍ଷ ଶ୍ରୀଗଣେଶଙ୍କ ମୂର୍ତ୍ତିକୁ କଟକ ବାହାରେ ବିଭିନ୍ନ ଜିଲ୍ଲାକୁ ନିଆଯାଇ ବିସର୍ଜନ କରାଯାଉଛି। ଏହି ନିଆରା ପରମ୍ପରା ଜୁନିୟର କ୍ଲବର ଗଣେଶ ପୂଜାକୁ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଉତ୍ସବ ଅବସରରେ ପ୍ରତିଦିନ ପ୍ରାୟ ୫୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା କରାଯାଉଛି। ସୋମବାର ଗଣେଶଙ୍କ ନିକଟରେ ଦହିପଖାଳ ଲାଗିଥିବାବେଳେ ପ୍ରାୟ ୨,୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ଦହିପଖାଳ ବଣ୍ଟନ କରାଯାଇଛି।

## ଜାତୀୟ ସଡ଼କ ବିକାଶରେ କେନ୍ଦ୍ରର ୫୦୮ କୋଟି ଟଙ୍କା ଆବଣ୍ଟନ

କୋଲକାତା, ୫।୧୦(ସଂଚାର ବ୍ୟୁରୋ): କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ପଶ୍ଚିମବଙ୍ଗରେ ଦୁଇଟି ଜାତୀୟ ରାଜପଥର ସମ୍ପ୍ରସାରଣ ଓ ବିକାଶ ପାଇଁ ପ୍ରାୟ ୫୦୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ଅର୍ଥ ମଞ୍ଜୁରୀ ପରେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ‘ଏକ୍ସ’ରେ ଲେଖିଛନ୍ତି, ପୂର୍ବ ସରକାରଙ୍କ କାର୍ଯ୍ୟକାଳ ମଧ୍ୟରେ ପଶ୍ଚିମବଙ୍ଗର ସଡ଼କ ଭିତ୍ତିଭୂମିକୁ ଅବହେଳା କରାଯାଇଥିଲା। ଜାତୀୟ ରାଜପଥଗୁଡ଼ିକ ଦୀର୍ଘ ଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଆସିଛି। ବୀରଭୂମ ଜିଲ୍ଲାରେ ଜାତୀୟ ରାଜପଥର ଉନ୍ନତିକରଣ ପାଇଁ ୫୦୮.୬୬ କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ଆମେ କୃତଜ୍ଞତା ଜଣାଉଛୁ। ନିତିନ ଗଡ଼କରୀ ‘ଏକ୍ସ’ରେ କହିଛନ୍ତି, ଏହି ଆଧୁନିକୀକରଣ ଫଳରେ ଟ୍ରାଫିକ୍ ସମସ୍ୟା କମିବ ଏବଂ ସାମଗ୍ରୀ ପରିବହନ ସୁଗମ ହେବ।

## ବିମାନବନ୍ଦରର ବିକାଶ ପାଇଁ ଏମଓୟୁ

କୋଲକାତା, ୫।୧୦ (ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗରେ ଆଞ୍ଚଳିକ ବିମାନ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ‘ଉଡାନ୍’ ଯୋଜନା ଅଧୀନରେ ରାଜ୍ୟର ଚାରୋଟି ବିମାନବନ୍ଦରର ବିକାଶ ପାଇଁ କେନ୍ଦ୍ର ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତିନାମା ଅନୁଯାୟୀ, ପୁରୁଲିଆର ଛାର୍‌ରା, ଦକ୍ଷିଣ ଦିନାଜପୁରର ବାଲୁରଘାଟ, ଆଲିପୁରଦୁଆରର ହାସିମାରା ଓ ପଶ୍ଚିମ ମେଦିନୀପୁରର କଲାଇକୁଣ୍ଡା ବିମାନବନ୍ଦରରେ ବିକାଶ କାର୍ଯ୍ୟ କରାଯିବ। ଉନ୍ନତ ବିମାନ ସଂଯୋଗ ମାଧ୍ୟମରେ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଯୋଡ଼ିବା ଓ ଆଞ୍ଚଳିକ ସଂଯୋଗକୁ ବୃଦ୍ଧି କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ଏହି ଚୁକ୍ତି ସ୍ୱାକ୍ଷର ଉତ୍ସବରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ. ରାମମୋହନ ନାଇଡୁ ଏବଂ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ମନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ନବାନ୍ନରେ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍ ବୈଠକ

କୋଲକାତା, ୫।୧୦ (ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନବାନ୍ନଠାରେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ଏକ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମନ୍ତ୍ରୀମାନେ ଅଂଶଗ୍ରହଣ କରିଥିଲେ। ସୂଚନା ଅନୁଯାୟୀ, ବୈଠକରେ ରାଜ୍ୟ ସହ ଜଡ଼ିତ ବିଭିନ୍ନ ପ୍ରଶାସନିକ ଓ ନୀତିଗତ ବିଷୟ ଉପରେ ଆଲୋଚନା କରାଯାଇଥିଲା।

● ରାହୁଲ ଗାନ୍ଧିଙ୍କ ଅର୍ଥନୈତିକ ଭବିଷ୍ୟତବାଣୀ ଦୋହରାଇଲେ ଜୟଶଙ୍କର

# ଘୋର ଆର୍ଥିକ ସଙ୍କଟମୁହାଁ ଭାରତର ଅର୍ଥନୀତି: କଂଗ୍ରେସ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଆଜି କଂଗ୍ରେସ ଭବନଠାରେ ଭାରତର ଆସନ୍ନ ଘୋର ଅର୍ଥନୈତିକ ସଙ୍କଟକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ଏଆଇସିସି ମୁଖପାତ୍ର ଡ ହମିଦ ହୁସେନ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ଆର୍ଥିକ, କୃଷି ଏବଂ ଅର୍ଥନୈତିକ ସଙ୍କଟ ସମ୍ପର୍କିତ ବିବୃତିକୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଦୋହରାଇବା ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ମୋଦି ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ସାରା ଦେଶରେ ଅର୍ଥନୈତିକ ବାତ୍ୟା କିମ୍ବା ସୁନାମୀ ଆସିବାର ସମ୍ଭାବନା ରହିଛି ବୋଲି ରାହୁଲ ପୂର୍ବରୁ ଚେତାବନୀ ଦେଇଥିଲେ। ଏହି ସମାନ ପ୍ରସଙ୍ଗକୁ ଶ୍ରୀ ଜୟଶଙ୍କର ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ ତାଙ୍କ ସମ୍ବୋଧନରେ ଦୋହରାଇଛନ୍ତି ବୋଲି ଡ. ହୁସେନ୍ କହିଛନ୍ତି।

ସେ ଡକ୍ଟର ଦୀପକ ଯାଦବଙ୍କ ପୁସ୍ତକ ‘ରାହୁଲ ଗାନ୍ଧିଜ୍ ଇଣ୍ଡିଆ’ରୁ ଉଦ୍ଧୃତ କରି କହିଛନ୍ତି ଯେ ସରକାରଙ୍କ ବଡ଼ ଶିଳ୍ପପତି-ପ୍ରୀତି ଓ ଗରିବ ତଥା କ୍ଷୁଦ୍ର ବ୍ୟବସାୟୀ ବିରୋଧୀ ନୀତି ଯୋଗୁଁ ରାହୁଲ ଏହି ସଙ୍କଟ ବିଷୟରେ ବହୁ ପୂର୍ବରୁ ସତର୍କ କରାଇଦେଇଥିଲେ। ସବସିଡି ପ୍ରତ୍ୟାହାର, ସ୍ଥିର ସର୍ବନିମ୍ନ ସହାୟକ ମୂଲ୍ୟ ନୀତିର ଅଭାବ, କୋଲ୍ଡ ଷ୍ଟୋରେଜ୍ ଓ କୃଷି ପ୍ରକ୍ରିୟାକରଣ ୟୁନିଟ୍‌ର ଅଭାବ ଏବଂ ସାରର ମୂଲ୍ୟ ବୃଦ୍ଧି ତଥା ଅନୁପଲବ୍ଧତା ଚାଷୀଙ୍କ ପାଇଁ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରତିବର୍ଷ ଆସାମ, ବିହାର, ଉତ୍ତର ପ୍ରଦେଶ, ଓଡ଼ିଶା ଓ ପଶ୍ଚିମବଙ୍ଗରେ ବନ୍ୟା ଯୋଗୁଁ ୪ କୋଟି ହେକ୍ଟର ଜମିର ଫସଲ ନଷ୍ଟ ହେଉଛି। ମାତ୍ର ସରକାରଙ୍କ ପାଖରେ ଏଥିପାଇଁ କୌଣସି ବିଧିବଦ୍ଧ ଯୋଜନା ନାହିଁ। ବନ୍ୟା ଜଳ ନିୟନ୍ତ୍ରଣ ପାଇଁ କୌଣସି ନୂତନ ହ୍ରଦ, ଜଳାଶୟ, ବନ୍ଧ, ବାରେଜ୍ କିମ୍ବା ନଦୀବନ୍ଧ ନିର୍ମାଣ କରାଯାଇନାହିଁ। ଏଭଳି ପରିସ୍ଥିତି ଏବଂ ନୀତି ଜାରି ରହିଲେ, ଦେଶ ଚଳିତ ଶତାବ୍ଦୀ ସାରା ଏକ ଅନୁନ୍ନତ ଦେଶ ହୋଇ ରହିଯିବ। ତେଣୁ ବର୍ତ୍ତମାନ ଦେଶର ନୀତିଗୁଡ଼ିକରେ ବ୍ୟାପକ ସଂରଚନାତ୍ମକ ଓ କାର୍ଯ୍ୟାତ୍ମକ ପରିବର୍ତ୍ତନର ଜରୁରୀ ଆବଶ୍ୟକତା ରହିଛି ବୋଲି ଶ୍ରୀ ହୁସେନ କହିଛନ୍ତି। ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତା ସିଦ୍ଧାର୍ଥ ରାଉତରାୟ ଓ କଂଗ୍ରେସ ମୁଖପାତ୍ର ଜୟଶ୍ରୀ ପାତ୍ର ନିଜ ମତ ଦେଇ କହିଛନ୍ତି ଯେ ଦେଶର ବିରୋଧୀ ଦଳର ନେତା ରାହୁଲ ଦେଶରେ ଆର୍ଥିକ ସୁନାମୀ ଆସିବା କଥା କହିଆସୁଛନ୍ତି ଯାହା ବାସ୍ତବରେ ସତ ହେବାକୁ ଯାଉଛି। କିନ୍ତୁ ଏହି ଆର୍ଥିକ ସୁନାମୀ ଉପରେ ଦେଶର ପ୍ରଧାନମନ୍ତ୍ରୀ କି ଗୃହ ମନ୍ତ୍ରୀ କି କୌଣସି ମନ୍ତ୍ରୀ ପାଟି ଖୋଲୁନାହାନ୍ତି।

## ଆରମ୍ଭ ହେଲା ‘କଟକ ନାଟ୍ୟୋତ୍ସବ–୨୦୨୬’



କଟକ, ୫।୧୦ (ସଂଚାର ବ୍ୟୁରୋ): ସାଂସ୍କୃତିକ ରାଜଧାନୀ କଟକର ସମୃଦ୍ଧ ନାଟ୍ୟ ପରମ୍ପରାକୁ ଆହୁରି ସମୃଦ୍ଧ କରିବା ଏବଂ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ‘କଟକ ନାଟ୍ୟୋତ୍ସବ’ର ଦ୍ୱିତୀୟ ସଂସ୍କରଣ ଆଜିଠାରୁ ଆରମ୍ଭ ହୋଇଛି। ଓଡ଼ିଆ ବଜାରସ୍ଥିତ ନେତାଜୀ ସଂସ୍କୃତି ଭବନଠାରେ ପାରମ୍ପରିକ ମଞ୍ଚ ପୂଜା ଓ ପ୍ରଦୀପ ପ୍ରଜ୍ୱଳନ ପରେ ନାଟ୍ୟୋତ୍ସବର ସେମିଫାଇନାଲ୍ ପର୍ଯ୍ୟାୟ ଆରମ୍ଭ ହୋଇଛି। ବାରବାଟୀ-କଟକ ବିଧାୟିକା ଇଂ. ସୋଫିଆ ଫିର୍ଦୋଷ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହାଛଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଭିଭାଷଣ ଦେଇଥିଲେ। ଉତ୍ସବର ପ୍ରଥମ ଦିନରେ ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀ ଜଗନ୍ନାଥ ସଂସ୍କୃତିର ଗାଥା ଉପରେ ପର୍ଯ୍ୟବସିତ ‘ମହାବାହୁ’ ନାଟକ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଡ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ଅଭିନେତା ଶ୍ରୀତମ ଦାସଙ୍କ ସମେତ ବିଭିନ୍ନ ବିଶେଷଜ୍ଞ ଓ ବିଚାରକମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ଥିଲେ। ନେତାଜୀ ସଂସ୍କୃତି ଭବନଠାରେ ଅକ୍ଟୋବର ୫ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚୟନ ପର୍ଯ୍ୟାୟରେ ମୋଟ ୧୩ଟି ଦଳ ନାଟ୍ୟ ପ୍ରତିଭା ପ୍ରଦର୍ଶନ କରିବେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ

କଟକ, ୫।୧୦ (ସଂଚାର ବ୍ୟୁରୋ): ସାଲେପୁର ବ୍ଲକ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୦୬ ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୮୮ଟି ବ୍ୟକ୍ତିଗତ ଅଭିଯୋଗ ଓ ୧୮ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ଶିବିରରେ ୨୮ଟି ଅଭିଯୋଗର ସମାଧାନ ନିମନ୍ତେ ବିହିତ ପଦକ୍ଷେପ ନିଆଯାଇଥିଲା। ଏହି ଅଭିଯୋଗ ଶୁଣାଣି ସ୍ଥଳରେ ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ‘ଅହିଂସା ସପ୍ତାହ ସମାରୋହ’



ଭୁବନେଶ୍ୱର,୦୫.୧୦.୨୦୨୬: ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ଶାଖା ଆନୁକୂଲ୍ୟରେ ସେପ୍ଟେମ୍ବର ୨୯ ତାରିଖରୁ ଆୟୋଜିତ ‘ଅହିଂସା ସପ୍ତାହ ସମାରୋହ’ ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୁଳସଚିବ ଦାରିଦ୍ର୍ୟଭଞ୍ଜନ ମଦନମୋହନ ପାତ୍ର ସମସାମୟିକ ଯୁବପିଢ଼ିଙ୍କ ନିମନ୍ତେ ଅହିଂସାର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ । ଅହିଂସାକୁ ପାଥେୟ କରି ଜୀବନର ଲକ୍ଷ୍ୟ ପଥରେ ଅଗ୍ରସର ହେବା ସହ ଦେଶରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନାର ପରିବେଶ ସୃଷ୍ଟି କରିବା ନିମନ୍ତେ ଛାତ୍ରଛାତ୍ରୀମାନେ ସଂକଳ୍ପବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ । ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ର, ସହକାରୀ ପ୍ରଫେସର ଡ. ପ୍ରବୀର କୁମାର ଦଳେଇ ଓ ଡ. ଆଶିଷ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅହିଂସା ସପ୍ତାହର ପ୍ରାସଙ୍ଗିକତା ସଂପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ । ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅହିଂସା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଏହି ଅବସରରେ ଅହିଂସା ଉପରେ ଆଧାରିତ ପ୍ରବନ୍ଧ, ବକ୍ତୃତା, କଣ୍ଠସଂଗୀତ, ଅଭିନୟ, ସାଧାରଣଜ୍ଞାନ, କବିତା, ସ୍ଲୋଗାନ, ଚିତ୍ରକଳା ଓ ପାରମ୍ପରିକ ପୋଷାକର ଫ୍ୟାଶନ ସୋ’ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଓ କାର୍ଯ୍ୟକ୍ରମ ଅଧିକାରୀ ଡ. ଶାରଦା ପ୍ରସନ୍ନ ଦାସ ପରିଚାଳନା କରିଥିଲେ ।

# ଶିଳ୍ପ ପ୍ରତିଷ୍ଠା ସୁଗମ ପାଇଁ ଅନୁକୂଳ ପରିବେଶକୁ ଗୁରୁତ୍ୱ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଓଏସପିସିବି) ପରିଦର୍ଶନ କରି ବୋର୍ଡର ବିଭିନ୍ନ କାର୍ଯ୍ୟକଳାପ, ନିୟାମକ ବ୍ୟବସ୍ଥା, ପରିବେଶ ନିରୀକ୍ଷଣ, ବର୍ଜ୍ୟ ପରିଚାଳନା, ମାନବ ସମ୍ବଳ, ବର୍ତ୍ତମାନର ଆହ୍ୱାନ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ସମୀକ୍ଷା କରିଥିଲେ। ମୁଖ୍ୟ ଶାସନ ସଚିବ ନୂତନ ନିବେଶ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ଲକ୍ଷ୍ୟରେ ପରିବେଶ ସୁରକ୍ଷା ସହ ଶିଳ୍ପ ବିକାଶର ସମନ୍ୱୟ ଉପରେ ଗୁରୁତ୍ୱ ଦେଇଥିଲେ।

ଶିଳ୍ପକୁ କେବଳ ଅନୁମତି ପ୍ରଦାନ ଓ ନିୟମ ପାଳନର ଯାଞ୍ଚରେ ସୀମିତ ନ ରଖି ତଥ୍ୟଭିତ୍ତିକ, ପ୍ରଯୁକ୍ତିନିର୍ଭର ଓ ସ୍ୱଚ୍ଛ ପରିବେଶ ପରିଚାଳନା ବ୍ୟବସ୍ଥା ଗଠନ ଦିଗରେ ବୋର୍ଡର ଭୂମିକା ଓ କାର୍ଯ୍ୟପନ୍ଥା ଉପରେ ସେ ଆଲୋଚନା କରିଥିଲେ। ବୋର୍ଡର ଆଗାମୀ କାର୍ଯ୍ୟପନ୍ଥାରେ ନୀତିଗତ ସଂସ୍କାର, ପ୍ରତିଷ୍ଠାନଗତ କ୍ଷମତା ବୃଦ୍ଧି, ଆଧୁନିକ ପ୍ରଯୁକ୍ତିର ବ୍ୟବହାର, ପରୀକ୍ଷାଗାର ଓ ଗବେଷଣା ଭିତ୍ତିଭୂମିର ସୁଦୃଢ଼ୀକରଣ, ବର୍ଜ୍ୟର ପୁନଃବ୍ୟବହାର, ଜନସଚେତନତା ଓ ମାନବ ସମ୍ବଳ ବିକାଶକ ଆଦିକୁ ପ୍ରାଥମିକତା ଭିତ୍ତିରେ ନେବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଓଏସପିସିବିର କାର୍ଯ୍ୟକୁ ଅଧିକ ପାରଦର୍ଶୀ କରିବା ନେଇ ସେ ପରାମର୍ଶ ଦେଇଥିଲେ।

ନୂତନ ନିବେଶ ଓ ଶିଳ୍ପ ପ୍ରତିଷ୍ଠାକୁ ସୁଗମ କରିବା ଲକ୍ଷ୍ୟରେ ଅନୁକୂଳ ପରିବେଶ ସୃଷ୍ଟି (ଇଜ୍ ଅଫ୍ ଡୁଇଂ ବିଜନେସ୍) କରିବା ଦିଗରେ ପରିବେଶ ସମ୍ବନ୍ଧୀୟ ଅନୁମୋଦନ ଓ ଅନୁପାଳନ ପ୍ରକ୍ରିୟାକୁ ଅଧିକ ସରଳ, ସ୍ୱଚ୍ଛ, ପୂର୍ବାନୁମାନଯୋଗ୍ୟ, ସମୟବଦ୍ଧ ଓ ପ୍ରଯୁକ୍ତିଭିତ୍ତିକ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଥିଲେ। ଏହା ଶିଳ୍ପଗୁଡ଼ିକୁ ଆବଶ୍ୟକ ପରିବେଶ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ସହ ରାଜ୍ୟରେ ନୂତନ ନିବେଶ ଓ ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକ ଅନୁକୂଳ ପରିବେଶ ସୃଷ୍ଟି କରିବ। ବିଭିନ୍ନ ବର୍ଜ୍ୟବସ୍ତୁ ସମ୍ପର୍କିତ ବୈଜ୍ଞାନିକ ଓ ସୁଚିନ୍ତିତ ପରିଚାଳନା ଉପରେ ସେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ପୌର ବର୍ଜ୍ୟ, ଶିଳ୍ପ ବର୍ଜ୍ୟ, ପ୍ଲାଷ୍ଟିକ ବର୍ଜ୍ୟ, ଇ-ବର୍ଜ୍ୟ, ନିର୍ମାଣ ଓ ଭଙ୍ଗା ବର୍ଜ୍ୟ, ପୁନଃଚକ୍ରଣ ଓ ସମ୍ପଦ ପୁନରୁଦ୍ଧାର ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଆବଶ୍ୟକ ବୋଲି ସେ କହିଥିଲେ।

## ୭ମ ଓଡ଼ିଶା ଟ୍ରାଭେଲ ବଜାର ଉଦ୍‌ଯାପିତ

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ଆୟୋଜିତ ତିନିଦିନିଆ ‘୭ମ ଓଡ଼ିଶା ଟ୍ରାଭେଲ ବଜାର’ ଆଜି ସଫଳତାର ସହ ଉଦ୍‌ଯାପିତ ହୋଇଛି। ପର୍ଯ୍ୟଟନ ବିଭାଗ ଓ ଫେଡେରେସନ ଅଫ୍ ଇଣ୍ଡିଆନ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି)ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ସମ୍ମିଳନୀ ରାଜ୍ୟର ପର୍ଯ୍ୟଟନ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନୂତନ ବ୍ୟାବସାୟିକ ସମ୍ଭାବନା ସୃଷ୍ଟି କରିଛି। ଏହି ବିଶାଳ ଆୟୋଜନରେ ୨୦୦ରୁ ଅଧିକ କ୍ରେତା ଓ ୧୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟଟନ ବ୍ୟବସାୟୀ ଅଂଶଗ୍ରହଣ କରିଥିଲେ। ଭାରତର ୩୨ଟି ସହରରୁ ୧୪୫ ଜଣ ଦେଶୀୟ ଟୁର୍ ଅପରେଟର ଓ ୨୭ଟି ଦେଶରୁ ୪୫ ଜଣ ବିଦେଶୀ ଟୁର୍ ଅପରେଟର ଏଥିରେ ଯୋଗଦେଇ ଓଡ଼ିଶାର ପର୍ଯ୍ୟଟନ ଉଦ୍ୟୋଗଗୁଡ଼ିକ ସହ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଥିଲେ। ଏହି ତିନି ଦିନରେ ୯,୦୦୦ରୁ ଅଧିକ ବ୍ୟାବସାୟିକ ବୈଠକ ଅନୁଷ୍ଠିତ ହୋଇଥିଲା, ଯାହା ନୂତନ ବାଣିଜ୍ୟିକ ସମ୍ପର୍କ ଓ ବଜାର ସମ୍ପ୍ରସାରଣ ପାଇଁ ବାଟ ଖୋଲିଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ଐତିହ୍ୟ, ଆଧ୍ୟାତ୍ମିକତା, ସମୁଦ୍ରକୂଳ, ବନ୍ୟପ୍ରାଣୀ, ପ୍ରକୃତି, ସାହସିକ ପର୍ଯ୍ୟଟନ, ଜନଜାତୀୟ ସଂସ୍କୃତି ଓ ଆଞ୍ଚଳିକ ଖାଦ୍ୟପେୟ ଭଳି ବିବିଧ ପର୍ଯ୍ୟଟନ ସମ୍ପଦକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରାଯାଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କ୍ୟାମ୍ପସକୁ ଫେରିଲା...

ପିପିଟି ମୋଡରେ ଥିବା ସେଲ୍ଫ ଫାଇନାନ୍ସିଂ ଛାତ୍ରଛାତ୍ରୀଙ୍କୁ ଭୋଟ୍ ଦେବା କିମ୍ବା ନିର୍ବାଚନ ଲଢ଼ିବାରୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ନିର୍ବାଚନ ଲଢ଼ିବା ପାଇଁ ଯୁକ୍ତ ତିନି ଡିଗ୍ରୀ ଛାତ୍ରଛାତ୍ରୀଙ୍କ ବୟସ ୧୭ରୁ ୨୨ ବର୍ଷ ଓ ପିଜି ଛାତ୍ରଛାତ୍ରୀଙ୍କ ବୟସ ସର୍ବାଧିକ ୨୫ ବର୍ଷ ହୋଇଥିବା ଜରୁରୀ। ଶ୍ରେଣୀ ଗୃହରେ ଅତି କମରେ ୭୫ ପ୍ରତିଶତ ଉପସ୍ଥାନ ରହିଥିବ ଓ ନିର୍ବାଚନ ଲଢୁଥିବା ବର୍ଷରେ କୌଣସି ଏକାଡେମିକ୍ ବ୍ୟାକ୍ ପେପର ନ ଥିବା ବାଧ୍ୟତାମୂଳକ କରାଯାଇଛି। ଜଣେ ପ୍ରାର୍ଥୀ କର୍ମକର୍ତ୍ତା ବା ଅଫିସ୍-ବିଅରର୍ ପଦ ପାଇଁ ଥରେ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ସର୍ବାଧିକ ଦୁଇ ଥର ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ପ୍ରାର୍ଥୀଙ୍କ ନାମରେ କୌଣସି ଅପରାଧିକ ରେକର୍ଡ, ବିଚାରାଧୀନ ମାମଲା କିମ୍ବା କଲେଜର ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ହୋଇନଥିବ।

ଅର୍ଥ ବଳ ଓ କୁପ୍ରଭାବ ଉପରେ କଟକଣା ଲଗାଇ ଜଣେ ପ୍ରାର୍ଥୀଙ୍କ ସର୍ବାଧିକ ଖର୍ଚ୍ଚ ସୀମା ୫ ହଜାର ଟଙ୍କା ଧାର୍ଯ୍ୟ କରାଯାଇଛି। ଫଳାଫଳ ପ୍ରକାଶର ଦୁଇ ସପ୍ତାହ ଭିତରେ ପ୍ରାର୍ଥୀଙ୍କୁ ଖର୍ଚ୍ଚର ସତ୍ୟପାଠ ଦାଖଲ କରିବାକୁ ପଡ଼ିବ ଓ ତାହା ଦୁଇ ଦିନ ମଧ୍ୟରେ ଏଚ୍‌ଆଇଏମ୍‌ଏସ୍ ପୋର୍ଟାଲ ଜରିଆରେ ସାର୍ବଜନୀନ ହେବ। ପ୍ରଚାର ବେଳେ ପ୍ରିଣ୍ଟେଡ୍ ପୋଷ୍ଟର, ପାମ୍ପଲେଟ୍, ଲାଉଡସ୍ପିକର, ଗାଡ଼ି କିମ୍ବା ପଶୁଙ୍କ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି ଓ କେବଳ କର୍ତ୍ତୃପକ୍ଷ ସ୍ଥିର କରିଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ହାତତିଆରି ପୋଷ୍ଟର ଲଗାଇବାକୁ ଅନୁମତି ରହିଛି। ସୋସିଆଲ ମିଡିଆରେ ଅପମାନ ବ୍ୟବହାର, ବ୍ୟକ୍ତିଗତ ଆକ୍ଷେପ, ଜାତି ଓ ଧର୍ମଗତ ବିଦ୍ୱେଷ ସୃଷ୍ଟି କିମ୍ବା ଏଆଇ-ନିର୍ମିତ ମିଥ୍ୟା ସୂଚନା ପ୍ରସାରଣ ଉପରେ କଟକଣା ଲଗାଯାଇଛି। କ୍ୟାମ୍ପସ ସମ୍ପତ୍ତି ନଷ୍ଟ, ଶିକ୍ଷାଦାନରେ ବାଧା ସୃଷ୍ଟି କରୁଥିବା ଶୋଭାଯାତ୍ରା କିମ୍ବା କ୍ୟାମ୍ପସ ବାହାରେ ସଭାସମିତି କରିବାକୁ ବାରଣ କରାଯାଇଛି। ଏଥିସହ କୌଣସି ଗୁରୁତର ତଥା ଅପରାଧିକ ଘଟଣା ଘଟିଲେ ୬ ଘଣ୍ଟା ମଧ୍ୟରେ ପୁଲିସ ନିକଟରେ ଏତଲା ଦେବାକୁ କଲେଜ କର୍ତ୍ତୃପକ୍ଷ ବାଧ୍ୟ ରହିବେ।

କ୍ୟାମ୍ପସରେ ପରିଷ୍କାର-ପରିଚ୍ଛନ୍ନତା ବଜାୟ ରଖିବାକୁ ମତଦାନ ସରିବାର ୪୮ ଘଣ୍ଟା ମଧ୍ୟରେ ନିର୍ବାଚନୀ ଅଞ୍ଚଳ ସଫା କରିବା ସମସ୍ତ ପ୍ରାର୍ଥୀଙ୍କ ମିଳିତ ଦାୟିତ୍ୱ ହେବ, ଯାହାର ଖିଲାପ କଲେ ପ୍ରାର୍ଥୀ ପିଛା ୧୫୦୦ ଟଙ୍କା ଜରିମାନା ସହ ପ୍ରାର୍ଥିତ୍ୱ ବାତିଲ ହେବାର ପ୍ରାବଧାନ ରହିଛି। ପ୍ରତି କଲେଜ ଓ ବିଶ୍ୱବିଦ୍ୟାଳୟରେ ନିରପେକ୍ଷ ପର୍ଯ୍ୟବେକ୍ଷକ ନିଯୁକ୍ତ ହେବା ସହ ବିବାଦର ସମାଧାନ ପାଇଁ ଛାତ୍ର କଲ୍ୟାଣ ଡିନ୍ ବା ପ୍ରଭାରୀ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧ୍ୟାପକ, ପ୍ରଶାସନିକ ଅଧିକାରୀ ଓ ଦୁଇ ଜଣ ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଅଭିଯୋଗ ନିବାରଣ ସେଲ୍ ଗଠନ କରାଯିବ।

### ସ୍ୱଚ୍ଛତା’କୁ ଜନଆନ୍ଦୋଳନରେ...

ଗଙ୍ଗାଧର ମେହେରଙ୍କ ସାଧନା ପୀଠ। ଏହା ଆମ ସାହିତ୍ୟ, ସଂସ୍କୃତି, କଳା ଓ ସଂସ୍କାରର ପ୍ରାଣକେନ୍ଦ୍ର। ଏହି ପବିତ୍ର ମାଟିକୁ ସ୍ୱଚ୍ଛ, ସୁନ୍ଦର, ଆବର୍ଜନାମୁକ୍ତ ଓ ସୁସ୍ଥ ରଖିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ। ଏହି ଆଧ୍ୟାତ୍ମିକ ଓ ସାମାଜିକ ଚିନ୍ତାଧାରାକୁ ଆଗେଇ ନେବା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି ଯେ ସମ୍ବଲପୁରର ପ୍ରତ୍ୟେକ ନାଗରିକ, ଯୁବ ସାଥୀ, ମା’ ଓ ଭଉଣୀ, ଜନପ୍ରତିନିଧି ଓ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ନିଜ ଗାଁ, ପଡ଼ା, ୱାର୍ଡ, ଅଞ୍ଚଳ ଓ ସାଧାରଣ ସ୍ଥାନଗୁଡ଼ିକୁ ସଫା କରିବାରେ ନିଜର ଯୋଗଦାନ ଦିଅନ୍ତୁ। ସମସ୍ତେ ମିଶି ସ୍ୱଚ୍ଛତାକୁ ଏକ ଜନ-ଆନ୍ଦୋଳନରେ ପରିଣତ କରି ସମ୍ବଲପୁରକୁ ଏକ ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ଜିଲ୍ଲାରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ଅପ୍ଟୋଜେନେଟିକ୍ସ ଆବିଷ୍କାର...

ଶୈବାଳ ଉପରେ ଗବେଷଣା କରୁଥିଲେ ସେତେବେଳେ ‘ଅପ୍ଟୋଜେନେଟିକ୍ସ’ର ଭିତ୍ତି ପଡ଼ିଥିଲା। ଗବେଷଣା ବେଳେ ସେମାନେ ଶୈବାଳର ପ୍ଲାଜ୍ମାମେମ୍ବ୍ରେନରେ ‘ଚାନେଲରୋଡୋପସିନ’ ନାମକ ଏକ ପ୍ରୋଟିନର ଆବିଷ୍କାର କରିଥିଲେ। ଏହା ଏକ ନୀଳ ଆଲୋକ ସଂସ୍ପର୍ଶରେ ଆସିବା ପରେ ଏଥିରେ ଏକ ଚ୍ୟାନେଲ ସୃଷ୍ଟି ହୋଇଥିଲା, ଯେଉଁ ବାଟ ଦେଇ ଚାର୍ଜ ହୋଇଥିବା ପାର୍ଟିକଲ ସବୁ ପ୍ରବାହିତ ହେଉଥିଲେ ଓ ଏକ ବୈଦ୍ୟୁତିକ ସଂକେତ ସୃଷ୍ଟି କରୁଥିଲେ। ଡାଇସରୋଥ୍ ଆଉ ପାଦେ ଆଗକୁ ଯାଇ ‘ଚାନେଲରୋଡୋପ୍ସିନ’ ପ୍ରୋଟିନକୁ ମୂଷାର ବ୍ରାୟନ୍‌କୋଷରେ ପ୍ରବେଶ କରାଇଥିଲେ। ତାହାକୁ ନୀଳ ଆଲୋକ ସଂସ୍ପର୍ଶରେ ଆଣି ସେ ସେଥିରେ ଏକ ସ୍ନାୟୁ ସଂକେତ ସୃଷ୍ଟି କରିବାରେ ସଫଳ ହୋଇଥିଲେ। ୨୦୦୫ରେ ପ୍ରଥମେ ଏହି ଆବିଷ୍କାର ଲୋକଲୋଚନକୁ ଆସିଥିଲା। ଏହାର ଦୁଇ ବର୍ଷ ପରେ ଆଲୋକ ଦ୍ୱାରା ନିୟନ୍ତ୍ରିତ ସ୍ନାୟୁର କିପରି ଜୀବନ୍ତ ମୂଷାର ମସ୍ତିଷ୍କରେ କାମ କରୁଛି, ତାହାର ପ୍ରଦର୍ଶନ କରିଥିଲେ। ଏହି ସମଗ୍ର କୌଶଳକୁ ଅପ୍ଟୋଜେନେଟିକ୍ସ ନାମରେ ନାମିତ କରାଯାଇଥିଲା। ଏହି ଆବିଷ୍କାର ସମ୍ପ୍ରତି ବ୍ରେନ୍ ଉପରେ ଗବେଷଣା କରିବା ଲାଗି ଏକ ବଳିଷ୍ଠ ମାଧ୍ୟମ ପାଲଟିଛି। ଡାଇସରୋଥ୍ କାଲିଫର୍ଣ୍ଣିଆର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟରେ, ହେଗମ୍ୟାନ୍ ବର୍ଲିନର ହମ୍ବୋଲ୍ଟ ବିଶ୍ୱବିଦ୍ୟାଳୟରେ ଓ ନାଗେଲ୍ ଜର୍ମାନୀର ୱର୍ଜବର୍ଗ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ। ନୋବେଲ ଆସେମ୍ବ୍ଲି ‘ଅପ୍ଟୋଜେନେଟିକ୍ସ’ ଆବିଷ୍କାରକୁ ନ୍ୟୁରୋସାଇନ୍ସ ପାଇଁ ଏକ ନୂତନ ଯୁଗ ଭାବେ ଅଭିହିତ କରିଛି।

### ଆମିଷ ସହ...

ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ହୋଟେଲରେ ମହାପ୍ରସାଦକୁ ଏପରି ଭାବେ ଅବମାନନା କରାଯାଉଥିବାରୁ ଉକ୍ତ ଗ୍ରାହକ ଜଣଙ୍କ ଏହାକୁ କଡ଼ା ବିରୋଧ କରିବା ସହ ଆଖପାଖ ଅଞ୍ଚଳର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ଫଳରେ ସେଠାରେ ଲୋକମାନଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ସ୍ଥାନୀୟ କୁମ୍ଭାରପଡ଼ା ଥାନାକୁ ଖବର ଦିଆଯିବା ପରେ ପୁଲିସ୍‌ର ଏକ ଟିମ୍ ସେଠାରେ ପହଞ୍ଚି ସେଠିକାର ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ରୋକିଥିଲେ। ପୁଲିସ୍ ଉତ୍ତେଜିତ ଲୋକଙ୍କୁ ନିୟନ୍ତ୍ରଣ କରିବା ସହ ତୁରନ୍ତ ଉକ୍ତ ହୋଟେଲ୍‌ର ମାଲିକଙ୍କୁ ଗିରଫ କରିବା ସହ ପଚରାଉଚରା ଚଳାଇଛି। ତେବେ ଏହି ଘଟଣା ପଛରେ ଅନ୍ୟ କାହାର ହାତ ରହିଛି କି ନାହିଁ, ତାହା ଜାଣିବା ସକାଶେ ପୁଲିସ୍ ତଦନ୍ତ ଚଳାଇଛି। ଉକ୍ତ ହୋଟେଲ୍‌କୁ ମହାପ୍ରସାଦ କିପରି ଅବା ଆସୁଥିଲା, ସେନେଇ ମଧ୍ୟ ତଦନ୍ତ ଚାଲିଥିବା କୁମ୍ଭାରପଡ଼ା ପୁଲିସ୍ ସ୍ପଷ୍ଟ କରିଛି।

### ସ୍ୱତନ୍ତ୍ର ଆର୍କାଇଭ...

ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। ଆହୁରି ଚଳଚ୍ଚିତ୍ର ଐତିହ୍ୟକୁ ସୁରକ୍ଷିତ ରଖିବା ପାଇଁ ଏକ ସ୍ୱତନ୍ତ୍ର ଆର୍କାଇଭ ଓ ମ୍ୟୁଜିୟମ ମଧ୍ୟ ସ୍ଥାପନ କରାଯାଇଛି, ଯେଉଁଠାରେ ପୁରୁଣା ଫିଲ୍ମ, ପୋଷ୍ଟର, ଫଟୋଗ୍ରାଫ୍ ଓ ଐତିହାସିକ ଦଲିଲଗୁଡ଼ିକୁ ସଂରକ୍ଷିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟୁଡିଓ ଏବଂ ଓଡ଼ିଆ ସିନେମାର ପୁରୁଣା ଇତିହାସକୁ ସ୍ମରଣ କରିଥିଲେ। ସେ କହିଥିଲେ ଯେ, ପଚାଶ ଓ ଷାଠିଏ ଦଶକରେ ‘ମା’, ‘ଅମଡ଼ାବାଟ’, ‘ମାଟିର ମଣିଷ’ ପରି କାଳଜୟୀ ଚଳଚ୍ଚିତ୍ର ଓଡ଼ିଆ ସାହିତ୍ୟ ସହ ସିନେମାର ଏକ ଅନ୍ତରଙ୍ଗ ସମ୍ପର୍କ ସ୍ଥାପନ କରିଥିଲା। ଓଡ଼ିଶାରେ ସିନେମା ନିର୍ମାଣ କରିବା ପାଇଁ ୧୯୮୦ରେ କଳିଙ୍ଗ ଷ୍ଟୁଡିଓ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ସମୟକ୍ରମେ ପ୍ରାକୃତିକ ବିପର୍ଯ୍ୟୟ ଓ ପ୍ରଯୁକ୍ତିବିଦ୍ୟାରେ ଆସିଥିବା ଦ୍ରୁତ ପରିବର୍ତ୍ତନ କାରଣରୁ ଏହାର ନବୀକରଣ ଅନିବାର୍ଯ୍ୟ ହୋଇପଡ଼ିଥିଲା। ରାଜ୍ୟର ପ୍ରତିଭାବାନ ଯୁବପିଢ଼ିଙ୍କ ପ୍ରତି ଗଭୀର ଆଶା ପ୍ରକଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଯୁବବର୍ଗ ଅଭିନୟ, ନିର୍ଦ୍ଦେଶନା, ସିନେମାଟୋଗ୍ରାଫି, ଆନିମେସନ୍, ସାଉଣ୍ଡ ଡିଜାଇନ୍ ଓ ଡିଜିଟାଲ୍ ପ୍ଲାଟଫର୍ମ ପାଇଁ କାହାଣୀ ଲେଖିବାରେ ବେଶ୍ ଆଗୁଆ ରହିଛନ୍ତି। କଳିଙ୍ଗ ଷ୍ଟୁଡିଓ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ଏକ ପ୍ରମୁଖ ମାଧ୍ୟମ ପାଲଟିବ। ନିଜର ମୌଳିକ କାହାଣୀ, ଲୋକକଥା, ଇତିହାସ ଓ ସାଂସ୍କୃତିକ ପୃଷ୍ଠଭୂମିକୁ ଆଧାର କରି ସିନେମା ନିର୍ମାଣ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହାର ରୂପାନ୍ତରଣ ଓ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମତ ଦେଇଛନ୍ତି। ପୁନଃବିକଶିତ କଳିଙ୍ଗ ଷ୍ଟୁଡିଓକୁ ଏକ ଅତ୍ୟାଧୁନିକ ଫିଲ୍ମ ଷ୍ଟୁଡିଓ କମ୍ପ୍ଲେକ୍ସ ଭାବେ ବିକଶିତ କରାଯାଇଛି ବୋଲି ସେ କହିଥିଲେ। ଚଳଚ୍ଚିତ୍ର ଶିଳ୍ପ କେବଳ ମନୋରଞ୍ଜନର କ୍ଷେତ୍ର ନୁହେଁ, ବରଂ ଏହା ଏକ ବିଶାଳ ଆର୍ଥିକ ଇକୋସିଷ୍ଟମ ବୋଲି ସେ କହିଛନ୍ତି। ଏହି ଅବସରରେ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ନୂତନ ଅଫିସିଆଲ୍ ପୋର୍ଟାଲ ମଧ୍ୟ ଉନ୍ମୋଚିତ ହୋଇଛି। କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କୋରେଇ ବିଧାୟକ ଆକାଶ ଦାସ ନାୟକ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଓ କଳିଙ୍ଗ ଷ୍ଟୁଡିଓର ପରିଚାଳନା ନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ଥିଲେ।

### ସ୍ୱାଧୀନ ବିଧାୟକଙ୍କ...

ସର୍ବୋଚ୍ଚ କିମ୍ବା ବିଜେପିର ରକ୍ତଦାନ କାର୍ଯ୍ୟକ୍ରମ ହେଉ, କିନ୍ତୁ ସବୁଠାରେ ଦଳ ବଳ ଧରି ଆଗରେ। ହେଲେ ଜିଲ୍ଲାରେ ଯେଭଳି ତାଙ୍କ ସମର୍ଥକମାନେ ରକ୍ତମୁଖା ହେଉଛନ୍ତି, ତାହା ଜିଲ୍ଲାରେ ହାରିଥିବା ନେତାମାନଙ୍କୁ କେବଳ ଏକଜୁଟ କରୁନାହିଁ, ବିରୋଧୀ ଦଳ ସପକ୍ଷରେ ଲୋକଙ୍କର ସହାନୁଭୂତି ମଧ୍ୟ ସୃଷ୍ଟି ହେବାରେ ଲାଗିଛି। କାରଣ ଜିଲ୍ଲାବାସୀ ଏଭଳି ହିଂସାତ୍ମକ ରାଜନୀତିକୁ ପସନ୍ଦ କରୁନାହାନ୍ତି। ଯଦି ଏଭଳି ଅବସ୍ଥା ଲାଗି ରୁହେ, ତା’ହେଲେ ବିଜେଡ଼ିକୁ ପ୍ରତ୍ୟାଖାନ କରିଥିବା ଭୋଟରମାନେ ପୁଣିଥରେ ସେମାନଙ୍କୁ ନିକଟକୁ ନେବା ନେଇ ଚିନ୍ତା କରିବେ।

ଗୋଟିଏ ପଟେ କଲେଜ ନିର୍ବାଚନ ଘୋଷଣା ହୋଇଥିବା ବେଳେ ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ ଆସୁଛି। ଏଭଳି ସ୍ଥିତିରେ ସରକାରୀ ଦଳର ସମର୍ଥକ ବିଧାୟକମାନେ ହିଂସାତ୍ମକ ଆଚରଣ ପ୍ରଦର୍ଶନ କରିବା ଏବେ ଶାସକ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ହେବାରେ ଲାଗିଛି। ଏହା କେବଳ ହାରିଥିବା ବିଧାୟକ ପ୍ରାର୍ଥୀଙ୍କ ପ୍ରତି ସହାନୁଭୂତି ସୃଷ୍ଟି କରୁନାହିଁ, ଶାସକ ଦଳ ବିରୋଧରେ ଜନମତ ସୃଷ୍ଟିର କାରଣ ମଧ୍ୟ ପାଲଟୁଛି।

*ଯାଜପୁର-କେନ୍ଦୁଝର ରୋଡ଼ ରେଲୱେ ଷ୍ଟେସନ*

## ଅପର ପାର୍ଶ୍ୱରେ ଟିକେଟ କେନ୍ଦ୍ର ଖୋଲିବାକୁ ଦାବି



ଯାଜପୁର ରୋଡ଼, ୫।୧୦ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରାଅଂଚଳ ସହରର ମୁଖ୍ୟ ଯାଜପୁର-କେନ୍ଦୁଝର ରୋଡ଼ ରେଲୱେ ଷ୍ଟେସନର ଅପର ପାର୍ଶ୍ୱ ତଥା ମାଲ ଗୋଦାମ ପାର୍ଶ୍ୱରେ ଏକ ଟିକେଟ ବିକ୍ରି କେନ୍ଦ୍ର ଖୋଲିବା ପାଇଁ ସାଧାରଣରେ ଦାବି ଜୋର ଧରିଛି। ମାଲ ଗୋଦାମ ପାର୍ଶ୍ୱରୁ ବିଭିନ୍ନ ଅଂଚଳର ଶତାଧିକ ଯାତ୍ରୀ ପ୍ରତିଦିନ ଯାତାୟାତ କରନ୍ତି। ବର୍ତ୍ତମାନ ଅପର ପାର୍ଶ୍ୱରେ ସମସ୍ତ ଯାତ୍ରୀଙ୍କୁ ଟିକେଟ ପାଇଁ ଫୁଟ୍ ଓଭର ବ୍ରିଜ୍ ପାସକରି ମୁଖ୍ୟ ଟିକେଟ ବିକ୍ରି କେନ୍ଦ୍ରକୁ ଯିବାକୁ ପଡୁଛି। ଫଳରେ ଟ୍ରେନ ଛୁଟିଯିବା ଓ ଭିଡ଼ ବେଳେ ଅହେତୁକ ଅସୁବିଧା ପରିଲକ୍ଷିତ ହେଉଛି।

ତେଣୁ ଅପର ପାର୍ଶ୍ୱରେ ଆଉଏକ ଟିକେଟ ବିକ୍ରି କେନ୍ଦ୍ର ଖୋଲାଯିବା ଦ୍ୱାରା ବୟସ୍କ ବ୍ୟକ୍ତି, ମହିଳା ଓ ଦିବ୍ୟାଙ୍ଗ ଯାତ୍ରୀ ସହଜରେ ଟିକେଟ ପାଇପାରିବେ। ମୁଖ୍ୟ ପ୍ଲାଟଫର୍ମରେ ଭିଡ଼ କମିବ ଓ ଟିକେଟ କେନ୍ଦ୍ରରେ ଧାଡ଼ି ହ୍ରାସ ପାଇବ। ମାଲ ଗୋଦାମ ଅଂଚଳ ବ୍ୟବସାୟୀ ଉପକୃତ ହେବେ। ଷ୍ଟେସନର ଉଭୟ ପାର୍ଶ୍ୱର ସନ୍ତୁଳିତ ବିକାଶ ହୋଇପାରିବ। ଏଣୁ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅପର ପାର୍ଶ୍ୱରେ ତୁରନ୍ତ ଏକ ଅତିରିକ୍ତ ଟିକେଟ କେନ୍ଦ୍ର ଖୋଲିବାକୁ ରେଳ ବିଭାଗ ନିକଟରେ ସାଧାରଣରେ ଦାବି କରାହେଉଛି।

### ଓଡ଼ପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ତଦନ୍ତକୁ ନେଇ ବଢ଼ିଲା ବିବାଦ

# ତଦନ୍ତରେ ସନ୍ତୁଷ୍ଟ ନୁହଁନ୍ତି ମହିଳା ଡାକ୍ତର

### ମହିଳା କମିଶନ ଓ ଏସପିଙ୍କ ଦ୍ୱାରସ୍ଥ ହେବେ

ଆନନ୍ଦପୁର,୫।୧୦ (ସଂଚାର ବ୍ୟୁରୋ): ଓଡ଼ପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ମହିଳା ଆୟୁଷ ଡାକ୍ତର ଇତିଶ୍ରୀ ଦାସଙ୍କ ଅଭିଯୋଗ ଅନୁସାରେ, ଓଡ଼ପଡ଼ା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରରେ କାର୍ଯ୍ୟରତ ଏମବିବିଏସ ଡାକ୍ତର ସ୍ମୃତିରଞ୍ଜନ ସାମଲ ତାଙ୍କ ସହ ଅଶାଳୀନ ବ୍ୟବହାର କରିବା ସହ ଏଲୋପାଥିକ୍ ଔଷଧ ଲେଖିବାକୁ ବାଧ୍ୟ କରୁଥିବା ଅଭିଯୋଗ ହୋଇଛି। ଏପରିକି ତାଙ୍କୁ ଧମକ ଦେବା, ମାନସିକ ଭାବେ ହଇରାଣ କରିବା ଏବଂ ନିଜ ଜୀବନ ପ୍ରତି ବିପଦ ଥିବା ନେଇ ପ୍ରାୟ ପାଞ୍ଚ ମାସ ପୂର୍ବରୁ ସାଇଁକୁଳ ମେଡିକାଲ ଅଫିସର ରାଜେନ୍ଦ୍ର ମୁର୍ମୁଙ୍କୁ ଲିଖିତ ଭାବେ ଜଣାଇଥିଲେ। କିନ୍ତୁ ଅଭିଯୋଗ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ବାଧ୍ୟ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ ମହିଳା ଡାକ୍ତର।




ତେବେ ଏହି ଘଟଣାକୁ ନେଇ ଖବର ପ୍ରସାରଣ ପରେ ତରବରିଆ ଭାବେ କେନ୍ଦୁଝର ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଓଡ଼ପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପହଞ୍ଚି ତଦନ୍ତ କରିଛନ୍ତି। ତେବେ ଏହି ତଦନ୍ତକୁ ନେଇ ଏବେ ଅସନ୍ତୋଷ ପ୍ରକାଶ କରିଛନ୍ତି ମହିଳା ଆୟୁଷ ଡାକ୍ତର। ତେବେ ପ୍ରଶ୍ନ ଉଠୁଛି ତଦନ୍ତ ଟିମ୍ ପହଞ୍ଚିବା ପୂର୍ବରୁ କିଛି ଭଦ୍ର ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ସେଠାରେ ପହଞ୍ଚି ଟିମ୍‌କୁ ଅପେକ୍ଷା କରିଥିଲେ। ତେଣୁ ତଦନ୍ତ ପୂର୍ବରୁ ସୂଚନା ଦିଆଯାଇଥିଲା କି?

ମହିଳା ଡାକ୍ତରଙ୍କ ଅଭିଯୋଗ, ତାଙ୍କ ମୂଳ ଅଭିଯୋଗକୁ ଗୁରୁତ୍ୱ ଦିଆନଯାଇ ଏଲୋପାଥିକ୍ ଔଷଧ ଲେଖିବା ଓ ରୋଗୀଙ୍କୁ ଛୁଇଁବା ପ୍ରସଙ୍ଗରେ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ତେବେ ପ୍ରଶ୍ନ ଉଠୁଛି— ତଦନ୍ତ କାହା ବିରୋଧରେ ଥିଲା? ଅଭିଯୋଗର ସତ୍ୟାସତ୍ୟ ଖୋଜିବା ପାଇଁ ତଦନ୍ତ ହୋଇଥିଲା ନା ଅଭିଯୋଗକାରୀଙ୍କୁ ହିଁ ପ୍ରଶ୍ନ କରିବା ପାଇଁ ଟିମ୍ ଗଠିତ ହୋଇଥିଲା?

ଆହୁରି ଏକ ବଡ଼ ପ୍ରଶ୍ନ— ତଦନ୍ତ ଟିମ୍‌ରେ କେଉଁ କେଉଁ ଅଧିକାରୀ ଥିଲେ? କେଉଁ ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ ହେଲା? ଏପଟେ ମେଡିକାଲ ପରିସରରେ ଭୋଜିଭାତ, ମଦ୍ୟପାନ ଏବଂ ମଦ ବୋତଲ ପଡ଼ିଥିବା ଅଭିଯୋଗଗୁଡ଼ିକୁ ତଦନ୍ତରେ କେତେ ଗୁରୁତ୍ୱ ଦିଆଗଲା— ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ମହିଳା ଆୟୁଷ ଡାକ୍ତର ଇତିଶ୍ରୀ ଦାସ କହିଛନ୍ତି— ଏହି ତଦନ୍ତରୁ ତାଙ୍କୁ ନ୍ୟାୟ ମିଳିବ ବୋଲି ସେ ଆଶାବାଦୀ ନୁହନ୍ତି। ଖୁବ୍ ଶୀଘ୍ର ମହିଳା କମିଶନ ଏବଂ କେନ୍ଦୁଝର ଏସପିଙ୍କୁ ଲିଖିତ ଭାବେ ଜଣାଇବେ ବୋଲି କହିଛନ୍ତି। ସେପଟେ ଏହି ଘଟଣା ସମ୍ପର୍କରେ କେନ୍ଦୁଝର ସିଡିଏମଓଙ୍କୁ ପଚାରିବାରୁ ସେ କହିଛନ୍ତି— ତଦନ୍ତ ପାଇଁ ଟିମ୍ ଗଠନ ହୋଇଥିଲା, କିନ୍ତୁ କିଏ କିଏ ଯାଇଥିଲେ ସେ ଜାଣିନାହାନ୍ତି। ତେବେ ଯେତେବେଳେ ଜଣେ ମହିଳା ଡାକ୍ତର ପାଞ୍ଚ ମାସ ପୂର୍ବରୁ ଲିଖିତ ଅଭିଯୋଗ କରିଥିଲେ, ସେତେବେଳେ କାହିଁକି ତୁରନ୍ତ ପଦକ୍ଷେପ ନିଆଗଲା ନାହିଁ? ଏବେ ଖବର ପ୍ରସାରଣ ପରେ ତଦନ୍ତ ହେଲା, କିନ୍ତୁ ତଦନ୍ତ ପ୍ରକ୍ରିୟାକୁ ନେଇ ପୁଣି ଅଭିଯୋଗ ଉଠିଲା। ତେବେ ଓଡ଼ପଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପ୍ରକୃତରେ ଘଟିଛି କଣ? ମହିଳା ଡାକ୍ତରଙ୍କ ଅଭିଯୋଗର ତଦନ୍ତ କେବେ ହେବ ନିରପେକ୍ଷ ଭାବେ? ଦୋଷୀ ଥିଲେ କାର୍ଯ୍ୟାନୁଷ୍ଠାନ ହେବ କେବେ? ତେବେ ଦେଖିବାକୁ ବାକି ରହିଲା ସତ୍ୟ କେବେ ପ୍ରମାଣିତ ହେଉଛି ଦୋଷୀ କେବେ ଦଣ୍ଡ ପାଉଛି।

## ଏମ୍‌ବିବିଏସ୍ ଶିକ୍ଷାରେ ଯୋଗାଯୋଗ ଦକ୍ଷତା ପ୍ରଶିକ୍ଷଣ ଓ ଦକ୍ଷତା ମାପିବା ମଧ୍ୟରେ ବଡ଼ ଫାଙ୍କ



ଭୁବନେଶ୍ୱର,୫।୧୦ (ସଂଚାର ବ୍ୟୁରୋ): ଦେଶରେ ସ୍ନାତକ ଡାକ୍ତରୀ ଶିକ୍ଷାରେ ରୋଗୀଙ୍କ ସହ ଯୋଗାଯୋଗ ଦକ୍ଷତା ବିକାଶ ପାଇଁ ପ୍ରଶିକ୍ଷଣ ଦିଆଯାଉଥିଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ଏହି ଦକ୍ଷତାର ଦୀର୍ଘକାଳୀନ ମୂଲ୍ୟାଙ୍କନ ଓ ରେକର୍ଡ ରଖିବାରେ ଏକ ବଡ଼ ଫାଙ୍କ ରହିଥିବା ଏକ ଜାତୀୟ ପରାମର୍ଶରୁ ଜଣାପଡ଼ିଛି।

କ୍ଲିନିକାଲ୍ କମ୍ୟୁନିକେସନ୍ ଶିକ୍ଷା ଉପରେ ଆୟୋଜିତ ଏହି ଜାତୀୟ ପରାମର୍ଶରେ ଦେଶର ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୧୪୭ଟି ମେଡିକାଲ୍ ଅନୁଷ୍ଠାନରୁ ୧୫୨ଟି ମତାମତ ମିଳିଥିଲା। ଏଥିରେ ୭୬ ପ୍ରତିଶତ ଅଂଶ ଗ୍ରହଣକାରୀ ଏମ୍‌ବିବିଏସର ଅଧିକାଂଶ କିମ୍ବା ସମସ୍ତ ପର୍ଯ୍ୟାୟରେ ଗଠନମୂଳକ ଯୋଗାଯୋଗ ପ୍ରଶିକ୍ଷଣ ଦିଆଯାଉଥିବାବେଳେ ମାତ୍ର ୪ ପ୍ରତିଶତ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ବ୍ୟକ୍ତିଗତ ମତାମତ, ଦକ୍ଷତାର ବିକାଶ ଓ ପରବର୍ତ୍ତୀ ପ୍ରଗତି ନିର୍ଦ୍ଦେଶ ପାଇଁ ଏକୀକୃତ ଦୀର୍ଘକାଳୀନ ରେକର୍ଡ ବ୍ୟବହାର କରାଯାଉଥିବା ଜଣାପଡ଼ିଛି।

ନିକଟରେ ନୂଆଦିଲ୍ଲୀରେ ଆୟୋଜିତ ନ୍ୟାସନାଲ୍ ଆଡଭାଇଜରି ସେସନ୍ ଅନ୍ କ୍ଲିନିକାଲ୍ କମ୍ୟୁନିକେସନ୍‌ରେ ଏହି ତଥ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କ୍ଲିନିକାଲ୍ କମ୍ୟୁନିକେସନ୍ ସମ୍ପର୍କିତ ସ୍ପେଶାଲ୍ ଇଂଟରେଷ୍ଟ ଗ୍ରୁପ୍ (ଏସ୍‌ଆଇଜି) ପକ୍ଷରୁ ଏକ ଜାତୀୟ ବ୍ଲୁପ୍ରିଂଟ ମଧ୍ୟ ପ୍ରକାଶ କରାଯାଇଥିଲା।

ଏହି ପରାମର୍ଶର ଉଦ୍ଦେଶ୍ୟ ଥିଲା ସ୍ନାତକ ଡାକ୍ତରୀ ଶିକ୍ଷାରେ ଯୋଗାଯୋଗ ଦକ୍ଷତା କିପରି ପଢ଼ାଯାଉଛି, ଅଭ୍ୟାସ କରାଯାଉଛି, ମୂଲ୍ୟାଙ୍କନ ହେଉଛି ଏବଂ ତାହାର ରେକର୍ଡ ରଖାଯାଉଛି, ସେ ସମ୍ପର୍କରେ ଧାରଣା ହାସଲ କରିବା। ଏଥି ସହ ବିଭିନ୍ନ ମେଡିକାଲ୍ ଅନୁଷ୍ଠାନରେ ଏହାକୁ କାର୍ଯ୍ୟକାରୀ କରିବା ସମୟରେ ସାମ୍ନା କରାଯାଉଥିବା ବ୍ୟବହାରିକ ସମସ୍ୟାଗୁଡ଼ିକୁ ମଧ୍ୟ ଚିହ୍ନଟ କରିବା ଉଦ୍ଦେଶ୍ୟ ଥିଲା। ଏହି ଜାତୀୟ ପଦକ୍ଷେପ ପାଇଁ ତଥ୍ୟ ଓ ଅଭିଜ୍ଞତା ଯୋଗାଇବାରେ ଓଡ଼ିଶାର ମଧ୍ୟ ସିଧାସଳଖ ଅବଦାନ ରହିଛି। ଭୁବନେଶ୍ୱରସ୍ଥିତ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଏହି ପ୍ରକ୍ରିୟାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି।

## ଜାତୀୟ ପ୍ରେସ ଦିବସ ପାଇଁ ସାମ୍ବାଦିକ ମହାସଂଘର ପ୍ରସ୍ତୁତି ବୈଠକ



କେସିଙ୍ଗା,୫।୧୦ (ସଂଚାର ବ୍ୟୁରୋ): ଆସନ୍ତା ନଭେମ୍ବର ୧୬ ତାରିଖରେ ଜାତୀୟ ପ୍ରେସ ଦିବସ ପାଳନ ନେଇ କେସିଙ୍ଗା ସାମ୍ବାଦିକ ମହାସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବୃନ୍ଦାବନ ଇନ୍ ରେଷ୍ଟୁରାଣ୍ଟଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଦୟାନିଧି ସୁନାନୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଚଳିତ ବର୍ଷ ଜାତୀୟ ପ୍ରେସ ଦିବସ ପାଳନ ନେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଦିବସ ପାଳନର ଆୟୋଜନ, କାର୍ଯ୍ୟକ୍ରମର ରୂପରେଖା, ଅତିଥି ଆମନ୍ତ୍ରଣ ସମେତ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ସଦସ୍ୟମାନେ ନିଜ ନିଜ ମତାମତ ରଖିଥିଲେ। ଆଲୋଚନା ପରେ କାର୍ଯ୍ୟକ୍ରମର ପ୍ରସ୍ତୁତିକୁ ନେଇ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ଘୁନସର ଶ୍ରୀ ଅରବିନ୍ଦ ଯୁବକ ସଂଘର ନୂଆଁଖାଇ ଭେଟଘାଟ

ସଇଁତଲା,୫।୧୦ (ସଂଚାର ବ୍ୟୁରୋ): ସଇଁତଲା ବ୍ଲକ ଅନ୍ତର୍ଗତ ଘୁନସର ଗ୍ରାମରେ ଶ୍ରୀ ଅରବିନ୍ଦ ଯୁବକ ସଂଘ ଆନୁକୂଲ୍ୟରେ ନୂଆଁଖାଇ ଭେଟଘାଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସଂଘର ସଭାପତି ମୋନଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ସେହିପରି ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ବେଲଗାଁ ଜୋନ ମଣ୍ଡଳ ସଭାପତି ବିରଞ୍ଚି ପୁଟେଲ, ଜିଲ୍ଲାପରିଷଦ ସଭ୍ୟ ପ୍ରମୋଦ ଭୋଇ, ବିଜେପି ନେତା ମହେନ୍ଦ୍ର ଠାକୁର, ବେଲଗାଁ ସରପଞ୍ଚ ରାମଚନ୍ଦ୍ର ବେହେରା ଏବଂ ଶିଶକେଲା ସମିତି ସଭ୍ୟ ଉମାକାନ୍ତ ରଣା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।



ଅତିଥିମାନେ ନୂଆଁଖାଇ ପର୍ବର ମହତ୍ତ୍ୱ, ପଶ୍ଚିମ ଓଡ଼ିଶାର ପରମ୍ପରା ଓ ଭାଇଚାରା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ ଦଳ ଓ ସ୍ଥାନୀୟ କଳାକାରଙ୍କ ଦ୍ୱାରା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ନୂଆଁଖାଇ ଭେଟଘାଟ ମାଧ୍ୟମରେ ଅଞ୍ଚଳବାସୀଙ୍କ ମଧ୍ୟରେ ଭାଇଚାରା ଓ ସାମାଜିକ ଏକତାର ବାର୍ତ୍ତା ପ୍ରସାରିତ ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଶ୍ରୀ ଅରବିନ୍ଦ ଯୁବକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ।

## ୫ ବନ୍ଧୁକ ସହ ବିପୁଳ ବିସ୍ଫୋରକ ଓ ଶିକାର ଫାଶ ଜବତ, ୬ ଗିରଫ



ନୀଳଗିରି,୫।୧୦ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡ କୁଲଡିହା ରେଞ୍ଜ ଓ ସୋର ରେଞ୍ଜ ବନ ବିଭାଗ ଦ୍ୱାରା ମିଳିତ ଚଢ଼ାଉ କରାଯାଇ ୬ ଜଣ ଶିକାରୀ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୫ ଟି ହାତ ତିଆରି ଦେଶୀ ବନ୍ଧୁକ, ଗୁଳି, ଧନୁତୀର, ବିପୁଳ ବିସ୍ଫୋରକ, ଫାଶ ଓ ଶିକାର ସରଞ୍ଜାମ ଜବତ କରଯାଇଛି।କୁଲଡ଼ିହା ଅଭୟାରଣ୍ୟର କବାଟଘାଇ ଅଞ୍ଚଳରୁ ଜଣେ ଶିକାରୀକୁ ଗିରଫ ପରେ ବନ ବିଭାଗର ଖୋଳତାଡରୁ ସମ୍ପୃକ୍ତ ଅନ୍ୟ ୫ ଜଣ ଶିକାରୀଙ୍କୁ ଗିରଫ କରାଯାଇ ଜେଲ ହାଜତକୁ ପଠାଇ ଦିଆଯାଇଛି। ବାଲେଶ୍ୱର ଡିଏଫଓ ପ୍ରକାଶ ଇନ୍ଦଲକରଙ୍କ ନିର୍ଦ୍ଦେଶ କ୍ରମେ କୁଲଡ଼ିହା ରେଞ୍ଜର ସୌମ୍ୟରଞ୍ଜନ ମାଝି ଓ ସୋର ରେଞ୍ଜର ଭାଗ୍ୟଶ୍ରୀ ଦାସଙ୍କ ନେତୃତ୍ୱରେ ଫରେଷ୍ଟର ଦୁଷ୍ମନ୍ତ ଜେନା, ଇତିଶ୍ରୀ ମହାପାତ୍ର, ମିନତି ମାଝୀ, ଫରେଷ୍ଟ ଗାର୍ଡ ଶଶିକଳା ସାହୁ, ସିତାମଣୀ ଟୁଡୁ, ରାଜଶ୍ରୀ ରାଜନନ୍ଦିନୀ ରାଉତ ଓ ମନୋରଞ୍ଜନ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ବାଇକ୍‌କୁ ଧକ୍କା ଦେଇ ଜଳିଗଲା ଟ୍ରକ



ହିଞ୍ଜିଳିକାଟୁ,୫।୧୦ (ସଂଚାର ବ୍ୟୁରୋ): ହିଞ୍ଜିଳି ଥାନା ଅନ୍ତର୍ଗତ ତହଁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି । ବାଇକ୍‌କୁ ଧକ୍କା ଦେବା ପରେ ଟ୍ରକ୍‌ଟି ଜଳିଯାଇଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଟ୍ରକ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣାସ୍ଥଳରେ ପହଁଚି ପ୍ରଥମେ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲା । ସଂଗେ ସଂଗେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ନିଆଁକୁ ଆୟତ୍ତ କରିଥିଲେ ।

ଟ୍ରକ ଡ୍ରାଇଭର ବୃନ୍ଦାବନଙ୍କ ଘର ତହଁର ଗ୍ରାମରେ ବୋଲି ଜଣାପଡିଛି। ନିଆଁ ଲାଗିବା ପରେ ଟ୍ରକର ୭୦ ଭାଗ ଓ ବାଇକଟି ସମ୍ପୂର୍ଣ୍ଣ ପୋଡି ଯାଇଛି । ବାଇକ ଚାଳକ ମିଥୁନ ନେଜା ସାମାନ୍ୟ ଆହତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ପୁଲିସ ଘଟଣାକୁ ନେଇ ଅଧିକ ତଦନ୍ତ କରୁଛି।

## ଲଘୁଚାପ ଜନିତ ପ୍ରବଳ ବର୍ଷାରେ ପ୍ରାରମ୍ଭିକ କ୍ଷୟକ୍ଷତି ଆକଳନ

ନବରଙ୍ଗପୁର,୫।୧୦ (ସଂଚାର ବ୍ୟୁରୋ): ଗତ ୨୪-୦୯-୨୦୨୬ ଠାରୁ ୨୬-୦୯-୨୦୨୬ ବଙ୍ଗୋପସାଗର ସୃଷ୍ଟି ହୋଇଥିବା 'ଗଭୀର ଅବପାତ' ଯୋଗୁଁ ନବରଙ୍ଗପୁର ଜିଲ୍ଲାରେ ଲଘୁଚାପ ଜନିତ ପ୍ରବଳ ବର୍ଷା ହୋଇ ବ୍ୟାପକ କ୍ଷତି ରଚିଥିଲା |

ନବରଙ୍ଗପୁର ଜିଲ୍ଲା ପ୍ରଶାସନର ପ୍ରାରମ୍ଭିକ ଆକଳନ ଅନୁସାରେ କୋଡିଙ୍ଗା ତହସିଲରେ ସର୍ବାଧିକ ୧୦୪୪ ଜଣଙ୍କ ଘର ଆଂଶିକ ଭାବରେ ଭାଙ୍ଗିବାର ଆକଳନ କରାଯାଇଛି, ଗୋଟିଏ ଘର ପିଛା ୪୦୦୦ ଟଙ୍କା ହିସାବରେ ମୋଟ ୪୧,୮୨,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯାଇଛି, ସେହିପରି ନବରଙ୍ଗପୁର ତହସିଲରେ ୩୩୧ ଘର ଏବଂ ୫ ଟି ଗୁହାଳ ବାବଦକୁ ୧୩,୩୯,୦୦୦ ଟଙ୍କା, ନନ୍ଦାହାଣ୍ଡି ତହସିଲରେ ୩୩୨ଘର



ଏବଂ ୪ ଟି ଗୁହାଳ ବାବଦକୁ ୧୩,୪୦,୦୦୦ ଟଙ୍କା, ତେନ୍ତୁଳିଖୁଣ୍ଟି ତହସିଲରେ ୬୪ ଘର ବାବଦକୁ ୨,୫୬,୦୦୦ ଟଙ୍କା , ପାପଡାହାଣ୍ଡି ତହସିଲରେ ୧୧୦ଟି ଘର ବାବଦକୁ ୪,୪୦,୦୦୦ ଟଙ୍କା, ଡାବୁଗାଁ ତହସିଲରେ ୧୪ଟି ଘର ବାବଦକୁ ୬୯,୦୦୦ ଟଙ୍କା, ଉମରକୋଟ ତହସିଲରେ ୪୩ଟି ଘର ବାବଦକୁ ୧,୭୨,୦୦୦ଟଙ୍କା, ରାଇଘର ତହସିଲ ରେ ୨୬ଟି ଘର ବାବଦକୁ ୧,୦୪,୦୦୦ ଟଙ୍କା, ଝରିଗାଁ ତହସିଲରେ ୧୧୨ଟି ଘର ବାବଦକୁ ୪,୪୮,୦୦୦ ଟଙ୍କା ଏବଂ ଚନ୍ଦାହାଣ୍ଡି ତହସିଲରେ ୪୧ ଗୋଟି ଘର ବାବଦକୁ ୧,୭୦,୫୦୦ ଟଙ୍କା ବର୍ତ୍ତମାନ ଯାଏଁ ମୋଟ ୨୧୧୭ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ୮୫,୨୧,୦୦୦ ଟଙ୍କା ପୈଠ କରାଯାଇଛି | ସେହିପରି, କୃଷି ବିଭାଗ ଏବଂ ରାଜସ୍ୱ ବିଭାଗର ଯୁଗ୍ମ ଭାବରେ ତଦନ୍ତ କରି କ୍ଷତି ଗ୍ରସ୍ତ ଚାଷୀଙ୍କ ଫସଲ ହାନି ଆକଳନ କରି ଅତିଶୀଘ୍ର ତାଙ୍କ ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ପୈଠ କରାଯିବ |

ପ୍ରକାଶଥାଉକି, ଗତ ୨୪-୦୯-୨୦୨୬ ଠାରୁ ୨୬-୦୯-୨୦୨୬ ତାରିଖ ମଧ୍ୟରେ 'ଗଭୀର ଅବପାତ'ଏବଂ ଲଘୁଚାପ ଜନିତ ବର୍ଷା ଯୋଗୁଁ ହୋଇଥିବା କ୍ଷୟକ୍ଷତି ର ମୁକାବିଲା ନିମନ୍ତେ ରାଜ୍ୟ ସରକାର ଆଗତୁରା ନବରଙ୍ଗପୁର ଜିଲ୍ଲା ନିମନ୍ତେ ୫ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି |

## ସ୍ୱଚ୍ଛତା ସହ ସମୁଦାୟ କଲ୍ୟାଣକୁ ଗତି ଦେଉଛି ଏନ୍‌ଏମ୍‌ଏଲ୍ ଦୁଲଙ୍ଗା

ସୁନ୍ଦରଗଡ଼,୫।୧୦ (ସଂଚାର ବ୍ୟୁରୋ): ସ୍ୱଚ୍ଛତା ହି ସେବା ଅଭିଯାନ ୨୦୨୬ର 'ସ୍ୱଚ୍ଛତା ମେଁ ସହଭାଗ' ବାର୍ତ୍ତାକୁ ଆଗେଇ ନେଇ ଏନ୍‌ଏମ୍‌ଏଲ୍ ଦୁଲଙ୍ଗା ପକ୍ଷରୁ ହେମଗିର ବ୍ଲକ୍‌ର ସାନଘୁମୁଡ଼ାସ୍ଥିତ ନାରାୟଣ ହାଇସ୍କୁଲରେ ବିଭିନ୍ନ ସ୍ୱଚ୍ଛତା ଓ ସମୁଦାୟମୁଖୀ ପଦକ୍ଷେପ ଗ୍ରହଣ କରାଯାଇଛି ।




ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ଶୌଚାଳୟର ନୂତନ ଦ୍ୱାର ସ୍ଥାପନ କରାଯାଇ ଥିବା ବେଳେ, ଏହା ଦ୍ୱାରା ଶୌଚାଳୟ ବ୍ୟବହାରରେ ଅଧିକ ଗୋପନୀୟତା, ସୁବିଧା ଓ ସ୍ୱଚ୍ଛତା ସୁନିଶ୍ଚିତ ହେବ। ବିଦ୍ୟାଳୟରେ 'ସ୍ୱଚ୍ଛତା ପାଠଶାଳା' ଆୟୋଜନ କରାଯାଇ ଛାତ୍ରଛାତ୍ରୀଙ୍କୁ ବ୍ୟକ୍ତିଗତ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଦାୟିତ୍ୱପୂର୍ଣ୍ଣ ବର୍ଜ୍ୟ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିଲା। ଏହା ସହିତ ଉତ୍ସସ୍ଥଳରେ ବର୍ଜ୍ୟବସ୍ତୁ ପୃଥକୀକରଣକୁ ପ୍ରୋତ୍ସାହିତ କରିବା ନିମନ୍ତେ ବିଦ୍ୟାଳୟକୁ ଡଷ୍ଟବିନ୍ ପ୍ରଦାନ କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ପ୍ରତି ସଚେତନତା ସୃଷ୍ଟି ସହ ଦୈନନ୍ଦିନ ଜୀବନରେ ଦାୟିତ୍ୱଶୀଳ ସ୍ୱଚ୍ଛତା ଅଭ୍ୟାସକୁ ପ୍ରୋତ୍ସାହନ ଦିଆଯାଇଛି।

ମୌଳିକ ସୁବିଧାର ବିକାଶ, ସ୍ୱଚ୍ଛତା ସଚେତନତା ଏବଂ ସମୁଦାୟର ସକ୍ରିୟ ଅଂଶ ଗ୍ରହଣକୁ ଏକାଠି କରି ଏନ୍‌ଏମ୍‌ଏଲ୍ ଦୁଲଙ୍ଗା ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ଓ ସମୁଦାୟ କଲ୍ୟାଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

## ୧୭ ଯୁବକ-ଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ



ମାଲକାନଗିରି,୫।୧୦ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ଯୁବକ-ଯୁବତୀମାନଙ୍କୁ ଦକ୍ଷତା ବିକାଶ ସହ ନିଯୁକ୍ତିର ସୁଯୋଗ ପ୍ରଦାନ ଲକ୍ଷ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନଙ୍କ ପ୍ରକୋଷ୍ଠରେ ଏକ ନିଯୁକ୍ତିପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରଧାନ ୧୭ ଜଣ ଯୁବକ-ଯୁବତୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଏହି ଯୁବକ-ଯୁବତୀମାନେ ମାଲକାନଗିରିସ୍ଥିତ ଡାଟାପ୍ରୋ ଟ୍ରେନିଂ ସେଣ୍ଟରରୁ ସଫଳତାର ସହ ଦକ୍ଷତା ବିକାଶ ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମାପ୍ତ ପରେ ସେମାନଙ୍କୁ ଚେନ୍ନାଇସ୍ଥିତ ସରବଣା ଷ୍ଟୋର୍ସ ସୁପର ଷ୍ଟୋରରେ ରିଟେଲ ସେଲ୍ସ ଏକ୍ସିକ୍ୟୁଟିଭ୍ ଆସିଷ୍ଟାଣ୍ଟ ଭାବେ ନିଯୁକ୍ତି ମିଳିଛି। ନବନିଯୁକ୍ତ ଯୁବକ-ଯୁବତୀମାନଙ୍କୁ ଅଭିନନ୍ଦନ ଜଣାଇ ଅତିରିକ୍ତ ଜିଲ୍ଲାପାଳ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଜିଲ୍ଲାର ଯୁବପିଢ଼ିଙ୍କୁ ଦକ୍ଷତା ପ୍ରଶିକ୍ଷଣ ମାଧ୍ୟମରେ ସ୍ୱାବଲମ୍ବୀ ଓ ନିଯୁକ୍ତିଯୁକ୍ତ କରିବା ପାଇଁ ଏହିପରି ପ୍ରୟାସ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସେ ପ୍ରକାଶ କରିଥିଲେ।

### ବାତ୍ୟା ପରେ ଭୁଶୁଡ଼ିଲା କାନ୍ଥ, ଅସହାୟ ଚନ୍ଦ୍ରକଳା

## ଆବାସ ଯୋଜନାରେ ଘର ଯୋଗାଇବାକୁ ଦାବି



ନାରାୟଣପାଟଣା,୫।୧୦ (ସଂଚାର ବ୍ୟୁରୋ): ବାତ୍ୟା ଅର୍ଣ୍ଣବ୍‌ର ପ୍ରଭାବରେ ଭିଜି ଯାଇଥିବା ଘର କାନ୍ଥ ଶେଷରେ ଭୁଶୁଡ଼ି ପଡ଼ିଛି। ଏଭଳି ଘଟଣାରେ ନାରାୟଣପାଟଣା ବ୍ଲକ୍ ବିକ୍ରମପୁର ଗ୍ରାମର ୬୫ ବର୍ଷରୁ ଉର୍ଦ୍ଧ୍ୱ ବିଧବା ଚନ୍ଦ୍ରକଳା କୁଳଦୀପଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଯେଉଁ ବୟସରେ ମୁଣ୍ଡ ଗୁଞ୍ଜିବା ପାଇଁ ନିରାପଦ ଛାତ ତଳେ ଆଶ୍ରୟ ନେଇ ଜୀବନର ଶେଷ ସମୟଟି ଶାନ୍ତିରେ କାଟିବା କଥା, ସେହି ବୟସରେ ଘର ହରାଇ ଅସହାୟ ହୋଇପଡ଼ିଛନ୍ତି ସେ।

ଘର କାନ୍ଥ ଭୁଶୁଡ଼ିଯିବା ପରେ ଚନ୍ଦ୍ରକଳାଙ୍କ ମୁଣ୍ଡ ଉପରେ ଏବେ ନିରାପଦ ଛାତର ଚିନ୍ତା। ଅସହାୟ ଅବସ୍ଥାରେ ଥିବା ଏହି ବିଧବାଙ୍କୁ ସରକାରୀ ଆବାସ ଯୋଜନାରେ ଘର ଯୋଗାଇଦେବା ସହ ତୁରନ୍ତ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଛି। ପ୍ରଶାସନ ଘଟଣାର ତଦନ୍ତ କରି ଚନ୍ଦ୍ରକଳାଙ୍କୁ ଆବାସ ଯୋଗାଇଦେବା ସହ ଆବଶ୍ୟକ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ରାଜ୍ୟସ୍ତରୀୟ କୁସ୍ତି ପ୍ରତିଯୋଗିତାରେ ଢେଙ୍କାନାଳରୁ ୪ଜଣ ଅଂଶଗ୍ରହଣ କରିବେ



ଢେଙ୍କାନାଳ,୫।୧୦ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଶାହା କଲେଜରେ ଚଳିତ ୫ ଓ ୬ ତାରିଖ ୨ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସ୍ତରୀୟ କାଉନସିଲ ବାଳକ ଓ ବାଳିକା କୁସ୍ତି ପ୍ରତିଯୋଗିତାରେ ଢେଙ୍କାନାଳ ଜିଲ୍ଲାରୁ ୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିବା ପାଇଁ ଗସ୍ତ କରିଛନ୍ତି । ସାନ୍ଧ୍ୟ ମହାବିଦ୍ୟାଳୟର ଶୁଭମ୍ ମହାଭୋଇ, ମାମା ନାୟକ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ନାୟକ ଏବଂ ପାରିମାଳ ମହାବିଦ୍ୟାଳୟର ରଞ୍ଜିତ୍ କୁମାର ନାୟକ ପ୍ରମୁଖ ଗସ୍ତ କରିଛନ୍ତି। ଏହି ସମସ୍ତ ପ୍ରତିଯୋଗୀ ସଦର୍ ବ୍ଲକ୍ ଅନ୍ତର୍ଗତ ନାଠୁଆ ଉଚ୍ଚ ବିଦ୍ୟାଳୟର କୋଚ୍ ଆର୍ଯ୍ୟ ପଟ୍ଟନାୟକ ଠାରୁ କୁସ୍ତି ଶିକ୍ଷା ଲାଭ କରିଛନ୍ତି ।

### ଅସ୍ତରଙ୍ଗରେ ଫଳକ ଘୋଟାଲା

## କାନ୍ଥରେ ଚୂନ ମାରି ଟଙ୍କା ହରିଲୁଟ

କାକଟପୁର/ଅସ୍ତରଙ୍ଗ,୫।୧୦ (ସଂଚାର ବ୍ୟୁରୋ): ସରକାରୀ କାମର ସ୍ୱଚ୍ଛତା ପାଇଁ ପ୍ରତି କାର୍ଯ୍ୟସ୍ଥଳରେ ସ୍ଥାୟୀ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ଅଟେ। ଫଳକରେ କାମର ନାମ, ଅଟକଳ ମୂଲ୍ୟ, ଯୋଜନାର ନାମ, କାର୍ଯ୍ୟକାରୀ ସଂସ୍ଥା, ଆରମ୍ଭ ତାରିଖ, ଶେଷ ତାରିଖ ଏବଂ ମୋଟ ଖର୍ଚ୍ଚ ବିବରଣୀ ସର୍ବସାଧାରଣଙ୍କ ଜାଣିବା ପାଇଁ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା କଥା। ଏଥିପାଇଁ ସରକାର ପ୍ରତି କାମ ଫଳକ ପିଛା ପାଞ୍ଚ ଶହ ଟଙ୍କାରୁ ପାଞ୍ଚ ହଜାର ଟଙ୍କା ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅନୁଦାନ ବରାଦ କରୁଛନ୍ତି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ପନ୍ଦର ଗୋଟି ପଞ୍ଚାୟତରେ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ବାସ୍ତବ ଫିଲ୍ଡରେ ଚାଲିଛି ମହା ଚୂନ ନାଟକ ଏବଂ ଖୋଲା ଲୁଟ୍।

ପ୍ରତ୍ୟକ୍ଷ ଦୃଶ୍ୟ ଏପରି ଯେ ଫଳକ ବଦଳରେ ଘର କାନ୍ଥ, ସ୍କୁଲ ପାଚେରୀ, ଅଙ୍ଗନବାଡି କାନ୍ଥ ଧଳା ଚୂନ ଓ ନୀଳ, କଳା ରଙ୍ଗରେ ତଥ୍ୟ ଲେଖା ଯାଇଛି।



ଯାହାର ପ୍ରକୃତ ଖର୍ଚ୍ଚ ମାତ୍ର କୋଡିଏରୁ ତିରିଶ ଟଙ୍କା ହେବ। ବାକି ପୁରା ହଜାର ଟଙ୍କା ସିଧା ସିଧା ଆତ୍ମସାତ ହେଉଛି। ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ପାଚେରୀ ନିର୍ମାଣ, ମାଟି ରାସ୍ତା ନିର୍ମାଣ, ଖେଳ ପଡିଆ ଉନ୍ନତୀକରଣ, ପୋଖରୀ ଖନନ, ସିସି ରୋଡ, ଡ୍ରେନ ନିର୍ମାଣ ଭଳି ପାଞ୍ଚ ଶହ ରୁ ଅଧିକ କାମ ହୋଇଛି। ସବୁଠି ସମାନ ଫର୍ମୁଲା ଆପଣା ଯାଇଛି। ଅନେକ ସ୍ଥାନରେ ଗୋଟିଏ ଫଳକର ଦୁଇ ପାର୍ଶ୍ୱରେ ଦୁଇଟି କାମର ତଥ୍ୟ ଲେଖି ଦୁଇଟି ଫଳକର ଟଙ୍କା ଗୋଟିଏରେ ହଜମ କରାଯାଇଛି। କେଉଁଠି ପ୍ରଥମ ବର୍ଷାରେ ଚୂନ ଲେଖା ଲିଭି ଯାଇଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଏହା ପଛରେ ରହିଛି ଏକ ବଡ଼ ସଂଘବଦ୍ଧ ସିଣ୍ଡିକେଟ୍। ଠିକାଦାର ଏବଂ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଜେଇଙ୍କ ମଧ୍ୟରେ ଗଭୀର ସଲାସୁତୁରା ରହିଛି। କାର୍ଯ୍ୟସ୍ଥଳ ଯାଞ୍ଚ ବେଳେ ଜେଇ ସବୁ ଜାଣି ମଧ୍ୟ ଆଖି ବୁଜି ଦେଉଛନ୍ତି ଏବଂ ବିନା ଯାଞ୍ଚରେ ବିଲ୍ ପାସ୍ କରି ଦେଉଛନ୍ତି। ପ୍ରତି କାମରେ ହାରାହାରି ୩ ହଜାର ଟଙ୍କା ହିସାବରେ ୫ଶହ କାମରେ ୧୫ ଲକ୍ଷ ଟଙ୍କାରୁ ଅଧିକ ଆତ୍ମସାତ ହୋଇଥିବା ଅନୁମାନ କରାଯାଉଛି।

ସବୁଠୁ ବଡ଼ ପ୍ରଶ୍ନ ହେଉଛି ବ୍ଲକ ଉନ୍ନୟନ ଅଧିକାରିଣୀ ବିଡିଓଙ୍କ ଭୂମିକା। ବ୍ଲକର ମୁଖ୍ୟ ଭାବେ ସେ ପ୍ରତି କାର୍ଯ୍ୟସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା କଥା। ହେଲେ ଅସ୍ତରଙ୍ଗ ବିଡିଓ ମାସକୁ ଥରେ ବି ଫିଲ୍ଡ ଭିଜିଟ୍ କରୁନଥିବାରୁ ଦୁର୍ନୀତି ବଢ଼ିଚାଲିଛି।

## ଚଉଷଠୀ ଯୋଗିନୀ ପୀଠରେ ଷୋଳପୂଜା ଆରମ୍ଭ



ବାଲିଅନ୍ତା,୫।୧୦ (ସଂଚାର ବ୍ୟୁରୋ):ଆଉ ୨ ସପ୍ତାହ ପରେ ସାରଦୀୟ ଦୁର୍ଗା ପୂଜା । ଧରାବତରଣ କରିବେ ଦୁର୍ଗତୀ ନାଶିନୀ ମା ଦୁର୍ଗା । ରାଜଧାନୀ ଉପକଣ୍ଠ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ହୀରାପୁର ସ୍ଥିତ ପ୍ରସିଦ୍ଧ ତନ୍ତ୍ର ପୀଠ ଚଉଷଠୀ ଯୋଗିନୀ ପୀଠରେ ମହାମାୟାଙ୍କ ଷୋଳପୂଜା ନୀତି ସ୍ୱତନ୍ତ୍ର ଭାବେ ସମ୍ପାଦନ ହେଉଛି। ପୀଠରେ ଗତକାଲି ଠାରୁ ଶୋଳପୂଜା ନୀତିକାନ୍ତି ଆରମ୍ଭ ହୋଇଛି। ଏନେଇ ମା'ଙ୍କର ପୀଠ ଚଳଚଞ୍ଚଳ ହୋଇପଡ଼ିଛି । ଗତକାଲି ପୂର୍ବାହ୍ନ ୧୧ଟା ୪୫ ମିନିଟରେ ମହାମାୟା ପୁଷ୍କରିଣୀରୁ ଘଟ ଅନୁକୂଳ ହୋଇଥିଲା। ପୀଠରେ ସକାଳେ ଏବଂ ସନ୍ଧ୍ୟାରେ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହୋଇଥିଲା। ସକାଳ ୪ଟା ସମୟରେ ମାର୍ଜନା, ଆଳତୀ ବାଳଭୋଗ ଲାଗି ହୋଇଥିଲା। ମଧ୍ୟାହ୍ନରେ ମହାମାୟାଙ୍କ ସ୍ନାନ କରାଯାଇ ପାଟବସ୍ତ୍ର ପରିଧାନ କରାଯାଇଥିଲା। ଖେଚୁଡ଼ି, ଖିରି ଓ ଡାଲମା ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ପୁଣି ମହାମାୟାଙ୍କ ସ୍ନାନ ନୀତି ସଂପର୍ଣ୍ଣ ହୋଇଥିଲା। ଖେଚୁଡ଼ି, ଡାଲମା ଓ ଏଣ୍ଡୁରି ପୀଠା ଏବଂ ଖୀରି ଭୋଗ ଲାଗି ହୋଇଥିଲା। ଏହାପରେ ମା'ଙ୍କୁ ପାଟବସ୍ତ୍ର ପିନ୍ଧାଇ ଦୁର୍ଗାଙ୍କ ବେଶରେ ସଜ୍ଜା ଯାଇଥିଲା। ମାଙ୍କର ଏହି ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କର ଭିଡ଼ ଜମିଥିଲା। ଆଜି ମାଙ୍କୁ ସିଦ୍ଧିଦାତ୍ରୀ ବେଶରେ ସଜ୍ଜା ଯାଇଥିଲା ।

ସଂଚାର THE SANCHAR

## ନାଇଡୁ କମିଶନ ରିପୋର୍ଟ ଗାଏବ ଘଟଣା

# 'ଏବେ ଫାଇଲ ଚୋରି ହୋଇଛି କହିବା ଠିକ୍ ହେବନି'



- ସିଏମଓରେ ଫାଇଲ ରିସିଭ ରସିଦ ରହିଛି
- ସିଏମଓର ତିନି ପୂର୍ବତନ ଅଧିକାରୀଙ୍କ ବୟାନ ରେକର୍ଡ

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜଷ୍ଟିସ୍ ନାଇଡୁ କମିଶନଙ୍କ ତଦନ୍ତ ରିପୋର୍ଟ ସମ୍ବନ୍ଧୀୟ ଫାଇଲ୍ ହଜିବା ବା ଗାଏବ ହେବା ଏକ ବଡ଼ ରାଜନୈତିକ ଓ ପ୍ରଶାସନିକ ବିବାଦ ସୃଷ୍ଟି କରିଛି। ଏବେ ଏହି ଘଟଣାରେ ୩ ଜଣଙ୍କ ବୟାନ ରେକର୍ଡ ହୋଇଛି। କ୍ରାଇମ ବ୍ରାଞ୍ଚ ନୋଟିସ୍ କରିଥିବା ୩ ଜଣଙ୍କ ବୟାନ ରେକର୍ଡ କରାଯାଇଥିବା ସୂଚନା ରହିଛି। ଏବେବି ଆଇଜି ସାର୍ଥକ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। କମିଶନ ରିପୋର୍ଟ ଗୃହ ବିଭାଗରେ ପହଞ୍ଚିଥିଲା। ଏହି ଫାଇଲ କେଉଁଆଡ଼େ ଗଲା ତା'ର ତଦନ୍ତ ଚାଲିଛି। ଭିକେ ପାଣ୍ଡିଆନ, ମନୋଜ ମିଶ୍ର ଓ ରାକେଶ ବର୍ମାଙ୍କୁ କ୍ରାଇମବ୍ରାଞ୍ଚ ପକ୍ଷରୁ ନୋଟିସ କରାଯାଇଥିଲା। ଏହି ୩ ଜଣ ପୂର୍ବ ସରକାର ସମୟରେ ସିଏମଓରେ କାର୍ଯ୍ୟରତ ଥିଲେ। ବୟାନରେ ଫାଇଲ ରିସିଭ୍ ହୋଇଥିବା ନେଇ ସେମାନେ କହିଥିବା ସୂଚନା ମିଳିଛି। ଫାଇଲ ରିସିଭ୍ ହେବା ପରେ ଏହାର ରିସିଭିଂ ରସିଦ ମଧ୍ୟ ରହିଥିବା ତଦନ୍ତ ବେଳେ କ୍ରାଇମ ବ୍ରାଞ୍ଚ ଜାଣିବାକୁ ପାଇଛି। ତେବେ ଏଯାଏଁ ଫାଇଲ ହଜିଛି ବୋଲି କୁହାଯାଉଥିବା ବେଳେ ଫାଇଲ ଚୋରି ହୋଇଛି କି ନାହିଁ, ସେନେଇ ଏବେବି କ୍ରାଇମ ବ୍ରାଞ୍ଚର ତଦନ୍ତ ଜାରି ରହିଛି। ଏବେ ଯାଏଁ ଫାଇଲ୍ ହଜିବା ଆଧାରରେ ହିଁ ତଦନ୍ତ ଚାଲିଥିବା କ୍ରାଇମ ବ୍ରାଞ୍ଚ ସୂଚନା ଦେଇଛି। ତଦନ୍ତ ଶେଷ ନ ହେବା ଯାଏଁ ଫାଇଲ ଚୋରି ବୋଲି କହିବା ଠିକ୍ ହେବନି ବୋଲି କହିଛି କ୍ରାଇମ ବ୍ରାଞ୍ଚ। ଫାଇଲ୍ କେଉଁଠି, କେଉଁ ପରିସ୍ଥିତିରେ ଗାଏବ ହେଲା ଓ ଏଥିପାଇଁ କିଏ ଦାୟୀ, ଏସବୁ ପ୍ରଶ୍ନର ଉତ୍ତର ତଦନ୍ତ ଶେଷ ହେଲେ ହିଁ ସ୍ପଷ୍ଟ ହେବ।

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣା ସହ ଜଡ଼ିତ ଜଷ୍ଟିସ୍ ଏଏସ୍ ନାଇଡୁ କମିଶନଙ୍କ ରିପୋର୍ଟ ଗାଏବ ହେବା ନେଇ ଗତ ଜୁନ୍ ୧୦ରେ ଏଫଆଇଆର୍ ହୋଇଥିଲା। ପ୍ରଥମେ କମିଶନରେଟ୍ ପୁଲିସ୍ ଏହାର ତଦନ୍ତ କରୁଥିଲା। ପରେ ଜୁଲାଇ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ନାଇଡୁ କମିଶନ ରିପୋର୍ଟ ଗାଏବ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ ବ୍ରାଞ୍ଚକୁ ଦେଇଥିଲେ। ଗତ ଜୁଲାଇ ୨୮ ତାରିଖରେ କ୍ରାଇମ ବ୍ରାଞ୍ଚ ମାମଲାକୁ ପୁନଃପଞ୍ଜୀକରଣ କରି ତଦନ୍ତ ଆରମ୍ଭ କରିଥିଲା।

# ଭୁବନେଶ୍ୱରରେ ହେବ ସୌର ଶକ୍ତି ଉତ୍କର୍ଷ କେନ୍ଦ୍ର



- ୱାର୍ଲ୍ଡ ସ୍କିଲ ସେଣ୍ଟର ଓ ଓଏଚପିସି ମଧ୍ୟରେ ଏମଓୟୁ
- ଅଧିକ ଛାତ୍ରଛାତ୍ରୀଙ୍କୁ ପ୍ରାୟୋଜିତ ତାଲିମ ଉପରେ ଉପମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଓଡ଼ିଶାର ଯୁବପିଢ଼ିଙ୍କୁ ସବୁଜ ଶକ୍ତି ଓ ସୌର ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଦକ୍ଷ କରିବା ପାଇଁ ସ୍ଥାନୀୟ ମଞ୍ଚେଶ୍ୱରସ୍ଥିତ ୱାର୍ଲ୍ଡ ସ୍କିଲ ସେଣ୍ଟରଠାରେ ଏକ 'ଗ୍ରୀନ୍ ଏନର୍ଜି (ସୋଲାର) ସେଣ୍ଟର ଅଫ୍ ଏକ୍ସଲେନ୍ସ' ପ୍ରତିଷ୍ଠା କରାଯାଉଛି। ଓଡ଼ିଶା ହାଇଡ୍ରୋ ପାୱାର କୋର୍ପୋରେସନର କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ (ସିଏସଆର) ପାଣ୍ଠିରୁ ପ୍ରାୟ ୧.୪୮ କୋଟି ଟଙ୍କା ବିନିଯୋଗରେ ଏହା କାର୍ଯ୍ୟକାରୀ ହେବ। ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ଉପସ୍ଥିତିରେ ଏହି ସହଭାଗିତା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି।

କୌଶଳ ଭବନରେ ପ୍ରାୟ ୩୦୦୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ହେବାକୁ ଥିବା ଏହି ଆଧୁନିକ କେନ୍ଦ୍ରରେ ରୁଫଟପ୍, ଫ୍ଲୋଟିଂ ସୋଲାର ଓ ସୋଲାର-ଟ୍ରାକର ଭଳି ବ୍ୟବହାରିକ ଡେମୋନଷ୍ଟ୍ରେସନ ୟୁନିଟ୍ ସହ ପିଏଲସି, ସ୍କାଡା, ଆଇଓଟି, ରିମୋଟ୍ ମନିଟରିଂ ଓ ଏନର୍ଜି ମ୍ୟାନେଜମେଣ୍ଟ ଭଳି ଉନ୍ନତ ପ୍ରଯୁକ୍ତିବିଦ୍ୟାରେ ପ୍ରଶିକ୍ଷଣ ଦିଆଯିବ। ପ୍ରତିବର୍ଷ ପ୍ରାୟ ୩୦୦ ଯୁବକଯୁବତୀଙ୍କୁ ସୋଲାର ଟେକ୍ନିସିଆନ୍, ଅପରେସନ ଓ ମେଣ୍ଟେନାନ୍ସ ଟେକ୍ନିସିଆନ୍, ସାଇଟ୍ ସୁପରଭାଇଜର ଓ ଏନର୍ଜି ଅଡିଟର ଭଳି ଉଚ୍ଚ ଚାହିଦା ଥିବା ପଦବୀ ପାଇଁ ପ୍ରଶିକ୍ଷିତ କରାଯିବ। ଏହି କାର୍ଯ୍ୟକ୍ରମ ସମଗ୍ର ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଉନ୍ମୁକ୍ତ ରହିବା ସହ ମହିଳାମାନଙ୍କ ଭାଗୀଦାରୀ ବୃଦ୍ଧି ଓ ସ୍ଥାନୀୟ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବ। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ ୱାର୍ଲ୍ଡ ସ୍କିଲ ସେଣ୍ଟରର ବ୍ୟାପକ ସମ୍ପ୍ରସାରଣ ଘୋଷଣା କରିଛନ୍ତି। ବିଶ୍ୱସ୍ତରୀୟ ତାଲିମର ସୁଯୋଗ ବୃଦ୍ଧି ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ଦ୍ୱାରା ପୂର୍ବରୁ ଦିଆଯାଉଥିବା ସମ୍ପୂର୍ଣ୍ଣ ପ୍ରାୟୋଜିତ ଛାତ୍ର ସଂଖ୍ୟା ୬୦ ରୁ ୧୦୦କୁ ବୃଦ୍ଧି କରିବା ନେଇ ଘୋଷଣା କରିଛନ୍ତି ଓଏବଂ ଆଗାମୀ ଦିନରେ ବ୍ରହ୍ମପୁର ଓ ସମ୍ବଲପୁରଠାରେ ନୂତନ ଶାଖା ସ୍ଥାପନ ପାଇଁ ପ୍ରସ୍ତାବ ଦେଇଛନ୍ତି। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏହି କେନ୍ଦ୍ରକୁ ଓଡ଼ିଶାର ଯୁବପିଢ଼ିଙ୍କ ପାଇଁ ଏକ ରୂପାନ୍ତରଣକାରୀ ପଦକ୍ଷେପ ଭାବେ ଅଭିହିତ କରିଛନ୍ତି, ଯାହା ସ୍ୱଚ୍ଛ ଶକ୍ତି ଓ ସ୍ଥାୟୀ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାକୁ ଆଗେଇ ନେବ।

# ହାତୀ ଆକ୍ରମଣରେ ବୃଦ୍ଧ ମୃତ

## ପୋଡୁ ଚାଷ ଜଗିଥିବା ବେଳେ ଦନ୍ତାର ଆକ୍ରମଣ



ଲାଞ୍ଜିଗଡ଼,୫।୧୦(ସଂଚାର ବ୍ୟୁରୋ): ସପ୍ତାହେ ବ୍ୟବଧାନରେ ପୁଣି ଲାଞ୍ଜିଗଡ ଅଞ୍ଚଳରେ ଜଙ୍ଗଲୀ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜର୍ ଲାଞ୍ଜିଗଡ଼ ସେକ୍ସନ ଅନ୍ତର୍ଗତ କାଣ୍ଡଗୁଡା ଗାଁ ନିକଟରେ ସୋମବାର ମଧ୍ୟାହ୍ନରେ ଏହି ଅଘଟଣ ଘଟିଛି। ମୃତକ ଜଣଙ୍କ ହେଲେ କାଣ୍ଡଗୁଡା ଗାଁର ବଳ ମାଝୀ ( ୫୫)।

ସୂଚନାନୁସାରେ, ବଳ ମାଝୀ ଓ ତାଙ୍କ ସ୍ତ୍ରୀ ଟିଙ୍ଗୁ ମାଝୀ ସୋମବାର ମଧ୍ୟାହ୍ନରେ କାମ୍ବେଲ ନାପା ଡଙ୍ଗର ଅଞ୍ଚଳରେ ଥିବା ନିଜ ପୋଡୁ ଚାଷ ଫସଲ ଦେଖିବା ପାଇଁ ଯାଇଥିଲେ। ଉଭୟେ ପୋଡୁ ଚାଷ ଅଞ୍ଚଳ ନିକଟରେ ପହଞ୍ଚିବା ସମୟରେ ହଠାତ୍ ଏକ ଦନ୍ତା ହାତୀ ସେମାନଙ୍କ ସାମ୍ନାକୁ ଆସିଯାଇଥିଲା। ହାତୀକୁ ଦେଖି ଉଭୟ ସ୍ୱାମୀ-ସ୍ତ୍ରୀ ପ୍ରାଣ ବିକଳରେ ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରିଥିଲେ। ହେଲେ ଦୌଡ଼ିବା ସମୟରେ ବଳ ମାଝୀଙ୍କୁ ହାତୀ ଆକ୍ରମଣ କରିଥିଲା। ଫଳରେ ବଳ ମାଝୀଙ୍କ ମୃତଦେହ ଘଟଣାସ୍ଥଳରେ ଛିନ୍ନଭିନ୍ନ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ତାଙ୍କ ସ୍ତ୍ରୀ ଟିଙ୍ଗୁ ମାଝୀ ଭୟଭୀତ ଅବସ୍ଥାରେ ସେଠାରୁ ଦୂରକୁ ଚାଲିଯାଇ ନିଜକୁ ରକ୍ଷା କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ବିଜେପୁର ଥାନାଧିକାରୀ ତୁଳସୀ ରାମ ଶବର ଓ ବନ ବିଭାଗର ଫରେଷ୍ଟର, ଧରଣୀଧର ପଣ୍ଡା, ମୂଷାନାଳ ଫରେଷ୍ଟର ଚିନ୍ତାମଣି ମାଝୀ ଘଟଣାସ୍ଥଳକୁ ଯାଇ ଘଟଣା ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ମୃତଦେହକୁ ଉଦ୍ଧାର କରାଯାଇ ଆବଶ୍ୟକ ଆଇନଗତ ପ୍ରକ୍ରିୟା ପରେ ବ୍ୟବଚ୍ଛେଦ ପାଇଁ ପଠାଯିବାର ବ୍ୟବସ୍ଥା କରାଯାଇଥିଲା। ଲାଞ୍ଜିଗଡ଼ ଅଞ୍ଚଳରେ ଗତ କିଛି ଦିନ ଧରି ହାତୀ ଚଳପ୍ରଚଳ ଘଟଣା ବଢ଼ିଥିବାରୁ ଜଙ୍ଗଲ ନିକଟବର୍ତ୍ତୀ ଗାଁର ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି। ବିଶେଷକରି ପୋଡୁ ଚାଷ ଓ ଚାଷଜମି ନିକଟକୁ ହାତୀ ପହଞ୍ଚୁଥିବାରୁ ଚାଷୀମାନେ ଫସଲ ଜଗିବାକୁ ଯାଇ ଅସୁରକ୍ଷିତ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ସପ୍ତାହକ ମଧ୍ୟରେ ଲାଞ୍ଜିଗଡ ଅଞ୍ଚଳରେ ପୁଣି ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ଜୀବନହାନି ଘଟିବା ପରେ ହାତୀ-ମଣିଷ ସଂଘର୍ଷକୁ ନେଇ ଚିନ୍ତା ବଢ଼ିଛି। ହାତୀ ଚଳପ୍ରଚଳ ଅଞ୍ଚଳରେ ଲୋକଙ୍କୁ ସତର୍କ କରିବା ସହ ହାତୀଙ୍କ ଗତିବିଧି ଉପରେ ଅଧିକ ନଜର ରଖିବାକୁ ସ୍ଥାନୀୟ ଲୋକେ ବନ ବିଭାଗ ନିକଟରେ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ସରକାରୀ ନିୟମ ଅନୁସାରେ ଶୀଘ୍ର କ୍ଷତିପୂରଣ ପ୍ରଦାନ କରିବାକୁ ମଧ୍ୟ ଦାବି ହୋଇଛି।

## ● ସୌମ୍ୟ ହତ୍ୟା ମାମଲାରେ ବଡ଼ ଟ୍ୱିଷ୍ଟ

# ସମ୍ପୃକ୍ତ ଝିଅଙ୍କର ହେବ ଲାଏ ଡିଟେକ୍ସନ୍ ଟେଷ୍ଟ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ବାଲିଅନ୍ତାର ବହୁଚର୍ଚ୍ଚିତ ସୌମ୍ୟ ହତ୍ୟା ମାମଲାରେ ତଦନ୍ତକୁ ଆହୁରି ଆଗକୁ ବଢ଼ାଇଛି କ୍ରାଇମବ୍ରାଞ୍ଚ। ଘଟଣାରେ ଆକ୍ରମଣର ଶିକାର ହୋଇଥିବା ଝିଅମାନଙ୍କର ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି କ୍ରାଇମ ବ୍ରାଞ୍ଚ ପକ୍ଷରୁ ସୂଚନା ମିଳିଛି। ସୂଚନାନୁସାରେ, ସୌମ୍ୟ ହତ୍ୟା ମାମଲାରେ ଘଟଣା ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ମାମଲାରେ ସୌମ୍ୟଙ୍କ ସାଙ୍ଗମାନଙ୍କର ଲାଏ ଡିଟେକ୍ସନ ଟେଷ୍ଟ ପୂର୍ବରୁ ସରିଥିବା ବେଳେ ଏବେ ଆକ୍ରମଣର ଶିକାର ହୋଇଥିବା ଝିଅମାନଙ୍କର ମଧ୍ୟ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ ବୋଲି ଜଣାପଡ଼ିଛି। ତଦନ୍ତରେ ସାମ୍ନାକୁ ଆସିଥିବା ତଥ୍ୟ ଓ ବୟାନଗୁଡ଼ିକୁ ଯାଞ୍ଚ କରିବା ସହ ଘଟଣାର ପ୍ରକୃତ କାରଣ ଓ ସେଦିନର ଘଟଣାକ୍ରମ ସମ୍ପର୍କରେ ସ୍ପଷ୍ଟତା ଆଣିବା ଦିଗରେ କ୍ରାଇମବ୍ରାଞ୍ଚ ତଦନ୍ତ ଚଳାଇଛି। ସୌମ୍ୟଙ୍କ ସାଙ୍ଗମାନଙ୍କର ଲାଏ ଡିଟେକ୍ସନ ଟେଷ୍ଟ ଶେଷ ହୋଇଥିବା ବେଳେ ଏବେ ଝିଅମାନଙ୍କର ଟେଷ୍ଟ ତଦନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ବୋଲି କୁହାଯାଉଛି। ଟେଷ୍ଟ ଓ ଅନ୍ୟାନ୍ୟ ତଦନ୍ତରୁ ମିଳୁଥିବା ତଥ୍ୟକୁ ଆଧାର କରି ମାମଲାର ରହସ୍ୟ ଉନ୍ମୋଚନ ଦିଗରେ କ୍ରାଇମବ୍ରାଞ୍ଚ ଆଗକୁ ବଢ଼ିବ। ସୌମ୍ୟ ହତ୍ୟା ମାମଲାକୁ ନେଇ ଏବେ ସମସ୍ତଙ୍କ ନଜର କ୍ରାଇମବ୍ରାଞ୍ଚର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।

# ଲାଞ୍ଚ ନେଉଥିଲେ ଆର୍‌ଆଇ, ମାଡ଼ି ବସିଲା ଭିଜିଲାନ୍ସ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ଭୁବନେଶ୍ୱର କେଶରୀ ନଗର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ନିରଞ୍ଜନ ସିଂ। ସମ୍ପତ୍ତିର ମାଲିକାନା ସ୍ୱତ୍ୱ ପ୍ରଦାନ କରିବା ପାଇଁ ଜଣେ ବ୍ୟକ୍ତିଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ତାଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଧରିଥିବା ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ସମ୍ପତ୍ତିର ମାଲିକାନାସ୍ୱତ୍ୱ ସମ୍ପର୍କିତ କାମ କରାଇଦେବା ପାଇଁ ଆର୍‌ଆଇ ନିରଞ୍ଜନ ସିଂ ଜଣେ ଅଭିଯୋଗକାରୀଙ୍କୁ ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଶ୍ରୀ ସିଂଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ଲାଞ୍ଚ ଟଙ୍କା ଜବତ କରିବା ସହ ଭିଜିଲାନ୍ସ ଅଧିକାରୀମାନେ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଅଭିଯୁକ୍ତ ଆର୍‌ଆଇଙ୍କ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ମଧ୍ୟ ଖୋଳତାଡ଼ ଆରମ୍ଭ ହୋଇଛି। ଆୟ ବହିର୍ଭୂତ ସମ୍ପତ୍ତି ଥିବା ସନ୍ଦେହରେ ଶ୍ରୀ ସିଂଙ୍କ ସହ ସମ୍ପର୍କିତ ଦୁଇଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଉଛି। ଚଢ଼ାଉ ସମୟରେ ତାଙ୍କ ସମ୍ପତ୍ତି, ଦଲିଲପତ୍ର, ବ୍ୟାଙ୍କ ଖାତା ଓ ଅନ୍ୟାନ୍ୟ ଆର୍ଥିକ କାରବାର ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯାଉଥିବା ସୂଚନା ମିଳିଛି। ଲାଞ୍ଚ ନେବା ଅଭିଯୋଗରେ ମାମଲା ରୁଜୁ କରି ଭିଜିଲାନ୍ସ ଘଟଣାର ସବିଶେଷ ତଦନ୍ତ ଚଳାଇଛି।

## କୁଳଡିହା ଅଭୟାରଣ୍ୟରେ ବନ ବିଭାଗର ଚଢ଼ାଉ

# ଧରାପଡ଼ିଲେ ୬ ଶିକାରୀ, ୫ ବନ୍ଧୁକ ସହ ବିସ୍ଫୋରକ ଜବତ





ନୀଳଗିରି, ୫।୧୦ (ସଂଚାର ବ୍ୟୁରୋ): ନୀଳଗିରି ଉପଖଣ୍ଡସ୍ଥ କୁଳଡିହା ଅଭୟାରଣ୍ୟରେ ଶିକାରୀଙ୍କ ବିରୋଧରେ ବନ ବିଭାଗକୁ କିଛିଟା ସଫଳତା ମିଳିଛି। ଔପଦା ସେକ୍ସନ ବେତେଇ ବିଟ୍ ଟିମ୍ ପାଟ୍ରୋଲିଂ କରୁଥିବା ବେଳେ ଗତ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ କବାଟଘାଇ ଗାଁ ନିକଟରୁ ଜଣେ ଶିକାରୀ ଭୂୟାଁ ସିଂ (୩୦)କୁ ଧରିଥିଲା। ତା' ପାଖରୁ ୧୦୦ ଗ୍ରାମ କଳା ବାରୁଦ ଓ ୩୦ଟି ଲୁହା ଗୁଳି ଜବତ ହୋଇଥିଲା। ପଚରାଉଚରା ବେଳେ ସେ ଅନ୍ୟ ସହଯୋଗୀଙ୍କ ନାଁ ମଧ୍ୟ କହିଥିଲା। ଡିଏଫଓଙ୍କ ନିର୍ଦ୍ଦେଶରେ ସୋର ୱାଇଲ୍ଡଲାଇଫ୍ ରେଞ୍ଜ ଓ କୁଳଡିହା ରେଞ୍ଜର୍ ମିଳିତ ଟିମ୍ ଗତ ଶନିବାର ରାତି ସାଢ଼େ ୧୧ଟାରେ ଚଢ଼ାଉ କରି ୬ ଜଣ ଶିକାରୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଗିରଫ ହୋଇଥିବା ଶିକାରୀ ଲକ୍ଷ୍ମଣ ସିଂଠାରୁ ଗୋଟିଏ ବନ୍ଧୁକ, ୨୩୦ ଗ୍ରାମ କଳା ବାରୁଦ, ୭୦ ଗ୍ରାମ ଧଳା ବାରୁଦ, ୫୦ଟି ଲୁହା ଗୁଳି ଜବତ ହୋଇଥିବା ବେଳେ ଜଟିଆ ସିଂଠାରୁ ଗୋଟିଏ ବନ୍ଧୁକ, ଜାଙ୍ଗରାଇ ସିଂଠାରୁ ଗୋଟିଏ ବନ୍ଧୁକ, ଗୋଟିଏ ଧନୁ ଓ ୩ଟି ତୀର ଜବତ ହୋଇଛି। ସେହିପରି ଗୋପାଳ ସିଂଠାରୁ ୧୩ ସେଟ୍ ଫାନ୍ଦ ବନ୍ଧୁକ ଓ ବିରା ଜାରକାଠାରୁ ବନ୍ଧୁକ ଜବତ ହୋଇଛି। ସମୁଦାୟ ୬ ଜଣ ଶିକାରୀଙ୍କଠାରୁ ୫ଟି ହାତ ତିଆରି ବନ୍ଧୁକ ଜବତ ହୋଇଥିବା ଜଣାପଡିଛି। ଏହି ଚଢ଼ାଉରେ ସୋର ରେଞ୍ଜ ଅଫିସର ଭାଗ୍ୟଶ୍ରୀ ଦାସ, କୁଳଡିହା ଭାରପ୍ରାପ୍ତ ରେଞ୍ଜର ସୌମ୍ୟରଞ୍ଜନ ମାଝୀ, କୁପାରୀ ସେକ୍ସନ ଫରେଷ୍ଟର ଦୁଷ୍ମନ୍ତ କୁମାର ଜେନା, ଔପଦା ଫରେଷ୍ଟର ଇତିଶ୍ରୀ ମହାପାତ୍ର, ଖୁଣ୍ଟାପାଟଣା ଫରେଷ୍ଟର ମିନତୀ ମାଝୀ, ଦାନ୍ତୁରା ବିଟ୍ ଫରେଷ୍ଟ ଗାର୍ଡ ଶଶୀକଳା ସାହୁ, ସୀତାମଣି ଟୁଡୁ, ରାଜଶ୍ରୀ ରାଜନନ୍ଦିନୀ ରାଉତ, ମନୋରଞ୍ଜନ ବେହେରା ସାମିଲ ହୋଇଥିଲେ।

# ଏଇଇଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ● ୧୦ଟି ସ୍ଥାନରେ ଏକକାଳୀନ ଭିଜିଲାନ୍ସ ଚଢ଼ାଉ



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ଆୟଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଆର୍‌ଆଣ୍ଡବି ବିଭାଗର ବେତନଟୀ ସବ୍-ଡିଭିଜନର ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର (ଏଇଇ) ଅରବିନ୍ଦ ମହାନ୍ତିଙ୍କ ସହ ଜଡ଼ିତ ୧୦ଟି ସ୍ଥାନରେ ଏକକାଳୀନ ଓଡ଼ିଶା ଭିଜିଲାନ୍ସ ଚଢ଼ାଉ ହୋଇଛି।ବାରିପଦା ଭିଜିଲାନ୍ସର ସ୍ୱତନ୍ତ୍ର ବିଚାରପତିଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ୍ ବଳରେ ଆଜି ୫ ଜଣ ଡିଏସ୍‌ପି, ୮ ଜଣ ଇନ୍ସପେକ୍ଟର ଓ ଅନ୍ୟ ସହାୟକ କର୍ମଚାରୀଙ୍କୁ ନେଇ ଗଠିତ ଭିଜିଲାନ୍ସ ଟିମ୍ ମୟୂରଭଞ୍ଜ, ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ତଲାସୀ ଚଳାଇଛି। ଭିଜିଲାନ୍ସ ପକ୍ଷରୁ ତଲାସୀ ଚାଲିଥିବା ସ୍ଥାନଗୁଡ଼ିକ ହେଲା ବାଲେଶ୍ୱର ଅଙ୍ଗାରଗଡ଼ିଆସ୍ଥିତ ତିନି ମହଲା ଘର, ଖୋର୍ଦ୍ଧା ବାଲିଅନ୍ତାସ୍ଥିତ ଦୁଇ ମହଲା ଘର, ମୟୂରଭଞ୍ଜ ବେତନଟୀସ୍ଥିତ ତାଙ୍କ କାର୍ଯ୍ୟାଳୟ, ବେତନଟୀସ୍ଥିତ ବାସଭବନ, ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳର ରାୟାଣ-ରାମଚନ୍ଦ୍ରପୁରସ୍ଥିତ ପୈତୃକ ଘର, ବାଲେଶ୍ୱରର ବସନ୍ତପୁରସ୍ଥିତ ଫାର୍ମ ହାଉସ୍, ବାଲେଶ୍ୱର ବାମପଦାସ୍ଥିତ ଅନ୍ୟ ଏକ ଘର, ବାଲେଶ୍ୱରର ଅଙ୍ଗାରଗଡ଼ିଆସ୍ଥିତ ଜଣେ ଘନିଷ୍ଠ ସହଯୋଗୀଙ୍କ ଘର, ମୟୂରଭଞ୍ଜ ବାଇସିଙ୍ଗାସ୍ଥିତ ଅନ୍ୟ ଜଣେ ସହଯୋଗୀଙ୍କ ଘର, ବାଲେଶ୍ୱର ବାମପଦାସ୍ଥିତ ଆଉ ଜଣେ ସହଯୋଗୀଙ୍କ ଘର। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଭିଜିଲାନ୍ସର ତଲାସୀ ଜାରି ରହିଥିବା ବେଳେ ତଲାସୀ ସମ୍ପୂର୍ଣ୍ଣ ହେବା ପରେ ଜବତ ସମ୍ପତ୍ତି ଓ ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ଅଧିକ ସୂଚନା ମିଳିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

## ଜଗା ଦର୍ଶନ ହେଲା ଶେଷ ଯାତ୍ରା

# ସଡ଼କ ଦୁର୍ଘଟଣାରେ ୨ ମୃତ, ୭ ଗୁରୁତର



ବରଗଡ଼।ସୋର, ୫।୧୦ (ସଂଚାର ବ୍ୟୁରୋ): ଅଧା ରହିଲା ଜଗା ଦର୍ଶନ। ସଡ଼କ ଦୁର୍ଘଟଣାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବରଗଡ଼ ସୋହେଲ ବ୍ଲକ ମଧୁପୁର ଅଞ୍ଚଳରେ। ସୂଚନା ମୁତାବକ ଇନ୍ଦୋରରୁ ପୁରୀ ଜଗନ୍ନାଥ ଧାମ ଦର୍ଶନ ପାଇଁ ଏକ ପରିବାର କାରରେ ଆସୁଥିବା ବେଳେ ସଡ଼କ ଦୁର୍ଘଟଣା ହୋଇଥିଲା। ଭାରସାମ୍ୟ ହରାଇ କାର୍‌ଟି ଗଛ ସହ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ହେବା ସହ ୬ ଜଣ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଆହତମାନଙ୍କ ମଧ୍ୟରୁ ୩ ଜଣଙ୍କୁ ସୋହେଲାର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୩ ଜଣଙ୍କୁ ଗୁରୁତର ଅବସ୍ଥାରେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତେବେ କେଉଁ ଭଳି ସ୍ଥିତିରେ ଦୁର୍ଘଟଣା ଘଟିଲା, ସେନେଇ ସୋହେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେହିପରି ସୋର ୧୬ ନମ୍ବର ଜାତୀୟ ରାଜପଥର ଖନ୍ତାପଡ଼ା ଦାଣ୍ଡକାଳୀ ନିକଟରେ ଦୁର୍ଘଟଣା ଘଟିଛି। ସ୍କୁଟିକୁ ପଛରୁ ଧକ୍କା ଦେଇଛି ଅଜଣା ଗାଡ଼ି। ଦୁର୍ଘଟଣାରେ ଜଣେ ଯୁବତୀଙ୍କ ଜୀବନ ଚାଲିଯାଇଛି। ଏହାଛଡ଼ା ସ୍କୁଟିରେ ପଛରେ ବସିଥିବା ତାଙ୍କ ସମ୍ପର୍କୀୟ ଗୁରୁତର ଭାବେ ଆହତ ହୋଇଛନ୍ତି। ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ସୂଚନାନୁସାରେ, ବାଲେଶ୍ୱର ସହରର ଚୂନାଭାଟି ଅଞ୍ଚଳର ପ୍ରିୟଙ୍କା ମହାପାତ୍ର ସ୍କୁଟିରେ ସୋର ଅଭିମୁଖେ ଆସୁଥିଲେ। ତାଙ୍କ ସହ ଜଣେ ସମ୍ପର୍କୀୟ ପଛରେ ବସିଥିଲେ। ତେବେ ଦାଣ୍ଡକାଳୀ ନିକଟରେ ପଛପଟୁ ଏକ ଅଜଣା ଗାଡ଼ି ସ୍କୁଟିକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ପ୍ରିୟଙ୍କା ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ପଛରେ ବସିଥିବା ସମ୍ପର୍କୀୟ ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଖବର ପାଇ ଖନ୍ତାପଡ଼ା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛି। ଧକ୍କା ଦେଇଥିବା ଗାଡ଼ିକୁ ଚିହ୍ନଟ କରିବାକୁ ପୁଲିସ ତଦନ୍ତ ଜାରି ରଖିଛି।

## ବାଲିପାଟଣା ବଜାର ହତ୍ୟାକାଣ୍ଡ ମାମଲା

# ୯ ଜଣଙ୍କୁ ଆଜୀବନ ଜେଲ

ଭୁବନେଶ୍ୱର,୫।୧୦ (ସଂଚାର ବ୍ୟୁରୋ): ବାଲିପାଟଣା ବଜାରରେ ହତ୍ୟାକାଣ୍ଡ ଘଟଣା। ୯ ଜଣଙ୍କୁ ଆଜିବନ ସଜ୍ଜା । ବାଲିପାଟଣା ଅକ୍ଷୟ କୁମାର ମାଝୀ ହତ୍ୟା ମାମଲାରେ ରାୟ। ଭୁବନେଶ୍ୱର କୋର୍ଟରେ ଆଜୀବନ ସଜା ଶୁଣାଇଲେ କୋର୍ଟ । ୨୦୨୪ ମସିହାରେ ହୋଇଥିଲା ହତ୍ୟାକାଣ୍ଡ । ପତ୍ନୀକୁ ମେସେଜ କରୁଥିବା ସନ୍ଦେହରେ ହତ୍ୟା କରିଥିଲେ ସ୍ୱାମୀ ସହ ସମ୍ପର୍କୀୟ। ଗୋଟିଏ ପରିବାରର ୯ଜଣଙ୍କୁ ଆଜୀବନ ସଜ୍ଜା ଶୁଣାଇଛନ୍ତି କୋର୍ଟ। ୧୦ଟି ସାକ୍ଷୀ ଓ ୨୫ଟି ଦସ୍ତାବିଜ ଆଧାରରେ ଦୋଷୀ ସାବ୍ୟସ୍ତ କଲେ ଏଡିଜି ୩କୋର୍ଟ । ମୁଖ୍ୟ ଅଭିଯୁକ୍ତ ଦିଲ୍ଲୁ ଭୋଇ ସମେତ ମୋଟ ୯ଜଣଙ୍କୁ ଜିବନ ସଜ୍ଜା ରେ ସଜା ଶୁଣାଇଛନ୍ତି କୋର୍ଟ । ତେବେ ଜମି ଜମା ବିବାଦ ନେଇ ପୁର୍ବ ଶତୃତା ଥିଲା । ଏସଂକ୍ରାନ୍ତରେ ପାରିବାରିକ ଶତୃତା ନେଇ ଉଗ୍ର ରୁପ ନେଇଥିଲା । ୨୦୨୪ମସିହା ମାର୍ଚ୍ଚ ୨୩ତାରିଖରେ ବାଲିପାଟଣା ବଜାରରେ ପରିବା କିଣିବାକୁ ଯାଇଥିବା ଅକ୍ଷୟ ମାଝୀ କୁ ସଙ୍ଘବଦ୍ଧ ହତ୍ୟା କରିଥିଲେ। ଅତି ବିଭତ୍ସ ଭାବେ ନିର୍ମମ ହତ୍ୟା କାଣ୍ଡ ଭିଆଇ ଥିଲେ । ଏହି ଘଟଣାରେ ସମସ୍ତ ଅଭିଯୁକ୍ତମାନଙ୍କୁ ଦୋଷୀ ସାବସ୍ତ୍ୟ କରିଛନ୍ତି ଭୁବନେଶ୍ୱର ଏଡିଜେ ୩ କୋର୍ଟ । ସମସ୍ତ ଦୋଷୀମାନଙ୍କୁ ଝାରପଡା ଜେଲକୁ ପଠାଯାଇଛି ।

# ଲାଞ୍ଚ ନେଇ ଧରାପଡ଼ିଲେ ପ୍ରଧାନଶିକ୍ଷକ

## ମଧ୍ୟାହ୍ନଭୋଜନ ବିଲ୍ କରେଇଦେବାକୁ ୧୫ ହଜାର ନେଉଥିଲେ



ବାଲିପାଟଣା, ୫।୧୦ (ସଂଚାର ବ୍ୟୁରୋ): ମଧ୍ୟାହ୍ନଭୋଜନର ବକେୟା ବିଲ୍ କରିଦେବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବାଲିପାଟଣା ବ୍ଲକ୍ ଅଧୀନ ଗୁଆପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏସ୍‌କେ ରିଆଜ ଅଲ୍ଲୀ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ନିକଟରୁ ରଙ୍ଗବୋଳା ୧୫ ହଜାର ଟଙ୍କା ଜବତ କରାଯାଇଛି।

ମିଳିଥିବା ସୂଚନାନୁସାରେ, ଗୁଆପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ବାଟିକା ସମେତ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୮ଟି ଶ୍ରେଣୀରେ ୧୬୨ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଗୁଆପୁର ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଭାକର ମଲ୍ଲିକ ଗତ ମାସରେ ବିଶ୍ୱନାଥପୁରକୁ ବଦଳି ହୋଇଥିଲେ। ସେ ଗୁଆପୁର ବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟର ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ମଧ୍ୟାହ୍ନଭୋଜନ ବିଲ୍ ବକେୟା ରହିଥିଲା। ବଦଳି ପରେ ଉକ୍ତ ବକେୟା ବିଲ୍ କରାଇବା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଶ୍ରୀ ଅଲ୍ଲୀଙ୍କୁ ସେ ଅନୁରୋଧ କରିଥିଲେ। ତେବେ ବିଲ୍‌ରେ ସ୍ୱାକ୍ଷର କରିବା ପାଇଁ ସେ ୧୫ ହଜାର ଟଙ୍କା ଦାବି କରାଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ପ୍ରଭାକର ମଲ୍ଲିକ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗର ସତ୍ୟତା ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ଆଜି ଯୋଜନାବଦ୍ଧ ଭାବେ ଚଢ଼ାଉ କରିଥିଲା। ସରଦେଇପୁର-ନିମାପଡ଼ା ରାସ୍ତାର ଗୋପଗରଡ଼ା ଛକ ନିକଟରେ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ସମୟରେ ଶ୍ରୀ ଅଲ୍ଲୀଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଥିଲା। ତାଙ୍କ ପକେଟରୁ ରଙ୍ଗବୋଳା ୧୫ ହଜାର ଟଙ୍କା ଜବତ ହୋଇଥିଲା। ପରେ ଭିଜିଲାନ୍ସ ଟିମ୍ ଗୁଆପୁର ବିଦ୍ୟାଳୟରେ ପହଞ୍ଚି ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ ମଧ୍ୟାହ୍ନଭୋଜନ ସମ୍ପର୍କିତ ରେଜିଷ୍ଟର ଜବତ କରିଥିଲା। ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ପଚରାଉଚରା କରାଯାଇଛି। ଏଥିସହ ପ୍ରଧାନଶିକ୍ଷକଙ୍କ କାର୍ଯ୍ୟାଳୟ ଓ ବାସଗୃହରେ ମଧ୍ୟ ଯାଞ୍ଚ ଚାଲିଛି।

# ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକଙ୍କ ମୃତଦେହ ଉଦ୍ଧାର



ଭୁବନେଶ୍ୱର,୧୦।୫(ସଂଚାର ବ୍ୟୁରୋ): ଓଡ଼ିଆ ଫିଲ୍ମ ଜଗତରୁ ଆସିଛି ଦୁଃଖଦ ଖବର। ଭୁବନେଶ୍ୱରର ଏକ ହୋଟେଲରୁ ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକଙ୍କ ମୃତଦେହ ଉଦ୍ଧାର ହୋଇଛି। ଉକ୍ତ ଓଡ଼ିଆ ଫିଲ୍ମ ନିର୍ଦ୍ଦେଶକ ଜଣଙ୍କ ହେଲେ ଏସ୍‌କେ ମୁରଲୀଧରନ। ସନ୍ଦେହଜନକ ଅବସ୍ଥାରେ ପୁଲିସ୍ ତାଙ୍କ ମୃତଦେହ ଉଦ୍ଧାର କରିଛି। ତାଙ୍କର ଏପରି ଅସ୍ୱାଭାବିକ ମୃତ୍ୟୁ ଓଲିଉଡ ଜଗତକୁ ସ୍ତବ୍ଧ କରି ଦେଇଛି। କେଉଁ ପରିସ୍ଥିତିରେ ଓ କିଭଳି ତାଙ୍କର ମୃତ୍ୟୁ ଘଟିଲା, ତାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସେ ଓଲିଉଡ଼ର ଜଣେ ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ, ନୃତ୍ୟ ନିର୍ଦ୍ଦେଶକ ଏବଂ ଚିତ୍ରନାଟ୍ୟ ଲେଖକ ଭାବେ ପରିଚିତ ଥିଲେ। ଏଥିସହ ସେ ଓଡ଼ିଆ ସିନେମା ବ୍ୟତୀତ ତାମିଲ, ତେଲୁଗୁ ଓ ଅନ୍ୟାନ୍ୟ ଆଞ୍ଚଳିକ ଭାଷାର ଚଳଚ୍ଚିତ୍ରରେ ମଧ୍ୟ କାମ କରିଥିଲେ। ସେ ଓଲିଉଡରେ ଅନେକ ଲୋକପ୍ରିୟ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ। ନିର୍ଦ୍ଦେଶକ ଭାବେ ତାଙ୍କ ପ୍ରଥମ ଚଳଚ୍ଚିତ୍ର ଥିଲା 'ଛାତି ଚିରି ଦେଲେ ତୁ...'। ସେହିପରି 'ତୋ ଆଖିରେ ମୁଁ, 'କିଏ ଦବ ଟକ୍କର', 'ନୂଆ ନୂଆ ପ୍ରେମ' ଚଳଚ୍ଚିତ୍ରର ମଧ୍ୟ ସେ ନିର୍ଦ୍ଦେଶନା ଦେଇଛନ୍ତି।

## ପିଏମଏୱାଇ (ସହରୀ) ୨.୦ରେ ସର୍ବାଧିକ ସଂସ୍କାର ପାଇଁ ଓଡ଼ିଶାକୁ ସ୍ୱୀକୃତି

# ସଂସ୍କାରଭିତ୍ତିକ ସହରୀ ଆବାସ ପାଇଁ ସମ୍ମାନିତ

**ସ୍ୱଚ୍ଛ, ସୁରକ୍ଷିତ ଓ ସମ୍ମାନଜନକ ଆବାସ ଯୋଗାଇବା ଲକ୍ଷ୍ୟ**



ଭୁବନେଶ୍ୱର,୫।୧୦(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ) ୨.୦ ଅଧୀନରେ ସର୍ବାଧିକ ସଂସ୍କାର କାର୍ଯ୍ୟକାରୀ କରିଥିବାରୁ ଓଡ଼ିଶାକୁ ଭାରତ ସରକାରଙ୍କ ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ବିଶେଷ ସ୍ୱୀକୃତି ପୁରସ୍କାର ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀରେ ଆୟୋଜିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ସହରୀ ପୁରସ୍କାର- ୨୦୨୬ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସହରୀ ଆବାସ ସମ୍ପର୍କିତ ପ୍ରକ୍ରିୟାକୁ ସରଳ କରିବା, କାର୍ଯ୍ୟକାରିତା ବ୍ୟବସ୍ଥାକୁ ସୁଦୃଢ଼ କରିବା ଓ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ଆବାସ ସୁବିଧାର ସୁବ୍ୟବସ୍ଥିତ ପହଞ୍ଚ ସୁନିଶ୍ଚିତ କରିବା ଦିଗରେ ଓଡ଼ିଶାର ନିରନ୍ତର ପ୍ରୟାସକୁ ଏହି ଜାତୀୟ ସ୍ୱୀକୃତି ପ୍ରଦାନ କରାଯାଇଛି।

ରାଜ୍ୟର ସଂସ୍କାରମୂଳକ ଆଭିମୁଖ୍ୟରେ ପ୍ରଶାସନିକ ଦକ୍ଷତା ବୃଦ୍ଧି, ବିଭିନ୍ନ ଅନୁଷ୍ଠାନ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ସୁଦୃଢ଼ କରିବା ଏବଂ ସ୍ୱଚ୍ଛ ଓ ଦକ୍ଷ କାର୍ଯ୍ୟକାରିତା ପାଇଁ ପ୍ରଯୁକ୍ତିର ଉପଯୋଗ ଭଳି ବିଭିନ୍ନ ପଦକ୍ଷେପ ସାମିଲ ରହିଛି। ଏହି ପଦକ୍ଷେପଗୁଡ଼ିକର ସୁବିଧା ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଅଧିକ ସରଳ, ସୁବ୍ୟବସ୍ଥିତ ଓ ନାଗରିକକେନ୍ଦ୍ରିକ ବ୍ୟବସ୍ଥା ଗଠନରେ ସହାୟକ ହୋଇଛି। ଏହି ସ୍ୱୀକୃତି ପାଇଁ ଅଭିନନ୍ଦନ ଜଣାଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ଏହି ସ୍ୱୀକୃତି ଓଡ଼ିଶା ପାଇଁ ଗର୍ବର ବିଷୟ। ଆମ ଅଧିକାରୀ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଓ କାର୍ଯ୍ୟାନ୍ୱୟନକାରୀ ସଂସ୍ଥାଗୁଡ଼ିକର ସମ୍ମିଳିତ ପ୍ରୟାସର ଏହା ପ୍ରତିଫଳନ। ଆମର ଲକ୍ଷ୍ୟ କେବଳ ଘର ନିର୍ମାଣ କରିବା ନୁହେଁ; ବରଂ ପ୍ରତ୍ୟେକ ଯୋଗ୍ୟ ସହରୀ ପରିବାରକୁ ସ୍ୱଚ୍ଛ, ସୁରକ୍ଷିତ ଓ ସମ୍ମାନଜନକ ଆବାସ ଯୋଗାଇବା। ପିଏମଏୱାଇ-୨.୦ ଅଧୀନରେ ସଂସ୍କାର, ଦ୍ରୁତ କାର୍ଯ୍ୟାନ୍ୱୟନ ଓ ପ୍ରଭାବଶାଳୀ ଶେଷ ପର୍ଯ୍ୟାୟରେ ସୁବିଧା ପହଞ୍ଚାଇବା ଉପରେ ଆଗାମୀ ଦିନରେ ମଧ୍ୟ ଗୁରୁତ୍ୱ ଦିଆଯିବ। ସେ କହିଛନ୍ତି ଯେ ଆମ ପାଇଁ ଘର କେବଳ ଏକ ଭୌତିକ ଢାଞ୍ଚା ନୁହେଁ; ଏହା ଗୋଟିଏ ପରିବାର ପାଇଁ ସମ୍ମାନ, ସୁରକ୍ଷା ଓ ଏକ ଉନ୍ନତ ଭବିଷ୍ୟତର ପ୍ରତୀକ। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଯେପରି ସମୟୋଚିତ ଓ ନିର୍ବିଘ୍ନ ଭାବେ ଯୋଜନାର ସୁବିଧା ପାଇପାରିବେ, ସେଥିପାଇଁ ଆମେ ଦୃଢ଼ତାର ସହ କାର୍ଯ୍ୟ ଜାରି ରଖିବୁ ବୋଲି ସେ କହିଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

SANCHAR
ସଂଚାର
ମଙ୍ଗଳବାର ୬ ଅକ୍ଟୋବର ୨୦୨୬
BUSINESS

## ଆଜିର ସୁନା ଦର



ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୯,୧୮୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୬,୭୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୯,୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୬,୭୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୯,୧୮୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୬,୭୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୯,୩୩୦ ଟଙ୍କା ଓ ୨୨ କ୍ୟାରଟେ ୧,୩୬,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୯,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୭,୭୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୯,୧୮୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୬,୭୫୦ ଟଙ୍କା ରହିଛି । ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର



ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ହ୍ରାସ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ନୂଆ ଲୁକ୍ ଓ ଦମଦାର ଫିଚର୍ସ ସହ ଆସୁଛି ହୋଣ୍ଡା ଏଲିଭେଟ୍



ନୂଆଦିଲ୍ଲୀ, ୫।୧୦: ହୋଣ୍ଡା କାର୍ସ ଇଣ୍ଡିଆ ନିଜର ଅପଡେଟେଡ୍ ଏଲିଭେଟ୍ ଏସୟୁଭିକୁ ୬ ଅକ୍ଟୋବର ୨୦୨୬ରେ ଭାରତରେ ଲଞ୍ଚ କରିବାକୁ ଯାଉଛି। ବିଶେଷ କଥା ହେଉଛି, ଭାରତ ଏହି ନୂଆ ଏଲିଭେଟ୍‌କୁ ପାଇବାରେ ପ୍ରଥମ ବଜାର ହେବ। କମ୍ପାନୀ ୧ ଅକ୍ଟୋବରରୁ ଏହାର ପ୍ରି-ଲଞ୍ଚ ବୁକିଂ ମଧ୍ୟ ଆରମ୍ଭ କରିଛି। ଗ୍ରାହକମାନେ ଦେଶବ୍ୟାପୀ ହୋଣ୍ଡାର ଅଧିକୃତ ଡିଲରଶିପରେ ୨୧,୦୦୦ ବୁକିଂ ରାଶି ଦେଇ ଏସୟୁଭିଟିକୁ ରିଜର୍ଭ କରିପାରିବେ। କମ୍ପାନୀ ଏପର୍ଯ୍ୟନ୍ତ ନୂଆ ଏଲିଭେଟ୍‌ର ଦାମ ଏବଂ ସମ୍ପୂର୍ଣ୍ଣ ଭାରିଆଣ୍ଟ-ଭିତ୍ତିକ ଫିଚର ତାଲିକା ପ୍ରକାଶ କରିନାହିଁ। ହୋଣ୍ଡାର କହିବା ଅନୁସାରେ, ନୂଆ ମଡେଲରେ ଅଧିକ ବୋଲ୍ଡ ଡିଜାଇନ୍, ଅଧିକ ଫିଚର ଏବଂ ପୂର୍ବ ତୁଳନାରେ ଅଧିକ ପ୍ରିମିୟମ୍ କ୍ୟାବିନ୍ ମିଳିବ। ଏହାର ଦାମ ଏବଂ ଅନ୍ୟ ସମସ୍ତ ସୂଚନା ୬ ଅକ୍ଟୋବରର ଲଞ୍ଚ ଇଭେଣ୍ଟରେ ସାମ୍ନାକୁ ଆସିବାର ଆଶା ରହିଛି।

ହୋଣ୍ଡା ଟିଜର୍ ମାଧ୍ୟମରେ ନୂଆ ଏଲିଭେଟ୍‌ର ଅନେକ ଡିଜାଇନ୍ ପରିବର୍ତ୍ତନ ଦେଖାଇଛି। ଏସୟୁଭିର ଫ୍ରଣ୍ଟରେ ନୂଆ ଗ୍ରିଲ୍ ଡିଜାଇନ୍ ଏବଂ ସେଗମେଣ୍ଟେଡ୍ LED ଲାଇଟିଂ ସିଗ୍ନେଚର୍ ଦେଖିବାକୁ ମିଳୁଛି। କମ୍ପାନୀ ହୋଣ୍ଡା ଲୋଗୋର ସ୍ଥାନ ମଧ୍ୟ ପରିବର୍ତ୍ତନ କରିଛି। ଏହା ଏବେ ଗ୍ରିଲରେ ନୁହେଁ, ବରଂ ବୋନେଟର ଉପର ଭାଗରେ ଦେଖାଯାଉଛି। ବ୍ୟାକରେ କନେକ୍ଟେଡ୍ LED ଲାଇଟ୍ ବାର୍ ମଧ୍ୟ ଦେଖିବାକୁ ମିଳିଛି। ଏହା ବ୍ୟତୀତ ବମ୍ପର୍ ଏବଂ ଅନ୍ୟାନ୍ୟ ବାହ୍ୟ ଅଂଶରେ ମଧ୍ୟ ପରିବର୍ତ୍ତନ କରାଯିବାର ଆଶା ରହିଛି। ହୋଣ୍ଡା ଏପର୍ଯ୍ୟନ୍ତ ପ୍ରତ୍ୟେକ ଡିଜାଇନ୍ ପରିବର୍ତ୍ତନର ସମ୍ପୂର୍ଣ୍ଣ ସୂଚନା ଦେଇନାହିଁ। ତେଣୁ କିଛି ଡିଟେଲକୁ ଅନୁମାନିତ ପରିବର୍ତ୍ତନ ଭାବେ ଦେଖିବା ଠିକ୍ ହେବ ଏବଂ ଏହାର ଅଧିକାରିକ ପୁଷ୍ଟି ଲଞ୍ଚ ସମୟରେ ହିଁ ହେବ। ନୂଆ ହୋଣ୍ଡା ଏଲିଭେଟ୍‌ର ଇଣ୍ଟିରିୟରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିପାରେ। ଟିଜରରେ ହାଲୁକା ରଙ୍ଗର ଅପହୋଲ୍‌ଷ୍ଟ୍ରି ସହିତ ଡ୍ୟାସବୋର୍ଡ ଏବଂ ଡୋର୍ ପ୍ୟାଡ୍‌ରେ ଆମ୍ବିଏଣ୍ଟ ଲାଇଟିଂ ଦେଖାଯାଇଛି। ରିପୋର୍ଟ ଅନୁସାରେ, ଏସୟୁଭିରେ ୩୬୦-ଡିଗ୍ରୀ କ୍ୟାମେରା ଏବଂ ଭେଣ୍ଟିଲେଟେଡ୍ ଫ୍ରଣ୍ଟ ସିଟ୍ ଭଳି ଫିଚର୍ ଯୋଡ଼ାଯାଇପାରେ। ବର୍ତ୍ତମାନ ଏଲିଭେଟ୍‌ରେ ଏହି ଫିଚରଗୁଡ଼ିକ ଫ୍ୟାକ୍ଟ୍ରି-ଫିଟେଡ୍ ଭାବେ ଉପଲବ୍ଧ ନାହିଁ। ବଡ଼ ୧୦.୨୫-ଇଞ୍ଚ୍ ଟଚ୍‌ସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମକୁ ମଧ୍ୟ ଅଧିକ ଭାରିଆଣ୍ଟରେ ଦିଆଯିବାର ଆଶା ରହିଛି। ତେବେ, ଏହି ଫିଚରଗୁଡ଼ିକ କେଉଁ ଭାରିଆଣ୍ଟରେ ଉପଲବ୍ଧ ହେବ, ସେନେଇ ହୋଣ୍ଡା ଏପର୍ଯ୍ୟନ୍ତ ଅଧିକାରିକ ଭାବେ କିଛି କହିନାହିଁ। ତେଣୁ ଏଗୁଡ଼ିକୁ ସମ୍ଭାବ୍ୟ ପରିବର୍ତ୍ତନ ଭାବେ ହିଁ ଦେଖିବା ଉଚିତ। ନୂଆ ହୋଣ୍ଡା ଏଲିଭେଟ୍‌ରେ ବର୍ତ୍ତମାନର ୧.୫-ଲିଟର୍ ନ୍ୟାଚୁରାଲି ଆସ୍ପିରେଟେଡ୍ ପେଟ୍ରୋଲ୍ ଇଞ୍ଜିନ୍‌କୁ ଜାରି ରଖାଯିବାର ଆଶା ରହିଛି। ବର୍ତ୍ତମାନର ମଡେଲରେ ଏହି ଇଞ୍ଜିନ୍ ୬-ସ୍ପିଡ୍ ମାନୁଆଲ୍ ଏବଂ CVT ଅଟୋମେଟିକ୍ ଗିୟରବକ୍ସ ସହିତ ଆସୁଛି। ଉପଲବ୍ଧ ରିପୋର୍ଟ ଅନୁସାରେ, ଫେସ୍‌ଲିଫ୍ଟରେ ବଡ଼ ମେକାନିକାଲ୍ ପରିବର୍ତ୍ତନ କରାଯିବ ନାହିଁ। ଏଥିରେ ମୁଖ୍ୟତଃ ଡିଜାଇନ୍ ଏବଂ ଫିଚର୍ ଉପରେ ଗୁରୁତ୍ୱ ଦିଆଯିବ। ନୂଆ ଏଲିଭେଟ୍‌ର ଟକ୍କର Hyundai Creta, Kia Seltos, Maruti Suzuki Grand Vitara ଏବଂ Victoris, Toyota Hyryder, Volkswagen Taigun, Skoda Kushaq ଏବଂ Tata Sierra ଭଳି ଏସୟୁଭି ସହିତ ରହିବ। ଏହାର ଅଧିକାରିକ ଦାମ ଏବଂ ସମ୍ପୂର୍ଣ୍ଣ ସ୍ପେସିଫିକେସନ୍ ୬ ଅକ୍ଟୋବରରେ ସାମ୍ନାକୁ ଆସିବ।

## ଏଭରେଷ୍ଟର ଜିରା ପାଉଡର୍ ପ୍ୟାକେଟ୍ ଅସୁରକ୍ଷିତ:ଏଫ୍‌ଏସ୍‌ଏସ୍‌ଏଆଇ



ନୂଆଦିଲ୍ଲୀ,୫।୧୦: ଖାଦ୍ୟ କ୍ଷେତ୍ରର ନିୟାମକ ସଂସ୍ଥା ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ମସଲା କମ୍ପାନି ଏଭରେଷ୍ଟର ଜିରା ପାଉଡର୍‌ର କିଛି ପ୍ୟାକେଟ୍‌କୁ ପରୀକ୍ଷା କରିବା ପରେ ତାହା ବ୍ୟବହାର ପାଇଁ ଅସୁରକ୍ଷିତ ବୋଲି କହିଛି। ସେହି ପ୍ୟାକେଟ୍‌ର ବ୍ୟାଚ୍‌କୁ ତୁରନ୍ତ ବଜାରରୁ ପ୍ରତ୍ୟାହାର କରିବାକୁ କମ୍ପାନିକୁ ନିର୍ଦ୍ଦେଶ ଦିଆଯାଇଛି। ଫେରାଇ ଅଣାଯାଇଥିବା ଉତ୍ପାଦର ସବିଶେଷ ବିବରଣୀ ଦାଖଲ କରିବାକୁ କମ୍ପାନିକୁ କୁହାଯାଇଛି।

ଗୋଆର ରିଭରସାଇଡ୍ ରିସୋର୍ଟସ୍ ଆଣ୍ଡ୍ ହଲିଡେ ହୋମ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ରୁ ସେହି ନମୁନାଗୁଡ଼ିକୁ ସଂଗ୍ରହ କରାଯାଇଥିଲା। ସେଥିରେ ଆଜୋକ୍ସିଷ୍ଟ୍ରୋବିନ୍ ଓ ଥିଆମେଥୋକ୍ସାମ୍ ଭଳି କିଟନାଶକ ଉପାଦାନ ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ଥିବା ପରୀକ୍ଷା ବେଳେ ଜଣାପଡ଼ିଥିଲା। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ, ୨୦୦୬ ଅଧୀନରେ ତାହାକୁ 'ବ୍ୟବହାର ପାଇଁ ଅସୁକ୍ଷିତ' ଘୋଷଣା କରାଯାଇଥିଲା। ଏହି ନିର୍ଦ୍ଦେଶ ବିରୋଧରେ କମ୍ପାନି ଚାହିଲେ ଅପିଲ୍ କରିପାରିବ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ ସ୍ପଷ୍ଟ କରିଛି। ଅନ୍ୟ ପକ୍ଷରେ, କ୍ରିଏଟିଭ୍ ବେକର୍ସ ଆଣ୍ଡ୍ କନ୍‌ଫେକ୍ସନର୍ସର ଲାଇସେନ୍ସକୁ ମଧ୍ୟ ଏଫ୍‌ଏସ୍‌ଏସ୍‌ଏଆଇ ତୁରନ୍ତ ବାତିଲ କରିଛି। ସ୍ୱଚ୍ଛତାରେ ଅବହେଳା ପାଇଁ କମ୍ପାନି ବିରୋଧରେ ଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ପାର୍ବଣ ପାଇଁ ଅଧିକ ଗାଡ଼ି ଉତ୍ପାଦନ

## ଡିଲର୍‌ସିପ୍‌ରେ ପହଞ୍ଚୁଛି ଅଧିକ ଗାଡ଼ି



ନୂଆଦିଲ୍ଲୀ,୫।୧୦: ପାର୍ବଣ ଋତୁ ହେଉଛି କିଣାକିଣିର ସବୁଠୁ ବଡ଼ ସମୟ। ଏହି ସମୟରେ ବେତନଭୋଗୀମାନେ ଦରମା ସହିତ ବୋନସ୍ ମଧ୍ୟ ପାଇଥାନ୍ତି। ତେଣୁ ଅଧିକ ଟଙ୍କା ଦରକାର ହେଉଥିବା ଜିନିଷ କିଣିବାରେ ସେମାନେ ତାହାକୁ ବ୍ୟବହାର କରନ୍ତି। ସେହି ଖର୍ଚ୍ଚର ଏକ ବଡ଼ ଭାଗ ଗାଡ଼ି କିଣିବାରେ ହୋଇଥାଏ। ପାର୍ବଣ ଋତୁର ଚାହିଦାକୁ ନଜରରେ ରଖି କାର୍ କମ୍ପାନିଗୁଡ଼ିକ ନିଜର ଉତ୍ପାଦନ ବଢ଼ାଇଛନ୍ତି। ଏଥି ସହିତ ଡିଲର୍‌ସିପ୍‌ଗୁଡ଼ିକୁ ମଧ୍ୟ ଅଧିକ ଗାଡ଼ି ପଠାଇବା ଆରମ୍ଭ କରିଛନ୍ତି।

ମାରୁତି ସୁଜୁକି ପାଖରେ ପାର୍ବଣ ଋତୁ ପାଇଁ ୨,୨୦,୦୦୦ ଗାଡ଼ିର ବୁକିଂ ରହିଛି। ହୁଣ୍ଡାଇ ମୋଟର ଇଣ୍ଡିଆ ମଧ୍ୟ ଚାରିରୁ ପାଞ୍ଚ ସପ୍ତାହ ପର୍ଯ୍ୟନ୍ତର ଆବଶ୍ୟକତା ପୂରଣ କରୁଥିବା ଗାଡ଼ିର ଷ୍ଟକ୍ ଡିଲରମାନଙ୍କ ପାଖରେ ରଖିଛି। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ମାସିକ ୬୮ ହଜାର ଗାଡ଼ି ଉତ୍ପାଦନ କରୁଛି। କମ୍ପାନି ପ୍ରତିକ୍ଷା ସମୟକୁ ଯଥା ସମ୍ଭବ କମ୍ କରିବା ଉପରେ କାମ କରୁଛି। ମାରୁତି ସୁଜୁକି ମଧ୍ୟ ପ୍ରତିକ୍ଷା ସମୟ କମ୍ କରିବା ଉପରେ କାମ କରୁଛି ଯାହା ବର୍ତ୍ତମାନ ୧୬ ଦିନ ପାଖାପଖି ରହିଛି। ହୁଣ୍ଡାଇ ମୋଟର ଇଣ୍ଡିଆର ଏମ୍‌ଡି ଓ ସିଇଓ ତରୁଣ ଗର୍ଗ କହିଛନ୍ତି, ବୁକିଂ କରିଥିବା ଗ୍ରାହକଙ୍କ ପାଖରେ ଗାଡ଼ି ପହଞ୍ଚାଇବା ଓ ଡିଲର୍‌ସିପ୍‌ରେ ଗାଡ଼ି ଉପଲବ୍ଧ ରଖିବା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଉପରେ ଆମେ ଧ୍ୟାନ ଦେଉଛୁ। ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର ଅଟୋମୋଟିଭ୍ ଡିଭିଜନ୍‌ର ସିଇଓ ନଳିନୀକାନ୍ତ ଗୋଲଗୁଣ୍ଡା କହିଛନ୍ତି ଯେ ବର୍ଦ୍ଧିତ ଚାହିଦା ପୂରଣ କରିବା ପାଇଁ ଆମେ ଆମର ମାସିକ ଏସ୍‌ୟୁଭି ଓ ଇଭି ଉତ୍ପାଦନ କ୍ଷମତାକୁ ୬୮ ହଜାରକୁ ବୃଦ୍ଧି କରିଛୁ। ସେଥିପାଇଁ ଆମ ପ୍ରତିକ୍ଷା ସମୟ ବେଶ୍ ହ୍ରାସ ପାଇବା ସହ ବୁକିଂ ମଧ୍ୟ ଉତ୍ସାହଜନକ ରହିଛି। ଚଳିତ ପାର୍ବଣ ଋତୁରେ ଗ୍ରାହକ ଚାହିଦା ବିକ୍ରିରେ ରୂପାନ୍ତରିତ ହେବ ବୋଲି କମ୍ପାନି ଆଶା ରଖିଥିବା ସେ କହିଛନ୍ତି।

ଭାରତୀୟ ଗାଡ଼ି ଶିଳ୍ପ ପାଇଁ ପାର୍ବଣ ଋତୁ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ବିଶେଷ କରି ନବରାତ୍ରୀ, ଦଶହରା, ଧନତେରସ୍ ଓ ଦୀପାବଳିରେ ଅଧିକ ଗାଡ଼ି ବିକ୍ରି ହୋଇଥାଏ। ଏହି ସମୟରେ ବିକ୍ରି ଯଥେଷ୍ଟ ବଢ଼ାଇବାକୁ ଉଭୟ ଡିଲରସିପ୍ ଓ ଗାଡ଼ି ନିର୍ମାତା ପ୍ରସ୍ତୁତ ରହିଥାନ୍ତି। ଗାଡ଼ି ନିର୍ମାତାମାନେ ଉତ୍ପାଦନ ବଢ଼ାଇବା ସହ ଡିଲରଙ୍କ ପାଖରେ କିଭଳି ଅଧିକ ଗାଡ଼ି ପହଞ୍ଚାଇ ହେବ ତାହା ଉପରେ ଧ୍ୟାନ ଦେଉଛନ୍ତି। ଗାଡ଼ି ଉପଲବ୍ଧ ଥିଲେ ଗ୍ରାହକମାନେ ଶୀଘ୍ର କିଣିବା ନିଷ୍ପତ୍ତି ନେଇପାରିବେ ବୋଲି କମ୍ପାନିଗୁଡ଼ିକ ଭାବୁଛନ୍ତି।

## ଇଣ୍ଡଷ୍ଟ୍ରିଆଲ ଡିଜେଲ ଦର ୧୪.୬୦ଟଙ୍କା ବୃଦ୍ଧି

ଦେଶରେ ବଲ୍କ ଡିଜେଲ ବା ଶିଳ୍ପ କ୍ଷେତ୍ରରେ ବ୍ୟବହୃତ ଡିଜେଲ ଦର ଲିଟର ପିଛା ୧୪.୬୦ ଟଙ୍କା ବଢ଼ିଛି। ତେବେ ସାଧାରଣ ଗ୍ରାହକଙ୍କ ଲାଗି ପେଟ୍ରୋଲ ପମ୍ପଗୁଡିକରେ ମିଳୁଥିବା ଡିଜେଲ ଦରରେ କୌଣସି ବୃଦ୍ଧି କରାଯାଇନାହିଁ।

ନୂଆଦିଲ୍ଲୀ,୫।୧୦: ସାରା ବିଶ୍ୱରେ ଡିଜେଲ୍ ଯୋଗାଣକୁ ନେଇ ଚିନ୍ତା ବଢ଼ିଛି। ଅଶୋଧିତ ତେଲ ମୂଲ୍ୟରେ ବୃଦ୍ଧି ଏବଂ ବିଶ୍ୱ ବଜାରରେ ଏହାର ଯୋଗାଣ ହ୍ରାସକୁ ନେଇ ଚାପ ବଢ଼ିଛି। ଏହାର ପ୍ରଭାବ ଏବେ ଭାରତ ବଜାର ଉପରେ ପଡ଼ିଛି।

ମାତ୍ର ଅନ୍ତର୍ଜାତୀୟ ବଜାରରେ ଡିଜେଲ ଏବଂ ଅଶୋଧିତ ତେଲ ଦର ଉପରେ ଦୀର୍ଘଦିନ ଧରି ଚାପ ରହିଲେ ଏହାର ପ୍ରଭାବ ପରିବହନ କ୍ଷେତ୍ର ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ପଡିପାରେ। ଗଣମାଧ୍ୟମ ରିପୋର୍ଟ ମୁତାବକ ବଲ୍କ ଡିଜେଲ ଦର ଏବେ ୧୫୩.୫୭ ଟଙ୍କା ଛୁଇଁଛି। ବଲ୍କ ଡିଜେଲ ଏବଂ ସାଧାରଣ ପମ୍ପ ଗୁଡିକରେ ମିଳୁଥିବା ଡିଜେଲ ଦରରେ ଢ଼େର ଅନ୍ତର ରହିଛି। ନୂଆଦିଲ୍ଲୀରେ ରାଷ୍ଟ୍ରାୟତ୍ତ ତେଲ କମ୍ପାନିଗୁଡିକର ତେଲ ଟାଙ୍କିରେ ସାଧାରଣ ଡିଜେଲ ଦର ଲିଟର ପିଛା ୯୫.୬୪ ଟଙ୍କା ରହିଛି।




ଏଭଳି ସ୍ଥିତିରେ ବଲ୍କ ଡିଜେଲ ଗ୍ରାହକମାନେ ମଧ୍ୟ ସାଧାରଣ ଟାଙ୍କି ଗୁଡିକରେ ଡିଜେଲ ନେବା ଆରମ୍ଭ କରି ଦେଲେଣି। ଏହା ଦ୍ୱାରା ପମ୍ପ ଗୁଡିକରେ ଡିଜେଲ ଚାହିଦା ବୃଦ୍ଧି ହେବାର ଆଶଙ୍କା ରହିଛି। ବର୍ତ୍ତମାନ ତେଲ କମ୍ପାନିଗୁଡିକ ଦୈନିକ ଭିତ୍ତିରେ ୫୦୦ କୋଟିରୁ ଉର୍ଦ୍ଧ୍ୱ କ୍ଷତି ସହୁଛନ୍ତି। ଏଭଳି ସ୍ଥିତିରେ କମ୍ପାନି ତେଲ ଦର ବଢ଼ାଇଲେ ଏହାର ପ୍ରଭାବ ପରିବହନ କ୍ଷେତ୍ର ସହ ଦରଦାମ ଉପରେ ପଡିବ ବୋଲି ଆଶଙ୍କା କରାଯାଇଛି।

## ଶସ୍ତା ଏବଂ ସହଜରେ ମିଳିବ ରିଚାର୍ଜ ପ୍ଲାନ୍

ନୂଆଦିଲ୍ଲୀ, ୫।୧୦:ଆଜି କାଲି ରିଚାର୍ଜ ପ୍ଲାନ୍ ମହଙ୍ଗା ହେଲାଣି। ଯଦି ଆପଣ ଜିଓ, ଭିଆଇ କିମ୍ବା ଏୟାରଟେଲ୍ ବ୍ୟବହାର କରୁଛନ୍ତି ଏବଂଆବଶ୍ୟକ ଅନୁସାରେ ରିଚାର୍ଜ କରିବାକୁ ଚାହାଁନ୍ତି ତାହାଲେ ଟ୍ରାଇ ନୂଆ ନିୟମ ଆଣିଛି। ବିଭିନ୍ନ ଟେଲିକମ କମ୍ପାନୀଙ୍କୁ ଗ୍ରାହକଙ୍କୁ କପରି ସହଜରେ ରିଚାର୍ଜ ପ୍ଲାନ୍ ବାବଦରେ ତଥ୍ୟ ମିଳିପାରିବ ସେନେଇ ଟ୍ରାଇ୍ ନିର୍ଦ୍ଦେଶ ଦେଇଛି। ଏପରିକି ସମ୍ମୁଖରେ ଏହି ସବୁ ପ୍ଲାନ୍ ଡିସପ୍ଲେ ହେବା ନେଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଏବେ କିଛି ସ୍ୱତନ୍ତ୍ର ରିଚାର୍ଜ ପ୍ଲାନ୍ ଖୋଜିବାରେ ସମସ୍ୟା ହେବ ନାହିଁ। ଆପ୍ଲିକେସନ କିମ୍ବା ୱେବସାଇଟରେ ଭିନ୍ନ ଭିନ୍ନ କାଟାଗୋରୀ ସର୍ଚ୍ଚ କରିବାକୁ ପଡିବ ନାହିଁ। ଟ୍ରାଇ ତରଫରୁ ଧାର୍ଯ୍ୟ ହୋଇଥିବା ସମସ୍ତ ରିଚାର୍ଜ ଭାଉଚରକୁ ଏକ ସ୍ୱତନ୍ତ୍ର ଏବଂ ସ୍ପଷ୍ଟ ଦେଖାଗଲା ଭଳି ସେକସନରେ ରଖିବାକୁ କୁହାଯାଉଛି। ଯାହା ରିଚାର୍ଜ ସମୟରେ ସର୍ବ ପ୍ରଥମେ ଦେଖିବାକୁ ମିଳିବ। ଟ୍ରାଇର ନିର୍ଦ୍ଦେଶ ଅନୁସାରେ, ସମସ୍ତ ଟେଲିକମ୍ ସର୍ଭିସ ପ୍ରୋଭାଇଡର ନିଜର ୱେବସାଇଟ୍ ଓ ଆପରେ ଟ୍ରାଇ ମ୍ୟାଣ୍ଡେଟେଡ୍ ପ୍ୟାକ୍ ନାମକ ଏକ ସେକ୍ସନ ରଖିବେ। ଏହି ସେକ୍ସନ ସବୁଠୁ ଉପରେ ଗ୍ରାହକଙ୍କୁ ଦୃଶ୍ୟମାନ ହେବ। ଏହି ନିର୍ଦ୍ଦେଶକୁ ପାଳନ କରିବା ପାଇଁ ବିଭିନ୍ନ କମ୍ପାନୀକୁ୩୦ଦିନର ସମୟ ଦିଆଯାଇଛି। ଅର୍ଥାତ କମ୍ପାନୀମାନେ କେବଳ ପ୍ଲାନ୍ ଉପଲବ୍ଧ କରାଇବେ ନାହିଁ ବରଂ ଗ୍ରାହକମାନେ ଶସ୍ତା ପ୍ଲାନକୁ ସହଜରେ ଖୋଜିପାରିବେ। ଟ୍ରାଇ ଅନୁସାରେ, ଅନେକ ଗ୍ରାହକ ଅଭିଯୋଗ କରୁଥିଲେ। ସେମାନେ ସହଜରେ ଆପରେ ରିଚାର୍ଜ ଭାଉଚର ପାଉନଥିବା କହୁଥିଲେ। ଏହାପରେ ଟ୍ରାଇ ପକ୍ଷରୁ ଟେଲିକମ୍ କମ୍ପାନୀର ୱେବସାଇଟକୁ ଯାଞ୍ଚ୍ କରାଯାଇଥିଲା। ଏଥିରେ ଭାଉଚର୍ ଭିନ୍ନ କ୍ୟାଟାଗୋରୀରେ ଥିବା ଏବଂ ସହଜରେ ମିଳୁନଥିବା ଦେଖାଯାଇଥିଲା। ଏହାର ସିଧା ପ୍ରଭାବ ଗ୍ରାହକଙ୍କ ଉପରେ ପଡିପାରେ। କିଛି ୟୁଜର ଦାମୀ ପ୍ଲାନ୍ ଏବଂ ଆବଶ୍ୟକ ଅନୁସାରେ ପ୍ଲାନ୍ ନପାଇ ଅନ୍ୟ ପ୍ଲାନ୍ ରିଚାର୍ଜ କରୁଛନ୍ତି। କିଛି ୟୁଜର କେବଳ କଲ୍ ଏବଂ ଏସଏମଏସ ଚାହିଁଥାନ୍ତି। ଏହି ବିକଳ୍ପକୁ ସେମାନଙ୍କ ପାଇଁ ଉପଲବ୍ଧ କରିବା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଟ୍ରାଇ ଏପରି ନିର୍ଦ୍ଦେଶ ଦେଇଛି।



# ଧାନ ଫସଲରେ ରୋଗପୋକ ଆକ୍ରମଣ

## କୀଟନାଶକ ପ୍ରୟୋଗ ସତ୍ତ୍ୱେ ନିୟନ୍ତ୍ରଣ ହେଉନଥିବା ଅଭିଯୋଗ, ଚିନ୍ତାରେ ଚାଷୀ

**କଳାହାଣ୍ଡି,୫।୧୦ (ସଂଚାର ବ୍ୟୁରୋ):** ଚଳିତ ଖରିଫ ଋତୁରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଧାନ ଫସଲରେ ରୋଗପୋକ ଆକ୍ରମଣକୁ ନେଇ ଚାଷୀଙ୍କ ଚିନ୍ତା ବଢ଼ିଛି। କେତେକ ଅଞ୍ଚଳରେ ଧାନ ଗଛର ରଙ୍ଗ ପରିବର୍ତ୍ତନ ହେବା ସହ ଗଛ ଶୁଖିଯାଉଥିବା ଚାଷୀମାନେ କହୁଛନ୍ତି। ଏହା ଫଳରେ ଆଗାମୀ ଦିନରେ ଧାନ ଅମଳ କମିବା ନେଇ ଚାଷୀମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ଚାଷୀମାନଙ୍କ କହିବା ଅନୁଯାୟୀ, ଚଳିତ ଖରିଫ ଋତୁର ଆରମ୍ଭରେ ଧାନ ଫସଲର ସ୍ଥିତି ଭଲ ଥିଲା। ଜମିରେ ସବୁଜ ଶ୍ୟାମଳ ଧାନ ଗଛ ଦେଖି ଭଲ ଅମଳ ହେବ ବୋଲି ଚାଷୀମାନେ ଆଶା ରଖିଥିଲେ। ହେଲେ ଗତ କିଛି ଦିନ ହେବ ପାଗରେ ପରିବର୍ତ୍ତନ, ବର୍ଷା, ଅଧିକ ଆର୍ଦ୍ରତା ଓ ଗରମ-ଗୁଳୁଗୁଳିଆ ପରିବେଶ ଯୋଗୁଁ କେତେକ ଅଞ୍ଚଳରେ ରୋଗପୋକର ପ୍ରାଦୁର୍ଭାବ ବଢ଼ିଥିବା ସେମାନେ ଅଭିଯୋଗ କରିଛନ୍ତି। ବିଶେଷକରି ବିପିଏଚ୍ , କାଣ୍ଡବିନ୍ଧା ଓ ପତ୍ରପୋଡ଼ା ଭଳି ରୋଗପୋକ



ଧାନ ଫସଲକୁ ପ୍ରଭାବିତ କରୁଥିବା ଚାଷୀମାନେ କହିଛନ୍ତି। କେତେକ ଜମିରେ ଧାନ ଗଛର ତଳ ଅଂଶରେ ପୋକ ଦେଖାଯାଉଥିବା ସହ ଗଛର ରସ ଶୋଷି ନେବା ଫଳରେ ଗଛ ଦୁର୍ବଳ ହୋଇପଡୁଥିବା ଅଭିଯୋଗ ହୋଇଛି। ଆକ୍ରମଣ ଅଧିକ ଥିବା ସ୍ଥାନରେ ଧାନ ଗଛ ଶୁଖିବା ଓ ଜମିର କିଛି ଅଂଶ ଲାଲ କିମ୍ବା ଶୁଖିଲା ଦେଖାଯାଉଥିବା ଚାଷୀମାନେ କହିଛନ୍ତି।

ରୋଗପୋକ ନିୟନ୍ତ୍ରଣ ପାଇଁ ଚାଷୀମାନେ ବଜାରରୁ କୀଟନାଶକ ଓ ଅନ୍ୟାନ୍ୟ ଫସଲ ସୁରକ୍ଷା ଔଷଧ କିଣି ଜମିରେ ପ୍ରୟୋଗ କରୁଛନ୍ତି। ଏଥିପାଇଁ ଚାଷ ଖର୍ଚ୍ଚ ବଢ଼ିଯାଉଥିବା ସେମାନଙ୍କ ମତ। କେତେକ ଚାଷୀଙ୍କ ଅଭିଯୋଗ ହେଉଛି, ଔଷଧ ସ୍ପ୍ରେ କରିବା ପରେ ମଧ୍ୟ ଆଶାନୁରୂପ ଭାବେ ରୋଗପୋକ ନିୟନ୍ତ୍ରଣ ହେଉନାହିଁ। ଫଳରେ ଗୋଟିଏ ପଟେ ଔଷଧ ପାଇଁ ଅତିରିକ୍ତ ଅର୍ଥ ଖର୍ଚ୍ଚ ହେଉଥିବା ବେଳେ ଅନ୍ୟପଟେ ଫସଲର ସ୍ଥିତି ନେଇ ଚିନ୍ତା ବଢୁଛି।

ଚାଷୀମାନେ କହିଛନ୍ତି ଯେ, କ୍ଷେତ୍ରସ୍ତରରେ କୃଷି ବିଭାଗର କର୍ମଚାରୀ ଓ କୃଷି ବିଶେଷଜ୍ଞମାନେ ଧାନ ଜମି ପରିଦର୍ଶନ କରି ରୋଗପୋକର ସଠିକ୍ ଚିହ୍ନଟ କରିବା ସହ କେଉଁ ଔଷଧ କେତେ ମାତ୍ରାରେ ଏବଂ କେଉଁ ସମୟରେ ପ୍ରୟୋଗ କରାଯିବ, ସେନେଇ ସ୍ପଷ୍ଟ ପରାମର୍ଶ ଦେବାକୁ ସେମାନେ ଦାବି କରିଛନ୍ତି। କୃଷି ବିଭାଗ ପକ୍ଷରୁ ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନିଆଗଲେ ଚାଷୀମାନେ ଉପକୃତ ହୋଇପାରିବେ ବୋଲି ମତ ପ୍ରକାଶ ପାଇଛି।

ଚାଷୀମାନଙ୍କ ଆଶା ରହିଛି ଯେ, କୃଷି ବିଭାଗ ପକ୍ଷରୁ ଶୀଘ୍ର ପ୍ରଭାବିତ ଧାନ ଜମିଗୁଡ଼ିକର ସର୍ଭେ କରାଯାଇ ରୋଗପୋକର ସ୍ଥିତି ଆକଳନ କରାଯିବ। ଏହା ସହିତ କୃଷି ବିଶେଷଜ୍ଞଙ୍କ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯିବା, ଉପଯୁକ୍ତ ଫସଲ ସୁରକ୍ଷା ପଦକ୍ଷେପ ସମ୍ପର୍କରେ ଜଣାଇବା ଏବଂ ଆବଶ୍ୟକ ସ୍ଥଳେ ସରକାରୀ ନିୟମ ଅନୁଯାୟୀ ସହାୟତା ବ୍ୟବସ୍ଥା ଥିଲେ ତାହାର ସୂଚନା ଦିଆଯିବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।

## ଡିଜେ ଗାଡି ଜବତ, ଚାଳକ ଗିରଫ

**ହିଞ୍ଜିଳିକାଟୁ,୫।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳି ଥାନା ଅନ୍ତର୍ଗତ ଗିରିଆ ଗ୍ରାମରେ ରବିବାର ରାତିରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଡିଜେର ଉଚ୍ଚ ଶବ୍ଦକୁ ନେଇ ଗୁରୁ ପ୍ରଧାନ ଓ ମନୋଜ ପ୍ରଧାନଙ୍କ ଘରର ଛାତର କିଛି ଅଂଶ ଓ ପ୍ଲାଷ୍ଟର ଖସିପଡ଼ିଥିବା ଅଭିଯୋଗ ହୋଇଛି। ଡିଜେର ଅତ୍ୟଧିକ ଶବ୍ଦ ନେଇ ଆପତ୍ତି ଉଠିବା ପରେ ୨ ପକ୍ଷ ମଧ୍ୟରେ ବଚସା ଓ ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ଘଟଣାରେ ଡିଜେ ଗାଡି ଜବତ ସହ ଚାଳକ ଗିରଫ ହୋଇଥିବା ଜଣାପଡ଼ିଛି। ଏ ନେଇ ହିଞ୍ଜିଳି ଥାନାରେ ୨୨୮/୨୬ ରେ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ଶ୍ରୀନିବାସ ସେଠୀ ସୂଚନା ଦେଇଛନ୍ତି।

## ମକରଝୋଳରେ ଜନଶୁଣାଣି ଶିବିର

**ହିଞ୍ଜିଳିକାଟୁ,୫।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ମକରଝୋଳ ଗ୍ରାମ ପଂଚାୟତରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସାଗରାଜ ଷଡ଼ଙ୍ଗୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ତହସିଲଦାର ସୁରଜ ବେହେରା,ଏସ୍ଆଇ ମହିନ୍ଦ୍ରା ବିଶ୍ୱାଳ, ସରପଞ୍ଚ ଗଣପତି ସାହୁ,ସମିତିସଭ୍ୟ ଶ୍ରୀ.ମୋହନ ରାଓ ଏବଂ ଏବିଡ଼ିଓ ଅରୁଣ ପ୍ରଧାନ ମଂଚାସୀନ ଥିଲେ। ପିଇଓ ଲମ୍ବୋଧର ଗୌଡ଼ ପରିଚାଳନା କରିଥିଲେ। ସମୁଦାୟ ୨୧ଟି ଅଭିଯୋଗପତ୍ର ଗ୍ରହଣ ହୋଇଛି। ସେଥିମଧ୍ୟରୁ ୯ ଟି ତ୍ୱରିତ ଅଭିଯୋଗ ସମାଧାନ ହୋଇଛି। ଉନ୍ନତକରଣ ୩, ବିଦ୍ୟୁତ ୧,ଭିଜିଲାନ୍ସରୋଗ ୧, ରାସନ କାର୍ଡ ୬, ସୁକନ୍ୟା ୩,ଗ୍ରାମୀଣ ଆବାସ ୧ ଓ ଅନ୍ୟାନ୍ୟ ୬ ଟି ଅଭିଯୋଗ ରହିଛି। ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ୱାରେଣ୍ଟିଙ୍କୁ ଗିରଫ କଲା ହେମଗିରି ପୁଲିସ




ହେମଗିରି: କୋର୍ଟର ଧାର୍ଯ୍ୟ ତାରିଖରେ ହାଜର ନହେବାରୁ ଜାରି ହୋଇଥିବା ୱାରେଣ୍ଟ ବଳରେ ଜଣେ ୱାରେଣ୍ଟିଙ୍କୁ ଗିରଫ କରିଛି ହେମଗିରି ପୋଲିସ। ସୂଚନା ଅନୁଯାୟୀ, ୨୦୨୨ ମସିହାରେ ବାଲାଜୀ କମ୍ପାନୀରେ କାମ କରୁଥିବା ଦୀପକ ସାହୁ କମ୍ପାନୀ ର ସରବାହାଲ ସ୍ଥିତ ଏକ କ୍ରସରରୁ ଲକ୍ଷାଧିକ ଟଙ୍କାର ମ୍ୟାଟେରିଆଲ୍ ଚୋରା ଚାଲାଣ କରି ବିକ୍ରି କରିଥିବାର ଜଣାପଡ଼ିବା ପରେ କମ୍ପାନୀ ମାଲିକଙ୍କ ପକ୍ଷରୁ ହେମଗିରି ଥାନାରେ ଏନେଇ ମାମଲା ରୁଜୁ କରାଯାଇଥିଲା।

ମାମଲା ପରେ ହେମଗିରି ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ କୋର୍ଟରୁ ଜାମିନ ପାଇଥିଲେ। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ସମୟରେ ଧାର୍ଯ୍ୟ ତାରିଖରେ କୋର୍ଟରେ ହାଜର ନହେବାରୁ ତାଙ୍କ ନାଁରେ ୱାରେଣ୍ଟ ଜାରି ହୋଇଥିଲା। ଏହାପରେ ହେମଗିରି ଥାନା ପୋଲିସ ତାଙ୍କୁ ଗିରଫ କରିଛି। ଗିରଫ ପରେ ତାଙ୍କୁ ଆଇନ ଅନୁଯାୟୀ କୋର୍ଟରେ ହାଜର କରାଯାଇଥିବା ଜଣାପଡ଼ିଛି

## ପିଏନ୍‌ବିରେ ଭୟାବହ ଅଗ୍ନିକାଣ୍ଡ

### *ଦୀର୍ଘ ସମୟର ଚେଷ୍ଟା ପରେ ନିଆଁକୁ ଆୟତ୍ତ କଲା ଅଗ୍ନିଶମ ବାହିନୀ*




**ସୁନ୍ଦରଗଡ଼,୫।୧୦ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସହରରେ ଆଜି ସକାଳୁ ଚାଞ୍ଚଲ୍ୟ। ପୋଷ୍ଟ ଅଫିସ ସମ୍ମୁଖରେ ଥିବା ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ହଠାତ୍ ଲାଗିଗଲା ନିଆଁ। ସକାଳ ପ୍ରାୟ ୯ଟା ୧୫ ମିନିଟ୍ ସମୟରେ ବ୍ୟାଙ୍କ ଭିତରୁ ଧୂଆଁ ବାହାରୁଥିବା ଦେଖାଯାଇଥିଲା। ଘଟଣା ଜଣାପଡ଼ିବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର ଟିମ୍ ଦୁଇଟି ଦମକଳ ଗାଡ଼ି ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ବ୍ୟାଙ୍କ ଭିତରେ ନିଆଁ ଲାଗିଥିବାରୁ ଧୂଆଁରେ ପୂରା ଅଞ୍ଚଳ ଆଚ୍ଛାଦିତ ହୋଇଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ତୁରନ୍ତ ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟର ଚେଷ୍ଟା ପରେ ନିଆଁକୁ ଆୟତ୍ତ କରାଯାଇଥିବା ଜଣାପଡ଼ିଛି। ତେବେ ନିଆଁ କେଉଁ କାରଣରୁ ଲାଗିଲା, ତାହାର ସଠିକ୍ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ପ୍ରାଥମିକ ସୂଚନା ଅନୁସାରେ ବ୍ୟାଙ୍କରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ସୂଚନା ମିଳୁଛି। ତେବେ ନିଆଁରେ କେତେ ପରିମାଣର ସମ୍ପତ୍ତି କ୍ଷତିଗ୍ରସ୍ତ ହୋଇଛି, ତାହା ଅଗ୍ନିଶମ ବିଭାଗ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଯାଞ୍ଚ ପରେ ସ୍ପଷ୍ଟ ହେବ।

ଅନ୍ୟପଟେ, ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିବା ବେଳେ ଅଗ୍ନିକାଣ୍ଡକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ନିଆଁ ଲାଗିବାର ପ୍ରକୃତ କାରଣ କ'ଣ? ବ୍ୟାଙ୍କରେ ଠିକ୍ କେତେ ପରିମାଣର କ୍ଷୟକ୍ଷତି ହୋଇଛି? ଏନେଇ ତଦନ୍ତ ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ।

## ପାଚିକା ସହାୟିକା ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ



**ସୁନ୍ଦରଗଡ଼,୫।୧୦ (ସଂଚାର ବ୍ୟୁରୋ):** ପାଚିକାମାନଙ୍କର ଦୀର୍ଘଦିନର ବକେୟା ପାରିଶ୍ରମିକ ପ୍ରଦାନ ଓ ପାରିଶ୍ରମିକ ବୃଦ୍ଧି ଦାବିରେ ଅଖିଳ ଓଡ଼ିଶା ଏମଡିଏମ୍ ପାଚିକା ସହାୟିକା ସଂଘ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ଙ୍କ କାର୍ଯ୍ୟାଳୟରେ ଦାବି ଜଣାଯାଇଛି। ସଂଘର ପ୍ରତିନିଧିମାନେ ଡିଇଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ଡିଇଓଙ୍କ ଅନୁପସ୍ଥିତିରେ ବଡ଼ବାବୁଙ୍କୁ ଭେଟିବା ସହ ଲିଖିତ ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।

ସଂଘ ଅଭିଯୋଗ ଅନୁସାରେ ପାଚିକାମାନଙ୍କର ପ୍ରାୟ ୩ରୁ ୪ ମାସର ପାରିଶ୍ରମିକ ବକେୟା ରହିଛି। ଏନେଇ ପୂର୍ବରୁ ମଧ୍ୟ ଅଧିକାରୀଙ୍କୁ ଭେଟି ଦାବି ଜଣାଯାଇଥିଲା। ସେତେବେଳେ ଏକରୁ ଦୁଇ ମାସ ମଧ୍ୟରେ ବକେୟା ପାରିଶ୍ରମିକ ପ୍ରଦାନ କରାଯିବ ବୋଲି ଆଶ୍ୱାସନ ମିଳିଥିଲା। ତେବେ ଚାରି ମାସ ବିତିଯାଇଥିଲେ ମଧ୍ୟ ଏଯାଏ ପାଚିକାମାନେ ସେମାନଙ୍କ ପ୍ରାପ୍ୟ ପାଇନଥିବା ସଂଘ ଅଭିଯୋଗ କରିଛି।

ସଂଘର କହିବାନୁଯାୟୀ, ପାଚିକାମାନଙ୍କୁ ମାସକୁ ମାତ୍ର ୩ ହଜାର ଟଙ୍କା ପାରିଶ୍ରମିକ ମିଳୁଛି। ବର୍ତ୍ତମାନର ଦରଦାମ ବୃଦ୍ଧି ପରିସ୍ଥିତିରେ ଏହି ଅଳ୍ପ ପାରିଶ୍ରମିକରେ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ଏହା ସହିତ ମାସ ମାସ ଧରି ପାରିଶ୍ରମିକ ବକେୟା ରହିବା ଯୋଗୁଁ ପାଚିକା ଓ ସେମାନଙ୍କ ପରିବାର ଆର୍ଥିକ ଅସୁବିଧାରେ ପଡ଼ିଛନ୍ତି। ତେଣୁ ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ କରିବା ସହ ପାଚିକାମାନଙ୍କ ପାରିଶ୍ରମିକ ବୃଦ୍ଧି ଏବଂ ପ୍ରତିମାସ ନିୟମିତ ଭାବେ, ବିଶେଷକରି ମାସର ପ୍ରଥମ ସପ୍ତାହରେ, ପାରିଶ୍ରମିକ ପ୍ରଦାନ କରିବାକୁ ସଂଘ ଦାବି କରିଛି।

ଏହି ଦାବିଗୁଡ଼ିକ ପୂରଣ କରାନଗଲେ ଆଗାମୀ ଦିନରେ ପାଚିକାମାନେ ରନ୍ଧନ କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ କ୍ୟାମ୍ପସ ସରଗରମ




**ହିଞ୍ଜିଳିକାଟୁ,୫।୧୦ (ସଂଚାର ବ୍ୟୁରୋ):** ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଛାତ୍ର ସଂସଦ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ନିର୍ବାଚନ ପାଇଁ ଅକ୍ଟୋବର ୭ ତାରିଖରେ ନୋଟିଫିକେସନ୍ ପ୍ରକାଶ ପାଇବ। ଅକ୍ଟୋବର ୯ରେ ନୋମିନେସନ୍ ଦାଖଲ ପ୍ରକ୍ରିୟା ଅନୁଷ୍ଠିତ ହେବ। ଏହାପରେ ଅକ୍ଟୋବର ୧୫ରେ ଭୋଟଗ୍ରହଣ କରାଯାଇ ସେଇଦିନ ହିଁ ଫଳାଫଳ ପ୍ରକାଶ ପାଇବ । ପରଦିନ ଅର୍ଥାତ୍ ଅକ୍ଟୋବର ୧୬ରେ ଶପଥ ଗ୍ରହଣ ଉତ୍ସବ କରିବାକୁ ନିଷ୍ପତ୍ତି ନେଇଛି ଉଚ୍ଚଶିକ୍ଷା ବିଭାଗ। ନିର୍ବାଚନ କାର୍ଯ୍ୟସୂଚୀ ପ୍ରକାଶ ପାଇବା ପରେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ଓ ଚର୍ଚ୍ଚା ଜୋର ଧରିଛି | ଦୀର୍ଘ ସମୟ ପରେ କଲେଜ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହେବାକୁ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି | ସମ୍ଭାବ୍ୟ ପ୍ରାର୍ଥୀମାନେ ସମର୍ଥନ ଯୋଗାଡ଼ ପାଇଁ ସହପାଠୀଙ୍କ ସହ ଆଲୋଚନା ଆରମ୍ଭ କରିଥିବାବେଳେ ବିଭିନ୍ନ ଛାତ୍ର ସଙ୍ଗଠନ ମଧ୍ୟ ନିଜ ନିଜ ରଣନୀତି ପ୍ରସ୍ତୁତ କରୁଛନ୍ତି। କ୍ୟାମ୍ପସ ପରିସରରେ ରାଜନୈତିକ ଓ ଛାତ୍ର ସଙ୍ଗଠନଗୁଡ଼ିକର ତତ୍ପରତା ବଢ଼ିଛି |

## ମାଥିଲିରେ ସେବା ସେତୁ ଅଭିଯାନ ଓ ଯୁଗ୍ମ ଜନଶୁଣାଣି

### ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ସହାୟତା ବଣ୍ଟନ

**ମାଲକାନଗିରି,୫।୧୦ (ସଂଚାର ବ୍ୟୁରୋ):** ସରକାରୀ ଯୋଜନା ଓ ସେବାଗୁଡ଼ିକୁ ତୃଣମୂଳ ସ୍ତରରେ ଜନସାଧାରଣଙ୍କ ନିକଟରେ ସହଜରେ ପହଞ୍ଚାଇବା ଏବଂ ଗ୍ରାମାଞ୍ଚଳବାସୀଙ୍କ ବିଭିନ୍ନ ପ୍ରଶାସନିକ ସମସ୍ୟାର ସରଳ ଓ ସ୍ୱଚ୍ଛ ସମାଧାନ ନିମନ୍ତେ ମାଲକାନଗିରି ଜିଲ୍ଲା ମାଥିଲି ପଞ୍ଚାୟତ ସମିତି ସଭାଗୃହଠାରେ ସେବା ସେତୁ ଅଭିଯାନ ଶିବିର ଏବଂ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।




ଶିବିର ପରିସରରେ ଆୟୋଜିତ ଯୁଗ୍ମ ଜନଶୁଣାଣିରେ ମାଥିଲି ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଶହ ଶହ ଗ୍ରାମବାସୀ ନିଜ ନିଜର ଅଭିଯୋଗ ଓ ସମସ୍ୟା ଜିଲ୍ଲା ପ୍ରଶାସନ ସମ୍ମୁଖରେ ସିଧାସଳଖ ଉପସ୍ଥାପନ କରିଥିଲେ। ରାଜସ୍ୱ, ପାନୀୟ ଜଳ, ବିଦ୍ୟୁତ, ରାସ୍ତାଘାଟ, ସାମାଜିକ ନିରାପତ୍ତା ଓ ଜୀବିକାର୍ଜନ ସମ୍ବନ୍ଧୀୟ ଏହିସବୁ ଅଭିଯୋଗଗୁଡ଼ିକୁ ଜିଲ୍ଲାପାଳ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଗମ୍ଭୀରତାର ସହ ଶୁଣିବା ସହ ଅନେକ ସମସ୍ୟାର ସଦ୍ୟ ସମାଧାନ କରିଥିଲେ। ଅବଶିଷ୍ଟ ଜଟିଳ ଦରଖାସ୍ତଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତୁରନ୍ତ ଫଇସଲା କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଦୃଢ଼ ନିର୍ଦ୍ଦେଶ ଦିଆଯାଇଛି।

ଏହି ଅବସରରେ ବିଭିନ୍ନ ସରକାରୀ ଜନକଲ୍ୟାଣକାରୀ ଯୋଜନା ଅଧୀନରେ ବ୍ୟାପକ ସହାୟତା ରାଶି, ଆର୍ଥିକ ପ୍ରୋତ୍ସାହନ ଓ ଉପକରଣ ବଣ୍ଟନ କରାଯାଇଥିଲା। ସେହିପରି ସାମାଜିକ ନିରାପତ୍ତା ଯୋଜନା ଅଧୀନରେ ନୂତନ ଭାବେ ପଞ୍ଜୀକୃତ ହିତାଧିକାରୀମାନଙ୍କୁ ଭତ୍ତା ବଣ୍ଟନ କରାଯାଇଥିବା ବେଳେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଗୁରୁତର ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ସିପି ଚେୟାର ଏବଂ ଅନ୍ୟ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଛି। କୃଷି ଓ ଜୀବିକାର୍ଜନ କାର୍ଯ୍ୟକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏକ ଏସଏଚଜି ଗ୍ରୁପକୁ ସ୍ୱତନ୍ତ୍ର ବିହନ ପୁଞ୍ଜି ଦିଆଯାଇଛି। ଏହାସହ ଆତ୍ମା ଯୋଜନା ଅଧୀନରେ ଚାଷୀଙ୍କ ମଧ୍ୟରେ ଆଧୁନିକ କୃଷି ପ୍ରଣାଳୀ ଓ ଉନ୍ନତ ପ୍ରଯୁକ୍ତିବିଦ୍ୟାର ପ୍ରସାର ପାଇଁ ପ୍ରଦର୍ଶନୀ ମାଧ୍ୟମରେ ସ୍ୱିଟ୍ କୋର୍ଣ୍ଣ ବିହନ ବଣ୍ଟନ କରାଯାଇଛି।

### ଶିକ୍ଷକ ନିଯୁକ୍ତି ଦାବିରେ ତାତିଲେ ଅଭିଭାବକ

## ସ୍କୁଲ ଗେଟର ତାଲା ଖୋଲିବାକୁ ଦେଲେ ନାହିଁ

**ବାଲିଆପାଳ,୫।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଅନ୍ତର୍ଗତ ପ୍ରତାପପୁର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ଅଭିଭାବକ ଏବଂ ପରିଚାଳନା କମିଟିର ସଦସ୍ୟ ମାନେ ସୋମବାର ସ୍କୁଲ ଗେଟରେ ତାଲା ଖୋଲିବାକୁ ଦେଇ ନଥିଲେ।



ସୂଚନାରୁ ପ୍ରକାଶ ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଚାରି ଜଣ ଶିକ୍ଷକ ପିଲାଙ୍କୁ ପାଠ ପଢାଇଆସୁଥିଲେ। ଦୁଇ ମାସ ତଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଆସନ୍ତା ମାସରେ ଅନ୍ୟ ଜଣେ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ରହିବେ। ଆଜି ଠାରୁ ପିଲାଙ୍କ ଅର୍ଦ୍ଧବାର୍ଷିକ ପରୀକ୍ଷା ଆରମ୍ଭ ହୋଇଛି। ପିଲା ମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି ତେଣୁ ପରୀକ୍ଷାରେ କଣ ଲେଖିବେ ଏବଂ ସାତ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦାବି ନେଇ ୯.୩୦ ରୁ ସ୍କୁଲର ଗେଟ ଖୋଲିବା ପାଇଁ ଦେଇନଥିଲେ ଅଭିଭାବକ ଏବଂ ପରିଚାଳନା କମିଟି।

ଖବର ପାଇ ବାଲିଆପାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଂଶଧର ନାୟକ ଏବଂ ପ୍ରତାପପୁର ସିଆରସିସି ଜଗନ୍ନାଥ ମହାନ୍ତି ପହଞ୍ଚିଥିଲେ। ଏବିଷୟରେ ବାଲିଆପାଳ ବିଓ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ୧୦.୩୦ ରେ ସ୍କୁଲର ଗେଟରେ ତାଲା ଖୋଲିଥିଲା ଏବଂ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିଲେ।

## ଉମରକୋଟରେ ସ୍ୱଚ୍ଛତା ଅଭିଯାନ




**ନବରଙ୍ଗପୁର,ଉମରକୋଟ,୫।୧୦ (ସଂଚାର ବ୍ୟୁରୋ):** ଆଜି (ସୋମବାର) ସକାଳ ୯ ଘଟିକା ସମୟରେ ଉମରକୋଟସ୍ଥିତ ପେଣ୍ଡ୍ରାଣୀ ମହାବିଦ୍ୟାଳୟ ପରିସରରେ 'ସ୍ୱଚ୍ଛ ଭାରତ ଅଭିଯାନ' ତରଫରୁ ଏକ ଅଭିନବ ସ୍ୱଚ୍ଛତା କାର୍ଯ୍ୟକ୍ରମ ସଫଳତାର ସହ ପାଳିତ ହୋଇଯାଇଛି। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଂଗଠନର ଆହ୍ୱାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀବୃନ୍ଦ ଏବଂ ଉମରକୋଟ ଡାକ୍ତରଖାନାର କର୍ମଚାରୀମାନେ ଏକତ୍ରିତ ହୋଇ ସ୍ୱଚ୍ଛତା ଦିବସ ପାଳନ କରିଥିଲେ। ସମସ୍ତେ ମିଳିମିଶି କଲେଜ ପ୍ରାଙ୍ଗଣ ଓ ଏହାର ଆଖପାଖ ପରିବେଶକୁ ସଫାସୁତୁରା କରିବା ସହ ସମାଜକୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ଏକ ଶାଣିତ ବାର୍ତ୍ତା ଦେଇଥିଲେ। ମହାବିଦ୍ୟାଳୟ ପରିସରରେ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ପାଇଁ ଯୁବପିଢ଼ିଙ୍କ ଏହି ସମୂହ ପ୍ରଚେଷ୍ଟାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାଧାରଣରେ ବେଶ୍ ପ୍ରଶଂସା କରାଯାଇଛି।

## ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଯୋଗଦେଲେ ଦେବାଶିଷ୍ ସିଂ

**ସୁବର୍ଣ୍ଣପୁର,୫।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାରେ ନୂତନ ଜିଲ୍ଲାପାଳ ଭାବେ ଦେବାଶିଷ ସିଂ ଆଇଏଏସ୍ ସ୍ଥାନୀୟ ଅଧିଷ୍ଠାତ୍ରୀ ଦେବୀ ମା ସୁରେଶ୍ୱରୀଙ୍କୁ ଦର୍ଶନ କରି ଜିଲ୍ଲାପାଳ କାର୍ଯ୍ୟାଳୟରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାପରେ ପ୍ରଥମେ ସୋନପୁର ବ୍ଲକ ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦେଇ ଗାଁର ସଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ୫୯ ଗୋଟି ବ୍ୟକ୍ତିଗତ ଅଭିଯୋଗ ସହ ୩ ଗୋଟି ସାଧାରଣ ଅଭିଯୋଗ ଉପରେ ତୁରନ୍ତ ସମାଧାନ ପାଇଁ



ବିଭାଗୀୟ ଅଧିକାରୀ ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପରେ ସେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଥିଲେ ଯେ ଜିଲ୍ଲା ର ମୌଳିକ ସମସ୍ୟା ର ସମାଧାନ ଓ ସରକାର ଙ୍କ କଲ୍ୟାଣକାରୀ ଯୋଜନା ସଫଳ ଦିଗରେ ପୁରା ଟିମ କୁ ନେଇ କାମ କରିବୁ ବୋଲି କହିଥିଲେ । ବିଶେଷ କରି ଶିକ୍ଷା, ସ୍ୱାସ୍ଥ୍ୟ କୃଷି, ଜଳ ସେଚନ ଓ ପର୍ଯ୍ୟଟନର ବିକାଶ ଦିଗରେ ପ୍ରଥମେ ଗୁରୁତ୍ୱ ଦେବୁ ବୋଲି ସାମ୍ବାଦିକ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ସିଂ କହିଥିଲେ । ଅସମ୍ପୂର୍ଣ୍ଣ ରିଙ୍ଗ ରୋଡ଼ କାର୍ଯ୍ୟ କୁ ଶୀଘ୍ର ଆରମ୍ଭ କରିବାକୁ ଓ ଅସଜଡ଼ା ସ୍ୱାସ୍ଥ୍ୟ ବିଭାଗ କୁ ସଜାଡ଼ିବାକୁ ଓ ପୌର ପରିଷଦ ମଣ୍ଡର କାର୍ଯ୍ୟ ସବୁ କୁ ତ୍ୱରାନ୍ୱିତ କରିବା ସହ ଗଚ୍ଛିତ ଅନୁଦାନ ର ସଦ ବିନିଯୋଗ କରିବାକୁ ତୁରନ୍ତ ପଦକ୍ଷେପ ନେବି ବୋଲି ଦୃଢ଼ ପ୍ରତିଶୁତି ଦେଇଥିଲେ ।

## କେବିନ୍ ଉପରେ ଚଢ଼ିଗଲା ବୋଲେରୋ ପିକ୍‌ଅପ୍

**ହିଞ୍ଜିଳିକାଟୁ,୫।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସମରଝୋଳ ଛକ ନିକଟରେ ନିୟନ୍ତ୍ରଣ ହରାଇ କେବିନ୍ ଉପରେ ଚଢ଼ିଯାଇଛି ଏକ ବୋଲେରୋ ପିକ୍‌ଅପ୍ | ପ୍ରଥମେ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେବା ପରେ ରାସ୍ତାକଡ଼ କେବିନ୍ ଉପରେ ଚଢ଼ିଯାଇଥିଲା | ଡ୍ରାଇଭର ଜଣକ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଡ୍ରାଇଭରକୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା ପାଇଁ ହିଞ୍ଜିଳି ମେଡିକାଲରେ ଭର୍ତ୍ତି କରିଥିଲେ। ଭାଗ୍ୟବଶତଃ କେବିନ୍ ବନ୍ଦ ଥିବାରୁ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଦୋକାନୀ ଜଣକ | ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।



# ପୋତାଯାଇଥିବା ପୋଖରୀ ଖୋଲିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

### ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଜିଲ୍ଲା ପ୍ରଶାସନର ତତ୍ପରତା

**ବାଲିଆପାଳ,୫।୧୦ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ମଧୁପୁରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୋଖରୀକୁ ପୁଣି ଖୋଲିବା ପାଇଁ ଗତ ଅଗଷ୍ଟ ୧୪ ତାରିଖରେ ଜିଲାପାଳ ବାଲିଆପାଳ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିବା ସୂଚନା ମିଳିଛି। ଯଦି ସଂପୃକ୍ତ ବ୍ୟକ୍ତିମାନେ ପୋତାଯାଇଥିବା ପୋଖରୀକୁ ପୁଣି ନ ଖୋଲନ୍ତି, ତାହେଲେ ସେମାନଙ୍କ ବିରୋଧରେ ବାଲିଆପାଳ ଥାନାରେ ଏତଲା ଦେବାକୁ ମଧ୍ୟ ନିର୍ଦ୍ଦେଶରେ କୁହାଯାଇଛି।

ଉକ୍ତ ପୋଖରୀକୁ ବେଆଇନ ଭାବରେ ପୋତାଯାଇ ସେଥିରେ କେବିନ ପକାଇବା ପାଇଁ ଯୋଜନା କରାଯାଇଥିଲା। ମଧୁପୁରା ପଞ୍ଚାୟତର ମଳୟ ମହାନ୍ତି, ଜ୍ଞାନରଞ୍ଜନ ପାତ୍ର, ଅଞ୍ଜନ ସିଂହ, ପୁଷ୍ପକ କାମିଲା ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ପୋଖରୀଟିକୁ ପୁଣି ଖୋଲାଯାଇ ଜନ ହିତରେ ଲଗାଇବା ପାଇଁ ଉଚ୍ଚ ନ୍ୟାୟଳୟଙ୍କ



ଦ୍ୱାରସ୍ଥ ହୋଇଥିଲେ। ଗତ ଜୁଲାଇ ୧୭ତାରିଖରେ ଉଚ୍ଚ ନ୍ୟାୟଳୟ ପଞ୍ଚାୟତିରାଜ ସଚିବ ଓଡ଼ିଶା ଏବଂ ବାଲେଶ୍ୱର ଜିଲାପାଳଙ୍କୁ ଘଟଣା ସମ୍ପର୍କରେ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଜୁଲାଇ ୨୮ ତାରିଖରେ ଜିଲା ପଞ୍ଚାୟତ ଅଧିକାରୀ ଦେବାନନ୍ଦ ବେହେରା, ସହକାରୀ ଯନ୍ତ୍ରୀ ବାଲିଆପାଳ ଅମିତ କୁମାର ମୁର୍ମୁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରିୟବ୍ରତ ଗିରି ପ୍ରମୁଖ ଘଟଣାସ୍ଥଳକୁ ଯାଇ ସମସ୍ତ ଅଭିଯୋଗ ତଦନ୍ତ ପରେ ପୋଖରୀର ୯୦ ଭାଗ ସ୍ଥାନ ପଞ୍ଚାୟତର ବିନା ଅନୁମତିରେ ଦୁର୍ଗା ପୂଜାକମିଟି ଓ ସରସ୍ୱତୀ ପୂଜା କମିଟି ପୋତିଛନ୍ତି ବୋଲି ଜାଣିବାକୁ ପାଇଥିଲେ।

ଜିଲା ପଞ୍ଚାୟତ ଅଧିକାରୀ ତଦନ୍ତ ରିପୋର୍ଟ ଦେବା ପରେ ଜିଲାପାଳ ବାଲିଆପାଳ ବିଡିଓଙ୍କୁ ଅଗଷ୍ଟ ୧୪ ତାରିଖରେ ଚିଠି ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ଦ୍ୱାରା ଉକ୍ତ ପୋଖରୀକୁ ପୁଣି ଖନନ କରିପୂର୍ବ ଅବସ୍ଥାକୁ ନେଇ ଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଏବଂ ମଧୁପୁରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନୋଟିସ ମାଧ୍ୟମରେ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି। ତେବେ ଘଟଣାକୁ ଏକ ମାସରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ଦେଖିବାକୁ ମିଳିନାହିଁ।

ଏ ସମ୍ପର୍କରେ ବିଡିଓ ରାଧା ରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ପକ୍ଷଙ୍କୁ ନୋଟିସ କରାଯାଇଛି। ଖୁବ ଶୀଘ୍ର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏଠାରେ ସୂଚନା ଥାଉକି, ବିବାଦୀୟ ପୋଖରୀ ପୋତାଯାଇ ସେଠାରେ ପଞ୍ଚାୟତ ର ୱାର୍ଡ ମେମ୍ବର ଓ ଜଣ ସାଧାରଣଙ୍କୁ ୫୦ରୁ ଊର୍ଦ୍ଧ୍ୱ କେବିନ ପକାଇବାକୁ ଲୋକମାନଙ୍କୁ ଜାଗା ଦିଆଯାଇଛି। ଗୋଟିଏ କେବିନ ପାଇଁ ୨ ଲକ୍ଷ ୫୦ ହଜାରରୁ ୩ ଲକ୍ଷ ଟଙ୍କା ଯାଏ ନିଆଯାଇଥିବା ଜଣାପଡ଼ିଛି। ଏହାର ଉଚ୍ଚ ସ୍ତରୀୟ ତଦନ୍ତ ଉଚ୍ଚ ନ୍ୟାୟାଳୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବା ଆବଶ୍ୟକ ବୋଲି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିବା ମଳୟ ମହାନ୍ତି, ଜ୍ଞାନରଞ୍ଜନ ପାତ୍ର, ଅଞ୍ଜନ ସିଂହ, ପୁଷ୍ପକ କାମିଲା, ରଞ୍ଜନ ସିଂହ ପ୍ରମୁଖ କହିଛନ୍ତି।




ସଂଚାର
ମଙ୍ଗଳବାର ୬ ଅକ୍ଟୋବର ୨୦୨୬
ସ୍ୱାସ୍ଥ୍ୟ



# ଖାଇବା ପରେ ତୁରନ୍ତ ଗ୍ୟାସ୍ ହୋଇଯାଉଛି କି ?

ଆଜିକାଲି ଅନେକ ଲୋକଙ୍କର ଏକ ସାଧାରଣ ସମସ୍ୟା ହେଉଛି ଖାଇବା ପରେ ଗ୍ୟାସ୍ ହେବା। କେହି କେହି ଖାଦ୍ୟ ଖାଇବାର କିଛି ସମୟ ପରେ ପେଟ ଫୁଲିଯାଏ, ଢ଼କାର ଆସେ, ପେଟରେ ଅସୁବିଧା ହୁଏ କିମ୍ବା ଗ୍ୟାସ୍ ବାହାରିବା ଆରମ୍ଭ ହୁଏ। ଏହା ସବୁବେଳେ ବଡ଼ ରୋଗର ଲକ୍ଷଣ ନୁହେଁ। ଅନେକ ସମୟରେ ଆମର ଖାଦ୍ୟ ଅଭ୍ୟାସ ଓ ଜୀବନଶୈଳୀ ଯୋଗୁଁ ଏହି ସମସ୍ୟା ଦେଖାଯାଏ। ବାରମ୍ବାର ଗ୍ୟାସ୍ ହେଉଥିଲେ ଏହାକୁ ଅଣଦେଖା କରିବା ଉଚିତ ନୁହେଁ। ତେବେ ଆସନ୍ତୁ ଜାଣିବା କାହିଁକି ହୁଏ ଗ୍ୟାସ୍?

ଖାଦ୍ୟ ଠିକ୍ ଭାବରେ ହଜମ ନ ହେଲେ ପେଟରେ ଗ୍ୟାସ୍ ସୃଷ୍ଟି ହୁଏ। ଖାଦ୍ୟ ଅନ୍ତନଳୀରେ ପହଞ୍ଚିବା ପରେ ବ୍ୟାକ୍ଟେରିଆ ତାହାକୁ ଭାଙ୍ଗିବା ସମୟରେ କିଛି ଗ୍ୟାସ୍ ତିଆରି କରନ୍ତି। ଏହା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଗ୍ୟାସ୍ ଅଧିକ ହେଲେ ଅସୁବିଧା ହୁଏ। ଅନେକ ଲୋକ ତରବରିଆ ଭାବରେ ଖାଦ୍ୟ ଖାଇଥାନ୍ତି। ଏପରି କଲେ ଖାଦ୍ୟ ସହ ବାୟୁ ମଧ୍ୟ ପେଟକୁ ଯାଏ। ଏହା ଗ୍ୟାସର ଏକ ସାଧାରଣ କାରଣ। ସେଥିପାଇଁ ଧୀରେ ଧୀରେ ଏବଂ ଭଲ ଭାବରେ ଚୋବାଇ ଖାଇବା ଉଚିତ। ଏଥିସହ, ଅଧିକ ତେଲ ଓ ମସଲା ଯୁକ୍ତ ଖାଦ୍ୟ ଖାଇଲେ ପେଟ ଖରାପ ହୋଇଥାଏ। ତେଲିଆ, ମସଲାଯୁକ୍ତ, ଫାଷ୍ଟଫୁଡ୍ ଏବଂ ଜଙ୍କ ଫୁଡ୍ ହଜମ ହେବାକୁ ଅଧିକ ସମୟ ଲାଗେ। ଏହା ଫଳରେ ପେଟରେ ଗ୍ୟାସ୍ ଓ ଜଳାପୋଡ଼ା ହୋଇପାରେ। ଆବଶ୍ୟକତାଠାରୁ ଅଧିକ ଖାଇଲେ ପାଚନତନ୍ତ୍ର ଉପରେ ଚାପ ପଡ଼େ। ଏଥିରୁ ହଜମ ଧୀର ହୋଇଯାଏ ଏବଂ ଗ୍ୟାସ୍ ସମସ୍ୟା ଦେଖାଯାଏ।

ରାଜମା, ବୁଟ, ମଟର, ବନ୍ଧାକୋବି, ଫୁଲକୋବି, କୋଲ୍ଡ ଡ୍ରିଙ୍କ୍, ସୋଡା ଏବଂ ଅଧିକ ମିଠା ଖାଦ୍ୟ କେତେକ ଲୋକଙ୍କର ଗ୍ୟାସ୍ ବଢ଼ାଇଥାଏ। ଯଦି କୌଣସି ଖାଦ୍ୟ ଖାଇବା ପରେ ବାରମ୍ବାର ଗ୍ୟାସ୍ ହେଉଛି, ତେବେ ସେହି ଖାଦ୍ୟ କମ୍ ଖାଇବା ଭଲ। ଶରୀରରେ ପାଣିର ଅଭାବ ଥିଲେ ହଜମ ପ୍ରକ୍ରିୟା ଠିକ୍ ଭାବରେ ହୁଏ ନାହିଁ। ଏହା ଫଳରେ କୋଷ୍ଠକାଠିନ୍ୟ ଓ ଗ୍ୟାସ୍ ସମସ୍ୟା ହୋଇପାରେ। ମାନସିକ ଚାପ ମଧ୍ୟ ପାଚନତନ୍ତ୍ରକୁ ପ୍ରଭାବିତ କରେ। ଅଧିକ ଚିନ୍ତା କିମ୍ବା ଟେନ୍ସନ୍ ଥିଲେ ପେଟ ଭଲ ଭାବରେ କାମ କରିନଥାଏ ଏବଂ ଗ୍ୟାସ୍ ବଢ଼ିପାରେ। କିନ୍ତୁ ଆଜି ଜାଣିବା କେଉଁ ଉପାୟ ମାନିଲେ ଏହି ସମସ୍ୟା ଦୂର ହୋଇପାରିବ। ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଉପଚାର ବିଷୟରେ...

ଉଷୁମ ପାଣି ପିଅନ୍ତୁ: ଖାଇବା ପରେ କିଛି ସମୟ ପରେ ଉଷୁମ ପାଣି ପିଇଲେ ହଜମରେ ସାହାଯ୍ୟ ମିଳେ।

ଜୁଆଣି: ଅଳ୍ପ ଜୁଆଣି ଚୋବାଇ ଖାଇଲେ କିମ୍ବା ପାଣିରେ ଫୁଟାଇ ପିଇଲେ ଆରାମ ମିଳିପାରେ।

ଅଦା: ଛୋଟ ଖଣ୍ଡ ଅଦା କିମ୍ବା ଅଦା ଚା' ହଜମରେ ସାହାଯ୍ୟ କରିଥାଏ।

ଜିରା ପାଣି: ଜିରାକୁ ପାଣିରେ ଫୁଟାଇ ସେହି ପାଣି ପିଇଲେ ପେଟ ହାଲୁକା ଲାଗିପାରେ।

ପାନମହୁରୀ: ଖାଇବା ପରେ ଅଳ୍ପ ପାନମହୁରୀ ଖାଇଲେ ହଜମ ଭଲ ହୁଏ ଏବଂ ଗ୍ୟାସ୍ କମିପାରେ।

ଖାଇବା ପରେ ଗ୍ୟାସ୍ ହେବା ଏକ ସାଧାରଣ ସମସ୍ୟା, କିନ୍ତୁ ଠିକ୍ ଖାଦ୍ୟ ଅଭ୍ୟାସ ଓ ସୁସ୍ଥ ଜୀବନଶୈଳୀ ଅନୁସରଣ କଲେ ଏହାକୁ ଅନେକ ସମୟରେ ନିୟନ୍ତ୍ରଣ କରିହେବ। ଠିକ୍ ସମୟରେ ଖାଦ୍ୟ ଖାଇବା, ଧୀରେ ଧୀରେ ଖାଇବା, ଅଧିକ ତେଲ ଓ ମସଲା ଖାଦ୍ୟ କମ୍ ଖାଇବା, ପର୍ଯ୍ୟାପ୍ତ ପାଣି ପିଇବା, ନିୟମିତ ବ୍ୟାୟାମ କରିବା ଏବଂ ଅଧିକ ତେଲ-ମସଲା ଖାଦ୍ୟକୁ ଏଡ଼ାଇବା ଦ୍ୱାରା ପାଚନତନ୍ତ୍ର ସୁସ୍ଥ ରହିଥାଏ। ଯଦି ସମସ୍ୟା ବାରମ୍ବାର ହୁଏ କିମ୍ବା ବଢ଼ିଯାଏ, ତେବେ ନିଜେ ଔଷଧ ଖାଇବା ପରିବର୍ତ୍ତେ ଡାକ୍ତରଙ୍କ ପରାମର୍ଶ ନେବା ସବୁଠାରୁ ଭଲ।



# ଗର୍ଭାବସ୍ଥାରେ ସକାଳେ କ'ଣ ଖାଇବା ଉଚିତ

ଗର୍ଭାବସ୍ଥା ପ୍ରତ୍ୟେକ ମହିଳାଙ୍କ ଜୀବନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ମା'ଙ୍କ ସ୍ୱାସ୍ଥ୍ୟ ସହ ଗର୍ଭସ୍ଥ ଶିଶୁର ବିକାଶ ମଧ୍ୟ ସଠିକ୍ ପୋଷଣ ଉପରେ ନିର୍ଭର କରେ। ତେଣୁ ପ୍ରତିଦିନର ଖାଦ୍ୟରେ ପୋଷକତତ୍ତ୍ୱରେ ଭରପୂର ଖାଦ୍ୟ ସାମିଲ କରିବା ଅତ୍ୟନ୍ତ ଜରୁରୀ।

ଗର୍ଭାବସ୍ଥା ସମୟରେ ମହିଳାଙ୍କ ଖାଦ୍ୟରେ ପ୍ରଚୁର ପରିମାଣର ପ୍ରୋଟିନ୍,କ୍ୟାଲସିୟମ୍, ଆଇରନ୍ ଯୁକ୍ତ ଖାଦ୍ୟ ଖାଇବା ଜରୁରୀ। ଆପଣ ସକାଳେ ଯାହା ଖାଆନ୍ତି ତାହା ସାରା ଦିନ ପାଇଁ ଶକ୍ତିର ଉତ୍ସ ହୋଇଥାଏ। ତେଣୁ, ସକାଳର ପ୍ରଥମ ଖାଦ୍ୟ ଭାବିଚିନ୍ତି ଖାଇବା ଉଚିତ। ତେବେ ସକାଳେ ଗର୍ଭବତୀ ମହିଳା କଣ ଖାଇବା ଉଚିତ ସେ ସମ୍ପର୍କରେ ଆସନ୍ତୁ ଜାଣିବା।

ପାନମହୁରି ପାଣି ପିଅନ୍ତୁ: ଗର୍ଭବତୀ ମହିଳାମାନେ ସକାଳେ ଉଠିବା ପରେ ଉଷୁମ ପାଣିରେ ଲେମ୍ବୁ, ପାନମହୁରି କିମ୍ବା ଜିରା ମିଶାଇ ପିଇବା ଲାଭଦାୟକ ହୋଇପାରେ। ଏହା ପାଚନ କ୍ରିୟାକୁ ଭଲ ରଖେ ଏବଂ ଶରୀରରେ ଶକ୍ତି ବଜାୟ ରଖେ। ଏହା ଆପଣଙ୍କ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ୍ୟ ସାହାଯ୍ୟ କରେ।

**ଭିଜା ବାଦାମ ଖାଆନ୍ତୁ:** ରାତିସାରା ପାଣିରେ ୫ଟି ବାଦାମ ଭିଜାଇ ରଖନ୍ତୁ ଏବଂ ସକାଳେ ପ୍ରଥମେ ଖାଆନ୍ତୁ। ଏହା କରିବା ଦ୍ୱାରା, ଆପଣ ସାରା ଦିନ ଶକ୍ତିର ଅଭାବ ଅନୁଭବ କରିବେ ନାହିଁ ଏବଂ ପର୍ଯ୍ୟାପ୍ତ ପରିମାଣରେ ଭିଟାମିନ୍ 'ଇ' ଏବଂ ଫ୍ୟାଟି ଏସିଡ୍ ପାଇପାରିବେ। ଏହା ଗର୍ଭରେ ଥିବା ଶିଶୁର ମସ୍ତିଷ୍କର ସଠିକ୍ ବିକାଶରେ ସାହାଯ୍ୟ କରେ ଏବଂ ଚର୍ମକୁ ମଧ୍ୟ ସୁସ୍ଥ ରଖେ।

ହଳଦୀ କିମ୍ବା କେସର କ୍ଷୀର : ସକାଳେ ଉଠିବା ମାତ୍ରେ ଉଷୁମ କ୍ଷୀରରେ ଟିକେ କେସର କିମ୍ବା ହଳଦୀ ମିଶାଇ ନିୟମିତ ସେବନ କରନ୍ତୁ। ଆୟୁର୍ବେଦ ଅନୁସାରେ, କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ବୋଲି ବିବେଚନା କରାଯାଏ। ଏହା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ ଏବଂ ପିଲାର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରେ।

**ତାଜା ଫଳ ଖାଆନ୍ତୁ:** ଗର୍ଭାବସ୍ଥାରେ ମହିଳାମାନେ ତାଜା ଫଳ ଏବଂ ପନିପରିବା ଖାଇବା ଉଚିତ। ବିଶେଷକରି କଦଳୀ ଏବଂ ସେଓ, ଏଥିରେ ପର୍ଯ୍ୟାପ୍ତ ପରିମାଣର ଲୌହ ଏବଂ ଫାଇବର ଥାଏ ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। ଏହା କରିବା ଦ୍ୱାରା ଗର୍ଭରେ ବଢ଼ୁଥିବା ଶିଶୁର କୋଷଗୁଡ଼ିକର ବିକାଶରେ ସାହାଯ୍ୟ ହୁଏ। ଏଥି ସହ ଆପଣମାନେ ଯଦି ଏହି ଟିପ୍ସକୁ ଫଲୋ କରନ୍ତି, ତେବେ ଆପଣଙ୍କର ଅନେକ ସମସ୍ୟା ସମାଧାନ ହେବାକୁ ଲାଗିବ। ବିଶେଷ କରି ଗର୍ଭବତୀ ମହିଳାମାନେ ଏହି ଖାଦ୍ୟ ଉପରେ ଅଧିକ ଫୋକସ କରନ୍ତୁ, ଯାହା ଆପଣ ଏବଂ ଆପଣଙ୍କ ପିଲା ପାଇଁ ବେସ୍ ଲାଭଦାୟକ ହୋଇପାରିବ।

# ପାଚନ ପ୍ରକ୍ରିୟା ପାଇଁ ଲାଭକାରୀ ହେଙ୍ଗୁ ପାଣି



ଆମ ରୋଷେଇ ଘରେ ବ୍ୟବହାର ହେଉଥିବା ଅନେକ ମସଲା କେବଳ ଖାଦ୍ୟର ସ୍ୱାଦ ଓ ବାସ୍ନା ବଢ଼ାଏ ନାହିଁ, ବରଂ ଏହାର କିଛି ସ୍ୱାସ୍ଥ୍ୟଗତ ଗୁଣ ମଧ୍ୟ ରହିଛି। ସେହିଭଳି ଏକ ମସଲା ହେଉଛି ହେଙ୍ଗୁ। ହେଙ୍ଗୁକୁ ଓଡ଼ିଆ ଘରର ରୋଷେଇରେ ବିଶେଷ କରି ଡାଲି, ତରକାରୀ ଓ ବିଭିନ୍ନ ଖାଦ୍ୟରେ ଅଳ୍ପ ପରିମାଣରେ ବ୍ୟବହାର କରାଯାଏ। ଏହା ଖାଦ୍ୟର ସ୍ୱାଦ ସହିତ ଏକ ଭିନ୍ନ ପ୍ରକାରର ସୁଗନ୍ଧ ମଧ୍ୟ ଦେଇଥାଏ।

ହେଙ୍ଗୁର ସବୁଠାରୁ ଚର୍ଚ୍ଚିତ ଉପକାରିତା ହେଉଛି ହଜମ ପ୍ରକ୍ରିୟା ସହ ଏହାର ସମ୍ପର୍କ। ଅନେକ ଲୋକଙ୍କର ଡାଲି କିମ୍ବା କିଛି ଖାଦ୍ୟ ଖାଇବା ପରେ ପେଟ ଫୁଲିବା, ଗ୍ୟାସ୍ ହେବା କିମ୍ବା ପେଟରେ ଅସୁବିଧା ହୋଇଥାଏ। ଏଭଳି ସମସ୍ୟାରେ ହେଙ୍ଗୁକୁ ଉପକାରୀ ବୋଲି ମନାଯାଏ। ତେବେ ଏହାକୁ କୌଣସି ରୋଗର ଔଷଧ ଭାବେ ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ।ହେଙ୍ଗୁରେ ଆଣ୍ଟିଅକ୍ସିଡାଣ୍ଟ ଓ ଜୀବାଣୁବିରୋଧୀ ଗୁଣ ରହିଛି। ଯାହା ପ୍ରାକୃତିକ ଉପାୟରେ ଲୋକଙ୍କ ଗ୍ୟାସ୍ ଭଳି ସମସ୍ୟାକୁ ଚୁଟକିରେ ଗାଏବ କରିଥାଏ। କିନ୍ତୁ ଅଧିକ ପରିମାଣରେ ହେଙ୍ଗୁ ଖାଇବା ଠିକ୍ ନୁହେଁ। ସାଧାରଣତଃ ରୋଷେଇରେ ଅଳ୍ପ ପରିମାଣରେ ହେଙ୍ଗୁ ବ୍ୟବହାର କରିବା ଯଥେଷ୍ଟ। ବେଶି ପରିମାଣରେ ଖାଇଲେ କେତେକ ଲୋକଙ୍କର ପେଟ ଖରାପ କିମ୍ବା ଅନ୍ୟ ଅସୁବିଧା ହୋଇପାରେ। ବିଶେଷକରି ଛୋଟ ଶିଶୁ, ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ ଏବଂ ନିୟମିତ ଔଷଧ ଖାଉଥିବା ବ୍ୟକ୍ତିମାନେ ହେଙ୍ଗୁକୁ ଔଷଧ ଭଳି ଅଧିକ ପରିମାଣରେ ନେବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍। ତେଣୁ, ହେଙ୍ଗୁକୁ ଏକ ସୁଗନ୍ଧିତ ମସଲା ଭାବେ ଅଳ୍ପ ପରିମାଣରେ ଖାଦ୍ୟରେ ବ୍ୟବହାର କରିପାରିବେ। ଏହା ଖାଦ୍ୟର ସ୍ୱାଦ ବଢ଼ାଇବା ସହ ହଜମ ପ୍ରକ୍ରିୟାରେ କିଛି ଲୋକଙ୍କୁ ଆରାମ ଦେଇପାରେ। କିନ୍ତୁ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପାଇଁ କେବଳ ହେଙ୍ଗୁ ଉପରେ ନିର୍ଭର ନକରି ଆବଶ୍ୟକ ସମୟରେ ଡାକ୍ତରଙ୍କ ପରାମର୍ଶ ନେବା ସବୁଠାରୁ ଭଲ। କେବଳ ହେଙ୍ଗୁ ନୁହେଁ ବରଂ ଏହାର ପାଣି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ ହୋଇଥାଏ। ତେବେ ଆସନ୍ତୁ ଏହାର ଲାଭକାରୀ ଗୁଣ ବିଷୟରେ ଜାଣିବା।

ପାଚନ ପ୍ରକ୍ରିୟା ପାଇଁ ଲାଭକାରୀ: ଆଜିକାଲି ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଯୋଗୁଁ ଗ୍ୟାସ୍, ଏସିଡିଟି ଏବଂ ପେଟ ଫୁଲିବା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ହେଙ୍ଗୁରେ ଜୀବାଣୁବିରୋଧୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। ଯାହା ପାଚନ ଏନଜାଇମକୁ ସକ୍ରିୟ କରିଥାଏ। ସକାଳେ ଖାଲି ପେଟରେ ଏହାକୁ ଖାଇବା ଦ୍ୱାରା ପେଟ ଭାରୀ ହେବା ହ୍ରାସ ପାଇଥାଏ ଏବଂ ପାଚନ ପ୍ରକ୍ରିୟାରେ ଉନ୍ନତି ଆସିଥାଏ।

ଓଜନ ହ୍ରାସ କରେ: ଯଦି ଓଜନ କମାଇବାକୁ ଚାହାଁନ୍ତି ତେବେ ଏହାକୁ ଆପଣଙ୍କ ଡାଏଟରେ ସାମିଲ କରିପାରିବେ। ଏହା ଶରୀରର ମେଟାବୋଲିଜିମ୍ ହାରକୁ ବୃଦ୍ଧି କରେ, ଯାହା କ୍ୟାଲୋରିକୁ ଶୀଘ୍ର ନଷ୍ଟ କରିବାରେ ସାହାଯ୍ୟ କରେ। ଏହା ଶରୀରରୁ କ୍ଷତିକାରକ ବିଷାକ୍ତ ପଦାର୍ଥକୁ ମଧ୍ୟ ବାହାର କରିଦିଏ। ଯାହା ଦ୍ୱାରା ସହଜରେ ଓଜନକୁ ହ୍ରାସ କରାଯାଇପାରିବ।

ରକ୍ତ ଶର୍କରା ଓ ରକ୍ତଚାପ ନିୟନ୍ତ୍ରଣ କରେ: ହେଙ୍ଗୁରେ ଇନସୁଲିନ୍-ଡିସଚାର୍ଜ ବଢାଇବା ଭଳି ଗୁଣ ରହିଛି। ଯାହା ରକ୍ତ ଶର୍କରା ସ୍ତରକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହା ବ୍ୟତୀତ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ।

# ବେଲପତ୍ରର ରହିଛି ଅନେକ ଫାଇଦା



ବେଲପତ୍ର କେବଳ ପୂଜାରେ ବ୍ୟବହାର ହୁଏ ନାହିଁ ବରଂ ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ବୋଲି ମନେ କରାଯାଏ। ବେଲପତ୍ରରେ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇପାରେ। ତେବେ ଏହାକୁ ଔଷଧ ଭାବେ ନୁହେଁ, ସନ୍ତୁଳିତ ଖାଦ୍ୟର ଏକ ଅଂଶ ଭାବେ ଖାଇବା ଭଲ।

ପେଟକୁ ସୁସ୍ଥ ରଖେ: ବେଲପତ୍ର ଖାଇଲେ ହଜମ ଭଲ ହେବାରେ ସହାୟକ ହୋଇପାରେ। ଗ୍ୟାସ, ଅମ୍ଳତା ଓ କୋଷ୍ଠକାଠିନ୍ୟ ଭଳି ସମସ୍ୟାରେ କିଛି ଲୋକ ଏହାକୁ ଉପକାରୀ ବୋଲି ମନେ କରନ୍ତି। ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ସହାୟତା କରେ: ବେଲପତ୍ରରେ ଥିବା କିଛି ପ୍ରାକୃତିକ ତତ୍ତ୍ୱ ଶରୀରର ସାଧାରଣ ରୋଗ ପ୍ରତିରୋଧକ କ୍ଷମତାକୁ ସମର୍ଥନ କରିପାରେ। ରକ୍ତରେ ସର୍କରା ନିୟନ୍ତ୍ରଣରେ ସହାୟକ ହୋଇପାରେ: କିଛି ଅଧ୍ୟୟନରେ ବେଲପତ୍ର ରକ୍ତରେ ସର୍କରା ନିୟନ୍ତ୍ରଣରେ ସହାୟକ ହୋଇପାରେ ବୋଲି ସୂଚନା ମିଳିଛି। ତଥାପି ମଧୁମେହ ଥିଲେ ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ବଦଳାନ୍ତୁ ନାହିଁ। ଶରୀରକୁ ସତେଜ ରଖେ: ସକାଳେ ସୀମିତ ପରିମାଣରେ ବେଲପତ୍ର ଖାଇଲେ ଶରୀର ସତେଜ ଅନୁଭବ ହୋଇପାରେ ଓ କ୍ଲାନ୍ତି କମିବାରେ ସହାୟକ ହୋଇପାରେ। ମୁଖର ଦୁର୍ଗନ୍ଧ କମାଇବାରେ ସହାୟକ: କିଛି ଲୋକ ବେଲପତ୍ର ଚୋବାଇ ଖାଇଥାନ୍ତି, ଯାହା ମୁଖକୁ ସତେଜ ରଖିବାରେ ସହାୟକ ହୋଇପାରେ। ଶରୀରର ସୁଜନ କମାଇବାରେ ସହାୟକ ହୋଇପାରେ: ବେଲପତ୍ରରେ ଥିବା କିଛି ପ୍ରାକୃତିକ ଉପାଦାନ ଶରୀରର ସାଧାରଣ ସୁଜନ କମାଇବାରେ ଭୂମିକା ରଖିପାରେ। ସକାଳେ ୨ରୁ ୩ଟି ସଫା ଓ କୋମଳ ବେଲପତ୍ର ଭଲଭାବେ ଧୋଇ ଚୋବାଇ ଖାଇପାରିବେ। ଅଧିକ ପରିମାଣରେ ଖାଇବା ଠିକ୍ ନୁହେଁ। ଗର୍ଭବତୀ ମହିଳା, ଗୁରୁତର ରୋଗୀ କିମ୍ବା ନିୟମିତ ଔଷଧ ଖାଉଥିବା ବ୍ୟକ୍ତି ବେଲପତ୍ର ନିୟମିତ ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଭଲ। ବେଲପତ୍ର ଏକ ପ୍ରାକୃତିକ ଉଦ୍ଭିଦ ହେଲେ ମଧ୍ୟ ଏହାକୁ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନଶୈଳୀ ସହିତ ଗ୍ରହଣ କଲେ ଅଧିକ ଉପକାର ମିଳିପାରେ।

# ବ୍ଲାକ୍ କଫି ସ୍ୱାସ୍ଥ୍ୟ ପାଇଁ ହିତକର



ଅଧିକାଂଶ ଲୋକେ ସକାଳର ଆରମ୍ଭ ଚା ଏବଂ କଫିରୁ କରି ଥାଆନ୍ତି। ଦୈନନ୍ଦିନ ଜୀବନରେ ଚା ଓ କଫି ଦୁଇଟି ଲୋକପ୍ରିୟ ପାନୀୟ। ଅନେକ ଅଧ୍ୟୟନ ଅନୁଯାୟୀ, ସୀମିତ ପରିମାଣରେ ବ୍ଲାକ୍ କଫି ପିଇବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ। ବିଶେଷକରି ଲିଭର ପାଇଁ ଅଧିକ ଉପକାରୀ ହୋଇଥାଏ। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଶରୀରର କୋଷଗୁଡ଼ିକୁ ସୁରକ୍ଷା ଦେବା ସହ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଅନେକ ଗବେଷଣାରେ ଦେଖାଯାଇଛି ଯେ, ନିୟମିତ ଭାବେ କଫି ପିଉଥିବା ଲୋକଙ୍କ ମଧ୍ୟରେ ଲିଭର ସିରୋସିସ୍ ହେବାର ଆଶଙ୍କା କମ୍ ହୋଇପାରେ। କଫିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଏବଂ ଅନ୍ୟାନ୍ୟ ଉପକାରୀ ଗୁଣ ଶରୀରର କୋଷଗୁଡ଼ିକୁ କ୍ଷତିରୁ ସୁରକ୍ଷା ଦେବା ସହ ଲିଭରକୁ ସୁସ୍ଥ ରଖିବାରେ ସହାୟକ କରେ ବୋଲି ବିବେଚନା କରାଯାଏ। ଏହା ସହିତ ନନ୍-ଆଲକୋହଲିକ୍ ଫ୍ୟାଟି ଲିଭର ଭଳି ସମସ୍ୟାକୁ ମଧ୍ୟ ହ୍ରାସ କରିପାରେ। ବିଶେଷଜ୍ଞମାନଙ୍କ ମତ ଅନୁଯାୟୀ, ଚିନି ବିନା ପିଆଯାଇଥିବା ବ୍ଲାକ୍ କଫି ଅଧିକ ଉପକାରୀ ହୋଇପାରେ। ଯଦି ଆପଣ ସକାଳର ଆରମ୍ଭ କଫିରୁ କରିବାକୁ ଚାହୁଁଛନ୍ତି, ତେବେ ଚିନି ଓ ଅଧିକ କ୍ରିମ୍ ବ୍ୟବହାର ନକରିବା ଭଲ। ଏହା ଅନାବଶ୍ୟକ କ୍ୟାଲୋରି କମାଇବା ସହ ଶରୀରକୁ ସତେଜ ଅନୁଭବ କରାଇଥାଏ। କଫିରେ ଥିବା କାଫେଇନ୍ ଶରୀରର ଶକ୍ତି ବଢ଼ାଇବା, ଏକାଗ୍ରତା ବୃଦ୍ଧି କରିବା ଏବଂ କାର୍ଯ୍ୟକ୍ଷମତାକୁ ଉନ୍ନତ କରିବାରେ ଏବଂ କ୍ଳାନ୍ତି ଦୂର କରିବାରେ ମଧ୍ୟ ସାହାଯ୍ୟ କରିପାରେ।

ଏଥିସହିତ ସୀମିତ ପରିମାଣରେ କଫି ପିଇବା ଟାଇପ୍–୨ ମଧୁମେହ, ହୃଦ୍ରୋଗ ଏବଂ କେତେକ ସ୍ନାୟୁ ସମ୍ବନ୍ଧୀୟ ସମସ୍ୟା କମାଇବାରେ ସହାୟକ ହୋଇପାରେ। କେତେକ ଗବେଷଣାରେ କଫିକୁ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଉପକାରୀ ବୋଲି କୁହାଯାଇଛି। ଏଥିରେ କ୍ୟାଲୋରି କମ୍ ଥିବାରୁ ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ମଧ୍ୟ ଏକ ଭଲ ବିକଳ୍ପ ହୋଇପାରେ। କୌଣସି ଭଲ ଜିନିଷର ଅତ୍ୟଧିକ ବ୍ୟବହାର କ୍ଷତିକାରକ ହୋଇପାରେ। ଅଧିକ କଫି ପିଇଲେ ରକ୍ତଚାପ ବଢ଼ିବା, ନିଦ୍ରାହୀନତା, ହୃଦ୍ସ୍ପନ୍ଦନ ବୃଦ୍ଧି କିମ୍ବା ଅସ୍ଥିରତା ଭଳି ସମସ୍ୟା ଦେଖାଦେଇପାରେ। ସେଥିପାଇଁ ବିଶେଷଜ୍ଞମାନେ ସାଧାରଣତଃ ଦିନକୁ ୨ରୁ ୩ କପ୍ କଫିରୁ ଅଧିକ ନ ପିଇବାକୁ ପରାମର୍ଶ ଦେଇଥାନ୍ତି। ଯଦି ଆପଣଙ୍କର ଉଚ୍ଚ ରକ୍ତଚାପ, ଗର୍ଭାବସ୍ଥା କିମ୍ବା ଅନ୍ୟ କୌଣସି ବିଶେଷ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ତେବେ କଫି ପିଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ସଠିକ୍ ପରିମାଣରେ ଏବଂ ସୁସ୍ଥ ଜୀବନଶୈଳୀ ସହ କଫିର ସେବନ କଲେ ଏହା ଲିଭର ସମେତ ଶରୀରର ବିଭିନ୍ନ ଅଙ୍ଗର ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ। ତେଣୁ ସନ୍ତୁଳିତ ଖାଦ୍ୟ, ନିୟମିତ ବ୍ୟାୟାମ ଏବଂ ସୀମିତ ପରିମାଣରେ କଫି ପାନ କରି ସୁସ୍ଥ ଓ ସକ୍ରିୟ ଜୀବନଶୈଳୀକୁ ଆପଣାନ୍ତୁ।

# ୭ରେ ଅସ୍ତରଙ୍ଗ ମୁଖ୍ୟ ବଜାରରୁ ଉଚ୍ଛେଦ ହେବ ଜବରଦଖଲ

## ପୁଲିସ ନିଷ୍କ୍ରିୟତା ଯୋଗୁଁ ଭିଡ଼ ନିୟନ୍ତ୍ରଣ ଫେଲ୍

## ଘଣ୍ଟା ଘଣ୍ଟା ଫସୁଛନ୍ତି ଛାତ୍ରଛାତ୍ରୀ ଓ ଆମ୍ବୁଲାନ୍ସ



**କାକଟପୁର/ଅସ୍ତରଙ୍ଗ,୫।୧୦ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଏବେ ଅଚଳ। ପୋଲିସ ନିଷ୍କ୍ରିୟତା ଯୋଗୁଁ ପ୍ରତିଦିନ ଯାତାୟାତ ବାଧାପ୍ରାପ୍ତ ହେଉଛି। ରାସ୍ତା ଜବରଦଖଲ କରି ବ୍ୟବସାୟ, ଭିଡ ନିୟନ୍ତ୍ରଣରେ ଫେଲ୍ ମାରିଛି ପୋଲିସ। ଏହି ପରିପ୍ରେକ୍ଷୀରେ ଆସନ୍ତା ୭ ତାରିଖରେ ମୁଖ୍ୟ ବଜାର ଉଚ୍ଛେଦ ହେବ ବୋଲି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି।

ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟରୁ ଜାରି ନୋଟିସ୍ ଅନୁଯାୟୀ ମୌଜା ଅସ୍ତରଙ୍ଗର ନିଜ ନିଷ୍କର ସରକାରୀ ଖାସ ସ୍ଥିତିର ୦.୪୮୯୪ ଏକର ସରକାରୀ ଜମିକୁ ବିନା ଅନୁମତିରେ ବେଦଖଲ କରାଯାଇଛି। ଏଥିପାଇଁ ଜବରଦଖଲ କେସ୍ ନଂ ୨୧୦/୨୦୨୫-୨୬ ରୁ ୩୨୬/୨୦୨୫-୨୬ ର ତା ୨୨.୦୯.୨୦୨୬ ର ଆଦେଶ ମୁତାବକ ୭ ଦିନ ମଧ୍ୟରେ ସରକାରୀ ଜମିରୁ ଅପସରି ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଜବରଦଖଲକାରୀ ଜମି ଛାଡି ନାହାଁନ୍ତି। ତେଣୁ ୦୭.୧୦.୨୦୨୬ ରିଖରେ ବଳପୂର୍ବକ ବେ-ଦଖଲ କରାଯିବ ଓ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନୋଟିସରେ ଉଲ୍ଲେଖ ଅଛି।

ଅନ୍ୟପଟେ ଏହି ମୁଖ୍ୟ ବଜାର ଦେଇ ରାଜ୍ୟର କୋଣ ଅନୁକୋଣରୁ ଶହ ଶହ ପର୍ଯ୍ୟଟକ ପୀରଜାହାନିଆ, ଗଙ୍ଗାଦେବୀ ଓ କେଳୁଣୀ ମୁହାଣକୁ ଯାଉଛନ୍ତି। ଦୈନିକ ଶହ ଶହ ବାଇକ, ଅଟୋ, କାର, ବସ୍, ମାଲବାହୀ ପିକଅପ୍ ଯାତାୟାତ କରୁଛି। ବଜାରର ମୁଖ୍ୟ ରାସ୍ତାକୁ କିଛି ଅସାଧୁ ବ୍ୟବସାୟୀ ଜବରଦଖଲ କରି ଦୋକାନ ଆଗକୁ ଠେଲି ବ୍ୟବସାୟ କରୁଥିବାରୁ ରାସ୍ତା ସଙ୍କୁଚିତ ହୋଇଛି। ଏହା ସହ ମାସ ମାସ ହେଲା ଉଚ୍ଛେଦ କାର୍ଯ୍ୟ ହୋଇନଥିବାରୁ ସମସ୍ୟା ଗମ୍ଭୀର ହୋଇଛି।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ପୂର୍ବରୁ ରାଜେଶ ବଳିୟାରସିଂହ ଓ ବାମଦେବ ନନ୍ଦ ଥାନା ଅଧିକାରୀ ଥିବା ବେଳେ ହାଇସ୍କୁଲ ଛକ, ଗ୍ରାମ୍ୟ ବ୍ୟାଙ୍କ ସାମ୍ନା ଓ ତାରିଣୀ ମନ୍ଦିର ନିକଟରେ ତିନୋଟି ସ୍ଥାନରେ ସ୍ଥାୟୀ ପୋଲିସ ନିୟୋଜିତ ହେଉଥିଲେ। ଟ୍ରାଫିକ ସୁରୁଖୁରୁରେ ଚାଲୁଥିଲା, କେହି ଜବରଦଖଲ ସାହସ କରୁ ନଥିଲେ। ବର୍ତ୍ତମାନ ଥାନା ଅଧିକାରିଣୀ ଆସିବା ପରେ କୌଣସି ଶୃଙ୍ଖଳା ନାହିଁ। ଫୋନ୍ କଲେ ମଧ୍ୟ ପୋଲିସ ଆସୁନାହାନ୍ତି ।ଗତ ମଙ୍ଗଳବାର ଓ ଶନିବାର ସାପ୍ତାହିକ ହାଟ ଓ ସ୍କୁଲ ଛୁଟି ସମୟରେ ହାଇସ୍କୁଲ ଛକରେ ଜଣେ ବି ପୋଲିସ ନଥିବାରୁ ଘଣ୍ଟା ଘଣ୍ଟା ଧରି ଶହ ଶହ ଲୋକ, ଛାତ୍ରଛାତ୍ରୀ, ମାଲବାହୀ ଗାଡି ଫସି ରହିଥିଲା। ଆମ୍ବୁଲାନ୍ସ ଅଟକି ରହିଥିଲା। ପର୍ଯ୍ୟଟକ ହନ୍ତସନ୍ତ ହୋଇଥିଲେ।

ଏ ନେଇ ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା କ୍ଷୋଭର ସହ କହିଛନ୍ତି, ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଇଲେ ମଧ୍ୟ ଥାନା ଅଧିକାରିଣୀ ଦାୟିତ୍ୱ ନେଉ ନାହାଁନ୍ତି। ଦୁର୍ଗାପୂଜା ପାର୍ବଣ ଆସୁଛି, ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ଛକରେ ପୋଲିସ ନିୟୋଜିତ ନହେଲେ ଆଇନ ଶୃଙ୍ଖଳା ବିଗିଡିବ, ବଡ ଦୁର୍ଘଟଣା ଘଟିବା ଆଶଙ୍କା ଅଛି। ତହସିଲ ଉଚ୍ଛେଦ ଓ ପୋଲିସ ଟ୍ରାଫିକ ବ୍ୟବସ୍ଥା ଏକାସାଙ୍ଗରେ ହେଲେ ବଜାର ସୁରୁଖୁରୁରେ ଚାଲିବ ବୋଲି ଆଶା।

# ସ୍ୱାମୀ ଓ ପୁଅଙ୍କୁ ହରାଇଥିଲେ, ଶେଷରେ ସଡ଼କ ଦୁର୍ଘଟଣା ନେଇଗଲା ସାବିତ୍ରୀଙ୍କୁ



**ପାରାଦୀପ,୫।୧୦ (ସଂଚାର ବ୍ୟୁରୋ):** ଜୀବନ ତାଙ୍କୁ ଗୋଟିଏ ପରେ ଗୋଟିଏ ଦୁଃଖ ଦେଇଚାଲିଥିଲା। ପ୍ରଥମେ ସ୍ୱାମୀଙ୍କୁ ହରାଇଲେ, ପରେ ଏକମାତ୍ର ପୁଅକୁ। ଏହି ଦୁଇ ଦୁଃଖକୁ ହୃଦୟରେ ଚାପି ଏକାକୀ ଜୀବନ କାଟୁଥିବା ସାବିତ୍ରୀ ଜେନାଙ୍କୁ ଶେଷରେ ସଡ଼କ ଦୁର୍ଘଟଣା ମଧ୍ୟ ଛଡ଼ାଇଲା ନାହିଁ।

ଗତ ୩ ତାରିଖ ଶନିବାର ରାତି ପ୍ରାୟ ୧୦ଟା ସମୟରେ ଡିଙ୍ଗିଆ ଗାଁରେ ଅଜଣା ଗାଡ଼ି ଧକ୍କାରେ ସାବିତ୍ରୀ ଜେନା ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ି ଛଟପଟ ହେଉଥିଲେ। ଖବର ପାଇ ଦେବଦୂତ ସଡ଼କ ସୁରକ୍ଷା ବାହିନୀର ସଭାପତି ପଙ୍କଜ ତରାଇ ତୁରନ୍ତ ତାଙ୍କୁ ମେଡିକାଲ ନେବା ପାଇଁ ପଦକ୍ଷେପ ନେଇଥିଲେ। ଆମ୍ବୁଲାନ୍ସ ଯୋଗେ ସାବିତ୍ରୀଙ୍କୁ କୁଜଙ୍ଗ ମେଡିକାଲକୁ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଦେବଦୂତ ସଡ଼କ ସୁରକ୍ଷା ବାହିନୀ ପକ୍ଷରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଏସସିବି ମେଡିକାଲ, କଟକକୁ ରେଫର କରାଯାଇଥିଲା। ତେବେ ଦୁଃଖର ବିଷୟ, ସମସ୍ତ ଚେଷ୍ଟା ସତ୍ତ୍ୱେ ଆଜି ସାବିତ୍ରୀ ଜେନା ମୃତ୍ୟୁବରଣ କରିଛନ୍ତି।

ସାବିତ୍ରୀଙ୍କ ଜୀବନ କାହାଣୀ ମଧ୍ୟ ଅତ୍ୟନ୍ତ ହୃଦୟବିଦାରକ। ବହୁଦିନ ପୂର୍ବରୁ ସ୍ୱାମୀ ଗୁରି ଜେନାଙ୍କୁ ହରାଇଥିଲେ ସେ। ତାଙ୍କର ଏକମାତ୍ର ପୁଅ ବୁଟୁ ଜେନା ମଧ୍ୟ ମୃତ୍ୟୁବରଣ କରିଥିଲେ। ସ୍ୱାମୀ ଓ ଏକମାତ୍ର ପୁଅଙ୍କୁ ହରାଇ ଦୁଃଖରେ ଦିନ କାଟୁଥିବା ସାବିତ୍ରୀ ଶେଷରେ ନିଜେ ମଧ୍ୟ ଅକାଳରେ ଚାଲିଗଲେ।

# ପୁଣି ଜଣେ ଦାଦନ ଶ୍ରମିକଙ୍କ କେରଳରେ ମୃତ୍ୟୁ

### *ମରଶରୀର ଗାଁକୁ ଆଣିବାକୁ ସହାୟତାର ହାତ ବଢ଼ାଇଲେ ଜିଲ୍ଲାପାଳ*

**ଫୁଲବାଣୀ,୫।୧୦ (ସଂଚାର ବ୍ୟୁରୋ):** କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିବା କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ କାର୍ତ୍ତିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ ଆଡ଼ିବଙ୍ଗା ଗ୍ରାମର ସନ୍ତୋଷ ମଲ୍ଲିକ (୪୬)ଙ୍କ ହଠାତ୍ ମୃତ୍ୟୁ ଘଟିଛି। ତାଙ୍କ ମରଶରୀର କେରଳର କନ୍ନୁର ଜିଲାର ଏକ ସରକାରୀ ହସ୍ପିଟାଲରେ ରଖାଯାଇଥିବା ଜଣାପଡ଼ିଛି। ପରିବାର ପ୍ରତିପୋଷଣ ପାଇଁ ସେ ଗାଁରୁ ଦୀର୍ଘଦିନ ଧରି କେରଳରେ ଦାଦନ ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କ ପରିବାରରେ ସ୍ତ୍ରୀ ସ୍ନେହଲତା ମଲ୍ଲିକଙ୍କ ସମେତ ୫ ଜଣ ପୁଅଝିଅ ଅଛନ୍ତି। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇ ପରିବାର ଏବେ ଗଭୀର ଆର୍ଥିକ ସଙ୍କଟରେ ପଡ଼ିଛି। ସନ୍ତୋଷଙ୍କ ମରଶରୀରକୁ କେରଳରୁ ନିଜ ଜନ୍ମମାଟି ଆଡ଼ିବଙ୍ଗାକୁ ଆଣିବା ପାଇଁ ଯାତାୟାତ ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବାର ସାମର୍ଥ୍ୟ ପରିବାରର ନଥିବାରୁ ସାମାଜିକ ସଂଗଠନ ମାଇଗ୍ରାଣ୍ଟ ୱର୍କର୍ସ ଆସୋସିଏସନ ଅଫ କନ୍ଧମାଳ (ସ୍ୱାକ) ପକ୍ଷରୁ ଜିଲାପାଳଙ୍କୁ ସହାୟତା ପାଇଁ ନିବେଦନ କରାଯାଇଥିଲା।

ଘଟଣା ସମ୍ପର୍କରେ ସ୍ୱାକର ପ୍ରତିନିଧିମାନେ କନ୍ଧମାଳ ଜିଲାପାଳଙ୍କୁ ସାକ୍ଷାତ କରି ମୃତକଙ୍କ ମରଶରୀରକୁ କେରଳରୁ ଗାଁକୁ ଫେରାଇ ଆଣିବା ପାଇଁ ତ୍ୱରିତ ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଘଟଣାକୁ ଗୁରୁତ୍ୱ ଦେଇ ମାନବିକତାର ସହ ତୁରନ୍ତ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କାର ସହାୟତା ମଞ୍ଜୁର କରିଛନ୍ତି।

ମଞ୍ଜୁର ହୋଇଥିବା ସହାୟତା ରାଶିର ଚେକ ସ୍ୱାକର ସଭାପତି ଆମନ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ସାମନ୍ତ ଶେଖର ନାୟକ ଏବଂ ଜିଲା ମିଡିଆ ଫୋରମ ସଭାପତି ସୁନୀଲ ବିଶାଳ ଗ୍ରହଣ କରିଥିଲେ। ପରେ ସେମାନେ ମୃତକଙ୍କ ପରିବାରକୁ ଭେଟି ଚେକ ପ୍ରଦାନ କରିଥିଲେ। ଏହି ସମୟରେ ସ୍ୱାକର ସମ୍ପାଦକ ହୃଷିକେଶ ପ୍ରଧାନ ଓ ସନ୍ତୋଷ ଦିଗାଲ ଉପସ୍ଥିତ ଥିଲେ।

ଏହି ଘଟଣା ପୁଣିଥରେ କନ୍ଧମାଳ ଜିଲାର ଦାଦନ ଶ୍ରମିକଙ୍କ ଦୁଃଖଦ ପରିସ୍ଥିତିକୁ ସାମ୍ନାକୁ ଆଣିଛି। ସୂଚନା ଅନୁଯାୟୀ, ଗତ ଦୁଇ ମାସ ମଧ୍ୟରେ କନ୍ଧମାଳ ଜିଲାର ୧୬ ଜଣ ଦାଦନ ଶ୍ରମିକଙ୍କ ଦୁଃଖଦ ମୃତ୍ୟୁ ଘଟିଥିବା ନେଇ ଜଣାପଡ଼ିଛି।

## ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବାରିପଦା,୫।୧୦ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବହଳଦା ଥାନା ଅଞ୍ଚଳର କୁଲଗି ଗ୍ରାମର ଗିରିଧାରି ସେଠୀ(୬୫) ରବିବାର ଦିନ ଗାଁ ପାଖ ପୋଖରିକୁ ଶୌଚ ପାଇଁ ଯାଇ ପୋଖରୀ ଭିତରକୁ ଖସିଯାଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ଗତକାଲି ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ପାଇଁ ନଥିଲେ । ଏକ ଅଭାବନୀୟ ଘଟଣା ଘଟିଛି। ଗାଁ ନିକଟସ୍ଥ ପୋଖରୀ ପାଣିରେ ବୁଡ଼ି ଜଣେ ୬୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ କୁଲଗି ଗ୍ରାମର ଗିରିଧାରୀ ସେଠୀ (୬୦) ବୋଲି ଜଣାପଡ଼ିଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଗତକାଲି ଅପରାହ୍ଣ ସମୟରେ ଗିରିଧାରୀ ଘର ନିକଟସ୍ଥ ବିଲରେ ଥିବା ଏକ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିଲେ। ସେଠାରେ ଅସାବଧାନତା ବଶତଃ ଗୋଡ଼ ଖସିଯିବାରୁ ସେ ଗଭୀର ପାଣି ଭିତରକୁ ଚାଲିଯାଇ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରି ପାଇଁ ନ ଥିଲେ।ଆଜି ସକାଳେ ଗ୍ରାମବାସୀ ଏକ ମୃତଦେହ ପୋଖରୀରେ ଭାସୁଥିବା ଦେଖି ଥାନାକୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଓ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ବହଳଦା ଥାନାରେ କେଶ ନମ୍ବର ୮/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

## ଶିବ ମନ୍ଦିରରୁ ଘଣ୍ଟ ଖୋଲିନେଲେ ଦୁର୍ବୃତ୍ତ




**ନୀଳଗିରି,୫।୧୦(ସଂଚାରବ୍ୟୁରୋ):** ସାଧାରଣରେ ଲୋକମାନଙ୍କ ମଧ୍ୟରେ ଧର୍ମୀୟ ଭାବନା ବଢ଼ିଚାଲିଥିଲା ବେଳେୱାଦାଣ୍ୟ ଭକ୍ତମାନେ ମୁକ୍ତହସ୍ତରେ ଦାନଧର୍ମ କରୁଛନ୍ତି। ଅନୁରୂପ ଭାବେ ମନ୍ଦିର ର ଦେବ ଦେବୀ ଙ୍କ ଗହଣା ଓ ଅଳଙ୍କାରଦାନକରୁଥିବା ସହିତ ମନ୍ଦିର ରେ ବ୍ୟବହୃତ ବାସନ ଦାନ ଦେବାସହିତ ହୁଣ୍ଡିରେ ଅର୍ଥ ଦାନ ଦେଉଥିବା ବେଳେ କିଛିନାସ୍ତିକ ଓ ଧର୍ମ କୁ ଭୟ କରୁ ନ ଥିବା ,ଦେବୀ ଓ ଦେବତାଙ୍କୁ ଖୋଲା ଚାଲେଞ୍ଜ ଦେଇ ମନ୍ଦିରମାନଙ୍କ ରେ ଥିବା ହୁଣ୍ଡି, ଅଳଙ୍କାର ଦୁର୍ବୃତ୍ତ ମାନେ ଲୁଟ କରିଚାଲିଛନ୍ତି । ସେହିଭଳି ବହୁ ଘଟଣା ଘଟିଛି ନୀଳଗିରି ଅଞ୍ଚଳର ବିଭିନ୍ନ ମଠ ମନ୍ଦିରରେଲୋଟ ଓ ଚୋରି ବଢ଼ିଚାଲିଥିଲା ବେଳେ ନରଣପୁର ପଞ୍ଚାୟତ ଟୋକିପଦା ଗ୍ରାମରେ ବାବା ବୈଷ୍ଣବେ ଶ୍ୱର୍ ଏବଂ ବୈଷ୍ଣଦେବୀ ମନ୍ଦିର. ରେ ଘଟିଥିବା ଏକ ସମ୍ବେଦନ ଶିଳା ଘଟଣା । ଗତ ରବିବାର ରାତିରେ କୌଣସି ଦୁବୃତ୍ତ ବାବା ବୈଷ୍ଣବେଶ୍ୱର୍ ମନ୍ଦିରରେ ଝୁଲୁଥିବା ୩ଗୋଟି ଘଣ୍ଟକୁ ନେଇଯାଇଥିଲେ । ସକାଳେ ପୂଜକ ମନ୍ଦିରର ଘଣ୍ଟ ଚୋରି ହୋଇଯାଇଥିବା ଦେଖି ଗ୍ରାମବାସୀଙ୍କୁ ଖବରଦେବା ପରେ ଗ୍ରାମବାସୀଙ୍କ ତରଫରୁ ବରହମପୁର ପୋଲିସରେ ଖବରଦେବା ସହ ପୋଲିସ ପେଟ୍ରୋଲିଂ କରାଯିବାକୁ ଦାବି କରିଛନ୍ତି।

## ଅକ୍ଷୟ ମାଝୀ ହତ୍ୟା ଘଟଣା

# ଦୋଷୀଙ୍କୁ ଆଜୀବନ କାରାଦଣ୍ଡ

**ବାଲିପାଟଣା,୫।୧୦ (ସଂଚାର ବ୍ୟୁରୋ):** ବହୁ ଚର୍ଚ୍ଚିତ ଅକ୍ଷୟ ମାଝୀ ହତ୍ୟା ଘଟଣା ରେ ଆସାମୀ ମାନଙ୍କୁ ଆଜି ଭୁବନେଶ୍ୱର ଜିଲ୍ଲା ସେସନ୍ସ ଜଜ କୋର୍ଟ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦାଣ୍ଡ ସହିତ ୨୦ହଜାର ଟଙ୍କା ଜୋରିମାନା ଆଦେଶ ପ୍ରଦାନ କରିଛନ୍ତି।ଅର୍ଥ ଅନାଦୟେ ଆହୁରି ୬ ମାସ ପାଇଁ ସଶ୍ରମ କାରାବାସ ଭୋଗିବାକୁ ପଡିବ ବୋଲି ଆଦେଶ ହୋଇଛି।ଘଟଣା ଅନୁସାରେ ଗତ ୨୦୨୪ମସିହା ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟ ରେ ନୁଆସାହି ବଜାର ନିକଟରେ ଦିଲୁ ଭୋଇ ଏବଂ ତାର ୮ଜଣ ସହଯୋଗୀ ସଙ୍ଗବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ରେ ଆକ୍ରମଣ କରି ଅକ୍ଷୟ ର ମୁଣ୍ଡ କୁ ପଥର ରେ ଛେଚି ଗୁରୁତର ଆହତ ଅବସ୍ଥା ରେ ଛାଡି ପଳାଇଥିଲେ। ଖବର ପାଇଁ ତାଙ୍କ ସ୍ତ୍ରୀ ଶ୍ରାବଣୀ ମାଝୀ ଓ ଅନ୍ୟ ପରିବାର ଲୋକ ପହଞ୍ଚି ତୁରନ୍ତ ସ୍ଥାନୀୟ ଡାକ୍ତରଖାନା ଓ ପରେ ଏକ ଘରୋଇ ଚିକିତ୍ସାଳୟ ରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ବଞ୍ଚାଇ ପାରିନଥିଲେ। ଶ୍ରାବଣୀ ଙ୍କ ଏତଲା କୁ ଭିତ୍ତି କରି ନିଜେ ଥାନାଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ତଦନ୍ତ ଦାୟିତ୍ୱ ନେଇ ଆସାମୀ ମାନଙ୍କୁ ଗିରଫ କରିବାରେ ସଫଳ ହୋଇଥିଲେ। ଘଟଣା ରେ ୧୦ଜଣ ସାକ୍ଷୀ ଙ୍କୁ ଜେରା କରାଯିବା ପରେ କୋର୍ଟ ତାଙ୍କର ଏହି ଫଏସଲା ଶୁଣାଇଛନ୍ତି।

ସେ ସମୟରେ ପୋଲିସ ପାଇଁ ଏହା ଏକ ଗୁରୁତର ସମସ୍ୟା ଥିଲା। ଅକ୍ଷୟ ର ସ୍ତ୍ରୀ କୁ ଦଣ୍ଡାସାହି ଗ୍ରାମର କାଳନ୍ଦୀ ଭୋଇ ଙ୍କ ପୁଅ ଦିଲୁ ଏକପାଖିଆ ଭଲ ପାଉଥିବା ଅଭିଯୋଗ ଆସିବାରୁ ବାଲକାଟୀ ଫାଣ୍ଡି ନିକଟରେ ମଝିହରା ମହଲା ସାହି ଗ୍ରାମର ଅକ୍ଷୟ କିଛି ବନ୍ଧୁ ଙ୍କୁ ନେଇ ଆକ୍ରମଣ କରିଥିଲା। ଫାଣ୍ଡି ପୋଲିସ ଘଟଣା ସ୍ଥାନରୁ ଦିଲୁ କୁ ଉଦ୍ଧାର କରି ଉଭୟ ଙ୍କ ମଧ୍ୟରେ ଆପୋଷ ମିଳାମିଶା କରିଦେଇଥିଲେ। କିନ୍ତୁ ପ୍ରତିହିଂସା ପରାୟଣ ହୋଇ ଦିଲୁ ଏହି କାଣ୍ଡ କରିଥିବା ସ୍ପଷ୍ଟ ହେବାପରେ ପୋଲିସ ସମସ୍ତ ଅଭିଯୁକ୍ତ ଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା।

# ପାରାଦୀପ ବନ୍ଦର ପରିଦର୍ଶନ କଲେ ନୀତି ଆୟୋଗ ଉପାଧ୍ୟକ୍ଷ

### ଆଧୁନିକ ଭିତ୍ତିଭୂମିକୁ ପ୍ରଶଂସା, ବନ୍ଦରକୁ କହିଲେ 'ଆଧୁନିକ ତାଜମହଲ'



**ପାରାଦୀପ,୫।୧୦ (ସଂଚାର ବ୍ୟୁରୋ):** ନୀତି ଆୟୋଗର ଉପାଧ୍ୟକ୍ଷ ଡ. ଅଶୋକ କୁମାର ଲାହିରୀ ରବିବାର ପାରାଦୀପ ବନ୍ଦର ପ୍ରାଧିକରଣ ପରିଦର୍ଶନ କରିଛନ୍ତି। ଓଡ଼ିଶା ଗସ୍ତ ଅବସରରେ ସେ ପାରାଦୀପ ବନ୍ଦରର ହାର୍ବର୍ ଅଞ୍ଚଳ ପରିଦର୍ଶନ କରି ବନ୍ଦରର ନୌବାଣିଜ୍ୟିକ କାର୍ଯ୍ୟକଳାପ, ଜାହାଜ ଚଳାଚଳ ଓ ପଣ୍ୟ ପରିଚାଳନା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

ଭୁବନେଶ୍ୱର ବିମାନବନ୍ଦରରେ ପାରାଦୀପ ବନ୍ଦର ପ୍ରାଧିକରଣର ଅର୍ଥ ପରାମର୍ଶଦାତା ତଥା ମୁଖ୍ୟ ହିସାବ ଅଧିକାରୀ ଅଶୋକ କୁମାର ସାହୁ ଡ. ଲାହିରୀଙ୍କୁ ସ୍ୱାଗତ କରିଥିଲେ। ପରେ ହେଲିକପ୍ଟର ଯୋଗେ ସେ ପାରାଦୀପ ଗୋପବନ୍ଧୁ ଷ୍ଟାଡିୟମ ହେଲିପ୍ୟାଡରେ ପହଞ୍ଚିଥିଲେ। ସେଠାରେ ପାରାଦୀପ ବନ୍ଦର ପ୍ରାଧିକରଣର ଉପାଧ୍ୟକ୍ଷ ଟି. ଭେନୁ ଗୋପାଳ ତାଙ୍କୁ ସ୍ୱାଗତ କରିଥିଲେ। ୱେଟ୍ ବେସିନ୍‌ରେ ପହଞ୍ଚିବା ପରେ ସିଆଇଏସ୍ଏଫ୍ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା।

ପରେ ଡ. ଲାହିରୀ, ଉପାଧ୍ୟକ୍ଷ ଟି. ଭେନୁ ଗୋପାଳଙ୍କ ସହ ଲଞ୍ଚ ଯୋଗେ ହାର୍ବର୍ ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ସମୟରେ ବରିଷ୍ଠ ପିପିଏ ଅଧିକାରୀମାନେ ବନ୍ଦରର ପଣ୍ୟ ପରିଚାଳନା କ୍ଷମତା, ଆଧୁନିକ ଯାନ୍ତ୍ରିକ ବ୍ୟବସ୍ଥା, କାର୍ଯ୍ୟକ୍ଷମତା ଓ ଭବିଷ୍ୟତ ବିକାଶ ଯୋଜନା ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ।

ପାରାଦୀପ ବନ୍ଦରର ଆଧୁନିକ ଭିତ୍ତିଭୂମି, ୧୬.୫ ମିଟରରୁ ଅଧିକ ନାଭିଗେସନ୍ ଡ୍ରାଫ୍ଟ, ବିଭିନ୍ନ ପଣ୍ୟ ପରିଚାଳନା ବର୍ଥ ଓ ବନ୍ଦରର ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତାକୁ ଡ. ଲାହିରୀ ପ୍ରଶଂସା କରିଥିଲେ। ପ୍ରତିଦିନ ହାରାହାରି ପ୍ରାୟ ୧୩ଟି ଜାହାଜ ବନ୍ଦରକୁ ଆସିବା ଓ ପ୍ରସ୍ଥାନ କରିବା ବନ୍ଦରର ସକ୍ରିୟ ନୌବାଣିଜ୍ୟିକ କାର୍ଯ୍ୟକଳାପର ପରିଚୟ ବୋଲି ସେ ଉଲ୍ଲେଖ କରିଥିଲେ।

ଡ. ଲାହିରୀ କହିଥିଲେ ଯେ, ପାରାଦୀପ ବନ୍ଦର ପରିଦର୍ଶନ କରିବା ତାଙ୍କ ପାଇଁ ଏକ ସୌଭାଗ୍ୟର ବିଷୟ। ବନ୍ଦରର ଆଧୁନିକ ଭିତ୍ତିଭୂମି ଓ ବିକାଶକୁ ପ୍ରଶଂସା କରି ସେ ଏହାକୁ ଦେଶ ପାଇଁ ଏକ ଦୀର୍ଘସ୍ଥାୟୀ ସମ୍ପଦ ଭାବେ ବର୍ଣ୍ଣନା କରିଥିଲେ। ଏଭଳି ଭିତ୍ତିଭୂମିକୁ ସେ 'ଆଧୁନିକ ତାଜମହଲ' ସହ ତୁଳନା କରିଥିଲେ। ଏହା ଭବିଷ୍ୟତ ପିଢ଼ି ପାଇଁ ଦେଶର ଏକ ସ୍ଥାୟୀ ଐତିହ୍ୟ ହୋଇ ରହିବ ବୋଲି ସେ କହିଥିଲେ।

ଏହି ଅବସରରେ ବନ୍ଦରର କ୍ଷମତା ବୃଦ୍ଧି, ଭିତ୍ତିଭୂମି ସମ୍ପ୍ରସାରଣ, ଲଜିଷ୍ଟିକ୍ସ କାର୍ଯ୍ୟକ୍ଷମତା ଓ ବହୁମୁଖୀ ଯୋଗାଯୋଗ ବ୍ୟବସ୍ଥା ସମ୍ପର୍କିତ ଭବିଷ୍ୟତ ବିକାଶ ରୋଡମ୍ୟାପ୍ ମଧ୍ୟ ଉପସ୍ଥାପନ କରାଯାଇଥିଲା।

ପରିଦର୍ଶନ ସମୟରେ ନୀତି ଆୟୋଗ ଓଡ଼ିଶା ଶାଖାର ଅର୍ଥନୈତିକ ପରାମର୍ଶଦାତା ଡ. ପ୍ରଭାକର ସାହୁ ଏବଂ ଓଡ଼ିଶା ମେରିଟାଇମ୍ ବୋର୍ଡର ମୁଖ୍ୟ ପରିଚାଳନା ଅଧିକାରୀ ସୁନ୍ଦର ମାଧବ ପାଢ଼ୀ, ଆଇଏଏସ୍‌ଙ୍କ ସମେତ ପାରାଦୀପ ବନ୍ଦରର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସୋନପୁର ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୫୯ଟି ଦରଖାସ୍ତ ଗ୍ରହଣ




**ସୁବର୍ଣ୍ଣପୁର,୫।୧୦ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି।

ଏହି ଶିବିରରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂହ ଓ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ନାରାୟଣ ନାଏକ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୫୯ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ଏବଂ ୧୧ଟି ସାମୂହିକ ଦରଖାସ୍ତ ଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ଅଭିଯୋଗ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ସମ୍ବନ୍ଧୀୟ ଥିଲା। ଅବଶିଷ୍ଟ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି।

ଏହି ଅବସରରେ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶ୍ରୀ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୋନପୁର ଡ. ସୌମ୍ୟରୂପା ରଥ, ସୋନପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରତୀକ କର, ସହାୟକ ଜିଲ୍ଲାପାଳ ଅଭିଯୋଗ ଶାଖା ପ୍ରିୟଦର୍ଶିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ତାଙ୍କର ବ୍ଲକ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଜେଲ ହାବିଲଦାରଙ୍କ ମୃତ୍ୟୁ

**ନୀଳଗିରି,୫।୧୦ (ସଂଚାର ବ୍ୟୁରୋ):** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ରେ ଜେଲ ଡ୍ୟୁଟି ସାରି ଘରକୁ ଫେରୁଥିବା ଜଣେ ଜେଲ ହାବିଲଦାରଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି। ସୂଚନା ମୁତାବକ ରେମୁଣା ଫୁଲାଡ଼ି ଅଞ୍ଚଳରେ ପର୍ଶୁରାମ ବେହେରା ନୀଳଗିରି ଜେଲରେ ହାବିଲଦାର ଭାବେ କାର୍ଯ୍ୟରତ ଅଛନ୍ତି। ତେଓ୍ୱେ ଗତ ୪ତାରିଖ ରାତ୍ରି ୯ ଘଟିକା ସମୟରେ ଡ୍ୟୁଟି ସାରି ବାଇକ ଯୋଗେ ଫୁଲାଡ଼ି ସ୍ଥିତ ବାସ ଭବନକୁ ଯାଉଥିବା ବେଳେ ଝରଣାଘାଟି -ନୀଳଗିରି -ଶେରଗଡ଼ ୧୯ନମ୍ବର ରାଜ୍ୟ ରାଜପଥ ତଥା ଖନ୍ତାପଡ଼ା ଥାନା ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଗଡିଆମାଳ ଛକ ନିକଟବର୍ତ୍ତୀ ପଣ୍ଡା ପାର୍କ ଠାରେ ପ୍ରାୟ ୯,୩୦ମିନିଟ ସମୟରେ ଅଜଣା ଗାଡି ଧକ୍କାରେ ଗୁରୁତ୍ତର ହୋଇ ଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ନୀଳଗିରି ମେଡିକାଲ କୁ ଅଣାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ଜେଲ ହାବିଲଦାର ପର୍ଶୁରାମ ଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ ହେବାପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଖନ୍ତାପଡ଼ା ପୋଲିସ ତଦନ୍ତ ଚଳାଇଛି।

# ପ୍ରାୟ ୮ ଲକ୍ଷ ଟଙ୍କାର ଚୋରା ମୋବାଇଲ୍ ପାର୍ଟସ୍ ଜବତ, ୩ ଗିରଫ



**ଧାମନଗର,୫।୧୦ (ସଂଚାର ବ୍ୟୁରୋ):** ଧାମନଗର ରେ କିଛି ଦିନ ପୂର୍ବରୁ ଚୋରା ମୋବାଇଲ୍ ପାର୍ଟସ୍‌ର କାରବାର ନେଇ ଧାମନଗର ପୋଲିସ କୁ ଗୁପ୍ତ ସୂଚନା ମିଳିଥିଲା। ଉକ୍ତ ସୂଚନା ଆଧାରରେ ପୋଲିସ ସନ୍ଧାନ ଜାରି ରଖିଥିଲା । ପଡୋଶୀ ରାଜ୍ୟ ପଶ୍ଚିମ ବଙ୍ଗ ମେଦିନୀପୁର ଅଞ୍ଚଳରୁ ଦୁଇ ଜଣ ବ୍ୟକ୍ତି ଧାମନଗର ଜଣେ ବ୍ୟକ୍ତି ଙ୍କ ଘରେ ରହି ଚୋରା ମୋବାଇଲ ପାର୍ଟ୍ସ କାରବାର କରୁଥିବା ନେଇ ରବିବାର ଥାନାଧିକାରୀ ଶୁବ୍ରଜିତ୍ ଦାସ ଖବର ପାଇଥିଲେ। ତୁରନ୍ତ ଶ୍ରୀ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଏସ୍ଆଇ ନାରାୟଣ ନାୟକ ଙ୍କ ସମେତ ଏକ ଟିମ୍ ଗଠନ କରି ରବିବାର ଧାମନଗର ଏନ୍ ଏ ସି ଅଧୀନ ହବିବ ନଗର ଅଞ୍ଚଳରେ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଘରେ ଚଡାଉ କରିଥିଲେ ।

ଚଡାଉ ସମୟରେ ୫୦୦ ମୋବାଇଲ୍ କଭର, ୨ ହଜାର ବ୍ୟାଟେରୀ, ୫୦୦ ଡିସପ୍ଲେ କମ୍ବୋ, ୫୦୦ କ୍ୟାମେରା ଓ ୬୦୦ ମଦରବୋର୍ଡ ସମେତ ବିପୁଳ ପରିମାଣର ସାମଗ୍ରୀ ଜବତ କରିବା ସହ ଚୋରିରେ ସମ୍ପୃକ୍ତ ହବିବୀ ନଗର ର ସାହା ସଦାମ ଏବଂ ପଡୋଶୀ ପଶ୍ଚିମ ବଙ୍ଗ ରାଜ୍ୟ ମେଦିନୀପୁର ଅଞ୍ଚଳର ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି ଏବଂ ଜବତ ଚୋରି ସାମଗ୍ରୀ ମୂଲ୍ୟ ପ୍ରାୟ ୮ ଲକ୍ଷ୍ୟ ଟଙ୍କା ହେବ ବୋଲି ଥାନାଧିକାରୀ ଶ୍ରୀ ଦାସ କହିଛନ୍ତି। ଗିରଫ ବ୍ୟକ୍ତି ମାନେ ସାହା ସଦାମ (୩୫), ପୂର୍ବ ମେଦିନୀପୁରର ଉନୁସ୍ ସାହା (୩୮) ଓ ରହିମ୍ ସାହା (୩୨)ଙ୍କୁ ପୁଲିସ କାବୁ କରିଥିଲା। ଜବତ ସାମଗ୍ରୀର ବୈଧ କାଗଜପତ୍ର ଅଭିଯୁକ୍ତମାନେ ଦେଖାଇ ପାରିନଥିବା ପୁଲିସ ସୂଚନା ଦେଇଛି। ଏଥିସହ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଚୋରି କରି ଏହି ସାମଗ୍ରୀ ସଂଗ୍ରହ କରାଯାଇଥିଲା। ପୋଲିସ କେସ୍ ନଂ-୪୩୭/୨୦୨୬ରେ ବିଏନ୍ଏସ୍‌ର ଧାରା ୩୦୩(୨), ୩୧୭(୨) ଓ ୩(୫)ରେ ମାମଲା ରୁଜୁ କରିଥିବା ବେଳେ ଏସ୍ଆଇ ନାରାୟଣ ନାୟକ ନିଜେ ଅଭିଯୋଗକାରୀ ହୋଇ ମାମଲା ରୁଜୁ କରିଛନ୍ତି ଏବଂ ଏସ୍ଆଇ ପ୍ରିୟସ୍ନେହୀ ଶୂନ୍ୟପଦ ଦାସ ତଦନ୍ତ ଭାର ନେଇଛନ୍ତି। ଚୋରା ମୋବାଇଲ୍ ପାର୍ଟସ୍ କେଉଁଠୁ ଆସୁଥିଲା, କାହା ମାଧ୍ୟମରେ ବିକ୍ରି ହେଉଥିଲା ଏବଂ ଏହି କାରବାର ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି। ତେବେ ଧାମନଗର ପୋଲିସ ଏହି ପଦକ୍ଷେପ କୁ ସ୍ଥାନୀୟ ଅଞ୍ଚଳରେ ସ୍ୱାଗତ କରିବା ସହ ଚର୍ଚ୍ଚାର ବିଷୟ ପାଲଟିଛି।

# ବିଇଓ କାର୍ଯ୍ୟାଳୟ ସମ୍ମୁଖରେ କ୍ରୀଡ଼ାବିତଙ୍କ ଧାରଣା



**ହିଞ୍ଜିଳିକାଟୁ,୫।୧୦ (ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ପୋଡ଼ିଙ୍ଗି ଶ୍ୟାମଳାଇ ବିଦ୍ୟାପୀଠର ୮ ଜଣ ଛାତ୍ର କ୍ରୀଡାରେ ସଫଳତା ହାସଲ କରି ମଧ୍ୟ ଜିଲ୍ଲା ସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ସୁଯୋଗ ମିଳୁ ନ ଥିବାରୁ ଅପରାହ୍ନରେ ହିଞ୍ଜିଳି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

ଗତ ଅଗଷ୍ଟ ୩୦ ତାରିଖରେ ୧୭ ବର୍ଷରୁ କମ ଓ ୧୪ ବର୍ଷରୁ କମ ବୟସର ପିଲାଙ୍କୁ ନେଇ ଜୋନାଲସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଅଭିଯୋଗକାରୀ ମାନେ କୃତୀତ୍ୱ ହାସଲ କରିଥିଲେ ।ହିଞ୍ଜିଳି, ସିକିରି, କଞ୍ଚୁରୁ ଓ ଡ଼ି. ପାଟପୁର ୪ ଟି ବିଦ୍ୟାଳୟକୁ ନେଇ ବୃନ୍ଦାବନ ବିଦ୍ୟାପୀଠ ଜୋନ ଗଠନ ହୋଇଛି । ପରବର୍ତ୍ତୀ ସମୟରେ ଆଲପୁର ଅଞ୍ଚଳ ଖେଳ ପଡିଆରେ ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ସେମାନେ ମଧ୍ୟ କୃତିତ୍ୱ ଅର୍ଜନ କରିଥିଲେ ବି ପାତ୍ରପୁରରେ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ପାଇଁ ସେମାନଙ୍କୁ ସୁଯୋଗ ମିଳି ନ ଥିଲା ବୋଲି ଛାତ୍ରଛାତ୍ରୀ ଅଭିଯୋଗ କରି ଧାରଣାରେ ବସିଛନ୍ତି।

ବିଇଓ ଚାନ୍ଦିନୀ ପଣ୍ଡା ଓ ଏବିଇଓ ବାଳକୃଷ୍ଣ ପାତ୍ର ଧାରଣସ୍ଥଳରେ ପହଞ୍ଚି ପିଲାଙ୍କୁ ବୁଝାସୁଝା କରିଥିଲେ ।

# କୁରାବେଡା କ୍ଲଷ୍ଟର ସ୍ତରୀୟ 'ସୁରଭୀ-୨୦୨୬' କାର୍ଯ୍ୟକ୍ରମ



**ରାଇଘର,୫।୧୦ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଡା କ୍ଲଷ୍ଟର ଅଧୀନସ୍ଥ କଳିଆପଦର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି କ୍ଲଷ୍ଟର ସ୍ତରୀୟ 'ସୁରଭୀ-୨୦୨୬' କାର୍ଯ୍ୟକ୍ରମ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି।

କ୍ଲଷ୍ଟର ସିଆରସିସି ପ୍ରଦୀପ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହ-ଶିକ୍ଷକ ସାଗର କୁମାର ପରିଡ଼ା ସଫଳତାର ସହ ପରିଚାଳନା କରିଥିବା ବେଳେ ପିଲିସାୟ ଗଣ୍ଡ ସହଯୋଗ କରିଥିଲେ। ଏହି କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାରେ ଅଧୀନସ୍ଥ ମୋଟ ୧୧ ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ଛାତ୍ରଛାତ୍ରୀଙ୍କ ସୁପ୍ତ ପ୍ରତିଭାର ବିକାଶ ପାଇଁ ପ୍ରବନ୍ଧ ଲିଖନ, ସଙ୍ଗୀତ, ଚିତ୍ରାଙ୍କନ, ଚିତ୍ରକଳା, କୁଇଜ୍, ବିତର୍କ, ହସ୍ତଲିଖନ, ବକ୍ତୃତା, ତର୍କ ଏବଂ 'ପିଏମ୍ ପୋଷଣ' ଆଦି ବିଭିନ୍ନ ବିଷୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତା ଶେଷରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯିବା ସହ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଶିକ୍ଷକ ବଦଳିକୁ ବିରୋଧ, ଷଢଙ୍ଗୀ ହାଇସ୍କୁଲ ଫାଟକରେ ତାଲା



**ଢେଙ୍କାନାଳ,୫।୧୦ (ସଂଚାର ବ୍ୟୁରୋ):** ଶିକ୍ଷକଙ୍କ ବଦଳିକୁ ବିରୋଧ କରି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅନ୍ତର୍ଗତ ଷଢଙ୍ଗୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଛାତ୍ରଛାତ୍ରୀମାନେ ସ୍କୁଲର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିବାବେଳେ ଘଟଣାକୁ ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା।

ବିଦ୍ୟାଳୟର ଗଣିତ ଶିକ୍ଷକ ଶ୍ରୀନିବାସ ସାହୁ ଓ ଖେଳ ଶିକ୍ଷକ ମାନସ କୁମାର ସ୍ୱାଇଁଙ୍କୁ ବ୍ଲକ ବାହାରକୁ ଡେପୁଟେସନରେ ପଠାଇବା ପାଇଁ ପ୍ରାୟ ସାତ ଦିନ ପୂର୍ବରୁ ନିର୍ଦ୍ଦେଶ ଆସିଥିଲା। ତେବେ ଏହି ଦୁଇ ଶିକ୍ଷକ ରିଲିଭ ହୋଇନଥିଲେ। ଆଜି ଉଭୟଙ୍କୁ ରିଲିଭ କରାଯିବା ପରେ ଛାତ୍ରଛାତ୍ରୀମାନେ ଏହାର ପ୍ରତିବାଦ କରି ସ୍କୁଲ ଫାଟକରେ ତାଲା ପକାଇ ଧାରଣା ଦେଇଥିବା ଜଣାପଡିଛି।

ଛାତ୍ରଛାତ୍ରୀଙ୍କ କହିବା ଅନୁଯାୟୀ, ଉଭୟ ଶିକ୍ଷକ ଦୀର୍ଘଦିନ ଧରି ବିଦ୍ୟାଳୟରେ ନିଷ୍ଠାର ସହ ପାଠପଢ଼ାଇ ଆସୁଥିଲେ। ବିଶେଷକରି ଗଣିତ ଶିକ୍ଷକଙ୍କ ବଦଳି ଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେବ ବୋଲି ସେମାନେ କହିଛନ୍ତି। ଦୁଇ ଶିକ୍ଷକଙ୍କ ବଦଳି ବାତିଲ ନହେବା ପର୍ଯ୍ୟନ୍ତ ପାଠପଢ଼ା ବନ୍ଦ ରହିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଥିବା ଜଣାପଡିଛି।